ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଜାନୁୟାରୀ ୧୬/୨୦୨୧ (୧୬ ପୃଷ୍ଠା) | Sambalpur, Saturday, January 16/2021 | ★★
୧୬ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ପଦାର୍ପଣରେ ନଟରାଜନଙ୍କ ରେକର୍ଡ

ଥଙ୍ଗାରାସୁ ନଟରାଜନ ପ୍ରଥମ ଭାରତୀୟ ନେଟ୍ ବୋଲର ଭାବେ କୌଣସି ଟୁର୍‌ରେ ୩ଟି ଯାକ ଫର୍ମାଟରେ ପଦାର୍ପଣ କରି ଏକ ରେକର୍ଡର ଅଧିକାରୀ ହୋଇଛନ୍ତି।

୧୫


୧୪

## ସବୁଠୁ ମହଙ୍ଗା ହେବ 'ଫାଇଟର'

ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ଅଭିନେତା ହୃତିକ ରୋଶନଙ୍କ ଅପ୍‌କମିଂ ଫିଲ୍ମ 'ଫାଇଟର' ବଲିଉଡ୍‌ର ସବୁଠୁ ମହଙ୍ଗା ଚଳଚ୍ଚିତ୍ର ହୋଇପାରେ।



## ନବୀନ ପୁଣି ନମ୍ବର ୱାନ୍



ନବୀନ ପଟ୍ଟନାୟକ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ନମ୍ବର ୱାନ୍ ହୋଇଛନ୍ତି । ଦେଶର ସବୁଠୁ ଭଲ ଓ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ସି ଭୋଟର ଏବଂ ଏବିପି ଦେଶ୍‌କା ମୁଡ୍ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ଦେଶର ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନେଇ ହୋଇଥିବା ସର୍ଭେରେ ନବୀନ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ସର୍ଭେ ଅନୁଯାୟୀ ନବୀନ ପ୍ରଥମ ସ୍ଥାନରେ ରହିଥିବା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦ୍ୱିତୀୟ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ତୃତୀୟ, କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ ଚତୁର୍ଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପଞ୍ଚମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଷଷ୍ଠ, ☞ପୃଷ୍ଠା-୪

# ଟିକାକରଣ

## ଆଜିଠୁ କରୋନା ସହ ନିର୍ଣ୍ଣାୟକ ଲଢ଼େଇ




- ଫିଡ୍‌ବ୍ୟାକ୍ ନେବେ ମୁଖ୍ୟମନ୍ତ୍ରୀ
- ୧୦୪ ଓ ୧୦୭୫ ନମ୍ବର ଜାରିକଲା ସ୍ୱାସ୍ଥ୍ୟ ବିଭାଗ
- ଗର୍ଭବତୀ,ପ୍ରସୂତି, ଅସୁସ୍ଥଙ୍କୁ ଟିକା ମନା

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**

ଏବେ କରୋନା ବିରୋଧରେ ନିର୍ଣ୍ଣାୟକ ଲଢ଼େଇ। ବଡ଼ଧରଣର ପ୍ରସ୍ତୁତି ପରେ ଶନିବାରଠାରୁ ଓଡ଼ିଶା ସମେତ ସାରା ଦେଶରେ ଆରମ୍ଭ ହେଉଛି ଟିକାକରଣ। ରାଜ୍ୟରେ ପୂର୍ବରୁ ସରକାରୀ ଡାକ୍ତରଖାନା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଘରୋଇ ଡାକ୍ତରଖାନାକୁ ମିଶାଇ ମୋଟ ୧୬୦ ସ୍ଥାନରେ ଟିକାକରଣ ପାଇଁ ବ୍ୟବସ୍ଥା ହୋଇଥିଲା। ଏବେ ଭୁବନେଶ୍ୱର ଏମ୍ସକୁ ଏଥିରେ ସାମିଲ କରାଯାଇଛି। ଫଳରେ ରାଜ୍ୟରେ ଟିକାକରଣ କେନ୍ଦ୍ର ସଂଖ୍ୟା ୧୬୧ ହୋଇଛି। ଏଥିମଧ୍ୟରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ସୁନ୍ଦରଗଡ଼ ଜିଲା ସଦର ମହକୁମା ହସ୍ପିଟାଲ ମଧ୍ୟରେ ତଥ୍ୟ ସରବରାହ ପାଇଁ ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା ପରେ ରାଜ୍ୟରେ ଟିକାକରଣର ଶୁଭାରମ୍ଭ ହେବ। ଟିକାକରଣ ସମୟରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫିଡ୍‌ବ୍ୟାକ୍ ନେବେ। ଅପରାହ୍ଣ ୧୨ଟାରେ ଜୁମ୍ ଲିଙ୍କ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ଯୋଡ଼ିହେବେ। ସମସ୍ତ ଜିଲାରୁ ଟିକା ନେବାକୁ ରହିଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଆଲୋଚନା କରିବେ।

ଓଡ଼ିଶାରେ ଟିକାକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ୧୬୧ କେନ୍ଦ୍ରରେ ଅବଜରଭେଶନ, ୱେଟିଂ ରୁମ୍ ଓ ଭାକସିନ ରୁମ୍ ପ୍ରସ୍ତୁତ ରଖାଯାଇଛି। ଟିକାକରଣ ପାଇଁ ୫ଜଣିଆ ଟିମ୍‌କୁ ତାଲିମ ଦିଆଯାଇଛି। ଟିକାକରଣକୁ ନେଇ ଦ୍ୱନ୍ଦ୍ୱ ରହିଥିଲେ ସ୍ୱାସ୍ଥ୍ୟ ବିଭାଗର ୧୦୪ ଓ ୧୦୭୫ ନମ୍ବରକୁ ଫୋନ୍ କରି ବୁଝିପାରିବେ। ସେପଟେ କେଉଁମାନଙ୍କୁ କରୋନା ଟିକା ଦିଆଯିବ, କେଉଁମାନଙ୍କୁ ଦିଆଯିବ ନାହିଁ ସେ ନେଇ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ କରିଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୁକ୍ରବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ☞ପୃଷ୍ଠା-୪

## ଶୁଭାରମ୍ଭ କରିବେ ମୋଦି

**ନୂଆଦିଲ୍ଲୀ, ୧୫।୧**

ବିଶ୍ୱର ସର୍ବବୃହତ୍ କରୋନା ଭୂତାଣୁ ଟିକାକରଣ ଅଭିଯାନ ଶନିବାର ଭାରତରେ ଆରମ୍ଭ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନକୁ ଶୁଭାରମ୍ଭ କରିବେ। ପୂର୍ବାହ୍ଣ ୧୦ଟା ୩୦ରେ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଯୋଗେ ଟିକା ପ୍ରଦାନ କରାଯିବାକୁ ଥିବା ୩,୦୦୬ କେନ୍ଦ୍ରକୁ ଉଦ୍‌ବୋଧନ ଦେବେ। ପ୍ରଥମ ଦିନରେ ସାରା ଦେଶରୁ ୩ ଲକ୍ଷ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ କୋଭିଡ୍ ଟିକା ଦିଆଯିବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଶୁକ୍ରବାର ଟିକାକରଣ ଅଭିଯାନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ମାଣ ଭବନ ପରିସରରେ ଥିବା କୋଭିଡ୍ କଣ୍ଟ୍ରୋଲ ରୁମ୍‌କୁ ଯାଇ ସେ ☞ପୃଷ୍ଠା-୪

## ଭୋଟର ଲିଷ୍ଟରୁ ଚିହ୍ନଟ କରାଯିବ

### ଭାକ୍ସିନ୍ ଦେବା ପରେ ଡାଟା ଡିଲିଟ୍ କରିବାକୁ ସର୍ତ୍ତ ବାଢ଼ିଲେ ଇସି

**ନୂଆଦିଲ୍ଲୀ,୧୫।୧(ପି.ଟି.)**

ଭାରତରେ ଶନିବାରଠାରୁ କରୋନା ଟିକାକରଣ ଆରମ୍ଭ ହେଉଥିବାବେଳେ ଏଥିଲାଗି ପୂର୍ଣ୍ଣ ସହଯୋଗ ଦେବାକୁ ଶୁକ୍ରବାର ନିର୍ବାଚନ କମିଶନ (ଇସି) ରାଜି ହୋଇଛନ୍ତି। ପୋଲିଂ ଷ୍ଟେଶନ ସ୍ତରରେ ହିତାଧିକାରୀମାନଙ୍କୁ ଚିହ୍ନଟ କରି କୋଭିଡ୍-୧୯ ଭାକ୍ସିନ ଅଭିଯାନ ଚଳାଇବା ପାଇଁ କେନ୍ଦ୍ର ସରକାର ଇସିଙ୍କୁ ଅନୁରୋଧ କରିଥିଲେ। ଇସି ସରକାରଙ୍କୁ ନିର୍ବାଚନ ତଥ୍ୟ ପ୍ରଦାନ ଲାଗି ରାଜି ହୋଇଛନ୍ତି। କିନ୍ତୁ ଟିକାକରଣ ଅଭିଯାନ ଶେଷ ହେବା ପରେ ବ୍ୟବହୃତ ଡାଟା ଡିଲିଟ୍ କରିବାକୁ ପଡ଼ିବ ବୋଲି ସର୍ତ୍ତ ବାଢ଼ିଛନ୍ତି।

ଗତ ଡିସେମ୍ବର ୩୧ରେ ସ୍ୱାସ୍ଥ୍ୟ ସଚିବ ଅଜୟ ଭାଲା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରାଙ୍କୁ ଏକ ପତ୍ର ଲେଖିଥିଲେ। ମତଦାନ କେନ୍ଦ୍ର ସ୍ତରରେ ୫୦ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଲାଗି ନିର୍ବାଚନୀ ତଥ୍ୟ ବ୍ୟବହାର ପାଇଁ ସେ ଏଥିରେ ସହଯୋଗ ଲୋଡ଼ିଥିଲେ। ଉକ୍ତ ଡାଟା କେବଳ ଟିକାକରଣ ପାଇଁ ବ୍ୟବହାର କରାଯିବ ଓ ତାହା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିବ ବୋଲି ସ୍ୱାସ୍ଥ୍ୟ ସଚିବ ☞ପୃଷ୍ଠା-୪

## ପଡ଼ୋଶୀଙ୍କୁ ଦିଆଯିବ ୨ କୋଟି ଡୋଜ୍

### ଟିକା କୂଟନୀତି

**ନୂଆଦିଲ୍ଲୀ, ୧୫।୧**

ବିଶ୍ୱର ଅନ୍ୟତମ ସର୍ବାଧିକ ଟିକା ଉତ୍ପାଦନକାରୀ ଭାରତ ଏହାର ପଡୋଶୀ ଦେଶଗୁଡ଼ିକୁ ୨ କୋଟି କୋଭିଡ୍ ଟିକା ଡୋଜ୍ ପ୍ରଦାନ ଲାଗି ଯୋଜନା କରୁଛି। ଏହା ବ୍ୟତୀତ ବିଶ୍ୱର ବିଭିନ୍ନ ଦେଶକୁ ଟିକା ଯୋଗାଣ ଲାଗି ସରକାର ନୀତି ପ୍ରସ୍ତୁତ କରୁଛନ୍ତି। ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଆଇଆଇ) ଏବଂ ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିଃଠାରୁ ଦେଶର ରାଷ୍ଟ୍ରାୟତ୍ତ କମ୍ପାନୀ ଟିକା କିଣି ଏହାକୁ ପଡୋଶୀ ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ, ସିଚେଲ୍ସ ଓ ମରିସସ୍‌କୁ ଯୋଗାଇଦେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସହାୟତା ସ୍ୱରୂପ କେତେକ ଡୋଜ୍ ମାଗଣାରେ ଯୋଗାଇଦିଆଯିବ ବୋଲି ଉକ୍ତ ଘଟଣା ସହ ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ପ୍ରଥମ ☞ପୃଷ୍ଠା-୪

## ଖେଳଣା ଗିଳି ଶିଶୁପୁତ୍ର ମୃତ

**କେନ୍ଦୁଝର/ଆନନ୍ଦପୁର, ୧୫।୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ ଅର୍ଜ୍ଜୁନବଣିଆ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ପ୍ଲାଷ୍ଟିକ୍ ଖେଳଣା ଗିଳି ଦେବାରୁ ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଗାଁର ମନୁ ନାଇକଙ୍କ ପୁଅ ସନୁ(୪)। ସନୁଙ୍କ ବଡ଼ ମା' ସୁକାନ୍ତି ନାଇକଙ୍କ କହିବା ଅନୁଯାୟୀ, ସକାଳ ପ୍ରାୟ ୯ଟା ବେଳେ ଘରେ ଏକ ପ୍ଲାଷ୍ଟିକ ପେଁକାଳି ଧରି ସନୁ ଖେଳୁଥିଲେ। କିଛି ସମୟ ପରେ ତାଙ୍କ ମା' ଆସି ସନୁ ଅଚେତ ହୋଇ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଆନନ୍ଦପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସନୁଙ୍କୁ ମୃତ ଘୋଷଣା କରିଥିଲେ। ପ୍ଲାଷ୍ଟିକ ଖେଳଣା ଗିଳି ଦେଇଥିବାରୁ ଶ୍ୱାସରୁଦ୍ଧ ହୋଇ ସନୁର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ଏ ନେଇ ଘସିପୁରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୧) ରୁଜୁ ହୋଇଥିବା ଏସ୍‌ଆଇ ମନୋରଞ୍ଜନ ବିଶି କହିଛନ୍ତି।

**ଆଜିର ସମ୍ପାଦକୀୟ**
ଚିଠି ଲଢ଼େଇ

## ଇଣ୍ଡୋନେସିଆ ଭୂକମ୍ପରେ ୪୨ ମୃତ




ସୁଲାୱେସି ଦ୍ୱୀପରେ ଭୂକମ୍ପ ପରେ ଭଗ୍ନାବଶେଷରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

**ମାମୁଜୁ, ୧୫।୧**

ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପରେ ଗୁରୁବାର ବିଳମ୍ବିତ ରାତ୍ରରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ କୋଠା ଭୁଶୁଡ଼ିବା ସହ ୪୨ ଜଣ ପ୍ରାଣ ହରାଇଛନ୍ତି ଓ ୮୨୦ରୁ ଅଧିକ ଆହତ ହୋଇଛନ୍ତି। ଘରଗୁଡ଼ିକର ଭଗ୍ନାବଶେଷ ତଳେ ଅନେକ ଲୋକ ରହିଯାଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭୂକମ୍ପର ତୀବ୍ରତା ୬.୨ ଥିଲା। ରାତିର ଅନ୍ଧକାର ସତ୍ତ୍ୱେ ଭୟରେ ଲୋକେ ଘର ଛାଡ଼ି ପଳାଇଯାଇଥିଲେ। ଭୂକମ୍ପ ପ୍ରଭାବିତ ଅଞ୍ଚଳରେ କର୍ତ୍ତୃପକ୍ଷ ମୃତାହତ ଓ କ୍ଷୟକ୍ଷତି ସମ୍ପର୍କିତ ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି। ଭୂକମ୍ପରେ ଏକ ହସ୍ପିଟାଲ ଭାଙ୍ଗିଯାଇଥିବାବେଳେ ରୋଗୀମାନଙ୍କୁ ଅସ୍ଥାୟୀ ☞ପୃଷ୍ଠା-୪

## କେନ୍ଦ୍ର-କୃଷକ ବୈଠକ ନିଷ୍ଫଳ

- ତୋମାର କହିଲେ, ଆମକୁ ଦୋଷ ନ ଦେଇ ନରମ ହୁଅ
- ୧୯ରେ ଦଶମ ପର୍ଯ୍ୟାୟ ଆଲୋଚନା

**ନୂଆଦିଲ୍ଲୀ,୧୫।୧(ପି.ଟି.)**

୩ ବିବାଦୀୟ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକ ସଙ୍ଗଠନଗୁଡ଼ିକର ପ୍ରତିନିଧି ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଶୁକ୍ରବାର ନବମ ପର୍ଯ୍ୟାୟ ବୈଠକ ନିଷ୍ଫଳ ହୋଇଛି। ସୁପ୍ରିମକୋର୍ଟ କୃଷି ଆଇନ ଉପରେ ସ୍ଥଗିତାଦେଶ ଜାରି କରି ବିଶେଷଜ୍ଞ କମିଟି ଗଠନ କରିବା ପରେ ସରକାର ଓ ଚାଷୀ ନେତାଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ବୈଠକ। ତେବେ ଏଥିରୁ ମଧ୍ୟ କିଛି ସୁଫଳ ନ ମିଳିବାରୁ ଆସନ୍ତା ୧୯ ତାରିଖରେ ଉଭୟ ପକ୍ଷଙ୍କ ମଧ୍ୟରେ ପୁଣି ଥରେ ଆଲୋଚନା ହେବ ବୋଲି ସ୍ଥିର କରାଯାଇଛି।

ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଶୁକ୍ରବାର ଆୟୋଜିତ ବୈଠକରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ରେଳ, ବାଣିଜ୍ୟ ଓ ଖାଦ୍ୟମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ସୋମ ପ୍ରକାଶ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ୪୦ରୁ ଊର୍ଦ୍ଧ୍ୱ ☞ପୃଷ୍ଠା-୪

### ଆଲୋଚନା ୧୨୦% ବିଫଳ



ସରକାର ନିଜ ଜିଦ୍‌ରେ ଅଡ଼ିବସିବାରୁ କେନ୍ଦ୍ର ଓ କୃଷକ ପ୍ରତିନିଧିଙ୍କ ମଧ୍ୟରେ ନବମ ପର୍ଯ୍ୟାୟ ବୈଠକ ୧୨୦ ପ୍ରତିଶତ ବିଫଳ ହୋଇଛି। ଏକାଥରକେ ସବୁ ଆଇନକୁ ହଟାଇବା ପରିବର୍ତ୍ତେ ପ୍ରଥମେ ଜରୁରୀ ସାମଗ୍ରୀ ଆଇନରେ ଅଣାଯାଇଥିବା ସଂଶୋଧନକୁ ହଟାଯାଉ ବୋଲି ଆମେ ଦାବି କରିଥିଲୁ। କିନ୍ତୁ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏହା ଉପରେ କିଛି କହି ନ ଥିଲେ। କେନ୍ଦ୍ର ଉପରେ ଚାପ ବୃଦ୍ଧି ପାଇଁ ଜାନୁୟାରୀ ୨୬ରେ ପ୍ରସ୍ତାବିତ ଟ୍ରାକ୍ଟର ରାଲି ନିଶ୍ଚିତ ଭାବେ କରାଯିବ।

-ଡକ୍ଟର ଦର୍ଶନ ପାଲ୍, କୃଷକ ନେତା

## ଥାନାରେ ବାଘଛୁଆ

**କୋକସରା, ୧୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆମପାଣି ଘାଟି ରାସ୍ତାରେ ଗତ କିଛିଦିନ ତଳେ ଏକ କଲରାପତରିଆ ବାଘ ଦେଖିବାକୁ ମିଳିଥିବା ବେଳେ ଗୁରୁବାର ରାତି ପ୍ରାୟ ୧୦ଟାରେ ଆମପାଣି ଥାନା ପରିସରରେ ୨ ବାଘ ଛୁଆ ବୁଲୁଥିବା ଜଣାପଡ଼ିଛି। ବାଘ ଛୁଆ ଚିତ୍ର ଥାନାର ସିସିଟିଭିରେ କଏଦ ହୋଇଛି। ଏହା ପରେ ଆମପାଣି ଘାଟି ସାହାଜଖୋଲ ଜଙ୍ଗଲରେ ବାଘ ଥିବା ସନ୍ଦେହ କରାଯାଇଛି। ଘଟଣା ପରେ ବନ ବିଭାଗର ଏକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବାଘ ବୋଲି ସ୍ପଷ୍ଟ ଜଣାପଡି ନ ଥିଲେ ହେଁ ପାଦ ଚିହ୍ନରୁ ଅନୁମାନ କରାଯାଇଛି। ଏ ନେଇ ଆମପାଣି ବନପାଳ ଜଗନ୍ନାଥ ନାଗଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ସ୍ପଷ୍ଟ ଜଣାପଡି ନାହିଁ ବୋଲି କହିଛନ୍ତି । ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳି ନିଗିଙ୍କୁ ପଚାରିବାରୁ ଥାନାରେ ଲାଗିଥିବା ସିସି ଟିଭି ଫୁଟେଜରୁ ଥାନା ପରିସରକୁ ବାଘ ଛୁଆ ଆସିଥିବା କହିଛନ୍ତି।



ସିସିଟିଭି ଫୁଟେଜରେ ବାଘଛୁଆ ।

## ଗୋରୀ ପାଇଁ ପୁଣି ସାଥୀ ଖୋଜା

**ରାଜନଗର,୧୫।୧(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନର ସୁନ୍ଦରୀ ଦେଶ ବିଦେଶ ପର୍ଯ୍ୟଟକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଶଙ୍ଖୁଆ କୁମ୍ଭୀର ଗୋରୀକୁ ଏବେ ୪୬ ବର୍ଷ ଚାଲିଲା। ଗୋରୀ ପାଇଁ ବିଦେଶୀ ଓ ଦେଶୀୟ ସାଥୀଙ୍କୁ ଅଣାଯାଇ ମିଳନର ସୁଯୋଗ ଦିଆଯାଇଥିଲା। ମାତ୍ର ଗୋରୀ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା। ଏବେ ପୁଣି ଗୋରୀ ପାଇଁ ସାଥୀ ଖୋଜାଯିବ ବୋଲି ବନ ବିଭାଗର ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।



୧୯୭୫ରେ ଅଷ୍ଟ୍ରେଲିଆର ପ୍ରାଣୀ ବୈଜ୍ଞାନିକ ଡ. ଏଚ. ଆର. ବଷ୍ଟାର୍ଡ ବିଶ୍ୱର ପ୍ରଥମ କୃତ୍ରିମ ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନ କରିଥିଲେ। ସେହିବର୍ଷ ଜାତୀୟ ଉଦ୍ୟାନରେ ଥିବା କାଳିଭଡିଆ ଦ୍ୱୀପରେ ଏକ ମାଆ କୁମ୍ଭୀର ବସାରୁ ୨୫ଟି ଅଣ୍ଡା ସଂଗ୍ରହ କରି କୃତ୍ରିମ ଉପାୟରେ ଯତ୍ନ ନେଇଥିଲେ। ମାଆ କୁମ୍ଭୀର ଅଣ୍ଡା ଦେଉଥିବା ଖରାପତ୍ର, ହେନ୍ତାଳପତ୍ର ଭଳି ବସା କୃତ୍ରିମ ଉପରେ ତିଆରି କରି ସେଥିରେ ଅଣ୍ଡାଗୁଡିକୁ ରଖିଥିଲେ। ସେଥିରୁ ୧୧ଟି ଶାବକ ଜନ୍ମ ନେଇଥିଲେ। ସେଥିମଧ୍ୟରୁ ଶଙ୍ଖ ଭଳି ଧଳା ମାଈ କୁମ୍ଭୀର ଶାବକଟିଏ ଜନ୍ମ ନେଇଥିଲା। ରଙ୍ଗଟି ଧଳା ଥିବାରୁ ଡ. ବଷ୍ଟାର୍ଡ ତା'ର ନାମ ଗୋରୀ ରଖିଥିଲେ। ଗୋରୀକୁ ଜାତୀୟଉଦ୍ୟାନର ଏକ ଆବଦ୍ଧ ପୁଷ୍କରିଣୀରେ ରଖାଯାଇ ତା'ର ସ୍ୱତନ୍ତ୍ର ଯତ୍ନ ନିଆଯାଇଥିଲା। ଗୋରୀ ୧୧ବର୍ଷରେ ରଜସ୍ୱଳା ହୋଇଥିଲା। ଡ. ବଷ୍ଟାର୍ଡଙ୍କ ପରାମର୍ଶକ୍ରମେ ଜାତୀୟଉଦ୍ୟାନ ନଦୀରେ ଥିବା ଏକ ଅଣ୍ଡିରା କୁମ୍ଭୀରକୁ ଗୋରୀ ସହ ମିଳନର ସୁଯୋଗ ଦିଆଯାଇଥିଲା। ଗୋରୀ ଅଣ୍ଡିରା କୁମ୍ଭୀର ସହ ମିଳନ ପରିବର୍ତ୍ତେ ତାକୁ ଖଣ୍ଡିଆ ଖାବରା କରି ଦେଇଥିଲା। ପରେ ହାଇଦ୍ରାବାଦରୁ ଅଣ୍ଡିରା କୁମ୍ଭୀରକୁ ଅଣାଯାଇ ଗୋରୀ ସହ ☞ପୃଷ୍ଠା-୪

## କୋଭିଶିଲ୍ଡକୁ ନେପାଳର ମଞ୍ଜୁରୀ

ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡ ଟିକାକୁ ଜରୁରୀ ବ୍ୟବହାର ଲାଗି ନେପାଳ ସରକାର ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ନେପାଳରେ ଉକ୍ତ ଟିକା ବ୍ୟବହାର ଲାଗି ସେଠାର ଔଷଧ ପ୍ରଶାସନ ବିଭାଗ ନିଷ୍ପତ୍ତି ନେଇଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରାଜେନିକା ଦ୍ୱାରା ବିକଶିତ ଏବଂ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡକୁ ପୂର୍ବରୁ ଭାରତ ମଞ୍ଜୁରୀ ଦେଇଥିବାବେଳେ ଶନିବାରଠାରୁ ଟିକାକରଣ ଆରମ୍ଭ ହେବାକୁ ଯାଉଛି।

# ଚାଷୀଙ୍କ ପ୍ରତି ସମ୍ମାନ ନାହିଁ

- ପ୍ରଧାନମନ୍ତ୍ରୀଙ୍କ ଉପରେ ବର୍ଷିଲେ ରାହୁଲ
- କଂଗ୍ରେସ ପାଳିଲା କିଷାନ ଅଧିକାର ଦିବସ: ବହୁ ଦଳୀୟ କର୍ମୀ ଅଟକ

ନୂଆଦିଲ୍ଲୀ/ଲକ୍ଷ୍ନୌ/ଜୟପୁର/ଚଣ୍ଡିଗଡ଼,୧୫।୧

ଚାଷୀଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦୌ ସମ୍ମାନ ନାହିଁ। କୃଷି ଆଇନ ବିରୋଧରେ ଆନ୍ଦୋଳନରତ କୃଷକମାନଙ୍କୁ ପ୍ରତିହତ କରିବା ଲାଗି ମୋଦି ଉଦ୍ୟମ ଚଳାଇଛନ୍ତି। ସରକାର କାଳକ୍ଷେପଣ କୌଶଳ ଆପଣାଇ ଆନ୍ଦୋଳନ କରୁଥିବା କୃଷକଙ୍କ ସହ ଆଲୋଚନା କରୁଥିବା ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ବର୍ଷିଛନ୍ତି।

ନୂଆଦିଲ୍ଲୀର ଯନ୍ତରମନ୍ତରରେ କଂଗ୍ରେସ ଏମ୍‌ପିମାନଙ୍କ ପକ୍ଷରୁ କୃଷି ଆଇନ ବିରୋଧରେ ଚାଲିଥିବା ବିକ୍ଷୋଭରେ ରାହୁଲ ଓ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାମିଲ ହୋଇଥିଲେ। ଏହି ଅବସରରେ ରାହୁଲ କହିଥିଲେ, କୃଷି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ କୃଷକମାନେ ଶାନ୍ତିରେ ବସିବେ ନାହିଁ। ପ୍ରଧାନମନ୍ତ୍ରୀ ମୋଦି ମନେକରୁଛନ୍ତି ଯେ, ତାଙ୍କ ନିକଟରେ କ୍ଷମତା ଅଛି, ଯାହାକୁ ଉପଯୋଗ କରି ସେ ଚାଷୀଙ୍କୁ ଦିନେ ନା ଦିନେ କ୍ଳାନ୍ତ କରିଦେବେ। ଚାଷୀଙ୍କ ପ୍ରତି ତାଙ୍କର ମୌଳିକ ସମ୍ମାନ ମଧ୍ୟ ନାହିଁ। ଏହା ମୋଦିଙ୍କ ଭୁଲ୍। ୧୦୦ କୃଷକ ମରିଗଲେ ବି ମୋଦି ଆଦୌ ଚିନ୍ତିତ ନୁହନ୍ତି। ଏହି ଅବସରରେ କୃଷକଙ୍କ ଆନ୍ଦୋଳନକୁ ଖଲିସ୍ତାନୀଙ୍କ ସହ ଯୋଡ଼ିବାକୁ ରାହୁଲ ନିନ୍ଦା କରିଥିଲେ। କୃଷି ଆଇନ ବିରୋଧରେ କଂଗ୍ରେସ ପକ୍ଷରୁ 'କିଷାନ ଅଧିକାର ଦିବସ' ପାଳନ କରାଯାଇ ବିଭିନ୍ନ ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉତ୍ତରପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଅଜୟ କୁମାର ଲଲ୍ଲୁ ଦଳୀୟ କର୍ମୀଙ୍କ ସହ ରାଜଭବନ ଘେରାଉ କରିବାବେଳେ ପୋଲିସ ତାଙ୍କୁ ଅଟକ ରଖିଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମେତ ଦଳୀୟ ନେତା ଓ କର୍ମୀ ଜୟପୁରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାର କୃଷି ଆଇନକୁ ନ ହଟାଇବା ଯାଏ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଗେହଲଟ କହିଥିଲେ। ରାଜସ୍ଥାନ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଗୋବିନ୍ଦ ସିଂ ଦୋତାସ୍ରାଙ୍କ ନେତୃତ୍ୱରେ ସିଭିଲ୍ ଲାଇନ୍ସ ଏରିଆରୁ ରାଜଭବନକୁ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ନେତା ଓ କର୍ମୀଙ୍କୁ ଅଟକାଇଥିଲା। ଚଣ୍ଡିଗଡ଼ରେ ହରିୟାଣା କଂଗ୍ରେସ ପକ୍ଷରୁ ଅନୁରୂପ ବିକ୍ଷୋଭ ପ୍ରଦର୍ଶନ ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡାଙ୍କ ସମେତ ବହୁ ନେତାଙ୍କୁ ଅଟକ ରଖାଯାଇଥିଲା। ମଧ୍ୟପ୍ରଦେଶର ଛିନ୍ଦୱାଡାରେ ରାଜ୍ୟ କଂଗ୍ରେସ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ ନିଜ ସମର୍ଥକଙ୍କ ସହ ଟ୍ରାକ୍ଟର ରାଲି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦେଶବ୍ୟାପୀ କଂଗ୍ରେସର କିଷାନ ଅଧିକାର ଦିବସ ପାଳନ ବେଳେ ବହୁସଂଖ୍ୟକ ନେତା ଓ କର୍ମୀଙ୍କୁ ପୋଲିସ ଅଟକ ରଖିଥିଲା।


ଭୋପାଳରେ 'କିଷାନ ଅଧିକାର ଦିବସ' ପାଳନ ବେଳେ କଂଗ୍ରେସର ମହିଳା କର୍ମୀଙ୍କୁ ପୋଲିସ ଭ୍ୟାନ୍‌ରେ ବସାଇ ନେଉଛି।


ନୂଆଦିଲ୍ଲୀର ଯନ୍ତରମନ୍ତରରେ କଂଗ୍ରେସ ପକ୍ଷରୁ ବିକ୍ଷୋଭବେଳେ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ସଂକ୍ଷେପରେ

### ଡଚ୍ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



**ହେଗ୍, ୧୫।୧:** ନେଦରଲାଣ୍ଡସରେ ଶିଶୁଯତ୍ନ ସବ୍‌ସିଡି ଦୁର୍ନୀତିକୁ ନେଇ ଡଚ୍ ପ୍ରଧାନମନ୍ତ୍ରୀ ମାର୍କ ରୁଟ୍ଟେ ଓ ତାଙ୍କ ସରକାର ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏହି ସବ୍‌ସିଡି ଦୁର୍ନୀତିରେ ହଜାର ହଜାର ମାତାପିତାଙ୍କୁ ଭୁଲ୍‌ରେ ସମ୍ପୃକ୍ତ କରାଯାଇଥିଲା। ବ୍ୟବସ୍ଥା ଭୟଙ୍କର ଭାବେ ତ୍ରୁଟିପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ରୁଟ୍ଟେ ସ୍ୱୀକାର କରିଛନ୍ତି। ଅନେକ ଅଭିଭାବକଙ୍କୁ ଅର୍ଥ ଫେରସ୍ତ କରିବାକୁ ପଡ଼ିବାରୁ ସେମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ। ହେଗ୍‌ରେ ୪ ଦଳୀୟ ମେଣ୍ଟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ରୁଟ୍ଟେ ଇସ୍ତଫା ସମ୍ପର୍କରେ ଘୋଷଣା କରିଥିଲେ।

### ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ ଆରମ୍ଭ

**ନୂଆଦିଲ୍ଲୀ, ୧୫।୧(ପି.ଟି.):** ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ଗତବର୍ଷ ଡିସେମ୍ବର ୧୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ଭବନର ଶିଳାନ୍ୟାସ କରିଥିଲେ। ସରକାରଙ୍କ ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ଯୋଜନାରେ ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ ୨୦୨୨ରେ ଭାରତର ୭୫ତମ ସ୍ୱାଧୀନତା ଦିବସ ପୂର୍ବରୁ ଶେଷ ହେବ ବୋଲି ଆଶା କରାଯାଉଛି। ସେହିବର୍ଷ ମୌସୁମୀ ଅଧିବେଶନ ଉକ୍ତ ବିଲ୍ଡିଂରେ କରିବା ପାଇଁ ସରକାର ଯୋଜନା କରିଛନ୍ତି।

### କମଲ ହାସନଙ୍କ ଦଳକୁ ଫେରିଲା ବ୍ୟାଟେରି ଟର୍ଚ୍ଚ ଚିହ୍ନ



**ଚେନ୍ନାଇ, ୧୫।୧:** କମଲ ହାସନଙ୍କ ଦଳ ମକ୍କଲ୍ ନିଧି ମୈୟମ (ଏମ୍‌ଏନ୍‌ଏମ୍)କୁ ପୁଣିଥରେ 'ବ୍ୟାଟେରି ଟର୍ଚ୍ଚ' ଚିହ୍ନ ମିଳିଛି। ଏକ ଭିଡିଓ ବାର୍ତ୍ତାରେ କମଲ ହାସନ ଏହି ସୂଚନା ଦେଇଛନ୍ତି। ନିଷ୍ପେଷିତମାନଙ୍କ ଉତ୍ଥାନ ପାଇଁ ଲଢ଼େଇ କରିଥିବା ମାର୍ଟିନ୍ ଲୁଥର କିଙ୍ଗ ଜୁନିୟରଙ୍କ ଜନ୍ମଦିନରେ ଦଳୀୟ ଚିହ୍ନ ମିଳିଥିବାରୁ ସେ ନିର୍ବାଚନ କମିଶନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଲୋକର ପ୍ରସାର ପାଇଁ କମଲ ହାସନ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

## ବିଶେଷଜ୍ଞ କମିଟିର ୩ ସଦସ୍ୟଙ୍କୁ ବିକେୟୁ କହିଲା

## ଭୂପିନ୍ଦରଙ୍କ ଭଳି ଓହରିଯାଅ

ନଏଡା,୧୫।୧

କେନ୍ଦ୍ରର କୃଷି ଆଇନ ଉପରେ ସମୀକ୍ଷା କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିକୁ ଇତିହାସର ଭୁଲ୍ ପକ୍ଷରେ ନ ରହିବାକୁ ଶୁକ୍ରବାର ଭାରତୀୟ କିଷାନ ୟୁନିୟନ (ବିକେୟୁ) ତାଗିଦ କରିଛି। ସୁପ୍ରିମକୋର୍ଟ ମଙ୍ଗଳବାର କୃଷି ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜରି କରିବା ସହ ୪ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଥିଲେ। ଏଥିରେ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ତଥା ଅଲ୍ ଇଣ୍ଡିଆ କିଷାନ କୋଅର୍ଡିନେଶନ କମିଟି (ଏଆଇକେସିସି) ଚେୟାରମ୍ୟାନ୍ ଏସ୍. ଭୂପିନ୍ଦର ସିଂ ମାନ୍‌ଙ୍କ ସମେତ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ଦକ୍ଷିଣ ଏସିଆ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ସଂସ୍ଥା ନିର୍ଦ୍ଦେଶ ଡକ୍ଟର ପ୍ରମୋଦ କୁମାର ଜୋଷୀ, ମହାରାଷ୍ଟ୍ରର ଶେତ୍‌କେରି ସଙ୍ଗଠନ ମୁଖ୍ୟ ଅନିଲ ଘନୱତ୍‌ଙ୍କୁ ରଖିବା ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ପ୍ରସ୍ତାବ ଦେଇଥିଲେ। ୪ ସଦସ୍ୟ କେନ୍ଦ୍ରର କୃଷି ଆଇନ ସପକ୍ଷବାଦୀ ବୋଲି ବିବାଦ ସୃଷ୍ଟି ହେବା ପରେ ଗୁରୁବାର ଉକ୍ତ କମିଟିରୁ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ରାଷ୍ଟ୍ରୀୟ ଅଧ୍ୟକ୍ଷ ଏସ୍. ଭୂପିନ୍ଦର ସିଂ ମାନ୍ ଓହରିଯାଇଥିଲେ। ଭୂପିନ୍ଦର ପଞ୍ଜାବ ଓ ଦେଶର ଚାଷୀଙ୍କ ବିରୋଧରେ ଯାଇପାରିବେ ନାହିଁ ଏବଂ କୃଷକଙ୍କ ସ୍ୱାର୍ଥ ପାଇଁ କୌଣସି ପଦବୀ ତ୍ୟାଗ କରିବାକୁ ପ୍ରସ୍ତୁତ ଥିବା ଗୁରୁବାର ଏକ ବିବୃତିରେ ସ୍ପଷ୍ଟ କରିଥିଲେ। ଶୁକ୍ରବାର ବିକେୟୁ ଲୋକ ଶକ୍ତି ମୁଖପାତ୍ର ଶୈଳେଶ କୁମାର ଗିରି କହିଛନ୍ତି, ଭୂପିନ୍ଦରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କମିଟିର ଅନ୍ୟ ୩ ସଦସ୍ୟ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରି କମିଟିରୁ ଓହରିଯିବା ଉଚିତ। ସେମାନେ ଇତିହାସର ଭୁଲ୍ ପକ୍ଷ ନେବା ଅନୁଚିତ।

## ନିଧି ରାଜଦାନ ଫିଶିଙ୍ଗ୍ ଶିକାର

### ହାଭାର୍ଡରେ ଅଧ୍ୟାପନା ପାଇଁ ଆସିଥିଲା ଜାଲ୍ ଅଫର

ନୂଆଦିଲ୍ଲୀ,୧୫।୧

ଏନ୍‌ଡିଟିଭିର ପୂର୍ବତନ ଖବରଦାତା ନିଧି ରାଜଦାନ ଫିଶିଙ୍ଗ୍ (ଅନ୍‌ଲାଇନ୍ ଠକେଇ)ର ଶିକାର ହୋଇଥିବା ନିଜେ ଟୁଇଟ୍ କରି ଜଣାଇଛନ୍ତି। ନିଧି କହିଛନ୍ତି, ସେ ଅତ୍ୟନ୍ତ ଗମ୍ଭୀର ଫିଶିଙ୍ଗ୍ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ପାଖକୁ ହାଭାର୍ଡ ୟୁନିଭର୍ସିଟିରେ ଅଧ୍ୟାପନା ପାଇଁ ଆସିଥିବା ଅଫର ଫେକ୍ ବୋଲି ଜାଣିବାକୁ ପାଇଛନ୍ତି।

ନିଧି ଆମେରିକାସ୍ଥିତ ହାଭାର୍ଡ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗରେ ଆସୋସିଏଟ୍ ପ୍ରଫେସର ପଦରେ ନିଯୁକ୍ତି ପାଇଁ ଗତ ସେପ୍ଟେମ୍ବରରେ ଅଫର ପାଇଥିଲେ। ଏହା ପରେ ଏନ୍‌ଡିଟିଭିର ୨୧ ବର୍ଷର ସାମ୍ବାଦିକତା ଛାଡ଼ି ନୂଆ କ୍ୟାରିୟର ଗଢ଼ିବା ପାଇଁ ଉତ୍ସାହିତ ହୋଇଯାଇଥିଲେ। ଏଥିପାଇଁ ନିଧି ପ୍ରସ୍ତୁତି ଚଳାଇଥିବାବେଳେ ମହାମାରୀ କରୋନା ଯୋଗୁ କ୍ଲାସ୍‌କୁ ଜାନୁୟାରୀ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ତାଙ୍କୁ କୁହାଯାଇଥିଲା। ପରେ ସେ ହାଭାର୍ଡ ୟୁନିଭର୍ସିଟିର ବରିଷ୍ଠ ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ସତ କଥା ଜାଣିବାକୁ ପାଇଛନ୍ତି। ଅନ୍‌ଲାଇନ୍ ଠକମାନେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ବ୍ୟକ୍ତିଗତ ତଥ୍ୟ ହାସଲ କରି ତାଙ୍କୁ ଜାଲରେ ଫସାଇବାକୁ ଉଦ୍ୟମ କରିଥିବା ନିଧି କ୍ଷୋଭ ବ୍ୟକ୍ତ କରିଛନ୍ତି। ଏଭଳି ଘୃଣ୍ୟ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପୋଲିସ ନିକଟରେ ଏତଲା ଦେଇଛନ୍ତି।



## ସଡ଼କ ଦୁର୍ଘଟଣାରେ ୧୩ ମୃତ

ଧରୱାଡ଼, ୧୫।୧



କର୍ଣ୍ଣାଟକରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ସେମାନେ ଯାଉଥିବା ଏକ ଟେମ୍ପୋ ଟ୍ରାଭେଲର ସହ ଏକ ଟିପ୍ପରର ମୁହାଁମୁହିଁ ଧକ୍କା ହୋଇଥିଲା। ପୁଣେ-ବେଙ୍ଗାଲୁରୁ ଜାତୀୟ ରାଜପଥର ଇଟିଗାଟ୍ଟି ଛକରେ ଏହି ଦୁର୍ଘଟଣା ଘଟିଛି। ଟେମ୍ପୋ ଟ୍ରାଭେଲରରେ ଯାତ୍ରୀମାନେ ଡାଭାନଗର ସେଣ୍ଟ ପଲ୍ କନ୍‌ଭେଣ୍ଟ ସ୍କୁଲର ପୂର୍ବତନ ଛାତ୍ରୀଛାତ୍ର। ସେମାନେ ତିନିଦିନିଆ ଭ୍ରମଣ ଯୋଜନାରେ ଡାଭାନଗରରୁ ଗୋଆ ଯାଉଥିବାବେଳେ ଧରୱାଡ ଜିଲାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ଟେମ୍ପୋ ଟ୍ରାଭେଲର୍‌ଟି ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଛି।

## ରାମମନ୍ଦିର ପାଇଁ ୧୧ କୋଟି ଦାନକଲେ ହୀରା ବ୍ୟବସାୟୀ

### ରାଷ୍ଟ୍ରପତି ଦେଲେ ୫ ଲକ୍ଷ

ସୁରଟ, ୧୫।୧

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ ଲାଗି ଗୁଜରାଟ ସୁରଟର ହୀରା ବ୍ୟବସାୟୀ ଗୋବିନ୍ଦଭାଇ ଢୋଲକିଆ ୧୧ କୋଟି ଟଙ୍କା ଦାନ କରିଛନ୍ତି। ରାମମନ୍ଦିର ନିର୍ମାଣ ଲାଗି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ଆର୍‌ଏସ୍‌ଏସ୍ ସଦସ୍ୟମାନେ ଶୁକ୍ରବାରଠାରୁ ଦାନ ସଂଗ୍ରହ ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମନ୍ଦିର ପାଇଁ ୫ ଲକ୍ଷ ଶହେ ଟଙ୍କା ପ୍ରଦାନ କରିଛନ୍ତି। ଦାନ ସଂଗ୍ରହ ଅଭିଯାନ ଫେବୃୟାରୀ ୨୭ ପର୍ଯ୍ୟନ୍ତ ଜାରି ରହିବ। ଗୁଜରାଟର ଅନେକ ବ୍ୟବସାୟୀ ୫ରୁ ୨୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାନ କରିଥିବାବେଳେ ସୁରଟର ମହେଶ କବୁତରୱାଲା ୫ କୋଟି ଏବଂ ଲଭ୍‌ଜୀ ବାଦଶାହ ୧ କୋଟି ଦେଇଛନ୍ତି।

## ୟୁପି, ଉତ୍ତରାଖଣ୍ଡରେ ଏକାକୀ ନିର୍ବାଚନ ଲଢ଼ିବ ବିଏସ୍‌ପି

ଲକ୍ଷ୍ନୌ, ୧୫।୧

ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) କୌଣସି ଦଳ ସହ ମେଣ୍ଟ କରିବ ନାହିଁ। ଶୁକ୍ରବାର ନିଜର ୬୫ତମ ଜନ୍ମଦିନରେ ବିଏସ୍‌ପି ସୁପ୍ରିମୋ ମାୟାବତୀ ଏହା ଘୋଷଣା କରିଛନ୍ତି। ସମସ୍ତ ବିଧାନସଭା କ୍ଷେତ୍ରରେ ତାଙ୍କ ଦଳ ଏକାକୀ ନିର୍ବାଚନ ଲଢ଼ିବ ବୋଲି ବିଏସ୍‌ପି ମୁଖ୍ୟ କହିଛନ୍ତି। ୨୦୦୭ ଭଳି ଆସନ୍ତା ବର୍ଷ ୟୁପି ନିର୍ବାଚନରେ ବିଏସ୍‌ପି ବିଜୟୀ ହୋଇ ସରକାର ଗଠନ କରିବ ବୋଲି ମାୟାବତୀ ଦୃଢ଼ୋକ୍ତି କରିଛନ୍ତି। ତେବେ କ୍ଷମତା ପାଇଁ ଦଳର ନୀତି ଆଦର୍ଶ ସହ କଦାପି ସେ ସାଲିସ୍ କରିବେ ନାହିଁ। ସମସ୍ତ ଦଳୀୟ କର୍ମୀ ନିର୍ବାଚନ ପାଇଁ ମିଳିତ ଭାବେ ପ୍ରସ୍ତୁତି ଆରମ୍ଭ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ତାଙ୍କ ଦଳ ରାଜ୍ୟରେ କ୍ଷମତାକୁ ଆସିଲେ ସମସ୍ତଙ୍କୁ ମାଗଣାରେ କୋଭିଡ୍ ଟିକା ଯୋଗାଇ ଦିଆଯିବ ବୋଲି ମାୟାବତୀ ପ୍ରତିଶ୍ରୁତି ଦେଇଛନ୍ତି।

## ଶତାଧିକ ଦଙ୍ଗାକାରୀ ଗିରଫ

### କ୍ୟାପିଟୋଲ ହିଲ୍ ହିଂସା

ୱାଶିଂଟନ, ୧୫।୧(ପି.ଟି.)

ଆମେରିକା ସଂସଦ ଭବନ କ୍ୟାପିଟୋଲ ବିଲ୍ଡିଂ ଦଙ୍ଗା ଘଟଣାରେ ସୁରକ୍ଷା ସଂସ୍ଥା ଏପର୍ଯ୍ୟନ୍ତ ଶତାଧିକ ଲୋକଙ୍କୁ ଗିରଫ କଲାଣି। ୨୦ରେ ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଶପଥ ନେବାକୁ ଯାଉଥିବାବେଳେ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରାଯାଉଥିବା ଏଫ୍‌ବିଆଇ ନିର୍ଦ୍ଦେଶକ ଖ୍ରୀଷ୍ଟୋଫର କହିଛନ୍ତି।

ବାଇଡେନ୍‌ଙ୍କ ବିଜୟକୁ ଆନୁଷ୍ଠାନିକ ସ୍ୱୀକୃତି ଦେବା ଲାଗି କ୍ୟାପିଟୋଲ ବିଲ୍ଡିଂରେ କଂଗ୍ରେସର ମିଳିତ ଅଧିବେଶନ ଚାଲିଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହଜାର ହଜାର ସମର୍ଥକ ସେଠାରେ ଧସେଇ ପଶି ଦଙ୍ଗା ସୃଷ୍ଟି କରିଥିଲେ। ଏହି ହିଂସାକାଣ୍ଡରେ ୫ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। କ୍ୟାପିଟୋଲ ବିଲ୍ଡିଂକୁ ଦଖଲ କରିବା ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି। ତଦନ୍ତ ଜାରି ରହିଥିବାରୁ ଆହୁରି ଅନେକ ଗିରଫ ହୋଇପାରନ୍ତି। ବାଇଡେନ୍‌ଙ୍କ ଶପଥ ପୂର୍ବରୁ ଅନ୍‌ଲାଇନ ଚାଟରଙ୍କୁ ନେଇ ଚିନ୍ତା ବଢୁଛି। କ୍ୟାପିଟୋଲ ହିଲ୍ ହିଂସା ପୁଣିଥରେ ସଂଘଟିତ କରିବା ପାଇଁ କେତେଜଣ ଯୋଜନା କରୁଥିବାରୁ ଏହା ଉପରେ ସୁରକ୍ଷା ସଂସ୍ଥାଗୁଡ଼ିକ କଡ଼ା ନଜର ରଖିଛନ୍ତି। ୨୦୦ରୁ ଅଧିକ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଗଲାଣି। ଦଙ୍ଗାକାରୀଙ୍କୁ ଚିହ୍ନଟ ଲାଗି ଏଫ୍‌ବିଆଇକୁ ୧,୪୦,୦୦୦ ଟିପ୍ ମିଳିଥିବା ନ୍ୟାୟ ବିଭାଗ ପକ୍ଷରୁ କୁହାଯାଇଛି। ଏଫବିଆଇର ପଦକ୍ଷେପକୁ ଉପରାଷ୍ଟ୍ରପତି ମାଇକ୍ ପେନ୍ସ ପ୍ରଶଂସା କରିଛନ୍ତି।



### ବାଇଡେନ୍‌ଙ୍କ ଶପଥ ଉତ୍ସବରେ ଲେଡି ଗାଗା, ଜେନିଫର ପ୍ରଦର୍ଶନ କରିବେ

ୱାଶିଂଟନ, ୧୫।୧(ପି.ଟି.)

ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍ ୨୦ ତାରିଖରେ ଶପଥ ନେବାକୁ ଯାଉଥିବାବେଳେ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପପ୍ ଗାୟିକା ଜେନିଫର ଲୋପେଜ୍ ଏବଂ ଲେଡି ଗାଗା ଯୋଗଦେବେ। ଗାଗା ଜାତୀୟ ସଙ୍ଗୀତ ଗାନ କରିବାକୁ ଥିବାବେଳେ ଲୋପେଜ୍ କ୍ୟାପିଟୋଲର ୱେଷ୍ଟ ଫ୍ରଣ୍ଟରେ ସଙ୍ଗୀତ ପରିବେଷଣ କରିବେ। ୭୮ ବର୍ଷୀୟ ବାଇଡେନ୍‌ଙ୍କ ସହ ଉପରାଷ୍ଟ୍ରପତି ଭାବେ କମଳା ହାରିସ୍ (୫୬) ମଧ୍ୟ ଏହି ଉତ୍ସବରେ ଶପଥ ଗ୍ରହଣ କରିବେ। ତେବେ କରୋନା ମହାମାରୀ ଓ ସୁରକ୍ଷାଗତ କାରଣକୁ ନେଇ ଉତ୍ସବକୁ କାଟଛାଣ୍ଟ କରାଯାଇଛି। ଶପଥ ଗ୍ରହଣ ସହ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭର୍ଚୁଆଲି କରାଯିବ।



ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ଜାନୁୟାରୀ, ୨୦୨୧



# ଦ୍ୱନ୍ଦ୍ୱରେ ଏସ୍‌ଆଇଟି ସମ୍ପର୍କିତ ଚିଠି

## ପରୀ ହତ୍ୟାକାଣ୍ଡ ତଦନ୍ତ ମାମଲା

- ସୂଚନା ଅଧିକାର ଆଇନରେ ମିଳିଲା ତଥ୍ୟ
- କଂଗ୍ରେସର ବଡ଼ ବିଫଳତା: ହେମନ୍ତ ପଣ୍ଡା

**ବଲାଙ୍ଗୀର ଅଫିସ, ୧୫ା୧**

ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡର ତଦନ୍ତ ଓଡ଼ିଶା ହାଇକୋର୍ଟଙ୍କ ପର୍ଯ୍ୟବେକ୍ଷଣ (ମନିଟରିଂ)ରେ ହେଉ ବୋଲି ରାଜ୍ୟ ସରକାର ଅନୁରୋଧ କରି ଗତ ୨୮ ନଭେମ୍ବରରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ। ଏପରି କି ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି)ରେ କେଉଁମାନେ ରହିବେ ସେମାନଙ୍କ ନାମ ଏଥିରେ ଉଲ୍ଲେଖ କରାଯାଇଥିଲା। ହାଇକୋର୍ଟରେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ କରିବ ବୋଲି କୁହାଯାଇଥିଲା। ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ହାଇକୋର୍ଟଙ୍କୁ ଏହି ପତ୍ର ଲେଖିଥିବା ବିଷୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ପରୀ ହତ୍ୟାକାଣ୍ଡର ତଦନ୍ତକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଲେଖାଯାଇଥିବା ପତ୍ର ହାଇକୋର୍ଟରେ ପହଞ୍ଚି ନ ଥିବା ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଦାବି କରିଛନ୍ତି। ପଣ୍ଡାଙ୍କ ଏହି ଦାବି ପରେ ଏସ୍‌ଆଇଟି ସମ୍ପର୍କିତ ଚିଠିକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

ନୟାଗଡ ଜିଲାର ପରୀ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣା ସଂକ୍ରାନ୍ତରେ ବଲାଙ୍ଗୀର ଜିଲାର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ହାଇକୋର୍ଟଙ୍କ ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର ତଥା ଜନସୂଚନା ଅଧିକାରୀ ବି. ଦାଶଙ୍କ କାର୍ଯ୍ୟାଳୟରୁ ଚିଠି ନଂ. ଆର୍‌ଟିଆଇ-୧୩/୨୦୨୦/୧୦୬ ତା- ୬।୦୧।୨୧ ଯୋଗେ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଯାଦବ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଅଧିକାର କର୍ମୀ ପଣ୍ଡା ହାଇକୋର୍ଟଙ୍କ କାର୍ଯ୍ୟାଳୟରୁ ମିଳିଥିବା ଆରଟିଆଇ ତଥ୍ୟ ସମ୍ପର୍କରେ ଜଣାଇଛନ୍ତି। ପରୀ ହତ୍ୟାକାଣ୍ଡର ଏସ୍‌ଆଇଟି ତଦନ୍ତ ଜଣେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରୁ କୌଣସି ଅନୁରୋଧ ପତ୍ର ହାଇକୋର୍ଟଙ୍କ ହସ୍ତଗତ ହୋଇନାହିଁ। ଯେହେତୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଚିଠି ମିଳିନାହିଁ, ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରଶ୍ନ ଉଠୁନାହିଁ ବୋଲି ହାଇକୋର୍ଟଙ୍କ ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର



ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ତଥ୍ୟ ପ୍ରଦାନ କରିଥିବା ପଣ୍ଡା ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ପରୀ ହତ୍ୟାକାଣ୍ଡର ତଦନ୍ତ ଜାରି ରଖିଥିବା ଏସ୍‌ଆଇଟି ହାଇକୋର୍ଟଙ୍କ ମନିଟରିଂରେ ଚାଲିନାହିଁ। ନ୍ୟାୟ ଆଶାରେ ପରୀର ମାତାପିତା ବିଧାନସଭା ଅଧିବେଶନ ଚାଲିଥିବାବେଳେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଥିଲା। ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ରଖି ସରକାର ହାଇକୋର୍ଟରେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ କରିବ ବୋଲି ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ରାଜ୍ୟ ଭାଜପା ଗ୍ରହଣ ନ କରି ସିବିଆଇ ତଦନ୍ତ ଦାବିରେ ଅଟଳ ରହିଥିବାବେଳେ କଂଗ୍ରେସ ନେତାମାନେ ଏସ୍‌ଆଇଟି ତଦନ୍ତ ଦାବି କରିଥିବାରୁ ଏହାକୁ ଦଳର ବଡ଼ ସଫଳତା ବୋଲି ବର୍ଣ୍ଣନା କରିଥିଲେ। କିନ୍ତୁ ହାଇକୋର୍ଟଙ୍କ ପ୍ରଦତ୍ତ ତଥ୍ୟ ସାର୍ବଜନୀନ ହେବା ପରେ କଂଗ୍ରେସ ନେତାମାନଙ୍କ ଉକ୍ତ ସଫଳତା ଦାବି ବଡ଼ ବିଫଳତାରେ ପରିଣତ ହୋଇଛି ବୋଲି ପଣ୍ଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ପରୀ ହତ୍ୟା ଘଟଣାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଣ୍ଡା ଦାବି କରିଛନ୍ତି।

# ଇସ୍ପାତ ଶିଳ୍ପକୁ ରପ୍ତାନି କେନ୍ଦ୍ରିକ କର: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୫ା୧(ବ୍ୟୁରୋ):** ଏକବିଂଶ ଶତାବ୍ଦୀରେ ଭାରତର ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ପାଇଁ ନରେନ୍ଦ୍ର ମୋଦି ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଶୁକ୍ରବାର ଇଣ୍ଡିଆନ ଷ୍ଟିଲ ଆସୋସିଏଶନ(ଆଇଏସ୍‌ଏ) ପକ୍ଷରୁ ଆୟୋଜିତ ୱେବିନାରରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। 'ଇସ୍ପାତ ନିର୍ମାଣ ଏବଂ ଭିତ୍ତିଭୂମି ପାଇଁ ନୂଆ ସୁଯୋଗ' ଶୀର୍ଷକ ଆଲୋଚନାଚକ୍ରରେ ଧର୍ମେନ୍ଦ୍ର ଏହା କହିଛନ୍ତି। ଇସ୍ପାତ୍ ଶିଳ୍ପକୁ ରପ୍ତାନି କେନ୍ଦ୍ରିକ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍-୧୯ ଆମ ପାଇଁ ଚ୍ୟାଲେଞ୍ଜ୍ ଆଣିଥିବା ବେଳେ ଭାରତ ଏହାକୁ ସୁଯୋଗରେ ପରିଣତ କରିଛି। ରାସ୍ତା, ରେଳ, ଘର ନିର୍ମାଣ ହେଉ କିମ୍ବା ତୈଳ ଓ ଗ୍ୟାସ ଭିତ୍ତିଭୂମିକୁ ଅଧିକ ମଜଭୁତ୍ କରାଯାଇଛି। ଆତ୍ମନିର୍ଭର ଭାରତରେ ୨୦ ଲକ୍ଷ କୋଟିର ପ୍ୟାକେଜ୍ ଦେଶର ସାମଗ୍ରିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଇସ୍ପାତ୍ କ୍ଷେତ୍ର ପାଇଁ ନୂଆ ସୁଯୋଗ ଆଣିଦେଇଛି। ଦେଶରେ କରୋନା ଟିକା ପ୍ରସ୍ତୁତି ହେବା ଭାରତର ଆଉ ଏକ ପ୍ରତିଭାର ଉଦାହରଣ। ଏହାସହ ଦେଶରେ ଅଧିକ ଇସ୍ପାତର ବ୍ୟବହାର ଦ୍ୱାରା ସମାଜକୁ ବୃହତ୍ ଭାବରେ ଶକ୍ତି ପ୍ରଦାନ କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।







# ରାଜ୍ୟ ସରକାର ଭ୍ରମିତ କରୁଛନ୍ତି: ଭାଜପା

## ପରୀ ହତ୍ୟାକାଣ୍ଡର ତଦନ୍ତ ପ୍ରସଙ୍ଗ

**ଭୁବନେଶ୍ୱର,୧୫ା୧(ବ୍ୟୁରୋ)**

ପରୀ ହତ୍ୟାକାଣ୍ଡକୁ ନେଇ ଚାଲିଥିବା ଏସ୍‌ଆଇଟି ତଦନ୍ତ ପ୍ରସଙ୍ଗରେ ଜନ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ହାଇକୋର୍ଟରୁ ତଥ୍ୟ ମାଗିଥିଲେ। ହେମନ୍ତଙ୍କ ଆବେଦନର ଉତ୍ତର ଗତ ୬ ତାରିଖରେ ହାଇକୋର୍ଟରୁ ଆସିଛି, ଯେଉଁଥିରେ ହାଇକୋର୍ଟ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ସିଟିଂ ଜଜ୍‌ଙ୍କ ମନିଟରିଂରେ ଏସ୍‌ଆଇଟି ତଦନ୍ତ ପାଇଁ କୌଣସି ଚିଠି ଲେଖିନାହାନ୍ତି। ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ତଦନ୍ତକୁ ନେଇ ରାଜ୍ୟ ସରକାର ହୀନ ରାଜନୀତି କରିଚାଲିଛନ୍ତି। ତଦନ୍ତ କରୁଥିବା ଏସଆଇଟି କୋର୍ଟ ଦ୍ୱାରା ମନିଟରିଂ ହେଉଥିବା ନେଇ ରାଜ୍ୟ ସରକାର କହି ରାଜ୍ୟବାସୀଙ୍କୁ ବାରମ୍ବାର ଭ୍ରମିତ କରୁଛନ୍ତି। ଶାସକ ଦଳର ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ସାଢେ ୪ କୋଟି ଲୋକଙ୍କୁ ମିଛ କହିବା ଏବଂ ଧୋକ୍କା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶାସକ ଦଳ, ଏସଆଇଟି ଓ ଉଚ୍ଚପଦସ୍ଥ ସରକାରୀ ଅଫିସରମାନେ ଉଚ୍ଚନ୍ୟାୟାଳୟଙ୍କ ନାଁ ନେଇ ଏହି ପ୍ରସଙ୍ଗରେ ମିଛ କହିଛନ୍ତି। ବିଧାନସଭାରେ ମିଥ୍ୟା କହିଥିବାରୁ ବିଜେଡି ବିଧାୟକଙ୍କ ନାଁରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣାଯାଉ। ମିଛ କହିଥିବାରୁ କୋର୍ଟ ଅବମାମନା ଆଧାରରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଲେଖାଶ୍ରୀ ଦାବି କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ବିଧାନସଭାରେ ଏବଂ ବାହାରେ ରାଜ୍ୟ ସରକାର ମିଛ କହିଥିବା ନେଇ ଅଭିଯୋଗ ଆସୁଛି। ଏହା ଅତ୍ୟନ୍ତ ଦୁଃଖଦାୟକ। ଏହି ପ୍ରସଙ୍ଗ ନିଶ୍ଚିତଭାବେ ଆସନ୍ତା ବିଧାନସଭା ଅଧିବେଶନରେ ଉଠାଯିବ। ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ହାଇକୋର୍ଟ ତା ତଦନ୍ତ କରି ସାର୍ଟିଫିକେଟ ଦେଉଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି, ଭାଜପା ପାଖରେ ତଥ୍ୟ ଏବଂ ସତ୍ୟତା ନାହିଁ, କେବଳ ହୀନ ରାଜନୀତି ଲାଗି ଏଭଳି ମନଗଢ଼ା କଥା କହୁଛନ୍ତି।

# ବ୍ରାଉନସୁଗାର ଜବତ: ୨ ଗିରଫ

**ଭଦ୍ରକ ଅଫିସ, ୧୫ା୧:** ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳରୁ ଶୁକ୍ରବାର ୨୭ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଛି ପୁରୁଣାବଜାର ପୋଲିସ। ସେମାନେ ହେଲେ ଗ୍ରାମାଞ୍ଚଳ ଥାନା ଅଧୀନ କୋଡ଼ଗମ୍ଭୀର ଗାଁର ବିଜୟ କୁମାର ମିଶ୍ର ଓ ବାସୁଦେବପୁର ଅଞ୍ଚଳର ପ୍ରଦୀପ ମଲ୍ଲିକ। ଏହି ଥାନା ଅଧୀନ ଆର୍‌ଏମ୍‌ସି ମାର୍କେଟ ନିକଟରେ ବ୍ରାଉନସୁଗାର ବେପାର ହେଉଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ସମ୍ପୃକ୍ତ ବିଜୟଙ୍କୁ ଧରିଥିବା ବେଳେ ତାଙ୍କ ନିକଟରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ପରେ ପ୍ରଦୀପ ଏଥିରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇ ତାଙ୍କ ନିକଟରୁ ୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ପୁରୁଣାବଜାର ଥାନାରେ ମାମଲା (ନଂ.୨୧/୨୧) ରୁଜୁ ହୋଇଛି। ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା ସୂଚନା ଦେଇଛନ୍ତି।

# ମହିଳାଙ୍କ ନାଁରେ ସାଢ଼େ ୧୩ ଲକ୍ଷ ଜିଏସ୍‌ଟି ଠକେଇ

**ରାଉରକେଲା ଅଫିସ,୧୫ା୧:** ରାଉରକେଲା ସହରରେ ପୁଣି ଏକ ଜିଏସ୍‌ଟି ଠକେଇ ହୋଇଛି। ଏକ ଠକ ଦଳ ବାଲୁଘାଟ ନୂଆ ବସ୍ତିର ଜଣେ ଗରିବ ମହିଳା ଝୁନୁ ପ୍ରଧାନଙ୍କ ନାମରେ ୧୩ ଲକ୍ଷ ୩୮ ହଜାର ୧୦୮ ଟଙ୍କା ଠକି ନେଇଛନ୍ତି। ସେମାନେ ଝୁନୁଙ୍କ ନାମରେ ତ୍ରିନେତ୍ର ଟ୍ରେଡ଼ର୍ସ ନାମକ ଏକ ଜାଲ୍ କମ୍ପାନୀ ଖୋଲି ୭୫ ଲକ୍ଷ ଟଙ୍କାର ବ୍ୟବସାୟ କରିଛନ୍ତି। ଏହି ଠକ ଦଳ ନିଜ ବ୍ୟବସାୟର ଠିକଣା କଳିଙ୍ଗ ଷ୍ଟିଲ କମ୍ପାନୀ, ବାସନ୍ତୀ କଲୋନୀ, ଘର ନଂ.ଏଫଏଲ/୨୮୦ ରଖିଥିବା ସୂଚନା ମିଳିଛି। ଉକ୍ତ କମ୍ପାନୀର ମାଲିକଙ୍କ ନାମ ଅଶୋକ କପାଟ ବୋଲି ଦର୍ଶାଯାଇଛି। ଏ ନେଇ ଜିଏସ୍‌ଟି କର୍ତ୍ତୃପକ୍ଷ ଅବଗତ ହେଲା ପରେ ଘଟଣାର ତଦନ୍ତ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଏହି ବସ୍ତିରେ ପୂର୍ବରୁ ୩ ଜଣ ବ୍ୟକ୍ତି ଏଭଳି ଠକେଇର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ଜଣେ ଚା' ଦୋକାନୀ ହୋଇଥିବା ବେଳେ ଅନ୍ୟ ଦୁଇଜଣ ମୁଢ଼ି ଓ ପାମ୍ପଡ଼ ବ୍ୟବସାୟୀ ବୋଲି ଜଣାପଡିଛି।


ଠକେଇର ଶିକାର ହୋଇଥିବା ମହିଳା।



**ଆଜିର ମନ୍ତବ୍ୟ**
" ଭାରତର ଧୈର୍ଯ୍ୟ ପରୀକ୍ଷା ନେବାର କୌଣସି ଭୁଲ୍ କେହି କରିବା ଉଚିତ ନୁହେଁ।
**-ଜେନେରାଲ ଏମ୍.ଏମ୍. ନରୱଣେ, ସେନାମୁଖ୍ୟ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ରେୟାଂଶୁ
ପରିବାରବର୍ଗ


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଭୋଟର ଲିଷ୍ଟରୁ ଚିହ୍ନଟ ...

ସିଇସିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ନୀତି ଆୟୋଗର ଅଧିକାରୀମାନେ ମଧ୍ୟ ଗତମାସରେ ନିର୍ବାଚନ କମିଶନଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ଭେଟି ବୁଥ୍ ସ୍ତରରେ ଇସିଙ୍କ ନେଟ୍‌ୱର୍କ ବ୍ୟବହାର ପାଇଁ ସହଯୋଗ ଲୋଡ଼ିଥିଲେ। ଇସି ବିସ୍ତୃତ ଭାବେ ଅନୁଧ୍ୟାନ କରିବା ପରେ ତଥ୍ୟ ବ୍ୟବହାରପାଇଁଅନୁମତିପ୍ରଦାନସକାଶେଜାନୁୟାରୀ୪ରେସ୍ୱାସ୍ଥ୍ୟମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀମାନେ ଟିକାକରଣ ପ୍ରକ୍ରିୟା ଶେଷ ହେବା ପରେ ଏହି ତଥ୍ୟକୁ ଡିଲିଟ୍ କରିଦେବା ଆବଶ୍ୟକ ବୋଲି ଇସି କହିଛନ୍ତି।

ସୂଚନାନୁଯାୟୀ, ନିର୍ବାଚନ କମିଶନଙ୍କ କେତେଜଣ ବରିଷ୍ଠ ଅଧିକାରୀ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନୋଡାଲ ଅଫିସରମାନଙ୍କ ସହ ଯୋଗସୂତ୍ରରେ ରହିବେ। କୋଭିଡ୍-୧୯ ଭାକ୍ସିନେଶନ ଡ୍ରାଇଭ୍ ଅନୁସାରେ ସଦ୍ୟତମ ଲୋକ ସଭା ଓ ବିଧାନସଭା ନିର୍ବାଚନର ଭୋଟର ତାଲିକା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ। ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଦୈନନ୍ଦିନ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବ। ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ଭୋଟର ଆଇଡି, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ, ପେନ୍‌ସନ ଦସ୍ତାବିଜ ଭଳି ୧୨ ପରିଚୟପତ୍ର ମଧ୍ୟରୁ ଗୋଟିଏକୁ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧ କୋଟି ସ୍ୱାସ୍ଥ୍ୟ କର୍ମୀ ଓ ୨ କୋଟି ଆଗଧାଡ଼ିର କରୋନା ଯୋଦ୍ଧାଙ୍କୁ ଟିକା ଦିଆଯିବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ନେଇ ଟିକାକରଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେ ଦୁଧ ଖାଇବ,**
**ସେ ନାତ ସହିବ।**
ଖାଣ୍ଟି କ୍ଷୀର ପାଇବା ପାଇଁ ଘରେ ଗାଈ ରଖାଯାଏ। ବେଳେବେଳେ ଗାଈ ଦୁହିଁଲାବେଳେ ଗାଈର ନାତ ମଧ୍ୟ ସହିବାକୁ ପଡ଼ିଥାଏ। ପରୋକ୍ଷରେ ସୁଖ ଭୋଗିବାକୁ ହେଲେ କଷ୍ଟ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହା ନୋହିଛି ବାଳକାଳେ,**
**ତାହା ନୋହିବ ପାଚିଲାବାଳେ।**
ପିଲାଦିନୁ ଯେଉଁ କଥା ଅଭ୍ୟାସ କରାଯାଇ ନ ଥାଏ, ବୃଦ୍ଧ ବେଳକୁ ସେକଥା କରିବାକୁ ଚାହିଁଲେ ସହଜରେ ହୋଇପାରି ନ ଥାଏ। ପିଲାଦିନର ଅଭ୍ୟାସ ସହଜରେ ବଦଳି ନଥାଏ। ଆଦ୍ୟରୁ ଯାହା ନାହିଁ ଉତ୍ତର କାଳରେ ତାହା ହେବା ଆଦୌ ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଗୋରୀ ପାଇଁ ...

ପୁଣି ମିଳନର ସୁଯୋଗ ଦିଆଗଲା। ହେଲେ ଗୋରୀ ହାଇଦ୍ରାବାଦର କୁମ୍ଭୀର ସହ ମିଳନ ପରିବର୍ତ୍ତେ ସଂଘର୍ଷ କରିଥିଲା। ଗୋରୀ ଆକ୍ରମଣରେ କୁମ୍ଭୀରଟିର ମୃତ୍ୟୁ ଘଟିଥିଲା। ୨୯ ବର୍ଷ ପୂର୍ବେ ଗୋରୀର ମାତୃତ୍ୱ ପାଇଁ ଅଷ୍ଟ୍ରେଲିଆରୁ ରଏଟର ନାମକ ଏକ ବିଦେଶୀ ଅଣ୍ଡିରା କୁମ୍ଭୀର ଅଣାଯାଇ ଗୋରୀ ସହ ମିଳନର ସୁଯୋଗ ଦିଆଗଲା। ଗୋରୀ ମଧ୍ୟ ସେହି କୁମ୍ଭୀରକୁ ପ୍ରତ୍ୟାଖ୍ୟାନ କଲା। ଏବେ ଗୋରୀକୁ ଆବଦ୍ଧ ପୋଖରୀରୁ ମୁକ୍ତ କରାଯାଇ ଜାତୀୟଉଦ୍ୟାନର ନଦୀ ମଧ୍ୟରେ ଛଡାଯିବ କି ନାହିଁ ଏ ନେଇ ଗବେଷଣା କରାଯିବ। ଅପରପକ୍ଷରେ ଗୋରୀର ମାତୃତ୍ୱ ପାଇଁ ଚଳିତବର୍ଷ ଗଣନା ପରେ ଏକ ବିଶେଷଜ୍ଞ ଟିମ୍ ଗୋରୀ ସମ୍ବନ୍ଧରେ ସ୍ୱତନ୍ତ୍ର ତଥ୍ୟ ସଂଗ୍ରହ କରିବେ। ଭିତରକନିକା ଜାତୀୟଉଦ୍ୟାନ ସୀମା ବାହାରୁ ଗୋରୀର ସମସାମୟିକ ଏକ ଅଣ୍ଡିରା କୁମ୍ଭୀରକୁ ମିଳନର ସୁଯୋଗ ଦିଆଯିବା ନେଇ ପ୍ରକ୍ରିୟା ଆରମ୍ଭ ହେବ ଜଣାପଡିଛି। ସୂଚନାଯୋଗ୍ୟ, ଶଙ୍ଖୁଆ କୁମ୍ଭୀର ଗୋରୀକୁ ୧୯୮୪ରେ ସେତେବେଳର ଭାରତର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଦେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଭିତରକନିକାରୁ ଏକ ସ୍ୱତନ୍ତ୍ର ବିମାନରେ ଗୋରୀକୁ ଭୁବନେଶ୍ୱର ନିଆଯାଇଥିଲା। ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଗାନ୍ଧୀ ଗୋରୀକୁ ଦେଖି ବିମୋହିତ ହୋଇଯାଇଥିଲା। ୨୦୧୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡା ଭୁବନେଶ୍ୱରରେ ପାଳନ ହେଉଥିବା ବେଳେ ଗୋରୀକୁ ମାସ୍କଟ କରାଯାଇଥିଲା। ସେତେବେଳେ ଗୋରୀକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚାର ବାତାବରଣ ସୃଷ୍ଟି ହୋଇଥିଲା। ଏବେ ଗୋରୀ ପାଇଁ ସାଥୀ ଖୋଜାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି।

# ପ୍ରଥମ ପୃଷ୍ଠାରୁ...

## ଇଣ୍ଡୋନେସିଆ ଭୂକମ୍ପରେ ...

ତମ୍ବୁରେ ରଖାଯାଇଛି। ସେହିପରି ୧୫ ହଜାର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ଥଇଥାନ କରାଯାଇଛି। ପଶ୍ଚିମ ସୁଲୋୱେସି ପ୍ରଦେଶର ମାଜେନେ ସହରର ୩ କି.ମି. ଉତ୍ତରପୂର୍ବରେ ଓ ୧୦ କି.ମି. ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଭୂକମ୍ପ ପରେ ଉକ୍ତ ଅଞ୍ଚଳରେ ୨୮ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଛି। ୪୨ ମୃତକଙ୍କ ମଧ୍ୟରୁ ଅଧିକାଂଶ ମାମୁଜୁର ହୋଇଥିବାବେଳେ ମାଜେନେ ଜିଲାରେ ମଧ୍ୟ କେତେଜଣଙ୍କ ମୃତ୍ୟୁ ଘଟିଛି। ଭୂକମ୍ପ ଫଳରେ ୩ଟି ସ୍ଥାନରେ ଭୂସ୍ଖଳନ ଘଟିଛି। ବିଦ୍ୟୁତ ଯୋଗାଣ ବ୍ୟାହତ ହେବା ସହ କେତେକ ବ୍ରିଜ୍ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଲାଗିରହିଥିବାରୁ ବାସହରା ଲୋକଙ୍କ ଦୁଃଖ ବଢ଼ାଇଦେଇଛି। ତେବେ ସୁନାମୀ ସତର୍କ ସୂଚନା ଜାରି କରାଯାଇନାହିଁ। ପଶ୍ଚାତ କମ୍ପନ ଜାରି ରହିଥିବାରୁ ସୁନାମୀ ଆସିବା ଭୟରେ ଲୋକେ ମାମୁଜୁ ଛାଡ଼ି ପାର୍ବତ୍ୟାଞ୍ଚଳକୁ ପଳାଇଯାଇଛନ୍ତି।

## କେନ୍ଦ୍ର-କୃଷକ ବୈଠକ...

କୃଷକ ସଙ୍ଗଠନର ପ୍ରତିନିଧି ଭାଗନେଇଥିଲେ। ଆନ୍ଦୋଳନରତ ଚାଷୀ ସଙ୍ଗଠନଗୁଡ଼ିକର ନେତାମାନେ କେନ୍ଦ୍ରର ୩ କୃଷି ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ନିଜ ଦାବି ଦୋହରାଇଥିଲେ। ସରକାର ସେମାନଙ୍କୁ ଅଧିକ ନରମ ହେବାକୁ ପରାମର୍ଶ ଦେଇଥିଲେ ଏବଂ କୃଷି ଆଇନରେ ଆବଶ୍ୟକ ସଂଶୋଧନ ପାଇଁ ରାଜି ଥିବା ଅବଗତ କରାଇଥିଲେ। ତେବେ ପ୍ରାୟ ୫ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ପୂର୍ବ ଭଳି କୌଣସି ବିଷୟରେ ସହମତି ପ୍ରକାଶ ପାଇ ନ ଥିଲା। ସରକାର ୩ ଆଇନ ଉଚ୍ଛେଦ ପାଇଁ ରାଜି ହୋଇ ନ ଥିଲେ। ଆଲୋଚନା ଆରମ୍ଭରେ ତୋମାର କହିଥିଲେ, ଆମେ ଆପଣମାନଙ୍କ ଅନେକ ଦାବିକୁ ଗ୍ରହଣ କରିଛୁ। ଏହାସତ୍ତ୍ୱେ କୃଷି ଆଇନକୁ ନେଇ କେନ୍ଦ୍ର ସରକାର ନିଜ ଜିଦ୍‌ରେ ଅଟଳ ଥିବା ଓ ଏହାକୁ ଏକ ଅହଂକାରର ପ୍ରସଙ୍ଗରେ ପରିଣତ କରିଥିବା ଆପଣମାନେ କହିଚାଲିଛନ୍ତି। କିନ୍ତୁ ଆପଣମାନେ ମଧ୍ୟ ନରମ ହେବା ଆବଶ୍ୟକ। କୃଷି ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଉ ବୋଲି ଅଡ଼ିବସିବା ଅନୁଚିତ। ଫଳରେ ଆସନ୍ତା ୧୯ ତାରିଖ ମଧ୍ୟାହ୍ନ ୧୨ଟାରେ ପୁନର୍ବାର ବୈଠକ କରିବାକୁ ନିଷ୍ପତ୍ତି ହୋଇଥିବା ଚାଷୀ ନେତା ଯୋଗିନ୍ଦର ସିଂ ଉଗ୍ରହନ୍ ସୂଚନା ଦେଇଛନ୍ତି। ବୈଠକରେ ସାମିଲ ଥିବା ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋଅର୍ଡିନେଶନ କମିଟି (ଏଆଇକେଏସ୍‌ସିସି) ସଦସ୍ୟା କବିତା କୁରୁଗନ୍ତି କହିଛନ୍ତି, ଉଭୟ ସରକାର ଓ କୃଷକ ସଙ୍ଗଠନଗୁଡ଼ିକ ପ୍ରତ୍ୟକ୍ଷ ଆଲୋଚନା ପ୍ରକ୍ରିୟା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟତମ ଚାଷୀ ନେତା ରାକେଶ ଟିକାଏତ କହିଛନ୍ତି, କୋର୍ଟଙ୍କ ଜରିଆରେ ନୁହେଁ, ବରଂ ଆଲୋଚନା ମାଧ୍ୟମରେ ସମାଧାନ ସୂତ୍ର ବାହାର କରାଯିବା ଉଚିତ ବୋଲି ସରକାର ଆମକୁ କହିଛନ୍ତି। ଆମେ ମଧ୍ୟ ଏଥିରେ ଏକମତ। ସମାଧାନର କିଛି ବାଟ ବାହାରିପାରେ। ପ୍ରକାଶ ଯେ, ୨୦୨୦ ସେପ୍ଟେମ୍ବରରେ କେନ୍ଦ୍ର ସରକାର ୩ଟି ନୂଆ କୃଷି ଆଇନ ଆଣିଥିଲେ। ଏହାଦ୍ୱାରା ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ହରାଇବେ ଏବଂ ସେମାନଙ୍କ ମୂଲଚାଲ କ୍ଷମତା ରହିବ ନାହିଁ ବୋଲି ଆଶଙ୍କା କରି ଆଇନକୁ ହଟାଯାଉ ବୋଲି ଦାବି କରୁଛନ୍ତି। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟର ହଜାର ହଜାର ଚାଷୀ ଦିଲ୍ଲୀ ସଂଲଗ୍ନ ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ଶୀତ କାକର ସହି ୫୧ ଦିନ ଧରି ଆନ୍ଦୋଳନ ଚଳାଇଛନ୍ତି। ଅଚଳାବସ୍ଥା ଦୂର କରିବା ପାଇଁ ଜାନୁୟାରୀ ୮ରେ କେନ୍ଦ୍ର ଓ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ଅଷ୍ଟମ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଥିଲା। ବିବାଦୀୟ ଆଇନକୁ ସମ୍ପୂର୍ଣ୍ଣ ଭାବେ ହଟା ନ ଯିବା ଯାଏ ଘରକୁ ଫେରିବୁ ନାହିଁ ବୋଲି କୃଷକମାନେ ଅଡ଼ିବସିଛନ୍ତି।

## ନବୀନ ପୁଣି ...

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସପ୍ତମ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜସିଂ ଚୌହାନ ଅଷ୍ଟମ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ନବମ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଦଶମ ସ୍ଥାନରେ ରହିଛନ୍ତି। କୋଭିଡ୍ ପରିଚାଳନା ଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ଓ ଜୀବନ ବଞ୍ଚାଇବା କ୍ଷେତ୍ରରେ ଲୋକମାନେ ନବୀନଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ଯେତେବେଳେ ରାଜ୍ୟର ଅର୍ଥନୀତି ଦୁର୍ବଳ ହୋଇପଡିଥିଲା, ସେତେବେଳେ ମଧ୍ୟ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କରିଛନ୍ତି। ଯେତେବେଳେ ଲୋକମାନେ ଜୀବନ ଜୀବିକା ହରାଇଛନ୍ତି ସେତେବେଳେ ନବୀନଙ୍କୁ ଭରସା କରିଛନ୍ତି। ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବା ସହ ଦୁର୍ନୀତି ବିରୋଧୀ ଛବି ନବୀନଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ କରିଛି। ପୂର୍ବରୁ ନବୀନ ଅନେକ ଥର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏବେ ବି ତାଙ୍କ ଛବି ଅମଳିନ ରହିଛି।

## ଶୁଭାରମ୍ଭ କରିବେ ...

ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ କୋଟି ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀଙ୍କୁ ସ୍ୱଦେଶୀ କୋଭିଡ୍ ଟିକା କୋଭିଶିଲ୍ଡ ଓ କୋଭାକ୍ସିନ୍ ପ୍ରଦାନ କରାଯିବାକୁ ଯୋଜନା ହୋଇଛି। ଶନିବାର ପ୍ରତି ଟିକା କେନ୍ଦ୍ରରେ ପ୍ରାୟ ୧୦୦ ଜଣଙ୍କୁ ଟିକା ଦିଆଯିବ। ପ୍ରଥମ ପର୍ଯ୍ୟାୟ ଟିକାକରଣ କାର୍ଯ୍ୟକ୍ରମ କିଛିଦିନ ମଧ୍ୟରେ ଶେଷ ହେବ। ଭାରତରେ କରୋନା ମହାମାରୀରେ ଏପର୍ଯ୍ୟନ୍ତ ୧ କୋଟି ୫ ଲକ୍ଷ ୨୭ ହଜାର ସଂକ୍ରମିତ ହୋଇଥିବାବେଳେ ପାଖାପାଖି ୧.୫୨ ଲକ୍ଷ ପ୍ରାଣ ହରାଇଛନ୍ତି।

## ଟିକାକରଣ...

ଜିଲା ଚିକିତ୍ସାଧିକାରୀ, ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଜଣାଇଛନ୍ତି। ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ଟିକା ଦିଆଯିବ ନାହିଁ। ସେହିଭଳି ଅସୁସ୍ଥ ବ୍ୟକ୍ତି ଓ ଚିକିତ୍ସାଧୀନ ଲୋକଙ୍କୁ ମଧ୍ୟ ଟିକା ମିଳିବ ନାହିଁ। ଯଦି ଜଣେ ବ୍ୟକ୍ତି ୧୪ ଦିନ ଭିତରେ କୌଣସି ଟିକା ନେଇଥିବେ, ତା'ହେଲେ ତାଙ୍କୁ କୋଭିଡ୍ ଟିକା ମନା। ସେହିଭଳି କୋଭିଡ୍ ଲକ୍ଷଣ ଥିଲେ ସୁସ୍ଥ ହେବାର ୫ରୁ ୮ ସପ୍ତାହ ମଧ୍ୟରେ ଟିକା ନେଇପାରିବେ।

ଟିକାକରଣକୁ ନେଇ ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ଟିକାକରଣ ପ୍ରକ୍ରିୟା ନୂଆ କଥା ନୁହେଁ। ଆମେ ୧୯୮୫ରୁ ଟିକାକରଣ କରିଆସୁଛୁ। କରୋନା ଟିକାକରଣ ହେଉଛି ସେହି ପ୍ରକ୍ରିୟାର ଅନ୍ୟ ଏକ ଫର୍ମାଟ୍। ଟିକା କଲେକ୍ସନ ହେବ। ଟ୍ରାନ୍ସପୋର୍ଟେଶନ ପରେ ଟିକା ଦିଆଯିବ। ଏହି ମାଧ୍ୟମରେ ପୂର୍ବରୁ ମଧ୍ୟ ଟିକାକରଣ ହୋଇଛି। ଏହା କେବଳ ନୂଆ ଏଥି ପାଇଁ କୁହାଯାଇପାରିବ ଯେ, ପଞ୍ଜୀକରଣ କୋ-ୱିନ୍ ମାଧ୍ୟମରେ ହୋଇଛି।

ଏହି ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ 'କୋଭିଶିଲ୍ଡ' ଓ 'କୋଭାକ୍ସିନ' ଦୁଇଟି ଟିକା ପ୍ରସ୍ତୁତ ରହିଛି। ରାଜ୍ୟକୁ କୋଭିଶିଲ୍ଡର ୪ ଲକ୍ଷ ୮ ହଜାର ଡୋଜ୍ ଏବଂ କୋଭାକ୍ସିନର ୨୦ ହଜାର ଡୋଜ୍ ଆସିଛି। ଭୁବନେଶ୍ୱରରେ କୋଭାକ୍ସିନ ଓ ଅନ୍ୟ ସବୁଠି 'କୋଭିଶିଲ୍ଡ' ଟିକା ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାକୁ ଆସିଥିବା ଟିକାକୁ ୧,୯୨,୫୫୫ଜଣ ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଛି।

## ପଡ଼ୋଶୀଙ୍କୁ ଦିଆଯିବ ...

ବ୍ୟାଚ୍ କୋଭିଡ୍ ଟିକା ପଠାଯିବ। ଏହା ପରେ ସରକାର ଦକ୍ଷିଣ ଆମେରିକା, ଆଫ୍ରିକା ଓ ପୂର୍ବତନ ସୋଭିଏଟ୍ ରିପବ୍ଲିକ୍‌ସକୁ ଟିକା ପଠାଇବେ। ମହାମାରୀ କବଳିତ ଦକ୍ଷିଣ ଏସୀୟ ଦେଶଗୁଡ଼ିକୁ ସହାୟତାର ହାତ ବଢ଼ାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକା ଉତ୍ପାଦନରେ ଭାରତର ନେତୃତ୍ୱର ଫାଇଦା ଉଠାଇବା ପାଇଁ ଚାହୁଁଛନ୍ତି। ଚାଇନା ମଧ୍ୟ ଏହାର ଟିକା ବିଭିନ୍ନ ଦେଶକୁ ପଠାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଏକାଦଶ ଚନ୍ଦ୍ର ସଙ୍ଗକୁ କର୍ମସ୍ଥଗ୍ରହ ପ୍ରଭାବରୁ ଅଟକି ରହିଥିବା କାମ ସମ୍ପନ୍ନ କରିପାରିବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ କିନ୍ତୁ ଶନି କ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ମାନସିକ ସ୍ଥିରତା ରହି ନ ପାରେ । ଜମିଜମା, କଳ କାରଖାନା, ଜଳ, ତୈଳ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ ।

**ବୃଷ** ତୃତୀୟାଧିପ ସ୍ୱଗୃହରୁ ଅଷ୍ଟମସ୍ଥ ହେତୁ ସମ୍ପର୍କୀୟମାନେ ବିରୁଦ୍ଧାଚରଣ କରିବେ। କର୍ମଭାବର ଶୁଭତ୍ୱ କାର୍ଯ୍ୟ ସାଧନରେ କୌଣସି ସମସ୍ୟା ସୃଷ୍ଟି କରିବନାହିଁ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡିପାରେ। ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବିଶେଷତଃ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ମିଥୁନ** ଧନାଧିପ ଭାଗ୍ୟସ୍ଥ ହେତୁ ଅର୍ଥଲାଭର ସୁଯୋଗ ସୃଷ୍ଟିହେବ। ପାରିବାରିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ଝମେଲା ଅଧିକ ବଢି ଯାଇପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କିଛି ନୂତନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ଯାନବାହନ ଚାଳନା ସମୟରେ ସତର୍କ ରୁହନ୍ତୁ।

**କର୍କଟ** ଆଜି ଅଷ୍ଟମଚନ୍ଦ୍ର ଆପଣଙ୍କୁ ଅନ୍ୟମନସ୍କ କରାଇପାରେ। ପୁରୁଣା ରାଗକୁ ଶୁଝାଇବା ସକାଶେ କେହି ବିନା କାରଣରେ ଅଭିଯୋଗ ଆଣିପାରନ୍ତି । ସ୍ତ୍ରୀଙ୍କ ସହ ଆଲୋଚନା କରି କୌଣସି କାମ କରିବା ଭଲ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଓ କଳା, ସାହିତ୍ୟରେ ଉନ୍ନତି କରିବେ ।

**ସିଂହ** ପାରିବାରିକ କଳହ ସନ୍ତାନଙ୍କ ଦ୍ୱାରା ସମାଧାନ ହୋଇପାରିବ। ଟଙ୍କା ପଇସାର ଅଭାବ ଓ ଧାର କରଜ ହେତୁ ମନ ବିବ୍ରତ ହେବ। ଇଚ୍ଛା ତ ଥାଇ ଦୂରସ୍ଥାନକୁ ଯିବାପାଇଁ ବାଧ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ ।

**କନ୍ୟା** କେତୁଙ୍କ କୁପ୍ରଭାବରୁ କୌଣସି ଅପରିଚିତ ଲୋକ ମିତ୍ରତା ଛଳରେ ପାଖେଇ ଆସିପାରେ। ଅର୍ଥନୈତିକ, ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ପାଇପାରି ନ ଥିବା ଜିନିଷଟି ପାଇ ଖୁସି ହେବେ।

**ତୁଳା** ଗୁରୁକ୍ଷେତ୍ରସ୍ଥ ଶୁକ୍ର ନୂତନ କର୍ମାରମ୍ଭ ପାଇଁ ଆପଣଙ୍କୁ ଅନୁପ୍ରେରିତ କରିବ। ଅବହେଳାଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜିର ଚତୁର୍ଥଚନ୍ଦ୍ରଜନିତ ବିଭିନ୍ନ ପ୍ରକାରର ସମସ୍ୟାରେ ପଡ଼ି ବିରସ ମନରେ ରହିବାକୁ ପଡିପାରେ । କୌଣସି ସାଧାରଣ ଘଟଣାକୁ ନେଇ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସଭା ସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି ।

**ଧନୁ** ଶୁକ୍ରଙ୍କ ସୁପ୍ରଭାବରୁ ହସଖୁସିରେ ସମୟ ଅତିବାହିତ ହେବା ସଙ୍ଗକୁ ମନୋରଞ୍ଜନର ମଉକା ମିଳିପାରେ। ଅନ୍ୟମାନଙ୍କ କଥା ଅଯଥା ଚିନ୍ତା କରି ମନ ଅଶାନ୍ତ ରହିପାରେ। ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**ମକର** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରି ଶାରୀରିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆତ୍ମୀୟଙ୍କ ଅସୁସ୍ଥତା ବିଚଳିତ କରିବ।

**କୁମ୍ଭ** ଆଜି ଷଷ୍ଠାଧିପ ରାଶିରେ ସ୍ୱାସ୍ଥ୍ୟହାନି, ଶତ୍ରୁତା କିମ୍ବା ଋଣବୋଝରୁ ମନ ଦୋଦୁଲ୍ୟମାନ ରହିବ। ପୂର୍ବାଷାଢା ନକ୍ଷତ୍ର ଯୁଆଡେ ଯାଆନ୍ତୁ ସଫଳତା ଅବଶ୍ୟ ପାଇବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବା ସହ ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବ।

**ମୀନ** ଦ୍ୱିତୀୟସ୍ଥ ମଙ୍ଗଳ ହେତୁ ଟିକିଏ ଟିକିଏ କଥାରେ ରାଗି କାହାକୁ କିଛି କହିଦେବା ସମସ୍ୟାର କାରଣ ହୋଇପାରେ। ଅତୀତକୁ ନେଇ ମନ ଭାରାକ୍ରାନ୍ତ ରହିବା ସହ ପାରିବାରିକ ପ୍ରତିରୋଧ ହେତୁ କାମ ଅଟକି ଯିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ । ପୂର୍ବାଲୋଚନା ଅନୁଯାୟୀ ଆଜିର ଆନୁଷ୍ଠାନିକ କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ପୌଷ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଶନିବାର, ଜାନୁୟାରୀ ୧୬ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦.୦୭ମି. ଗତେ ଘ.୦୧.୦୨ମି. ମଧ୍ୟେ, ରାତ୍ରି ଘ.୦୮.୦୧ମି. ଗତେ ଘ.୧୦.୩୩ମି. ମଧ୍ୟେ, ଘ.୧୨.୨୨ମି. ଗତେ ଘ.୦୨.୦୭ମି. ମଧ୍ୟେ, ଘ.୦୨.୫୯ମି. ଗତେ ଘ.୦୪.୪୩ମି. ମଧ୍ୟେ ଅମୃତବେଳା। ଦିବା ଘ. ୦୯.୧୨ମି. ଗତେ ଘ.୧୦.୩୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Hyundai Xcent 2017 with OLA attached well condition 5,20,000/- (Negotiable). 8249533255. D-69362




**SALE**

2BHK simplex 30,00,000/- finishing Hanspal, Gharabari plot Atala (Hanspal)-8093465134. D-69675

**3000sqft. plot for immediate sale at Jagamara (Near ITER College) & 2900sqft. plot sale at Jharpada, Bhubaneswar, buyers contact- DEEPAK- 9937329999.** D-69961

Bhubaneswar ସମ୍ ହସ୍ପିଟାଲ୍ ଗୋପାଟଣା ନିକଟରେ ଘରବାରି ପ୍ଲଟ୍ କିଣନ୍ତୁ। Sqft. 1300/-. 9861709689. D-19589

**Ready to move Duplex for sale at DHPL Villa One Kalarahanga starting at 70 lakhs. Contact 9937059891.** D-19591

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70094

ଭୁବନେଶ୍ୱର ସୁନ୍ଦରପଦା **Hi-Tech** ଛକ ପାଖରେ ଘରବାରି **boundary wall plot** ମିଳୁଅଛି। **8338932027.** D-70156

Leading Doctor desires 5400 Sqft. Sthitiban GA Plot preferably corner plot in Kalinga Nagar, Bhubaneswar for early registration. Contact: 9937156262. D-19580

ଘରବାରି ପାଚେରି **Scheduledcaste plot Trinath Bazar** ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅରୁଗୁଳ **station 2000sqft. 4,40,000/-, 9439006524, 9861281504.** D-69361

**Gharabari Plot sale Kateni, Near Vikas School sqft.550/-. 9337766961, 8260171343.** D-19565

ଭୁବନେଶ୍ୱର **Sum Hospital**ରୁ **6K.M. distance NH**କୁ ଲାଗି **boundary, electricity, Patta, gharabari and Water connection** ସହ **30'** ରାସ୍ତା ଥାଇ **sqft. 1200/- plot** ମିଳୁଛି। **9090963952.** D-70154

Residential house-1BHK and 3BHK with Parking near Cosmopolis, KHANDAGIRI for RENT. Contact: 9437151019/ 9437489455. D-19592

**Ready to move 1BHK at DHPL Villa One Kalarahanga. Cost 2300000/- Contact 9937059891** D-19506

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**3BHK flat super built area 1375 @ near Hanspal 45lakh. 9438299931.** D-70157

ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା **30' road, electric** ସୁବିଧା ଥାଇ **@ 9,00,000** ମିଳୁଛି। **9777566675.** D-70149

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**Bhubaneswar Sum Hospital Gurukul** ପାଖରେ **yellowzone gharabari plot** ବିକ୍ରି କରାଯାଉଅଛି। **9439206202.** D-70150

**Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562

Contact for House Construction (Simplex/ Duplex/ Apartment) with Interior Design from the experts. MPlanets-7008550473. D-19527

ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଟିରେ ଘରବାରି ପ୍ଲଟ୍ ମିଳୁଅଛି। **(Bank finance available) 9439902721, 9090432721.** D-70143

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

**Tankapani road Sai** ମନ୍ଦିର ନିକଟରେ **demarcated, developed gharabari plot** କିଣନ୍ତୁ। **7008492511.** D-69359

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

**Plot Hanspal sqft.-750/, Rangabazar sqft. 899/-, Madanpur sqft. 760/-, Sundarpada sqft. 199/. 9437522338.** D-19563




Ground floor one roomed independent house, Laxmi Sagar, Bhubaneswar. 9625392682, 9437557580. D-69473

1200sqft. Hall at 1st floor near new Bus Stand, Nimapada for Bank, Office & others. Parking available. Contact: 9668470043. D-19585




Newly open SPA offer @799/-, positively health benefits, Jaydev Bihar. 7846814019. D-59974

Swarna SPA newly open positively health benefits with expert therapist. 9556978408. D-70088

Refreshing your mind & body with best therapy at Lotus SPA. 8018234866. D-70411

Rejuvenate and Ayurvedic full body massage by smart therapist. 9348123330. D-70089

Revitalize your self with our ayurvedic massage and refreshment, Call: 7381239385. D-70091

Experience full body massage with expert therapists. Call: 7377048581. D-70092

Only for 300 body massage ladies and gents therapist. 9583808247. 19594 D-19594

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ରାମ ମନ୍ଦିର ଲାଗି ସହଯୋଗ ଲୋଡ଼ିଲେ ଧର୍ମେନ୍ଦ୍ର**

ଭୁବନେଶ୍ୱର,(ବ୍ୟୁରୋ): ଅଯୋଧ୍ୟାରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ପାଇଁ ଓଡ଼ିଶା ଭକ୍ତମାନଙ୍କ ସହଯୋଗ ପ୍ରାପ୍ତି ଅଭିଯାନ ଆରମ୍ଭ ହୋଇଛି। ମକର ସଂକ୍ରାନ୍ତିରୁ ଓଡ଼ିଶା ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତର ଏହି ଅଭିଯାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି। ସେହିପରି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ରାଜ୍ୟପାଳ ଗଣେଶୀ ଲାଲ ମଧ୍ୟ ଏଥିରେ ସାମିଲ ହେବା ଖୁସିର ବିଷୟ ବୋଲି ଧର୍ମେନ୍ଦ୍ର ଟୁଇଟ୍ କରି କହିବା ସହ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାରେ ୩୦ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ସମସ୍ତେ ସହଭାଗୀ ହେବା ଆବଶ୍ୟକ। ଓଡ଼ିଶାବାସୀଙ୍କୁ ଏଥିଲାଗି ସହଯୋଗ କରିବାକୁ ଧର୍ମେନ୍ଦ୍ର ନିବେଦନ କରିଛନ୍ତି।

# ଦିଲ୍ଲୀ ଗଲେ ୫୦୦ ଚାଷୀ

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**

ନୂତକ କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଷୀ ଆନ୍ଦୋଳନ ଚାଲିଛି। ଏହାକୁ ସମର୍ଥନ ଜଣାଇ ଶୁକ୍ରବାର ଓଡ଼ିଶାରୁ ପାଖାପାଖି ୫୦୦ ଚାଷୀ ବସ୍ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଚାଲିଥିବା ଚାଷୀ ଆନ୍ଦୋଳନରେ ନବନିର୍ମାଣ କୃଷକ ସଙ୍ଗଠନ ଏକ ସକ୍ରିୟ ଜାତୀୟ ସଙ୍ଗଠନର ଭୂମିକା ନେଇଛି। ଏହାର ମୁଖ୍ୟ ତଥା ଜାତୀୟ ସଂଯୋଜକ ଅକ୍ଷୟ କୁମାର ଦିଲ୍ଲୀରେ ମାସାଧିକ କାଳ ଆନ୍ଦୋଳନରେ ରହିବା ସହ ଦୁଇଥର କେନ୍ଦ୍ର ସରକାରଙ୍କ ସହ ଆଲୋଚନାରେ ଭାଗ ନେଇଛନ୍ତି। ତେବେ ଦିଲ୍ଲୀ ଯାତ୍ରା ପୂର୍ବରୁ ଲୋୟର ପିଏମ୍‌ଜିରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କୃଷକ ନେତାଙ୍କ ସମେତ ସଙ୍ଗଠନର ଉପଦେଷ୍ଟା ରବି ଦାସ ଚାଷୀଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ଚାଷୀଙ୍କ ଯୋଗଦାନ ଚାଷୀ ଆନ୍ଦୋଳନକୁ ତେଜିଆନ କରିବ ବୋଲି କହିଥିଲେ। ଅକ୍ଷୟ କୁମାର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଲେ, କେନ୍ଦ୍ର ସରକାର ଆଲୋଚନା ନାଁରେ ତାରିଖ ଗଡ଼ାଇ ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯେଉଁ ଅପଚେଷ୍ଟା କରୁଛନ୍ତି ତାହା କେବେ ସଫଳ ହେବ ନାହିଁ। ଲମ୍ବା ଲଢ଼େଇରେ ଚାଷୀଙ୍କ ଐତିହାସିକ ବିଜୟ ହେବ। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ, ବିଷ ଲଡୁ ଧରି ମୂଷାଙ୍କୁ ଯେମିତି ମରାଯାଏ ସେମିତି କଳା କାନୁନ୍ ମାଧ୍ୟମରେ କେନ୍ଦ୍ର ସରକାର ଚାଷୀଙ୍କୁ ମାରିବା ପାଇଁ ଅଭିଯାନ ଚଳାଇଛନ୍ତି। ଏହାର ଦୃଢ଼ ଜବାବ ଦେବା ପାଇଁ ଓଡ଼ିଶାର ଚାଷୀ ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନ ଗୋଟିଏ ଦୁଇଟି ରାଜ୍ୟର ଆନ୍ଦୋଳନ ନୁହେଁ ବୋଲି ଓଡ଼ିଶା ଲୋକେ ଦିଲ୍ଲୀରେ ପହଞ୍ଚି ପ୍ରମାଣ କଲେଣି। ଚାଷୀ ଆନ୍ଦୋଳନର ନିଆଁକୁ କେନ୍ଦ୍ର ସରକାର ଭବିଷ୍ୟତରେ ରୋକିପାରିବେ ନାହିଁ ବୋଲି ସେ କହିଥିଲେ। ସମାବେଶରେ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ରଶ୍ମିରଞ୍ଜନ ସ୍ୱାଇଁ, ଉମାକାନ୍ତ ଭାରତ ଓ ଯୁବଛାତ୍ର ସଂଯୋଜକ ମନୱାର ଅଲ୍ଲୀ ଯୋଗ ଦେଇଥିଲେ। ଏହି ଯାତ୍ରା କୋଲକାତା, ରାଞ୍ଚି, ଉତ୍ତର ପ୍ରଦେଶ ଦେଇ ଦିଲ୍ଲୀରେ ପହଞ୍ଚିବ। ଜାନୁୟାରୀ ୨୬ରେ ଟ୍ରାକ୍ଟର ପରେଡ୍‌ରେ ଚାଷୀମାନେ ସାମିଲ ହେବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଜାତୀୟ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ।



ଦିଲ୍ଲୀ ଯାତ୍ରା ପୂର୍ବରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ସମାବେଶରେ ନବ ନିର୍ମାଣ କୃଷକ ସଂଗଠନର ଜାତୀୟ ସଂଯୋଜକ ଅକ୍ଷୟ କୁମାର ଚାଷୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

**ଆନ୍ଦୋଳନରେ ଚାଷୀଙ୍କ ଐତିହାସିକ ବିଜୟ ହେବ: ଅକ୍ଷୟ କୁମାର**





STOVEKRAFT HOME & KITCHEN SOLUTIONS
Sales - Khurda: 7978519791 Sambalpur: 7008054936 Kesinga: 7008490805
Berhampur: 8280018647 Rourkela: 9937287437 Angul/Cuttack: 8249214726

# ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ ଅଫିସ,୧୫।୧**


**ଅଭୟକାନ୍ତ, ଆକାଶଙ୍କ ଜାମିନ ଆବେଦନ ମାମଲା**

ନିଲମ୍ବିତ ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକ ଏବଂ ତାଙ୍କ ପୁଅ ଆକାଶ ପାଠକଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ଶେଷ ହୋଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାସ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ପୂର୍ବରୁ ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ହାଇକୋର୍ଟରେ କେସ୍ ଡାଏରୀ ଦାଖଲ କରାଯାଇଥିଲା। ଏଥିସହ ଯୁକ୍ତି ଉପସ୍ଥାପନ କରାଯାଇ ଉଭୟଙ୍କ ଜାମିନ୍ ଆବେଦନକୁ ବିରୋଧ କରାଯାଇଥିଲା। ତଦନ୍ତ ଏବେ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ତେଣୁ ବର୍ତ୍ତମାନ ସ୍ଥିତିରେ ଜାମିନ ପ୍ରଦାନ କରାଗଲେ ତଦନ୍ତ ପ୍ରଭାବିତ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା।

ମାମଲାର ବିବରଣୀରୁ ପ୍ରକାଶ, ଅଭୟକାନ୍ତ ଓ ଆକାଶ ବହୁକୋଟି ଟଙ୍କା ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ଏପରିକି ମହାନଦୀ ଗ୍ରୀନ୍ ମିଶନ ନାଁରେ ଚାରା ରୋପଣରେ କୋଟିକୋଟି ଟଙ୍କାର ଘୋଟାଲା ହୋଇଥିବା ଅଭିଯୋଗ ହୋଇଥିଲା। କରୋନା ସମୟରେ ସେ ଅନେକ ଥର ଚାର୍ଟାର୍ଡ ଫ୍ଲାଇଟ୍ ବ୍ୟବହାର କରିଥିଲେ। ଏଭଳି ଅଭିଯୋଗ ତାଲିକା ଲମ୍ବି ଚାଲିଥିଲାବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିଲା। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ସେ ଜାମିନ୍ ପାଇଁ ଆବେଦନ କରିଥିଲେ। ସେଠାରେ ଜାମିନ୍ ଆବେଦନ ଖାରଜ ହେବାପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ଟାଟା କମ୍ପାନୀରେ ଚାକିରିର ଲୋଭ ଦେଖାଇ ଆକାଶ ଅନେକ ଲୋକଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଆକାଶଙ୍କୁ ଗିରଫ କରାଯିବା ପରେ କ୍ରାଇମବ୍ରାଞ୍ଚ୍ ତାଙ୍କୁ ରିମାଣ୍ଡରେ ନେଇଥିଲା। ସେ ନିମ୍ନ ଅଦାଲତରେ ଜାମିନ୍ ପାଇଁ ଆବେଦନ କରିଥିଲେ। ସେଠାରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଶ୍ରୀମନ୍ତ ଦାସ ପରିଚାଳନା କରୁଥିଲେ।

## | ପିକ୍‌ନିକ୍ ସ୍ପଟ୍ |

# ଦୁର୍ଗାପାଢ଼ୁ ଜଳପ୍ରପାତ




ପ୍ରକୃତିର କୋଳରେ ରହିଛି ରାୟଗଡ଼ା ଜିଲା। ନିଆରା କଳା, ସଂସ୍କୃତି, ଆଦିବାସୀ ପରମ୍ପରା ସହ ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ତଥା ପିକ୍‌ନିକ୍ ସ୍ପଟ୍। ଏହା ମଧ୍ୟରେ ଅନ୍ୟତମ ଦୁର୍ଗାପାଢ଼ୁ ଜଳପ୍ରପାତ। ରାୟଗଡ଼ା ଜିଲା ସଦରଠାରୁ ମାତ୍ର ୩୭ କି.ମି. ଦୂର ଓଡ଼ିଶା-ଆନ୍ଧ୍ର ସୀମାରେ ରହିଛି ଏହି ଜଳପ୍ରପାତ। ପାହାଡ଼ ଶିଖରରୁ ଝରି ଆସୁଥିବା ଝରଣାର ଝରଝର ଶବ୍ଦ ସହ ପାହାଡ଼, ଜଙ୍ଗଲ ଘେରା ପରିବେଶ ପର୍ଯ୍ୟଟକଙ୍କୁ ସ୍ୱର୍ଗୀୟ ଅନୁଭୂତି ଦେଇଥାଏ। ପାହାଡ଼ ଭିତର ଦେଇ ଲୋକେ ଜଳପ୍ରପାତକୁ ନିକଟକୁ ଯାଇଥାନ୍ତି। ଜଳପ୍ରପାତର ୨ଟି ଭାଗ ରହିଛି। ଉପରଭାଗ ଅପର ଜଳପ୍ରପାତ ଏବଂ ପାହାଡ଼ ତଳ ଭାଗ ଲୋୟର ଜଳପ୍ରପାତ ଭାବେ ପରିଚିତ। ପୂର୍ବରୁ ରହିଥିବା କାଠର ଅଙ୍କାବଙ୍କା ପ୍ରବେଶ ଦ୍ୱାର ଜଳପ୍ରପାତକୁ ଅଧିକ ଆକର୍ଷଣୀୟ କରିଥାଏ। ରାୟଗଡ଼ା ସହରଠାରୁ ଅଳ୍ପ ଦୂର ହୋଇଥିବାରୁ ଅନେକ ଲୋକ ସପ୍ତାହ ଶେଷରେ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କଏଦ କରିବା ସହ କ୍ୟାମେରାରେ ସେଲ୍‌ଫି ନେବାର ମଜା ଉଠାଇଥାନ୍ତି। ଝରଣାର ଉପର ଭାଗରେ ରହିଥିବା ବଡ଼ ବଡ଼ ପଥର ସ୍ଥାନରେ ଲୋକେ ବଣଭୋଜି କରିଥାନ୍ତି। ଏଠାକୁ ଆସିଲେ ଲୋକେ ନିଜର ସବୁ ଦୁଃଖ ଓ ଅବସାଦ ଭୁଲିଯାଇଥାନ୍ତି। ପାହାଡ଼ରୁ ୪ଟି ସୋପାନରେ ଝରଣା ଜଳ ତଳକୁ ଝରିଆସୁଥିବାର ମନୋଲୋଭା ଦୃଶ୍ୟ ବେଶ୍ ବିମୋହିତ କରିଥାଏ। ଏଠାକୁ ଜିଲା, ରାଜ୍ୟ, ଦେଶ ଏବଂ ବିଦେଶରୁ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ବିଶେଷକରି ବଣଭୋଜି ପାଇଁ ଦୁର୍ଗାପାଢ଼ୁ ଜଳପ୍ରପାତ ନିକଟରେ ଭିଡ଼ ଜମିଥାଏ। ଜିଲା ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଅଞ୍ଚଳର ବିକାଶ ସହ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କଲେ ଏଠାକୁ ଅଧିକ ପର୍ଯ୍ୟଟକ ଆସିବା ସହ ରାଜସ୍ୱ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

**କେମିତି ଯିବେ**

ରାୟଗଡ଼ା ସହରରୁ ଜଳପ୍ରପାତର ଦୂରତା ୩୭ କି.ମି.। ବାହାରୁ ଆସୁଥିବା ପର୍ଯ୍ୟଟକ ରାୟଗଡ଼ା ରେଳ ଷ୍ଟେଶନରେ ପହଞ୍ଚିବା ପରେ ଟ୍ୟାକ୍ସି ଏବଂ ଅଟୋ ଯୋଗେ ଭାୟା ଝୁଲା ବ୍ରିଜ୍ ଏବଂ ପିପିଲିଗୁଡ଼ା ଦେଇ ଦୁଗାପାଢ଼ୁ ଜଳପ୍ରପାତ ନିକଟକୁ ଯାଇପାରିବେ। ସେହିପରି କୋଲନରା ଦେଇ ଯିବାକୁ ହେଲେ ପିପିଲିଗୁଡ଼ା ରାସ୍ତାରେ ମଧ୍ୟ ଯାଇପାରିବେ। ରାମନାଗୁଡ଼ା କିମ୍ବା କୁମୁଦପୁର ଦେଇ ଯିବାକୁ ହେଲେ ଭାୟା ପାଣିଛାତ୍ର ଦେଇ ଯାଇପାରିବେ।

**- ରିପୋର୍ଟ: ଭାଗ୍ୟଶ୍ରୀ ମିଶ୍ର, ରାୟଗଡ଼ା**

# ନକଲି ପାନମସଲା କାରଖାନା ଠାବ: ମାଲିକ ଗିରଫ

**କଟକ ସଦର, ୧୫।୧(ଡି.ଏନ୍.ଏ.)**

**୧୪ କୁଇଣ୍ଟାଲ ଗୁଣ୍ଡି ଓ ରାସାୟନିକ ଦ୍ରବ୍ୟ ଜବତ**

କଟକ ଜିଲା ସଦର ଥାନା ଅଧୀନ ଆମଣ ପଞ୍ଚାୟତର ଶାସୋଳ ଗ୍ରାମରେ ଶୁକ୍ରବାର ପୋଲିସ ଚଢାଉ କରି ନକଲି ପାନମସଲା କାରଖାନା ଠାବ କରିଛି। ସେଠାରୁ ୧୨ କୁଇଣ୍ଟାଲ ନିମ୍ନମାନର ଗୁଣ୍ଡି, ଜର୍ଦ୍ଦା ପ୍ରସ୍ତୁତି ସାମଗ୍ରୀ, ୨ କୁଇଣ୍ଟାଲ ରାସାୟନିକ ଦ୍ରବ୍ୟ, ନାମୀଦାମୀ କମ୍ପାନୀର ଗୁଣ୍ଡି ଓ ଜର୍ଦ୍ଦା ଡବା ଓ ଗୁଡାଖୁ ଜବତ କରାଯାଇଛି। ଏହି ଘଟଣାରେ କାରଖାନା ମାଲିକ ଦୁର୍ଗାଚରଣ ଦଳେଇଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୩୫/୨୧) ରୁଜୁ ହୋଇଛି। ୨୦୦୭ରୁ ଉକ୍ତ କାରଖାନାରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଇ ଜଗତ୍‌ସିଂହପୁର, ଭଦ୍ରକ ସମେତ ସ୍ଥାନୀୟ ହାଟ ଓ ବଜାରରେ ବିକ୍ରି ହେଉଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏହି ଚଢାଉରେ କଟକ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଅନୀତା ସାହୁ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ ମହାନ୍ତି ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ କଟକ ସଦର ଥାନା ଅଞ୍ଚଳରେ ନକଲି ଘିଅ ଓ ଚା'ପତି କାରଖାନା ଉପରେ ପୋଲିସ ଚଢାଉ କରି ବିପୁଳ ପରିମାଣର ସାମଗ୍ରୀ ଜବତ କରିଥିଲା। ସେହିପରି ପୂର୍ବରୁ କଟକ ସହରର ନକଲି ମସଲା, ଘିଅ, ସିମେଣ୍ଟ କାରଖାନାରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ମେଶିନ ଜବତ ହୋଇଥିଲା। ଏଥିସହ ସହରରୁ ଅପମିଶ୍ରିତ ପନିର୍ ମଧ୍ୟ ଜବତ କରାଯାଇଥିଲା।



ଜବତ ନକଲି ପାନମସଲା।

# ୫୦ ଟନ୍ ଲୁହାପଥର ଜବତ

**ବନ, ଖଣି ବିଭାଗର ମିଳିତ ଚଢ଼ାଉ**

**କେନ୍ଦୁଝର,୧୫।୧(ଡି.ଏନ୍.ଏ.):** ବେଶ କିଛି ବର୍ଷ ଖଣି ଚୋରି ବନ୍ଦ ପରେ ଏବେ ପୁଣି ଯୋଡ଼ା ଖଣି ମଣ୍ଡଳରେ ଖଣି ଚୋରି ବଢ଼ିବାରେ ଲାଗିଛି। ବନ୍ଦ ଥିବା ଖଣି ଓ ସଂରକ୍ଷିତ ଜଙ୍ଗଲ ଏବଂ ଓଡ଼ିଶା ସୀମାରେ ଥିବା ଅଞ୍ଚଳରେ ମାଫିଆମାନେ ଖଣି ଚୋରି କରୁଛନ୍ତି। ଗୁରୁବାର ବଡ଼ବିଲ ପୋଲିସ ୩ଟି ୧୨ ଚକିଆ ଟ୍ରକ ଜବତ କରି ୬ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ବନ ଓ ଖଣିବିଭାଗ ମିଳିତ ଭାବେ ଚଢ଼ାଉ କରି ବଡ଼ବିଲ ରେଞ୍ଜ ବଲାଣି ବିଟ୍ ଡୁମରତା ଅଞ୍ଚଳରୁ ୫୦ ଟନ ଲୁହାପଥର ଜବତ କରିଛି। ଏହି ସ୍ଥାନରୁ ନିୟମିତ ଭାବେ ମାଫିଆମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଲୁହାପଥର ବସ୍ତାରେ ପୁରାଇ ରାତିରେ ଛୋଟ ଗାଡ଼ିରେ ଅନ୍ୟତ୍ର ନେଉଥିଲେ। ସେହିପରି ବନ୍ଦ ଥିବା ଅର୍ଜୁନ ଲୋଧା ଖଣିରୁ ନିୟମିତ ମାଙ୍ଗାନିଜ ଚୋରି ହେଉଥିବାବେଳେ ଚୋରି ରୋକିବାରେ ଖଣିବିଭାଗ ବିଫଳ ହୋଇଛି। ଏହି ଚଢ଼ାଉରେ ଏସିଏଫ୍ ଅଜୟ କୁମାର ସାହୁ, ବଡ଼ବିଲ ରେଞ୍ଜର ସୁରଜିତ୍ କୁମାର ସାହୁ, ବଡ଼ବିଲ ଫରେଷ୍ଟର ଦାଶରଥି ଗିରି, ବଲାଣି ଫରେଷ୍ଟ ଗାର୍ଡ ମଳୟ ଜେନା, ହରମଠ ଫରେଷ୍ଟ ଗାର୍ଡ ଦେବଯାନୀ ମହାନ୍ତ, ଜୁନିୟର ମାଇନିଂ ଅଫିସର ଏସ.କେ.ରାଉତ, କଳାକର ବେହେରା, ଦିଲ୍ଲୀପ ମାହାନା, କର୍ମଚାରୀ ଦୁଃଖିଆ ମାଝି ପ୍ରମୁଖ ସାମିଲ ଥିଲେ।

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨୦୦ ପଢିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
Call : 8743935882, 9990553472

**WALK IN INTERVIEW**
For SALES EXECUTIVE & FIELD COLLECTION EXECUTIVE
Age: Below 35 years. Qual. - Minimum +2 & above. All Odisha for TVS CREDIT SERVICE LTD. Freshers are welcome.
Interview: 15th & 18th Jan. 2021.
At: CREATIVE PLAZA BUILDING, 2nd Floor, Rasulgarh, BBSR
Mob.- 8018193046/8249069490
Email: bikramkumar.gouda@tvscredit.com

**ଆବଶ୍ୟକ**
ଲାଇସେନ୍ସ ଥିବା ଛୋଟ ଡାଲା ଗାଡ଼ି ପାଇଁ ଡ୍ରାଇଭର। ଦରମା: 10,000/- - 11,000/-. ଆକାଉଣ୍ଟାଣ୍ଟ (କମ୍ପ୍ୟୁଟର ଜାଣିଥିବା ବି.କମ୍ ପାସ୍)। ଅଭିଜ୍ଞତା ଦେଖି ଦରମା। ଶ୍ରମିକ ପୁଅ/ଝିଅ ଆବଶ୍ୟକ। ଦରମା: 8,000/- - 10,000/-. ରହିବା ସୁବିଧା ଅଛି।
ଶୀଘ୍ର ଯୋଗାଯୋଗ:
9437048854/ 9040150146

**TEACHERS REQUIRED**
FOR ALL SUBJECTS (CBSE)
Utkal International School
At-Banipada, Choudwar, Dist.-Cuttack
Contact No.:
8260719546

**WANTED**
BIKE BULLET MECHANIC FOR VISAKHAPATNAM
WE PROVIDE GOOD SALARY ACCOMMODATION
9492000234
9491694167
VISAKHAPATNAM

# ନିଖୋଜ ଗାଁ ସାଥୀଙ୍କୁ ଖଣ୍ଡ ଖଣ୍ଡ କରି ହତ୍ୟା

**ସୁନ୍ଦରଗଡ,୧୫।୧(ଡି.ଏନ.ଏ.)**

**ବିଭିନ୍ନ ସ୍ଥାନରୁ ମିଳିଲା ଅଙ୍ଗପ୍ରତ୍ୟଙ୍ଗ**

ସୁନ୍ଦରଗଡ ସଦର ବ୍ଲକ କିରେଇ ଗ୍ରାମ ପଞ୍ଚାୟତର ନିଖୋଜ ଗାଁ ସାଥୀ ରମେଶ ସିଂ(୩୫)ଙ୍କୁ ଖଣ୍ଡ ଖଣ୍ଡ କରି ହତ୍ୟା କରାଯାଇଛି। ହତ୍ୟାର କାରଣ ଜଣା ପଡି ନ ଥିବା ବେଳେ ପରକୀୟା ପ୍ରୀତିକୁ ନେଇ ଏହା ଘଟିଥିବା କୁହାଯାଉଛି। ଏହି ଅଭାବନୀୟ ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ଟାଉନ ଥାନା ପୋଲିସ ପୁରୁଣା ଟୋଲଗେଟ୍ ନିକଟବର୍ତ୍ତୀ ଏକ ଧାନବିଲ ମଧ୍ୟରୁ ଏକ କଟା ହାତ ଉଦ୍ଧାର କରିବା ପରେ ତନାଘନା ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଭବାନୀପୁର ଶୀତଳଭଣ୍ଡାର ନିକଟସ୍ଥ ଏକ ପୋଖରୀ ଭିତରୁ ନିଖୋଜ ଥିବା ଗାଁ ସାଥୀ ରମେଶଙ୍କ କଟାମୁଣ୍ଡ, କଟାହାତ, ଗୋଟିଏ ଗୋଡ ଓ ଗଣ୍ଡି ଉଦ୍ଧାର କରିଥିଲା। ହେଲେ ଅନ୍ୟ ଏକ ଗୋଡ ମିଳି ନ ଥିବାରୁ ପୋଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ପୋଖରୀ ପାଣିକୁ ଶୁଖାଇ ଖୋଜାଖୋଜି ଚଳାଇଥିବା ସୂଚନା ମିଳିଛି। ସୁନ୍ଦରଗଡ ଏସପି ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ଆଇଆଇସି ବିବିସ୍ଵ ପ୍ରଧାନ ସଦଳବଳ ଏହି ମାମଲାର ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ଗ୍ରାମସାଥୀ ରମେଶ ଗତ୧୩ ତାରିଖରୁ ନିଖୋଜ ଥିବା ନେଇ ପରିବାର ଲୋକେ ୧୪ ତାରିଖ ସନ୍ଧ୍ୟାରେ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ କଟା ହୋଇଥିବା ତାଙ୍କ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ବିଭିନ୍ନ ସ୍ଥାନରୁ ଉଦ୍ଧାର ପରେ ପୋଲିସ କେଶ ନଂ୨୦/୨୧ରେ ହତ୍ୟା ମାମଲା ରୁଜୁ କରି ହତ୍ୟାକାରୀଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଛି। ପୋଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ସନ୍ଦେହରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ପୋଲିସକୁ ଆକ୍ରମଣ, ଭ୍ୟାନ୍ ପୋଡ଼ି ଘଟଣା: ୬ ଗିରଫ

**ତିହିଡ଼ି,୧୫।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ନୟାନନ୍ଦ ପଞ୍ଚାୟତ ହାଟୁଆରି ଗ୍ରାମର ଦିବ୍ୟାଙ୍ଗ ଯୁବକ ବାପି ମହାଲିକଙ୍କ ମୃତ୍ୟୁକୁ ନେଇ ଗତ ବୁଧବାର ଅଲ୍ଲୀନଗର ଛକଠାରେ ପୋଲିସକୁ ଆକ୍ରମଣ ଓ ଭ୍ୟାନ୍ ପୋଡ଼ି ଘଟଣାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପୋଲିସ ଗାଡ଼ିକୁ ପୋଡ଼ିଦେବା, ପୋଲିସକୁ ମରଣାନ୍ତକ ଆକ୍ରମଣ ଓ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଟାୟାର ଜାଳି ଯାନବାହାନ ଚଳାଚଳ ବ୍ୟାହତ କରିବା ଅଭିଯୋଗରେ ତିହିଡ଼ି ଥାନାରେ ଶତାଧିକ ଲୋକଙ୍କ ନାମରେ ମାମଲା(ନଂ.୨୧/୨୧) ମାମଲା ରୁଜୁ କରାଯାଇଛି। ଏଥିସହ ତିହିଡ଼ି ପୋଲିସ ଶୁକ୍ରବାର ହାଟୁଆରି ଓ ଜିଝାରପୁର ଗ୍ରାମର ୬ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ହାଟୁଆରିର ଅନନ୍ତ ମହାଲିକ ଏବଂ ଜିଝାରପୁରର ଚନ୍ଦ୍ରଶେଖର ମଳିକ, ରଘୁନାଥ ମଳିକ, ସୁବାସ ମଳିକ, ଚନ୍ଦନ ମଳିକ ଓ ଉମାକାନ୍ତ ମଳିକ। ପୋଲିସ ଭୟରେ ଏବେ ଜିଝାରପୁର ଗ୍ରାମ ପୁରୁଷଶୂନ୍ୟ ହୋଇପଡ଼ିଛି। ଲୋକେ ନିଜ ଗ୍ରାମ ଛାଡ଼ି ବିଭିନ୍ନ ଅଞ୍ଚଳକୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ତିହିଡ଼ି ପୋଲିସ ଉକ୍ତ ଗ୍ରାମରେ ରାତିସାରା ପାଟ୍ରୋଲିଂ କରିବା ସହିତ ଅଭିଯୁକ୍ତମାନଙ୍କ ଘରକୁ ଘରକୁ ଯାଇ ଖାନତଲାସ ଚଳାଇଛି।

# ଗହୀରମଥାରେ ଅଲିଭ ରିଡ୍‌ଲେଙ୍କ ମିଳନ

**ମହାକାଳପଡ଼ା, ୧୫।୧ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଜଳରାଶିରେ ବିରଳ ଅଲିଭ ରିଡ୍‌ଲେ କଇଁଛମାନଙ୍କ ମିଳନ ଆରମ୍ଭ ହୋଇଥିବା ଶୁକ୍ରବାର ଦେଖିବାକୁ ମିଳିଛି। ବିଶେଷକରି ଏହି ସମୟରେ ସୁରକ୍ଷିତ ଅଭୟାରଣ୍ୟର ମାଦଳି, ଅଗରନାସୀ, ଲଞ୍ଚ ଘୋଲା, ଷୋଳମୁହାଣ, ହୁକିଟୋଲା ସଂଲଗ୍ନ ଅନତି ଦୂରରେ କଇଁଛମାନଙ୍କ ଜଳରେ ମିଳନ ଦୃଶ୍ୟ ଦେଖିବାକୁ ମିଳିଥାଏ। ବଙ୍ଗୋପସାଗର ଉପକୂଳରେ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା, ଉଷ୍ମ ତାପମାତ୍ରା ଓ ପରିବେଶ ଅନୁକୂଳ ଯୋଗୁ ଅଲିଭ ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷିତ ଗଣ ଅଣ୍ଡାଦାନ କରିଥାନ୍ତି। ଏହି ନିଷିଦ୍ଧାଞ୍ଚଳରେ ବେଆଇନ ମାଛଧରା, ଟ୍ରଲର, ବୋଟ ପ୍ରବେଶ କରି ସହ ଗାଞ୍ଜି ଜାଲରେ ପଡି କଇଁଛଙ୍କ ମୃତ୍ୟୁ ହେଉଛି। ସେଥିପାଇଁ ବନ ବିଭାଗ ପକ୍ଷରୁ କଡ଼ାକଡ଼ି ପାଟ୍ରୋଲିଂ କରାଯାଉଥିଲେ ମଧ୍ୟ ମତ୍ସ୍ୟଜୀବୀ ପ୍ରବେଶ କରି ପ୍ରଚୁର ମାଛ ମାରୁଛନ୍ତି। ପରେ ବନ ବିଭାଗ ଦ୍ୱରା ମତ୍ସ୍ୟଜୀବୀ ଧରାପଡି କୋର୍ଟ ଚାଲାଣ ହୋଇଥାନ୍ତି। ବିରଳ ପ୍ରଜାତିର ସାମୁଦ୍ରିକ ଅଲିଭରିଡଲେ କଇଁଛ ବିଦେଶୀ ଅତିଥିଙ୍କ ବଂଶ ବିସ୍ତାର ପାଇଁ ବନବିଭାଗ ପକ୍ଷରୁ ସଜାଗ ରହିବାକୁ ସାଧାରଣରେ ଦାବି ହେଉଛି।



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ।

**NAYAGARH HONDA**
(A unit of Gugnani Honda) ହୋଣ୍ଡା ହିଁ HONDA
WE ARE HIRING !!
India's largest automobile company seeks sales and service manpower for its two-wheeler dealership.
WALK-IN-INTERVIEW FOR FOLLOWING POSITIONS
SALES
• Sales Manager • Sales Executives
• Receptionist / Telecaller • Billing / Insurance
• RTO • Cashier (Tally) • Housekeeping • PDI Supervisor
• PDI Technician • Accounts (Tally, GST)
SERVICE
• Service Manager • Advisor • Floor Supervisor
• Cashier (Tally) • Billing • Spare Parts Manager
• Spare Parts Coordinator • CRM • Washing Boy
• House Keeping • Technician • Helper
EXPERIENCE: Both Experienced & Freshers can apply.
All candidates should bring the personal documents like Aadhaar Card, Education Certificate, Experience Certificate (if applicable) and Last Employer Salary Proof to the following address:
Plot No. 14/7554, Hamid Complex, Ward No-3, Khandapada Road, Nayagarh, Odisha- 752069
DATE: 16th-Jan, 21 (Saturday), 17th-Jan, 21 (Sunday), 18th-Jan, 21 (Monday)
TIME:- 10:30 A.M. onwards - 4:30 P.M.
Candidates may mail their CV on Email: nayagarhhonda@gmail.com,
Contact No. 7437000501, 7437000502

# ଚିଠି ଲଢ଼େଇ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅମଲାତନ୍ତ୍ରୀମାନେ ଚାକିରିରେ ଥିବାବେଳେ ସେବା ନିୟମଗୁଡ଼ିକ ଯୋଗୁ ସାଧାରଣରେ ମତ ଦେବା ବନ୍ଦ କରିଦେଇଥାନ୍ତି। କିନ୍ତୁ ଅବସର ପରେ ଏମାନେ ଆଉ ସେହି ନିୟମଗୁଡ଼ିକୁ ମାନିବାକୁ ବାଧ୍ୟ ନୁହନ୍ତି । ଏଥିପାଇଁ ଅମଲାତନ୍ତ୍ରୀମାନେ ସ୍ୱାଧୀନ ଭାବେ ମତ ଦେଇ ସରକାରଙ୍କ ସପକ୍ଷବାଦୀ ଓ ସରକାରଙ୍କ ବିପକ୍ଷବାଦୀ ଗୋଷ୍ଠୀ ଭାବେ ପରସ୍ପର ମଧ୍ୟରେ ଲଢ଼େଇ ଆରମ୍ଭ କରିଦିଅନ୍ତି। ନିକଟରେ ଉତ୍ତରପ୍ରଦେଶରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି। ସେଠାରେ ଯୋଗୀ ଆଦିତ୍ୟନାଥ ସରକାରଙ୍କ ଦ୍ୱାରା ଅଣାଯାଇଥିବା 'ଲଭ୍ ଜିହାଦ' ଆଇନକୁ ନେଇ ରାଜ୍ୟ ସରକାରଙ୍କ ସପକ୍ଷରେ ଯୁକ୍ତି ଦର୍ଶାଉଥିବା ଏବଂ ଏହାକୁ ସମାଲୋଚନା କରୁଥିବା ଅବସରପ୍ରାପ୍ତ ଅମଲାତନ୍ତ୍ରୀଙ୍କ ମଧ୍ୟରେ 'ଚିଠି ଲଢ଼େଇ' ଆରମ୍ଭ ହୋଇଯାଇଛି। ଏହି ଯୁଦ୍ଧରେ ଏମାନଙ୍କ ସହ ଅବସରପ୍ରାପ୍ତ ସେନା ଅଧିକାରୀ , ନ୍ୟାୟପାଳିକାର ସଦସ୍ୟ ଓ ଅନ୍ୟମାନେ ମଧ୍ୟ ଯୋଗ ଦେବାରେ ଲାଗିଛନ୍ତି। ପ୍ରଥମେ ୧୦୪ ଜଣ ଅବସରପ୍ରାପ୍ତ ଅମଲାତନ୍ତ୍ରୀଙ୍କର ଏକ ଗୋଷ୍ଠୀ 'ଲଭ୍ ଜିହାଦ' ଆଇନର କାର୍ଯ୍ୟକାରିତାକୁ ନେଇ ଅସନ୍ତୋଷ ପ୍ରକାଶ କରି ଏହା ବିରୋଧରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିକଟକୁ ଚିଠି ଲେଖିଥିଲେ। ଏହି ଚିଠିରେ ଦସ୍ତଖତ କରିଥିବା ବହୁ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ନ୍ୟାଶନାଲ ସିକ୍ୟୁରିଟି ଆଡ୍‌ଭାଇଜର ଶିବ ଶଙ୍କର ମେନନ୍, ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ଆରଆଣ୍ଡଏଡବ୍ଲ୍ୟୁ)ର ପୂର୍ବତନ ମୁଖ୍ୟ ଏ.ଏସ୍.ଦୁଲତ,ପୂର୍ବତନ ମୁଖ୍ୟ ସୂଚନା କମିଶନର ୱାଜହତ ହବିବୁଲ୍ଲା, ପୂର୍ବତନ ପ୍ରମୁଖ ସଚିବ( ପିଏମ୍‌ଓ) ଟି.କେ.ଏ.ନାୟାର ଏବଂ ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କେ.ସୁଜାତା ରାଓ। ଏବେ ୨୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ବାବୁ ଓ ସେନା ଅଧିକାରୀମାନଙ୍କୁ ନେଇ ଗଠିତ ମଞ୍ଚ 'ଫୋରମ ଅଫ୍ କନସର୍ନଡ ସିଟିଜେନ' ବି ଉତ୍ତରପ୍ରଦେଶ ପ୍ରୋହିବିଶନ ଅଫ୍ ଅନ୍‌ଲଫୁଲ କନ୍‌ଭର୍ସେଶନ ଅଫ୍ ରିଲିଜିଅନ ଅର୍ଡିନାନ୍ସ୨୦୨୦'କୁ ସମର୍ଥନ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ସପକ୍ଷବାଦୀ ଗୋଷ୍ଠୀ 'ଲଭ୍ ଜିହାଦ'ଆଇନ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବାବୁମାନଙ୍କୁ 'ପଲିଟିକାଲି ମୋଟିଭେଟେଡ ପ୍ରେସର-ଗ୍ରୁପ୍' ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

### କ୍ୟାଡର୍ ମିଶ୍ରଣ

୩୭୦ ଧାରାରେ ଜମ୍ମୁ-କଶ୍ମୀର ସ୍ୱାୟତ୍ତତା ଉପଭୋଗ କରୁଥିଲା। କେନ୍ଦ୍ର ଏହି ଧାରାକୁ ଉଚ୍ଛେଦ କରି ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ (ୟୁଟି) କରିବା ପରେ ବର୍ଷକରୁ ଅଧିକ ସମୟ ବିତିଗଲାଣି। ଏବେ ଏଠାରେ ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ଲାଗି କେନ୍ଦ୍ର ଜମ୍ମୁ-କଶ୍ମୀର କ୍ୟାଡର୍‌ର ଆଇଏଏସ୍. ଆଇପିଏସ୍ ଏବଂ ଆଇଏଫ୍‌ଓଏସ୍‌କୁ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଏବଂ ୟୁନିୟନ ଟେରିଟୋରି (ଏଜିଏମ୍‌ୟୁଟି) କ୍ୟାଡର୍ ସହ ମିଶାଇ ଦେଇଛନ୍ତି। ଏହାଦ୍ୱାରା ଏହି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ନିଯୁକ୍ତି ପାଇଥିବା ଅଧିକାରୀମାନେ ଜମ୍ମୁ-କଶ୍ମୀରରେ କାର୍ଯ୍ୟ କରିପାରିବେ ଏବଂ ଜମ୍ମୁ-କଶ୍ମୀରର ଅଧିକାରୀମାନେ ବି ଏହି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ କାର୍ଯ୍ୟକରିବେ। କେନ୍ଦ୍ର ଦ୍ୱାରା ଉକ୍ତ କ୍ୟାଡର ଆବଣ୍ଟନ ନିୟମରେ ଆବଶ୍ୟକ ସଂଶୋଧନ କରାଯାଇପାରେ। ତେବେ ସରକାର ବିଜ୍ଞପ୍ତି ଜାରି କରିଛନ୍ତି ଯେ,ଏଜିଏମ୍‌ୟୁଟି କ୍ୟାଡରକୁ ଦିଆଯାଇଥିବା ଅଧିକାରୀମାନେ କେନ୍ଦ୍ରର ନିୟମ ମାନି କାର୍ଯ୍ୟ କରିବେ। ଏହି ପଦକ୍ଷେପକୁ କେନ୍ଦ୍ର ସହ ଜମ୍ମୁ-କଶ୍ମୀରର ସମ୍ପୂର୍ଣ୍ଣ ମିଶ୍ରଣର ଏକ ବାର୍ତ୍ତା ଭାବେ ପର୍ଯ୍ୟବେକ୍ଷକମାନେ ବିବେଚନା କରୁଛନ୍ତି। ଜମ୍ମୁ-କଶ୍ମୀର କ୍ୟାଡର୍ ଅଧିକାରୀମାନେ ଲଦାଖରେ କାର୍ଯ୍ୟକରିବା ପାଇଁ ଅମଙ୍ଗ ହେବା କେନ୍ଦ୍ର ପାଇଁ ଏକ ସମସ୍ୟା ଥିଲା। ସରକାରଙ୍କ କ୍ୟାଡର ମିଶ୍ରଣ ପଦକ୍ଷେପ ଏବେ ୟୁଟି କ୍ୟାଡର୍ ଅଧିକାରୀମାନଙ୍କ ପାଇଁ ଏକ ବଡ କ୍ଷେତ୍ର ପ୍ରସ୍ତୁତ କରିଥିବାରୁ ଏହି ସମସ୍ୟା ସମାଧାନ ହୋଇଯିବ। ପର୍ଯ୍ୟବେକ୍ଷକମାନେ କହନ୍ତି ଯେ, ଲଦାଖରେ ଅଧିକାରୀମାନଙ୍କର ଅଭାବ ଥାଏ। ଲଦାଖର ପ୍ରତିକୂଳ ଜଳବାୟୁ ଯୋଗୁ ସେଠାରେ କାର୍ଯ୍ୟ କରିବାକୁ ଏମାନେ ବିମୁଖ। କିନ୍ତୁ ଚାଇନା ପକ୍ଷରୁ ବିପଦକୁ ଦୃଷ୍ଟିରେ ରଖି କେନ୍ଦ୍ର ଲଦାଖ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣୁ କେନ୍ଦ୍ରର ପ୍ରଶାସନିକ ପଦକ୍ଷେପ ରୂପରେ ଏକ ରାଜନୈତିକ ପଦକ୍ଷେପ ନେଉଥିବା ସ୍ପଷ୍ଟ ଜଣାପଡୁଛି।

### ନିର୍ବାଚନ ପୂର୍ବରୁ ପଦୋନ୍ନତି

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩୧ ଜଣ ଆଇଏଏସ୍ ଅଧିକାରୀଙ୍କୁ ସଚିବ ଏବଂ ଯୁଗ୍ମ ସଚିବ ଭାବେ ପଦୋନ୍ନତି ଦେଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରଶାସନକୁ ଅଧିକ ମଜଭୁତ କରି ଆଗକୁ ବଢ଼ିବା ପାଇଁ ସେ ଏଭଳି ପଦୋନ୍ନତି ଦେଇଛନ୍ତି। ମମତାଙ୍କର ପଶ୍ଚିମବଙ୍ଗରେ ଥିବା ମଜଭୁତ ସ୍ଥିତିକୁ ଭାଙ୍ଗି ଦେବାକୁ ଭାଜପା ଶପଥ କରିବା ଯୋଗୁ ଟିଏମ୍‌ସି ନେତ୍ରୀ ମମତା ପ୍ରଶାସନିକ କାର୍ଯ୍ୟକୁ ସୁଦୃଢ କରିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଚିବ ଭାବେ ପଦୋନ୍ନତି ପାଇଥିବା ୧୯ ଜଣ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ଯୁଗ୍ମ ସଚିବ ସ୍ମିତା ପାଣ୍ଡେ, ବିଜୟ ଭାରତୀ, ଶୁଭଞ୍ଜନ ଦାସ,ସମୀର କୁମାର ଭଟ୍ଟାଚାର୍ଯ୍ୟ, ସି.ସି.ଗୁହା, ରଜତ ବୋଷ, କୌଶିକ ହଲଧର, ଏନ.ସି.ସରାର ଏବଂ ଟି.କେ.ରୁଦ୍ର ପ୍ରମୁଖ। ନୂଆ ଯୁଗ୍ମ ସଚିବ ପଦକୁ ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଉଛନ୍ତି ଭି. ଲଳିତଲକ୍ଷ୍ମୀ, ସୌରଭ ପହାରି, ମୁକ୍ତା ଆର୍ଯ୍ୟ, ଦେବୀ ପ୍ରସାଦ କରନମ୍, ସକିଲ ଅହମ୍ମଦ, ଉତ୍ତମ ପାତ୍ର, ଶାନ୍ତନୁ ଶାହା, ନିର୍ମାଲ୍ୟ ଘୋଷ, ଅନିନ୍ଦ୍ୟ ନାରାୟଣ ବିଶ୍ୱାସ ଏବଂ ଦୀପଙ୍କର ଚୌଧୁରୀ। ନିର୍ବାଚନ ପ୍ରଚାର ପୂର୍ବର ବାବୁମାନଙ୍କୁ ମମତା ଏହି ପଦୋନ୍ନତି ଦେଇ ପଶ୍ଚିମବଙ୍ଗରୁ ତାଙ୍କ ଦଳକୁ କ୍ଷମତାରୁ ହଟାଇବା ପାଇଁ ଭାଜପାର ତୀବ୍ର ଆକ୍ରମଣକୁ ପ୍ରତିହତ କରିବାକୁ ପାଇଁ ମମତା ଚାହୁଁଛନ୍ତି। ଏଣୁ ପ୍ରଶାସନରେ ପୁନର୍ବାର ପରିବର୍ତ୍ତନର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ। ଏଠି ଆଉ କ'ଣ ନୂଆ ହେଉଛି ତାହା ଲକ୍ଷ୍ୟ କରନ୍ତୁ।

Email: dilipcherian@gmail.com

# ଚାଲିଛି ମୃତ୍ୟୁର ବେପାର

ଇପ୍ସିତା ମହାନ୍ତି

ଭାରତୀୟ ଗ୍ରନ୍ଥଗୁଡ଼ିକରେ ଆଜିର ଯୁଗକୁ କଳିଯୁଗ ବୋଲି କୁହାଯାଇଛି। ହେଲେ ବିଭିନ୍ନ ଅନୁସନ୍ଧାନାତ୍ମକ ତଥ୍ୟ କହୁଛି ଆଜିର ଯୁଗ ହେଉଛି ଭେଜାଲ ବା ଅପମିଶ୍ରଣର ଯୁଗ! ଏହି ଭେଜାଲ ବା ଅପମିଶ୍ରଣ କାର୍ଯ୍ୟ ପାଇଁ ଭାରତ ବିଶ୍ୱରେ ଏକ ଅପଖ୍ୟାତି ମୁଣ୍ଡାଇବାକୁ ଯାଉଅଛି। ଏଥିରେ ପରିବର୍ତ୍ତନ ନ ଆସିଲେ ; ନକଲି, ଅପମିଶ୍ରିତ ଜିନିଷ ତିଆରି କରିବାରେ ଭାରତ ବିଶ୍ୱ ବିଜେତା ବନିଯିବ। ଏହିବିଷୟକୁ ଯଦିଓ ଆମେ ଗୁରୁତର ସହ ନେଇନାହୁଁ କିନ୍ତୁ ଏହା ହେଉଛି ଆମ ସମସ୍ତଙ୍କ ଜୀବନ ସହ ଜଡ଼ିତ ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ବିଷୟ।

ଆମ ବ୍ୟବସ୍ଥାକୁ ଏହି ଭେଜାଲ ବା ଅପମିଶ୍ରଣର ପରଳ ଏକ ଆସ୍ତରଣ ଭଳି ଘୋଡ଼ାଇ ଦେଲାଣି। ଭାରତ ସରକାରଙ୍କ ଖାଉଟି ମନ୍ତ୍ରଣାଳୟର ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶ୍ୱାନ ହିଁ ଏହି ନକଲି କାରବାର ବା ଅପମିଶ୍ରଣର ଶିକାର ହୋଇଥିଲେ। ପାଶ୍ୱାନ ଏକଦା ଗଣମାଧ୍ୟମକୁ ସୂଚନା ଦେବା ପୂର୍ବରୁ ଅନୌପଚାରିକ ଭାବେ ରୋଷେଇଘର ସହ ଜଡ଼ିତ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ଲୋକଙ୍କୁ ଜଣାଇଥିଲେ। ତାଙ୍କ କହିବା ଅନୁସାରେ, ସାଲାଡ଼ ତିଆରି ପାଇଁ ନିଜର ଜଣେ ଘରୋଇ କର୍ମଚାରୀ ଦିଲ୍ଲୀସ୍ଥିତ ଖାନ୍ ବଜାରର ଏକ ପ୍ରତିଷ୍ଠିତ ଦୋକାନରୁ କିଲୋ ପ୍ରତି ୪୨୦ଟଙ୍କା ଦରରେ କିଛି ସେଓ କିଣି ଆଣିଥିଲେ। ସେଓଗୁଡ଼ିକ ଖାଇବା ପୂର୍ବରୁ ଏକାଧିକ ବାର ଧୋଇଥିଲେ ମଧ୍ୟ ଏହାର ଚମକ ଯାଇ ନ ଥିଲା। ଫଳରେ ସେଓର ଉପରି ଭାଗକୁ ଛୁରି ସାହାଯ୍ୟରେ କୋରିବାରୁ ତାହା ଉପରୁ ମହମର ମୋଟା ଆସ୍ତରଣ ବାହାରିଥିଲା। ତେଣୁ ବଜାରରୁ ଯେକୌଣସି ଫଳ ଓ ପନିପରିବା କିଣି ଘରକୁ ନେବା କ୍ଷଣି ତାହାକୁ ଭଲଭାବେ ଧୋଇବା ପରେ ହିଁ ଖାଦ୍ୟ ରୂପେ ଗ୍ରହଣ କରିବାକୁ ପାଶ୍ୱାନ ଏହି ଅବସରରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଯେହେତୁ ଏହି ଘଟଣା ସହ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଜଡ଼ିତ ଥିଲେ, ତେଣୁ ଉକ୍ତ ଦୋକାନ ଓ ଦୋକାନୀ ବିରୋଧରେ ସହସା କାର୍ଯ୍ୟାନୁଷ୍ଠାନ ହୋଇଥିଲା। ହେଲେ ସାଧାରଣ ଲୋକଙ୍କ ସହ ଏଭଳି ଘଟଣା ପ୍ରତ୍ୟହ ଘଟୁଛି। ଏହି ନକଲି, ଭେଜାଲ ବା ଅପମିଶ୍ରଣର ମହାମାରୀ କେବଳ ଦିଲ୍ଲୀ ଅଞ୍ଚଳରେ ସୀମିତ ହୋଇ ରହିନାହିଁ ବରଂ ଦେଶର କୋଣ ଅନୁକୋଣକୁ ଏହା ବ୍ୟାପି ଚାଲିଛି।

ସେଓ ଉପରେ ସାଧାରଣତଃ ଫୁଡ୍ ଗ୍ରେଡ୍ ମହମର ପ୍ରଲେପ ଦିଆଯାଇଥାଏ। ଯାହା ଆଇନସମ୍ମତ ଓ ଖାଇବାଯୋଗ୍ୟ,କିନ୍ତୁ ଏହାର ମାତ୍ରା ବଢ଼ିଗଲେ ଆମ ଶରୀର ଉପରେ କୁପ୍ରଭାବ ପଡ଼ିଥାଏ। ସମ୍ପ୍ରତି ପ୍ରାକୃତିକ ମହମ ବଦଳରେ ବହୁଳ ମାତ୍ରାରେ କୃତ୍ରିମ ମହମ ବ୍ୟବହୃତ ହେଉଛି। ସେହିଭଳି ସବୁଜ ପନିପରିବାକୁ ସତେଜ ରଖିବା ପାଇଁ ସବୁଜ ରଙ୍ଗର ଏକ ପ୍ରକାରର ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ, ଯାହା କର୍କଟ ରୋଗ କାରକ । ଫଳ ଓ ପନିପରିବାରେ ଅକ୍ସିଟୋସିନ୍ ନାମକ ଏକ ହରମୋନ ପ୍ରୟୋଗ ହେଉଅଛି। ଏହା ହୃଦୟ ସମ୍ପର୍କିତ ବିଭିନ୍ନ ରୋଗର କାରଣ ସାଜୁଛି। ଫଳକୁ ଶୀଘ୍ର ପଚାଇବା ପାଇଁ କ୍ୟାଲସିୟମ କାର୍ବାଇଟ୍ ନାମକ ରାସାୟନିକ ପଦାର୍ଥକୁ ବ୍ୟବହାର କରାଯାଉଛି। ଏହାଦ୍ୱାରା ମୁଣ୍ଡବିନ୍ଧା, ମୁଣ୍ଡବୁଲା, ଅସ୍ଥିରତା ଭଳି ସମସ୍ୟା ଦେଖାଦିଏ। ହରଡ ଡାଲିରେ ମେଟାନିଲ୍ ୟେଲୋ ନାମକ ଏକ ରଙ୍ଗ ବହୁଳ ମାତ୍ରାରେ ବ୍ୟବହୃତ ହେଉଛି। ଏହା ଆଇନସିଦ୍ଧ ନୁହେଁ ତଥାପି ଏହି ରଙ୍ଗ ବ୍ୟବହାର ହେଉଛି। ଏହା ଆମ ସ୍ନାୟୁତନ୍ତ୍ରକୁ କ୍ଷତି ପହଞ୍ଚାଏ। ଗହମ ଭଳି ଖାଦ୍ୟଶସ୍ୟରେ ଏର୍ଗଟ୍ ନାମକ (ଫଙ୍ଗସ୍)କବକ ଲାଗିଥାଏ। ଏଥିରେ ଆମେ ରୋଗାକ୍ରାନ୍ତ ହେବାର ସମ୍ଭାବନା ରହିଛି। ସେହିଭଳି ମସଲା ଜାତୀୟ ଦ୍ରବ୍ୟ ହଳଦୀରେ ମେଟାନିଲ୍ ୟେଲୋ ରଙ୍ଗ ଓ ଲାଲ ଲଙ୍କାରେ ରେଡ୍ ଅକ୍ସାଇଡ୍ ଭଳି କର୍କଟ କାରକ ରଙ୍ଗ ବ୍ୟବହାର ହେଉଅଛି। ଭାରତରେ ଏବେ ବିଶୁଦ୍ଧ ଦୁଗ୍ଧ ବି ମିଳୁନାହିଁ। କେବଳ ଜଳ ନୁହେଁ ଡିଟରଜେଣ୍ଟ ଓ ୟୁରିଆ ଭଳି ଦ୍ରବ୍ୟ ମିଶାଇ ଦୁଗ୍ଧକୁ ବିଷାକ୍ତ ଓ ଅଶୁଦ୍ଧ କରାଯାଉଛି। ଆଜି ପନିର ଓ ଦହିର ବି ଅବସ୍ଥା ଏହିଭଳି। ତେଲ, ଘିଅ, ସସ୍, ମସଲାଗୁଣ୍ଡ, ବିଭିନ୍ନ ପାନମସଲା, ଗୁଟ୍‌ଖା ଆଦିରେ ମଧ୍ୟ ଅପମିଶ୍ରଣ ବୃଦ୍ଧି ପାଇବାରେ ଲାଗିଛି। ପ୍ୟାକେଜ୍ଡ ପାଣିର ଶୁଦ୍ଧତା ପ୍ରତି ବି ପ୍ରଶ୍ନ ଉଠୁଛି। ଭଲ ମାଛ ଅବା ମାଂସ ମଧ୍ୟ ବଜାରରୁ ମିଳୁନାହିଁ। ପ୍ଲାଷ୍ଟିକ ଚାଉଳ ଭଳି କିଛି ଦିନ ତଳେ ପ୍ଲାଷ୍ଟିକ ଅଣ୍ଡାର ଖବର ଶୁଣିବାକୁ ମିଳିଥିଲା।

ଭାରତୀୟମାନେ ନିଜକୁ ବଡ଼ ଧାର୍ମିକ ବୋଲି କହିବାକୁ ପଛାନ୍ତି ନାହିଁ। ଆମର ଏଠି ଶୁଦ୍ଧ ବିଚାର ଓ ଆଚରଣକୁ ଅଧିକ ପ୍ରାଥମିକତା ଦିଆଯାଇଥାଏ। ମନ୍ଦିରକୁ ଗଲାବେଳେ ଶରୀର ସହ ମନର ଶୁଦ୍ଧତା ପ୍ରତି ଧ୍ୟାନଦେବା ଆବଶ୍ୟକ ବୋଲି କୁହାଯାଇଥାଏ। ପୁଣି ମିଥ୍ୟାକୁ ପାପ ରୂପେ ବିଚାର କରାଯାଇଥାଏ। କିନ୍ତୁ ଏଠାରେ ସ୍ୱୟଂ ଭଗବାନ ବି ଆଜି ଅପମିଶ୍ରଣରୁ ମୁକ୍ତ ହୋଇ ପାରିନାହାନ୍ତି। ନିକଟ ଅତୀତରେ ଉଜ୍ଜୟିନୀର ମହାକାଳେଶ୍ୱର ମନ୍ଦିରର ଶିବଲିଙ୍ଗ ଉପରେ ଢଳା ଯାଉଥିବା ଦୁଗ୍ଧର ନମୁନା ଯାଞ୍ଚ କରିବାରୁ ସେଥିରେ ୯୮.୫ ପ୍ରତିଶତ ଜଳ ରହିଥିବା ଜଣାପଡିଥିଲା। ମନ୍ଦିର ବାହାରେ ଏହି ଅପମିଶ୍ରିତ ଦୁଗ୍ଧକୁ ଲିଟର ପ୍ରତି ୧ଶହ ଟଙ୍କା ଦରରେ ଭକ୍ତଙ୍କୁ ବିକ୍ରି କରାଯାଉଥିଲା। ତା'ମାନେ ଅପମିଶ୍ରଣକାରୀ ଏବେ ଧର୍ମକୁ ବି ଛାଡ଼ିନାହାନ୍ତି।

ଅପମିଶ୍ରଣକାରୀଙ୍କୁ ୬ମାସରୁ ଆରମ୍ଭ କରି ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଯିବା ପାଇଁ ଆମ ଦେଶର ଆଇନରେ ବ୍ୟବସ୍ଥା ରହିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ନିୟମିତ ଖାଦ୍ୟ ନମୁନା ସଂଗ୍ରହ କରି ସେଗୁଡ଼ିକୁ ପରୀକ୍ଷା ପାଇଁ ବ୍ୟବସ୍ଥା କରିଛି। ଏଥିପାଇଁ ୨୦୧୮ରୁ ଭ୍ରାମ୍ୟମାଣ ପରୀକ୍ଷାଗାରର ବ୍ୟବସ୍ଥା ବି ହୋଇଛି। ପୁଣି ଏହି ପ୍ରାଧିକରଣ ଏଭଳି ବ୍ୟକ୍ତିଙ୍କ ପାଇଁ ୧୦ଲକ୍ଷ ଟଙ୍କା ଜରିମାନା ରଖାଯିବାକୁ ପ୍ରସ୍ତାବ ଦେଇଛି। ଏଥିପାଇଁ ଅବଶ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଭାରତରେ ନକଲ କରି ପାସ୍ କରୁଥିବା ଛାତ୍ର ବି ରହିଛନ୍ତି। ଶତ ପ୍ରତିଶତ ଶୁଦ୍ଧତାର ଗ୍ୟାରେଣ୍ଟି ଦେଇ ନକଲି, ଭେଜାଲ ବା ଅପମିଶ୍ରିତ ଜିନିଷ ବିକୁଥିବା ବେପାରୀ ବି ରହିଛନ୍ତି। ଜନତାଙ୍କୁ ପ୍ରତିଶ୍ରୁତି ଦେଇ ଭୁଲି ଯାଉଥିବା ନେତା ବି ରହିଛନ୍ତି। ଆଇନକାନୁନ ଓ ନୀତିନିୟମକୁ ହେୟଜ୍ଞାନ କରି ଚାଲିଥିବା ଭ୍ରଷ୍ଟ ଅଧିକାରୀ ବି ରହିଛନ୍ତି। ଏସବୁ ଦୃଷ୍ଟିରୁ ବିବେଚନା କଲେ ମନେହୁଏ, ଅପମିଶ୍ରଣକାରୀଙ୍କୁ କୌଣସି ଆଇନ କେବେହେଲେ ଦୂର କରିପାରିବ ନାହିଁ। କୌଣସି ନୂତନ କୌଶଳ ଆବିଷ୍କାର କରିବା ଯେ ଆବଶ୍ୟକ ରହିଛି, ତାହା ବି ଲାଗୁନାହିଁ। ଏଥିପାଇଁ କେବଳ ଟିକିଏ ନୈତିକତା ଓ ସଙ୍କୋଚପଣ ଆବଶ୍ୟକ,ଯାହା ଆଜିଆମ ଆଖପାଖରେ ଅଭାବ। ତେଣୁ ଏହି ବିଷୟରେ ସତର୍କ ଓ ସଚେତନ ରହିବା ହିଁ ଆମ ପାଇଁ ଶ୍ରେୟସ୍କର ହେବ।

୨୦୧୯ରେ ଭାରତର ଖାଉଟି ମନ୍ତ୍ରଣାଳୟ ପକ୍ଷରୁ ଦେଶର ୯ଟି ରାଜ୍ୟର ଗ୍ରାମାଞ୍ଚଳରେ ହୋଇଥିବା ସର୍ବେକ୍ଷଣର ତଥ୍ୟ ଅନୁସାରେ ୫୮ପ୍ରତିଶତ କୃଷିଜାତ ଦ୍ରବ୍ୟ, ୩୮ପ୍ରତିଶତ ଔଷଧୀୟ ସାମଗ୍ରୀ ଓ ୩୬ପ୍ରତିଶତ ପ୍ରସାଧନ ସାମଗ୍ରୀ ନକଲି, ଭେଜାଲ ବା ଅପମିଶ୍ରିତ ରହିଥିଲା। ପୁଣି ଗାଁ ଗହଳିରେ ବିକ୍ରି ହେଉଥିବା ୫୦ପ୍ରତିଶତ ଜିନିଷ ନକଲି, ଭେଜାଲ ବା ଅପମିଶ୍ରିତ ବୋଲି ଜଣାପଡିଛି। ଆଶ୍ଚର୍ଯ୍ୟର କଥା ହେଉଛି ୬୦ପ୍ରତିଶତ ଲୋକେ ଜାଣିଶୁଣି ଏସବୁ ନକଲି ଜିନିଷ କିଣୁଥିବାବେଳେ ୪୦ପ୍ରତିଶତ ଲୋକ ଅଜାଣତରେ ଏପରି ଜିନିଷ କିଣିଥାନ୍ତି ବୋଲି ପ୍ରକାଶ କରିଛନ୍ତି। ପ୍ରକୃତରେ ଏହି ନକଲି, ଅପମିଶ୍ରିତ ଜିନିଷର ମୂଲ୍ୟ ଅପେକ୍ଷାକୃତ ଶସ୍ତା ରହୁଥିବାରୁ ଆମ ଦେଶର ଗ୍ରାମାଞ୍ଚଳରେ ଏସବୁ ବହୁଳ ମାତ୍ରାରେ ବିକ୍ରି ହେଉଛି। ଗୋଟିଏ ପଟେ ଏଥିପାଇଁ ଦାୟୀ ହେଉଛି ଲୋକଙ୍କ ଦାରିଦ୍ର୍ୟ, ଅଜ୍ଞାନତା ଓ ଅସଚେତନତା।

ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଦ୍ୱାରା ୨୦୧୮ରେ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ସଂଗୃହୀତ ଖାଦ୍ୟପେୟ ଦ୍ରବ୍ୟର ନମୁନାରେ ୨୫ପ୍ରତିଶତ ଭେଜାଲ ବା ଅପମିଶ୍ରଣ ରହିଥିଲା। କିନ୍ତୁ ବାସ୍ତବରେ ଏହାର ପରିମାଣ ଯଥେଷ୍ଟ ଅଧିକ ହେବ। ଦେଶରେ ପ୍ରଦୂଷଣ ଭଳି ଭେଜାଲ ବା ଅପମିଶ୍ରଣ କେବେ ବି ଏକ ରାଜନୈତିକ ପ୍ରସଙ୍ଗ ହୋଇପାରିନାହିଁ। ଖାଦ୍ୟପେୟର ଅପମିଶ୍ରଣ ବିଷୟରେ ଜାଣି ଚିନ୍ତିତ ଥିଲେ ଆମେ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ନିକଟରେ ଅଭିଯୋଗ କରିପାରିବା। ଦେଶର ବିଭିନ୍ନ ସ୍ଥାନରୁ ଏଭଳି ଅଭିଯୋଗ ପହଞ୍ଚିଲେ ସରକାରଙ୍କ ସହ ସ୍ଥାନୀୟ ପ୍ରଶାସନର ଆଖି ଖୋଲିଯିବ।

ବୈପାରୀଗୁଡ଼ା, କୋରାପୁଟ
imohanty.1991@gmail.com

# ରଙ୍ଗିନ ଚଷମାର ନିରପେକ୍ଷତା

ରଞ୍ଜନ କୁମାର ଦାସ

ଊନବିଂଶ ଶତାବ୍ଦୀର ପ୍ରଖ୍ୟାତ ଆଇରିସ୍ ଉପନ୍ୟାସିକ ମାର୍ଗାରେଟ୍ ଉଲ୍‌ଫ ହଙ୍ଗରଫୋର୍ଡ ଥରେ କହିଥିଲେ, କୌଣସି ଏକ ବସ୍ତୁର ସୌନ୍ଦର୍ଯ୍ୟ ବସ୍ତୁରେ ଯେତିକି ନ ଥାଏ, ଦେଖିବା ବାଲାର ଆଖିରେ ତା'ଠାରୁ ବେଶି ଥାଏ। ଅର୍ଥାତ୍ ଦେଖିବା ବାଲାର ଦୃଷ୍ଟିକୋଣ ହିଁ ସ୍ଥିର କରେ ବସ୍ତୁଟି ମନକୁ ପାଉଚି କି ନାହିଁ। ମନକୁ ପାଉଥିବା ଜିନିଷଟି ଆପେ ଆପେ ଭଲ ଲାଗେ। ତେଣୁ ଭଲ ଜିନିଷଟି ବି ବେଳେବେଳେ ଭଲ ଲାଗେନାହିଁ ଅଥଚ ସାଧାରଣ ଜିନିଷଟି ବେଳେବେଳେ ଅସାଧାରଣ ଲାଗେ। ଅସଲ କଥା ହେଲା ସ୍ଥାନ କାଳ ପାତ୍ରକୁ ନେଇ କ'ଣ ଭଲ ଲାଗିବ କ'ଣ ଖରାପ ଲାଗିବ ତାହା ମନ ସ୍ଥିର କରେ। ପରବର୍ତ୍ତୀ ସମୟରେ ଭଲ ଲାଗୁଥିବା ଜିନିଷକୁ ଆମେ ଗ୍ରହଣ କରୁ, ଖରାପ ଲାଗୁଥିବା ଜିନିଷକୁ ଆମେ ପ୍ରତ୍ୟାଖ୍ୟାନ କରୁ ତା'ର ନିନ୍ଦା କରୁ।

ବ୍ୟକ୍ତିଗତ ଜୀବନରେ ଏଭଳି ଭଲମନ୍ଦର ନିଷ୍ପତ୍ତି ଆମ ମନ ନେଲେ ତାହା ବ୍ୟକ୍ତିଗତ ସ୍ତରରେ ସୀମିତ ରହେ। ମାତ୍ର ସାର୍ବଜନୀନ କ୍ଷେତ୍ରରେ, ଅଫିସରେ, ବ୍ୟବସାୟରେ, ଗଣମାଧ୍ୟମରେ ଯେତେବେଳେ ଆମର ଏ ରୁଚି ଅରୁଚି ପ୍ରତିଫଳିତ ହୁଏ ତା'ର ପ୍ରଭାବ ବହୁଧା ପ୍ରତିଫଳିତ ହୁଏ। ଅଫିସରେ ବା ବ୍ୟବସାୟରେ ଆମେ କେବେକେବେ ଖରାପ ମୁଡ୍‌ରେ ଥିଲାବେଳେ ଆମକୁ ଭଲ କଥାଟିଏ କହିବାକୁ ଆସିଥିବା ଲୋକ ଉପରେ ବି ବେଳେବେଳେ ଆମେ ବିରକ୍ତ ହୋଇଯାଉ। ତା'ର ଭଲ ପଣିଆ ବା ତା' କଥାର ସୌଷ୍ଠବ ଆମକୁ ଦିଶେ ନାହିଁ। ବରଂ ତା'ର କୋଉଠି କ'ଣ ଦୋଷ ଯଦି ଥାଏ ତାହା ଆମ ଆଖିକୁ ଦିଶେ। ସେ ଆମ ଆଖିରେ ହୋଇଯାଏ ଖରାପ।

ଏମିତି ଅନେକ ଘଟଣା ଅନିଚ୍ଛାକୃତ ଭାବେ ମଧ୍ୟ ହୋଇଯାଏ। ସେହିଭଳି ଇଚ୍ଛାକୃତ ଭାବେ ମଧ୍ୟ ଅନେକ ସମୟରେ ଆମେ ଜିନିଷକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖୁ। ଗୋଟିଏ ଗ୍ଲାସରେ ଧରନ୍ତୁ ଅଧା ପାଣି ଅଛି। କେହି ଯଦି ତାକୁ କହେ ଅଧା ପାଣି ଅଛି ଠିକ୍ ହେବ କେହି ଯଦି କହେ ଅଧା ଖାଲି ଅଛି ତା' ବି ଠିକ୍ ହେବ।

ଅନେକ ସମୟରେ ଆମେ ପ୍ରତ୍ୟେକ ଜିନିଷ ବା ଘଟଣାକୁ ଆମ ନିଜସ୍ୱ ଦୃଷ୍ଟିକୋଣରୁ ଦେଖିଥାଉ। ଆମ ମନରେ କେତେକ ବଦ୍ଧମୂଳ ଧାରଣା ଥାଏ। ସେଇ ଧାରଣାର ବଶବର୍ତ୍ତୀ ହୋଇ ଆମେ ଆମ ଚାରିପଟେ ଘଟୁଥିବା ଘଟଣାକୁ ଦେଖୁ। ଘରେ ଯେତେବେଳେ ସ୍ୱାମୀ ସ୍ତ୍ରୀ କଳହ ହୁଏ ଜଣେ ନାରୀ ସପକ୍ଷବାଦୀ ତା' ଦୃଷ୍ଟିକୋଣରୁ ଦେଖେ। ଜଣେ ପୁରୁଷ ସପକ୍ଷବାଦୀ ତା' ଦୃଷ୍ଟିକୋଣରୁ ଦେଖେ। ଆମେ ଯେଉଁ ରଙ୍ଗର ଚଷମା ପିନ୍ଧିଥାଉ ଆମକୁ ଆମ ଚାରିପଟ ସେଇ ରଙ୍ଗର ଦିଶେ। ବେଳେବେଳେ ଆମେ ଯେଉଁଭଳି ରଙ୍ଗର ପୃଥିବୀ ଦେଖିବାକୁ ଚାହିଁଥାଉ, ସେଇଭଳି ରଙ୍ଗର ଚଷମା ପିନ୍ଧୁ। ଆମେ ଯଦି ଜଣକର ଦୋଷ ଖୋଜିବାକୁ ଚାହୁଁଥାଉ ତେବେ ଗୋଟେ ଦୋଷଦ୍ୱେଷୀ ଚଷମା ଆପେ ଆପେ ଆମ ଆଖିରେ ଲାଗିଯାଏ। ଯଦି କାହାର ସମର୍ଥନ କରିବାକୁ ଚାହୁଁଥାଉ, ତାକୁ ସୁହାଇଲା ଭଳି ଦୃଷ୍ଟିଭଙ୍ଗୀ ଦେଖେଇବା ଚଷମା ପିନ୍ଧିଥାଉ। ଏଇଠି ଆମେ ବିଷୟାସକ୍ତ ହୋଇଥାଉ। ଜିନିଷକୁ ଦେଖିବା ପୂର୍ବରୁ ହିଁ ଆମେ ସ୍ଥିର କରି ନେଇଥାଉ, ଆମକୁ କ'ଣ ଦେଖିବାର ଅଛି। ବାକି ସବୁ ଦୃଶ୍ୟମାନ ଜିନିଷକୁ ଆମେ ଅଣଦେଖା କରି ଯାଉଥାଉ।

ଗଣମାଧ୍ୟମର ଉଦାହରଣ ଧରାଯାଉ। ଗଣମାଧ୍ୟମ ଆଜିକାଲି ଦୁନିଆର ସବୁଠୁ ବଡ଼ ଜନମତ ସୃଷ୍ଟିକାରୀ ତଥା ସରବରାହ ସଂସ୍ଥା। ଦୁନିଆର ସବୁଠୁ ବଡ଼ ବିଚାରକ ଭୂମିକା ମଧ୍ୟ ସେ ନିଜ ଉପରକୁ ନେଇ ସାରିଛି। ଗଣମାଧ୍ୟମ ସତ୍ୟଘଟଣାର କେବଳ ଉପସ୍ଥାପନା କରୁନାହିଁ। ବରଂ ଏହା ଜନମତ ସୃଷ୍ଟି ମଧ୍ୟ କରୁଚି। ଜନମତକୁ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଯେମିତି ଚାହୁଁଚି ସେମିତି ପରିଚାଳିତ କରିବାକୁ ମଧ୍ୟ ଚେଷ୍ଟା କରୁଚି। ବିଚାରକ ଭୂମିକା ପ୍ରତି ଯେଉଁ ଇଙ୍ଗିତ କରିଥିଲି ତାହା ମଧ୍ୟ ଅମୂଳକ ନୁହେଁ। ଗଣମାଧ୍ୟମ ଅନେକ ସମୟରେ ନିଜର ବିଚାରକୁ ଜନତାଙ୍କ ଉପରେ ମଧ୍ୟ ଲଦି ଦେଲା ପରି ପ୍ରୟାସ କରୁଥିବାର ଲକ୍ଷ୍ୟ କରାଯାଉଛି। କହିବା ନିଷ୍ପ୍ରୟୋଜନ ଯେ ଆଜିକାଲି ଅଧିକାଂଶ ଗଣମାଧ୍ୟମର ନିଜସ୍ୱ ନିର୍ଦ୍ଦିଷ୍ଟ ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିଭଙ୍ଗୀ ଥାଏ। ସେଇ ଦୃଷ୍ଟିଭଙ୍ଗୀକୁ ସମର୍ଥନ କଲାଭଳି ଖବର ଓ ମତାମତ ସବୁ ସେଇ ଚ୍ୟାନେଲ ବା ଖବରକାଗଜରେ ପ୍ରକାଶିତ ହେବା ସମ୍ପୂର୍ଣ୍ଣ ସ୍ୱାଭାବିକ। ତେଣୁ ଏସବୁ ଖବର ଓ ମତାମତ ସଂଗ୍ରହ କରିବା ପାଇଁ ଯେଉଁ ଚଷମାର ଯେତିକି ପାୱାରର ଲେନ୍ସ ଦରକାର ସେଇ ଚଷମା ସେଗୁଡ଼ିକୁ ପିନ୍ଧିବାକୁ ପଡ଼େ। ଗ୍ରାଉଣ୍ଡ ଜିରୋରେ କାମ କରୁଥିବା ସାମ୍ବାଦିକ ବା ଗଣମାଧ୍ୟମ କର୍ମୀମାନଙ୍କର ମଧ୍ୟ ନିଜସ୍ୱ ରୁଚି, ଅରୁଚି, ବନ୍ଧୁତା, ଶତ୍ରୁତା, ବ୍ୟକ୍ତିଗତ ସ୍ୱାର୍ଥ ଓ ବିଚାରଧାରା ଆଦି ଦିଗ ଥାଏ ; ଯାହା ଖବର ସଂଗ୍ରହ ଓ ପ୍ରସାରଣକୁ ପ୍ରଭାବିତ କରିଥାଏ।

ଏଭଳି ଭାବେ ସଂଗୃହୀତ ଓ ପ୍ରସାରିତ ହେଉଥିବା ଖବର ନିଶ୍ଚିତ ଭାବେ ନିଜସ୍ୱ ରଙ୍ଗରେ ରଙ୍ଗାୟିତ। ତଥାପି ଆଜିର ସବୁ ଗଣମାଧ୍ୟମ ଦାବି କରନ୍ତି ଯେ, ସେମାନେ ନିରପେକ୍ଷ ଓ ସତ୍ୟ ସନ୍ଧାନୀ। ମୁଁ ଯଦି ଜଣେ କବି ଏବଂ ଏକ ସାହିତ୍ୟ ପୁରସ୍କାର ପାଇଁ ବିଚାରକ ମଣ୍ଡଳୀରେ ଅଛି ତେବେ ମୋର ଭୋଟ ଜଣେ କବିତା ବହି ସପକ୍ଷରେ ଯିବା ସ୍ୱାଭାବିକ, ମୁଁ ଯଦି ଜଣେ ଗାଳ୍ପିକ ମୋ ଭୋଟ ଗୋଟେ ଗପବହି ସପକ୍ଷରେ ଯିବା ସ୍ୱାଭାବିକ। ମୁଁ ଯଦି ଜଣେ ଓଡ଼ିଆ ନିଶ୍ଚିତ ଭାବେ ଗୋଟେ ଓଡ଼ିଆ ଲେଖକ ପ୍ରତି ମୋର କୋମଳ ବିଚାର ରହିବା ସ୍ୱାଭାବିକ । ମୁଁ ଯଦି ଜଣେ ମାଲୟାଲମ ତେବେ ଦକ୍ଷିଣୀ ଭାଷା ସପକ୍ଷରେ ଭୋଟ ଦେବା ସ୍ୱାଭାବିକ। ମୁଁ ଯଦି ଜଣେ ମହିଳା ତେବେ ମହିଳାଙ୍କ ସପକ୍ଷରେ ମତ ଦେବା ଅସ୍ୱାଭାବିକ ନୁହେଁ। ମୁଁ ଯଦି ଜଣେ କିନ୍ନର ତେବେ କିନ୍ନରଙ୍କ ଦାବି ପାଇଁ ମୁଁ ଯୁକ୍ତି କରିବା ସ୍ୱାଭାବିକ। ତେଣୁ ଏସବୁ ଭୂମିକାରେ ସମ୍ପୂର୍ଣ୍ଣ ନିରପେକ୍ଷତା କେବଳ ସେହି ଲୋକ ପକ୍ଷରେ ସମ୍ଭବ ; ଯାହାର ବ୍ୟକ୍ତିଗତ ପକ୍ଷପାତ ପାଇଁ ଭିତ୍ତି ହିଁ ନ ଥିବ। ଅଧିକାଂଶ ଗଣମାଧ୍ୟମ ଓ ତା'ର ପ୍ରତିନିଧି ଆଜି ଯେହେତୁ ନିର୍ଦ୍ଦିଷ୍ଟ ଭିତ୍ତିଭୂମି ଉପରେ ଦଣ୍ଡାୟମାନ ଏବଂ ତାଙ୍କର ନିଜସ୍ୱ ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ ତେଣୁ ତାହା ନିରପେକ୍ଷ ବୋଲି ଦାବି କରିବା ଗ୍ରହଣୀୟ ନୁହେଁ। ଦ୍ୱିତୀୟ କଥା ହେଲା ସତ୍ୟସନ୍ଧାନ। ଆମେ ସେଇ ସତ୍ୟକୁ ସବୁବେଳେ ଖୋଜିଥାଉ, ଯାହା ଆମକୁ ସହାୟ ହେବ ବା ଆମ ଉଦ୍ଦେଶ୍ୟକୁ ଚରିତାର୍ଥ କରିବ। ତାହା ଅର୍ଦ୍ଧସତ୍ୟ, ଅସତ୍ୟ ହେଲେ ବି ଚଳିବ। ମାତ୍ର ଯେଉଁ ସତ୍ୟ ଆମ ଦୃଷ୍ଟିକୋଣକୁ ଆଗେଇ ନେଇ ପାରେନା ଆମେ କେବେ ତାକୁ ସାଥିରେ ଧରି ବୁଲି ନ ଥାଉ। ପ୍ରକୃତ ଚଷମାଟିଏ ପିନ୍ଧିଲେ ଆମକୁ ପ୍ରକୃତ ଜିନିଷ ଦିଶିବ। ଅପ୍ରାକୃତ ଚଷମାଟିଏ ପିନ୍ଧିଲେ ଜିନିଷସବୁ ଅପ୍ରାକୃତ ଦିଶିବ। ନିଜ ଆଖି ମାପର ଚଷମା ନ ପିନ୍ଧିଲେ ଖାଲଢିପ ଜାଣି ନ ପାରି ଝୁଣ୍ଟି ହେବା। ବେଳକାଳ ଜାଣି ନ ପାରି ରାତିରେ କଳାଚଷମା ବା ଦିନରେ ହଳଦିଆ ଚଷମା ପିନ୍ଧିଲେ ଆହୁରି ବିପଦ। ତେଣୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ଥିଲାବେଳେ ଠିକ୍ ମାପର ଓ ଠିକ୍ ରଙ୍ଗର ଚଷମା ନ ପିନ୍ଧିଲେ ଠିକ୍ ଭାବେ ଦାୟିତ୍ୱ ନିର୍ବାହ କରି ହୁଏନା। ଏହା ଜଣ ଓ ଗଣ ଉଭୟଙ୍କ ପାଇଁ ପ୍ରଯୁଜ୍ୟ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ- ୯୪୩୭୨୮୬୫୧୨

## ଏଇ ଭାରତରେ

ଏମିତି ଗାଁ ଅଛି ଯେଉଁଠି ଜଣେ ବ୍ୟକ୍ତି ନବମ ଯାଏ ପଢିଛନ୍ତି, ଅନେକେ ବି ସ୍କୁଲ ଦେଖିନାହାନ୍ତି। ଏହି ଗାଁଟି ହେଉଛି ଆନ୍ଧ୍ରପ୍ରଦେଶର ଗୋଦାବରୀ ଜିଲାର ମାଡ଼ିବନ୍ଧ। ଚିନ୍ତୁରୁ ବ୍ଲକ ଅନ୍ତର୍ଗତ ଉକ୍ତ ଗାଁରେ ୧୬୭ କୋଣ୍ଡାରେଡି ସମ୍ପ୍ରଦାୟର ଆଦିବାସୀ ପରିବାର ପାହାଡ଼ ଉପରେ ୨୧ଟି ପଡ଼ାରେ ରହୁଛନ୍ତି । ମାଡିବନ୍ଧରେ ପହଞ୍ଚିବାକୁ ହେଲେ ଅନେକ ପାହାଡ଼ ଚଢି ଯିବାକୁ ପଡ଼େ। ଏଥିପାଇଁ ଦୀର୍ଘ ୨୦ ବର୍ଷ ମଧ୍ୟରେ ମାଡ଼ିବନ୍ଧକୁ କୌଣସି ଅଧିକାରୀ ଯାଇ ନ ଥିଲେ। କିନ୍ତୁ ଇଣ୍ଟଗ୍ରେଟେଡ୍ ଟ୍ରାଇବାଲ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ(ଆଇଟିଡିଏ)ର ପ୍ରୋଜେକ୍ଟ ଅଫିସର ୩୭ ବର୍ଷୀୟ ଆଇଏଏସ୍ ଅଧିକାରୀ ଭେଙ୍କଟ ରମଣ ଅକାଲୁ ଘଣ୍ଟା ଘଣ୍ଟା ଧରି ଚାଲି ଚାଲି ଯାଇ ସେଠାରେ ପହଞ୍ଚି ଶିକ୍ଷା ବ୍ୟବସ୍ଥା କରିଛନ୍ତି। ପ୍ରଥମେ ୨୦୨୦ ଫେବୃୟାରୀରେ ସେଠାରେ ପହଞ୍ଚି ପିଲାମାନଙ୍କୁ ପଢ଼ାଇବା ଲାଗି ସ୍କୁଲ ନିର୍ମାଣ କରିବାକୁ ଗ୍ରାମବାସୀଙ୍କୁ ରାଜି କରାଇଥିଲେ। ପରେ ଲକ୍‌ଡାଉନ ଯୋଗୁ ତାହା ବନ୍ଦ ରହିଥିଲା। ପୁଣି ଗତବର୍ଷ ଅକ୍ଟୋବରରେ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଜଙ୍ଗଲରୁ ବାଉଁଶ ଓ ଘାସ ସଂଗ୍ରହ କରି ଏକ ରେସିଡେନ୍ସିଆଲ୍ ସ୍କୁଲ ନିର୍ମାଣ କରିଛନ୍ତି। ଗାଁର ବିଭିନ୍ନ ପଡ଼ାରେ ରହିଥିବା ୮୦ ଜଣ ପିଲାଙ୍କ ମଧ୍ୟରୁ ଏବେ ୨୮ ଜଣ ସ୍କୁଲ ଆସିବାକୁ ସକ୍ଷମ ହୋଇଛନ୍ତି। ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ପିଲାମାନଙ୍କ ପାଇଁ ସାପ୍ତାହିକ ରାଶନ ପଠାଯାଉଛି। ମଝିରେ ମଝିରେ ଭେଙ୍କଟ ରମଣ ସ୍କୁଲ ପରିଦର୍ଶନରେ ଯାଉଛନ୍ତି ଓ ଅବଶିଷ୍ଟ ପିଲାମାନେ ଶୀଘ୍ର ସ୍କୁଲରେ ଯୋଗଦେବେ ବୋଲି ସେ କହନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜାନୁୟାରୀ ୧୯୯୬

- ଚୀନର ପ୍ରଥମ ସ୍ୱୟଂଚାଳିତ କାରଖାନାରେ ନିର୍ମିତ ବିଳାସପୂର୍ଣ୍ଣ 'ରେଡ୍‌ଫ୍ଲାଗ ସେଡାନ୍' କାର୍ ଚୀନ ସରକାରଙ୍କ ନିଯୁକ୍ତ ୬ ବର୍ଷ ବୟସ୍କ ପାଞ୍ଚେନ ଲାମାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି।
- ବିଶିଷ୍ଟ ସମାଲୋଚକ, ପ୍ରାବନ୍ଧିକ ତଥା କବି ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ସାରଳା ସମ୍ମାନ ପାଇବାକୁ ମନୋନୀତ।

## ଚିରନ୍ତନୀ

ମଥାରେ ଝରେ ନିଦାଘ ତାପ
ପାଦରେ ଜଳେ ଧରଣୀ-ପାପ
ସକଳ କ୍ଲେଦ କାଳିମାରାଶି
ଯାଇଛି ଅପସରି,
ପଥିକ କେତେ ଚଳଇ ମୋହ ସରି।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 5 | | | | C | | | 9 | 6 | B | | 8 |
| | | | | B | D | 1 | 3 | | 7 | | | | | |
| | | | 7 | | | | 8 | 2 | | | D | | 9 | 3 |
| 2 | | | 4 | C | | 7 | | | 3 | 0 | 1 | | | |
| 5 | | | | 1 | 8 | | | | | | E | | | |
| A | | | | 2 | | | 7 | | 6 | | | | | 1 |
| 7 | | | | D | 5 | | | 3 | | | C | | 4 | 6 |
| | | | | | 6 | | A | | | 5 | | 3 | | C |
| | 9 | | 1 | | | | | | | | 0 | 8 | | A |
| | C | D | | 8 | | 2 | | | | | 3 | 5 | | |
| | | | 6 | | | C | | 4 | | | 8 | | | |
| | | 3 | B | | C | | 9 | | 0 | | | | | 7 |
| | | 6 | | | | B | | | D | E | 9 | | | 2 |
| | | | | | 4 | | | 0 | B | 1 | | | | |
| | 1 | | | E | | | | 6 | | C | | 4 | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 7 | 5 | 9 | 1 | A | E | D | 6 | 2 | C | 4 | B | 0 | 3 |
| 6 | 1 | 9 | 4 | B | 2 | 3 | 7 | 0 | D | 5 | 8 | C | A | E |
| 0 | 3 | 4 | 5 | 6 | D | C | 9 | A | 1 | E | B | 2 | 7 | 8 |
| E | B | D | C | 3 | 7 | 8 | 5 | 2 | A | 9 | 0 | 6 | 4 | 1 |
| C | 2 | A | 0 | E | 8 | B | 1 | 4 | 6 | 3 | 7 | 9 | D | 5 |
| 4 | A | 2 | 8 | C | 1 | 7 | B | 5 | 0 | D | E | 3 | 9 | 6 |
| B | D | C | 6 | 5 | 9 | 4 | 8 | 3 | 7 | A | 2 | 1 | E | 0 |
| 3 | 6 | 8 | 7 | 2 | B | 0 | E | 9 | 4 | 1 | C | A | 5 | D |
| 7 | 5 | 0 | D | 4 | E | 2 | A | 1 | 9 | 6 | 3 | 8 | B | C |
| 9 | E | 1 | A | 0 | 3 | D | 6 | C | 8 | B | 5 | 4 | 2 | 7 |
| 2 | 4 | 6 | B | 8 | 0 | 9 | 3 | D | E | 7 | 1 | 5 | C | A |
| 5 | 0 | B | E | A | C | 6 | 2 | 7 | 3 | 8 | 9 | D | 1 | 4 |
| 1 | C | 3 | 2 | D | 5 | A | 0 | E | B | 4 | 6 | 7 | 8 | 9 |
| D | 8 | 7 | 1 | 9 | 6 | 5 | 4 | B | C | 0 | A | E | 3 | 2 |
| A | 9 | E | 3 | 7 | 4 | 1 | C | 8 | 5 | 2 | D | 0 | 6 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦସଙ୍କୁଳ ବିଦ୍ୟୁତ୍ ତାର ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,

ବିଦ୍ୟୁତ୍ ସେବା ଯେତିକି ଆବଶ୍ୟକ ସେତିକି ବିପଦଜନକ। ଏ କ୍ଷେତ୍ରରେ ସାମାନ୍ୟତମ ଅବହେଳା ଅନେକ ଜୀବନ ହାନିର କାରଣ ହୋଇଥାଏ। ଯାଜପୁର ଜିଲା ରସୁଲପୁର ବ୍ଲକ୍ ଓଡିଶୋ ପଞ୍ଚାୟତର ମାନପୁର ଗ୍ରାମରେ ମେନ ଲାଇନ ବିଦ୍ୟୁତ ତାର ମାତ୍ର ଛାତିଏ ଉଚ୍ଚାରେ ଗଛ ଏବଂ କାଠରେ ବନ୍ଧା ହୋଇଯାଇଛି। ଏଥିନେଇ ଗ୍ରାମବାସୀଙ୍କ ତରଫରୁ ବହୁବାର ସ୍ଥାନୀୟ ନେସ୍କୋ କୁଆଖିଆ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଏସ.ଡି.ଓ.ଙ୍କ ନିକଟରେ ଅଭିଯୋଗ କରାଯାଇଛି। ହେଲେ ଦୀର୍ଘ ୫ ବର୍ଷ ହେଲା ଏଥିନେଇ କୌଣସି ସୁଫଳ ମିଳୁନାହିଁ। ବୋଧହୁଏ ଏଭଳି ବିପଦଜନକ ଅବସ୍ଥାରେ ରାଜ୍ୟରେ କେଉଁଠି ବି ମେନ ଲାଇନ ତାର ଯାଇ ନ ଥିବ। କେତେବେଳେ କ'ଣ ଘଟିଯିବ ତା'ର କୌଣସି ଠିକଣା ନାହିଁ। ଏହି ବାଟ ଦେଇ ମହିଳା, ଶିଶୁମାନେ ମଧ୍ୟ ଶୌଚ ହେବାକୁ ଯାଉଛନ୍ତି। ସେହି ବାଟଦେଇ ଗୃହପାଳିତ ପ୍ରାଣୀ ଯାତାୟାତ କରୁଛନ୍ତି। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆଯାଉ।

-ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଶନିବାର, ୧୬ ଜାନୁୟାରୀ, ୨୦୨୧



**ଘାଟିରେ ଦୁର୍ଘଟଣା, ଯୁବକଙ୍କ ଜୀବନ ଗଲା**

ସଜନାଗଡ଼,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଘାଟିରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ ଚଣ୍ଡିଗଡ଼ ଗ୍ରାମର ଜୟନ୍ତ ମଲ୍ଲିକ (୨୨)। ଜୟନ୍ତ ୬ଜଣ ସାଙ୍ଗଙ୍କ ସହ ୩ଟି ବାଇକ୍‌ରେ ଝୁିଙ୍ଗ ଯାଉଥିଲେ। ଠାକୁରମୁଣ୍ଡା ଘାଟି ଠାରେ ହଠାତ୍ ଏକ କୁକୁର ରାସ୍ତା ଉପରକୁ ବାହାରି ପଡ଼ିବାରୁ କୁକୁରକୁ ଧକ୍କା ଦେଇ ନିୟନ୍ତ୍ରଣ ହରାଇ ଜୟନ୍ତ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ ନେଉଥିବା ବେଳେ ବାଟରେ ମୃତ୍ୟୁ ହୋଇଛି। ଏ ନେଇ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଅଧା ବାଟରେ ଖୋଲ

**ଯାଜପୁର ଅଫିସ/ ଚଣ୍ଡିଖୋଲ(ଡି.ଏନ.ଏ.),୧୫।୧**



- ଯୋଜନାବଦ୍ଧ ଭାବେ ଚାଲିଛି ଖଣିଜ ପଦାର୍ଥ ଲୁଟ୍
- ୬, ୫୩ ନମ୍ବର ଏନ୍‌ଏଚ୍‌ରେ ସକ୍ରିୟ ୫ ର୍‌ୟାକେଟ୍

ନକଲି ଟ୍ରାଞ୍ଜିଟ୍ ପାସ୍ (ଟିପି) ତିଆରି କରି ଲୁହାପଥର ଲୁଟ୍ ଓ ଚୋରି ଘଟଣା ଏବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦୁଝର ଓ ଯାଜପୁର ଜିଲାରେ ମୂଲ୍ୟବାନ ଖଣିଜ ପଦାର୍ଥ ନକଲି ଟିପି ସହାୟତାରେ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ବିହାର ରାଜ୍ୟକୁ ଚୋରାଚାଲାଣ କରାଯାଉଥିବା ଏବେ ଦେଖିବାକୁ ମିଳିଛି। କିଛିଦିନ ତଳେ କେନ୍ଦୁଝର ଜିଲା ଚମ୍ପୁଆ, ଯୋଡ଼ା, ବାଲିବନ୍ଧ ଅଞ୍ଚଳରେ ଜଙ୍ଗଲ ଅଧିକାରୀମାନେ ବିପୁଳ ପରିମାଣର ମାଙ୍ଗାନିଜ ଜବତ କରିଥିଲେ। ଗତ ୧୪ ତାରିଖରେ ବଡବିଲ ପୋଲିସ ୭୧ ଟନ ବୋଝେଇ ୨ଟି ଟ୍ରକକୁ ଜବତ କରିଥିବାବେଳେ ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଥିଲା। ସେହିପରି ଗତ ଅକ୍ଟୋବର ୩୧ରେ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ଧର୍ମଶାଳା ତହସିଲ ନେଉଳପୁର ପାହାଡ ଅଞ୍ଚଳରେ ପ୍ରାୟ ୨୦୦ ଟନ ଚୋରା ଲୁହାପଥର ଜବତ ହୋଇଥିଲା। ତେବେ ଏଯାଏ ଏହି ଲୁହାପଥର ଜବତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଟେର ପାଇପାରିନି ଖଣି ବିଭାଗ।

କେନ୍ଦୁଝର, ସୁନ୍ଦରଗଡ଼ ଅଞ୍ଚଳରୁ ଆସୁଥିବା ଏହି ଲୁହାପଥର ବୋଝେଇ ଟ୍ରକ ଯାଜପୁର ଜିଲା ଦେଇ ପାରାଦୀପ ବନ୍ଦରକୁ ଯାତାୟାତ କରିଥାନ୍ତି। କିନ୍ତୁ ଏହି ଟ୍ରକଗୁଡ଼ିକ ପାରାଦୀପ ନ ଯାଇ ସେମାନଙ୍କର ଚାଲାଣଗୁଡ଼ିକୁ ବନ୍ଦର ରପ୍ତାନିକାରୀ ସଂସ୍ଥା ନିକଟକୁ ପଠାଇଦିଅନ୍ତି। ସେଠାରେ ଚାଲାଣ ପାସ୍ ହୋଇଗଲା ପରେ ଏହି ଲୁହାପଥର ବୋଝେଇ ଟ୍ରକ୍ ଅନ୍ୟ ସ୍ଥାନକୁ ଚାଲିଯାଇଥାଏ। ଆଉ ଏକ ନକଲି ଚାଲାଣ କରାଯାଇ ଏହାକୁ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ବିହାରକୁ ପଠାଇ ଦିଆଯାଏ। ଯାଜପୁର ଜିଲା ଦେଇ ୬ ଓ ୫୩ ନମ୍ବର ଜାତୀୟ ରାଜପଥ ଯାଇଛି। ଯେ କୌଣସି ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ହୋଇ ଆସୁଥିବା ଗାଡ଼ି ଏହି ଦୁଇ ଜାତୀୟ ରାଜପଥ ଦେଇ ଅତିକ୍ରମ କରିଥାଏ। ଲୁହାପଥର ଖଣିରୁ ଆଣିଲା ବେଳେ ଟ୍ରକ୍ ଡ୍ରାଇଭରମାନଙ୍କୁ ଟିପି ଦିଆଯାଇଥାଏ। ଏହାକୁ ଅନ୍‌ଲାଇନ ଜରିଆରେ ଦାଖଲ କରାଯାଇଥାଏ। ଯାଜପୁର ଜିଲାର ଚଣ୍ଡିଖୋଲ ହେଉଛି ଦୁଇ ଜାତୀୟ ରାଜପଥର ମିଳନ ସ୍ଥଳ। ସେଥିପାଇଁ ଚଣ୍ଡିଖୋଲଠାରୁ ଟ୍ରକଗୁଡ଼ିକୁ କିପରି ପାରାଦୀପ ବନ୍ଦରକୁ ପଠା ନ ଯାଇ ଲୁହାପଥରକୁ ଅଧା ରାସ୍ତାରେ ଖୋଲ କରାଯିବ ତା'ର ନିର୍ଦ୍ଧାରଣ ଚୋରା ମାଫିଆମାନେ କରିଥାନ୍ତି। ପାଣିକୋଇଲିଠାରୁ ଚଣ୍ଡିଖୋଲ ୬ ନମ୍ବର ଜାତୀୟ ରାଜପଥ ଏବଂ ଡୁବୁରୀଠାରୁ ଚଣ୍ଡିଖୋଲ ୫୩ ନଂ ଜାତୀୟ ରାଜପଥ କଡ଼ରେ ରହିଥିବା ବିଭିନ୍ନ ନିଛାଟିଆ ସ୍ଥାନ ଓ ଗ୍ରାମରେ ଲୁହାପଥରକୁ କାଢି ଦିଆଯାଉଛି। ସେଥିରୁ ଲୁହାପଥର ଗୁଣ୍ଡ ଓ ଗୁଲି ବିଭିନ୍ନ ବେଆଇନ ସ୍ପଞ୍ଜ କାରଖାନାକୁ ଚାଲାଣ ହେଉଛି। ସେଥିପାଇଁ ଅସଲି ଦେଖାଯିବା ଭଳି ନକଲି କାଗଜପତ୍ର ତିଆରି କରାଯାଉଛି। ତାହାକୁ କେହି ନକଲି ବୋଲି ଜାଣିବା କଷ୍ଟକର। ପାଣିକୋଇଲିଠାରୁ ଚଣ୍ଡିଖୋଲ ମଧ୍ୟରେ ୩ଟି ଏବଂ ଡୁବୁରୀରୁ ଚଣ୍ଡିଖୋଲ ମଧ୍ୟରେ ୨ଟି ର୍‌ୟାକେଟ ଲୁହାପଥର ଚୋରାଚାଲାଣରେ ସମ୍ପୃକ୍ତ ଥିବା ସୂଚନା ମିଳିଛି। ବିଭିନ୍ନ ଥାନା ଅଞ୍ଚଳରେ ଏଭଳି ଚାଲୁଥିବାବେଳେ ପୋଲିସ ଓ ଖଣି ଅଧିକାରୀମାନେ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯଦି କୌଣସି ସ୍ଥାନରେ କେତେବେଳେ ଅଭିଯୋଗ ହୁଏ ତେବେ କାରବାରରେ ସମ୍ପୃକ୍ତ ମାଫିଆମାନେ ଆରାମରେ ଖସିଯାଇ ଟ୍ରକ୍ ଡ୍ରାଇଭରଙ୍କ ଉପରେ ଦୋଷ ଲଦିଥାନ୍ତି। ପୋଲିସ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରି ବସିଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜେ.ଏସ. ବାନାରାଙ୍କୁ ପଚାରିବାରୁ ସେ କହିଛନ୍ତି ବିଭାଗୀୟ ସ୍କ୍ୱାଡ୍ ଜରିଆରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଢେଙ୍କାନାଳରେ ପୁଣି କୁମାରୀ ମା'

**ଢେଙ୍କାନାଳ ଅଫିସ, ୧୫।୧**

ଢେଙ୍କାନାଳ ଜିଲା ପୁଣି ବୋହିଛି କୁମାରୀ ମା'ର କଳଙ୍କ। ଭୁବନ ପରେ କାମାକ୍ଷାନଗର ଥାନା ଅଞ୍ଚଳରେ ଏହାର ପୁନରାବୃତ୍ତି ଘଟିଛି। ଜଣେ ୧୭ ବର୍ଷୀୟା ନାବାଳିକା ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅନ୍ତଃସତ୍ତ୍ୱା କରିଥିବା ଯୁବକ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନାରେ ଗତ ୩୧ ତାରିଖରେ ମାମଲା (ନଂ.୪୩୧/୨୦) ରୁଜୁ ହୋଇଥିଲା। ଏଯାଏ ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ପୀଡ଼ିତାଙ୍କ ପରିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନାବାଳିକାଙ୍କୁ ନ୍ୟାୟ ଦେବାକୁ ସେମାନେ ଦାବି କରିଛନ୍ତି। ଜନ୍ମିତ ସନ୍ତାନର ଓଜନ ୩ କେଜି। ମା' ଏବଂ ଛୁଆ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଏଥିପୂର୍ବରୁ ଗତ ୬ ତାରିଖ ରାତିରେ ଭୁବନ ଥାନା ଅଞ୍ଚଳର ଜଣେ ୨୫ ବର୍ଷୀୟା ଅବିବାହିତା ଯୁବତୀ ଶୌଚାଳୟରେ ସନ୍ତାନ ପ୍ରସବ କରିଥିଲେ।

# ବିନା ପରୀକ୍ଷାରେ କୋଭିଡ୍ ନେଗେଟିଭ୍ ରିପୋର୍ଟ

**ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
**୨ କର୍ମଚାରୀ ଦେଉଛନ୍ତି ସାର୍ଟିଫିକେଟ**

କଳିଙ୍ଗନଗର,୧୫।୧(ଡି.ଏନ.ଏ.): ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ସ୍ୱାବ୍ ପରୀକ୍ଷାରେ ମିଳୁଛି କୋଭିଡ୍ ନେଗେଟିଭ୍ ରିପୋର୍ଟ। ଗତ ୧୪ ତାରିଖ ଛୁଟି ଦିନରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ବିନା କୌଣସି ଡାକ୍ତରଙ୍କ ପରାମର୍ଶରେ ଏବଂ ବିନା କିଟ୍ ଟେଷ୍ଟରେ ୫୦୦ ଟଙ୍କା ଦେଇ ଜଣେ ବ୍ୟକ୍ତି ଏହି ରିପୋର୍ଟ ହାତେଇଥିବା ଜଣାପଡ଼ିଛି। ପରେ ଏହାକୁ ନେଇ ଖୋଳତାଡ଼ ଆରମ୍ଭ ହେବାରୁ ଶନିବାର ଅତିରିକ୍ତ ଜିଲାପାଳ ଏହାର ତଦନ୍ତ କରିବାକୁ ଆସିବେ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯେଉଁ ସାର୍ଟିଫିକେଟ ଦିଆଯାଇଛି ସେଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଜାଲ ଦସ୍ତଖତ ଏବଂ ଷ୍ଟାମ୍ପ ମଧ୍ୟ ରହିଛି। ଏହାର ମୁଖ୍ୟ କାର୍ପେଟଦାର ସାଜିଛନ୍ତି ମେଡିକାଲର ଦୁଇ କର୍ମଚାରୀ।

ସୂଚନାଯୋଗ୍ୟ, କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଭିନ୍ନ କମ୍ପାନୀରେ ଯୋଗଦେବାକୁ ବାହାରୁ ଆସୁଥିବା କର୍ମଚାରୀ କରୋନା ନେଗେଟିଭ୍ ରିପୋର୍ଟ ଦେବା ବାଧ୍ୟତାମୂଳକ ହୋଇଛି। ସେହି ଅନୁସାରେ ଏଠାରେ କରୋନା ପରୀକ୍ଷା ପାଇଁ ଭିଡ଼ ଜମୁଛି। ମାତ୍ର ଏହାର ସୁଯୋଗ ନେଇ ସମ୍ପୃକ୍ତ ୨ ବ୍ୟକ୍ତି ଏଭଳି ଜାଲ ରିପୋର୍ଟ ଦେଉଥିବା ଅଭିଯୋଗ ହୋଇଛି। ତେବେ ଏଠାରୁ ନେଗେଟିଭ୍ ରିପୋର୍ଟ ନେଇଥିବା ବ୍ୟକ୍ତି ତୀର୍ଥସ୍ଥଳ ବୁଲି ଯାଇଥିବା ଜଣାପଡ଼ିଛି। ଏହିଭଳି ପ୍ରତିଦିନ ୨୦ରୁ ୩୦ ଜଣଙ୍କୁ ବିନା ପରୀକ୍ଷାରେ ନେଗେଟିଭ୍ ରିପୋର୍ଟ ଦିଆଯାଉଛି। ତେଣୁ ଏପରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ବଳ କହିଛନ୍ତି, ଏହି ରିପୋର୍ଟର ଯାଞ୍ଚ କରାଯିବ। ଏହାପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଓଡ଼ିଶା ସରକାର
**ଜଙ୍ଗଲ ଓ ପରିବେଶ ବିଭାଗ**
**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୨୦-୨୧**

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ / ଶିକ୍ଷାନୁଷ୍ଠାନ / ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ। ଆସନ୍ତା ୫ ଜୁନ୍, ୨୦୨୧ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ପ୍ରଦାନ କରାଯିବ। ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies (CES) ର Website www.cesorissa.org ରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ **ତା୧୬/୦୨/୨୦୨୧ରିଖରୁ ତା୧୫/୦୩/୨୦୨୧ରିଖ** ମଧ୍ୟରେ ମିଳିପାରିବ। ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୧୫/୦୩/୨୦୨୧ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଂଚିବା ଆବଶ୍ୟକ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ଜଙ୍ଗଲ ଓ ପରିବେଶ ବିଭାଗ**


## ଖାଇବା ତେଲ ବୋଝେଇ ୨ ଟ୍ରକ୍ ଜବତ

**କୁଆଁରମୁଣ୍ଡା,୧୫।୧(ଡି.ଏନ.ଏ.):** ଗୁରୁବାର କୁଆଁରମୁଣ୍ଡା ପୋଲିସ ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ଛକ ନିକଟରୁ ଖାଇବା ତେଲ ବୋଝେଇ ଦୁଇଟି ଟ୍ରକ ଜବତ କରିଛି। ଉଭୟ ଟ୍ରକରେ ପ୍ରାୟ ୨୮ ଟନରୁ ଉର୍ଦ୍ଧ୍ୱ ଖାଇବା ତେଲ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୪୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ପ୍ରକାଶ ଯେ, ଝାରସୁଗୁଡାରୁ ୨ଟି ଟ୍ରକ ଯୋଗେ ଖାଇବା ତେଲ ବୋଝେଇ ହୋଇ ଝାଡଖଣ୍ଡ ଦେଇ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାକୁ ଚାଲାଣ ହେଉଥିବା ବେଳେ ପୋଲିସ ସନ୍ଦେହରେ ଧରିଥିଲା। ଏନେଇ ରାଉରକେଲା ଜିଏସ୍‌ଟି ବିଭାଗକୁ ଖବର ଦେଇଥିଲା। ଗୁରୁବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଜିଏସଟି ବିଭାଗର ଅଧିକାରୀମାନେ କୁଆଁରମୁଣ୍ଡା ଫାଣ୍ଡିରେ ପହଞ୍ଚି ଜବତ ଟ୍ରକଦ୍ୱୟରେ ଲଦା ହୋଇଥିବା ଖାଇବା ତେଲର ପରିମାଣ ଯାଞ୍ଚ କରିବା ସହ ଏ ସମ୍ପର୍କିତ କାଗଜପତ୍ର ଖୋଜିଥିଲେ। ମାତ୍ର କାଗଜପତ୍ର ଦେଖାଇ ନ ପାରିବାରୁ ଜିଏସଟି ଫାଙ୍କି ଏହି ତେଲ ଚାଲାଣ ହେଉଥିବା ଜିଏସଟି ଅଧିକାରୀଙ୍କ ଠାରୁ ଜଣାପଡିଛି। ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜିଏସଟି ଫାଙ୍କି ଉକ୍ତ ଖାଇବା ତେଲ ପଶ୍ଚିମବଙ୍ଗ ରାଜ୍ୟକୁ ଚାଲାଣ ହେଉଥିଲା। ପୋଲିସ ଟ୍ରକଦ୍ୱୟର ଚାଳକ ଓ ଜଣେ ଖଲାସିଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଜବତ ଦୁଇ ଟ୍ରକର ନମ୍ବର ଡବ୍ଲ୍ୟୁବି୧୧ସି୨୬୬୭ ଓ ଡବ୍ଲ୍ୟୁ୧୧ସି୦୨୪୭। ଏହି ଖାଇବା ତେଲ ଦୁଇଟି ଅନ୍ୟ ଟ୍ରକରେ କେନ୍ଦୁଝର ଜିଲାର ତେଲକୋଇ ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ତେବେ ଝାରସୁଗୁଡା ନିକଟରେ ସେହି ଗାଡିରୁ ତେଲ ପେଟିଗୁଡିକୁ କାଢି ନିଆଯାଇ ଜବତ ଟ୍ରକରେ ଲଦା ଯାଇଥିଲା ବୋଲି ଅଟକ ବ୍ୟକ୍ତିଙ୍କ ଠାରୁ ପଚରାଉଚରା ବେଳେ ପୋଲିସ ଜାଣିବାକୁ ପାଇଛି।

# ବିପଜ୍ଜନକ ହେଉଛି ଇ-ବର୍ଜ୍ୟବସ୍ତୁ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

**ସଂଗ୍ରହ, ପୁନଃ ପ୍ରକ୍ରିୟାକରଣ ପାଇଁ ନାହିଁ ପର୍ଯ୍ୟାପ୍ତ ବ୍ୟବସ୍ଥା**

ଇ(ଇଲେକ୍ଟ୍ରୋନିକ)-ବର୍ଜ୍ୟବସ୍ତୁ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଦିନକୁ ଦିନ ଇଲେକ୍ଟ୍ରୋନିକ ସାମଗ୍ରୀର ବହୁଳ ବ୍ୟବହାର ହେଉଥିବାରୁ ଏହାର ବର୍ଜ୍ୟବସ୍ତୁ ବଢ଼ିବାରେ ଲାଗିଛି। ତେବେ ଏହି ବର୍ଜ୍ୟବସ୍ତୁ ସଂଗ୍ରହ ଓ ପୁନଃ ପ୍ରକ୍ରିୟାକରଣ ହେଉ ନ ଥିବାରୁ ଦିନକୁ ଦିନ ଇ-ବର୍ଜ୍ୟବସ୍ତୁର ବୋଝ ବଢିଚାଲିଛି। ଦେଶରେ ୨୦୧୭-୧୮ରେ ୭,୦୮,୪୪୫ ଟନ୍ ଇ-ବର୍ଜ୍ୟବସ୍ତୁ ବାହାରିଥିବା ବେଳେ ୨୦୧୯-୨୦ରେ ଏହା ୧୦,୧୪,୯୬୧ଟନ୍‌କୁ ବୃଦ୍ଧି ପାଇଛି। ନିକଟରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ ଏହା କୁହାଯାଇଛି। ତେବେ ପରିଚାଳନା ରୁଲ୍-୨୦୧୬ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୧ ପ୍ରକାର ବର୍ଜ୍ୟବସ୍ତୁରୁ ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି। ବିଶେଷ କରି କମ୍ପ୍ୟୁଟର ମନିଟର, ମୋବାଇଲ ଫୋନ, ଚାର୍ଜର, ମଦର କିବୋର୍ଡ, ହେଡ୍‌ଫୋନ, ଟେଲିଭିଜନ ସେଟ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ବ୍ୟବହୃତ ଜିନିଷ ଇ-ବର୍ଜ୍ୟବସ୍ତୁ ଭାବେ ଗଣାଯାଉଛି। ତେବେ ଏହି ବର୍ଜ୍ୟବସ୍ତୁ ସଂଗ୍ରହ ଅତ୍ୟନ୍ତ ନଗଣ୍ୟ। ରିପୋର୍ଟ ଅନୁଯାୟୀ ୨୦୧୭-୧୮ରେ ୩୫,୪୨୨ଟନ୍ ଏବଂ ୨୦୧୮-୧୯ରେ ୧,୫୪,୨୪୨ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଏହି ସମୟରେ ସଂଗ୍ରହ ଅତ୍ୟନ୍ତ ନୈରାଶ୍ୟଜନକ ଥିବା ରିପୋର୍ଟରେ କୁହାଯାଇଛି। ୨୦୧୭-୧୮ରେ ମାତ୍ର ୨୫,୩୨୫ ଟନ୍ ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିବା ବେଳେ ୨୦୧୮-୧୯ରେ ୭୮,୨୮୧ ଟନ୍ ସଂଗ୍ରହ କରାଯାଇଛି। ତେବେ ଗାଇଡ୍‌ଲାଇନ ଅନୁଯାୟୀ ଇଲେକ୍ଟ୍ରୋନିକ ଜିନିଷ ଉତ୍ପାଦନ କରୁଥିବା ସଂସ୍ଥା ଘରୁ ସଂଗ୍ରହ କରିବା ସହ ସେଗୁଡିକୁ ପୁନଃ ପ୍ରକ୍ରିୟାକରଣ କରିବା ନିୟମ ରହିଛି। ୨୦୨୦ ନଭେମ୍ବର ୨୬ ସୁଦ୍ଧା ୧,୬୩୦ ଉତ୍ପାଦନକାରୀ ସଂସ୍ଥା ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ ପଞ୍ଜୀକୃତ ହୋଇଛନ୍ତି। ୨୦୧୭-୧୮ରେ ୬୯,୪୧୩ଟନ୍ ଇ-ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରିଥିବା ବେଳେ ୨୦୧୮-୧୯ରେ ୧,୬୪,୬୬୩ ଟନ୍ କରାଯାଇଛି। ୨୦୨୦ ସୁଦ୍ଧା ୧୮୬ଟି ଉତ୍ପାଦନକାରୀ ସଂସ୍ଥା ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରୁ ନ ଥିବାରୁ ସିପିସିବି କାରଣ ଦର୍ଶାଅ ନୋଟିସ ଜାରି କରିଥିଲା।

ଓଡ଼ିଶାରେ ମଧ୍ୟ ଇ-ବର୍ଜ୍ୟବସ୍ତୁ ବଡ଼ ସମସ୍ୟା ଭାବେ ଉଭା ହେଲାଣି। ରାଜ୍ୟରେ ବର୍ଷକୁ ୯,୯୨,୮୦୦ ଟନ୍ ଇ-ବର୍ଜ୍ୟବସ୍ତୁ ବାହାରୁଛି। ସେଥିରୁ ମାତ୍ର ୫ ପ୍ରତିଶତ ପୁନଃ ପ୍ରକ୍ରିୟାକରଣ କରାଯାଉଛି। ଓଡ଼ିଶାରେ ଇ-ବର୍ଜ୍ୟବସ୍ତୁ ପରିଚାଳନା କରିବାକୁ ସେପରି କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। କେବଳ ସର୍କୁଲାର ଓ ଗାଇଡ୍‌ଲାଇନରେ ଏହା ସୀମିତ ରହିଛି। ରାଜ୍ୟରେ ଇ-ବର୍ଜ୍ୟବସ୍ତୁ ବଢୁଥିବା ବେଳେ ଏହାକୁ ସଂଗ୍ରହ ଓ ପୁନଃ ପ୍ରକ୍ରିୟାକରଣର ବ୍ୟବସ୍ଥା ହୋଇନାହିଁ। ଇ-ବର୍ଜ୍ୟବସ୍ତୁ ଜଳ, ସ୍ଥଳ ଓ ବାୟୁମଣ୍ଡଳ ପାଇଁ ବିପଜ୍ଜନକ। ଏହାର ସୁରକ୍ଷିତ ସଂଗ୍ରହ ଓ ପୁନଃ ପ୍ରକ୍ରିୟାକରଣ ଠିକ୍ ଢଙ୍ଗରେ କରା ନ ଗଲେ ଆଗାମୀ ଦିନରେ ଏହା ଭୟଙ୍କର ସମସ୍ୟା ସୃଷ୍ଟି କରିବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି। ରାଜ୍ୟରେ ଇ-ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ୫ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହାର ସଂଗ୍ରହ ଓ ପ୍ରକ୍ରିୟାକରଣ ବୃଦ୍ଧି ନେଇ ପଦକ୍ଷେପ ନିଆଯାଉଛି। ଶିକ୍ଷାନୁଷ୍ଠାନରେ ଇ-ବର୍ଜ୍ୟବସ୍ତୁ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଯାଉଛି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଗୋଚର ଜମିରେ ପ୍ରକଳ୍ପ ନିର୍ମାଣକୁ ବିରୋଧ

**ସୋର, ୧୫।୧(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋରର ବ୍ଲକ କେଦାରପୁର ପଞ୍ଚାୟତର ଏକ ମେଗା ପ୍ରକଳ୍ପ ନିର୍ମାଣ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟ ଆରମ୍ଭ କରିଥିବା ବେଳେ କେତେଜଣ ଗ୍ରାମବାସୀ ଏହାକୁ ବିରୋଧ କରି ଅନ୍ୟତ୍ର କରାଯିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଉକ୍ତ ମେଗା ପ୍ରକଳ୍ପ ଏହି ପଞ୍ଚାୟତର ବରଜାପଦାଠାରେ ନିର୍ମାଣ କରାଯିବାକୁ ଶୁଭ ଶିଳାନ୍ୟାସ କରାଯାଇଥିଲା। ଉକ୍ତ ଗୋଚର ଜମିରେ ଗ୍ରାମର ଗୋରୁଗାଈ, ଛେଳି, ମେଣ୍ଢା ଗୃହପାଳିତ ପ୍ରାଣୀମାନଙ୍କର ବିଚରଣ କରିବାର ତଥା ଖାଦ୍ୟ ସଂଗ୍ରହ କରିବାରେ ବାଧା ଉପୁଜିବା ନିଶ୍ଚିତ ହୋଇପଡ଼ିଛି। ଉକ୍ତ ପ୍ଲଟରେ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନ କରି ଅନ୍ୟ ଏକ ସରକାରୀ ଜମିରେ ଗ୍ରାମବାସୀ ନିବେଦନ କରିଛନ୍ତି। ଏପରିକି ସୋର ତହସିଲଦାର କେଦାରପୁର ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ଅନ୍ୟ ଏକ ସରକାରୀ ଜମିକୁ ଚିହ୍ନଟ କରାଯାଇ ଏହି ପାନୀୟଜଳ ପ୍ରକଳ୍ପ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରି ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଗ୍ରାମର ବଂଶୀଧର ରଣା, ଉପେନ୍ଦ୍ର ଯେନା,ଗୋପାଳ ଚନ୍ଦ୍ର ପରିଡ଼ା, ନରେନ୍ଦ୍ର ସେଠୀ, ଲକ୍ଷ୍ମଣ ସେଠୀଙ୍କ ସମେତ ଶତାଧିକ ଗ୍ରାମବାସୀ ଲିଖିତ ଭାବରେ ଉକ୍ତ ସ୍ଥାନରେ ପ୍ରକଳ୍ପ ନିର୍ମାଣ ନ କରିବାକୁ ଜିଲ୍ଲାପାଳ, ଏସଡ଼ିଓ ଆରଡ଼ବ୍ଲ୍ୟୁଏସ୍‌ଏସ, ସୋର ବିଡ଼ିଓ ଓ ତହସିଲଦାରଙ୍କୁ ଜଣାଇଛନ୍ତି।



ଜୀବପ୍ରତି ନିଷ୍ଠୁରତା: କଟକରେ ଜଣେ ଟ୍ରଲି ଚାଳକ ଏକ କୁକୁର ଛୁଆ ବେକରେ ଜଞ୍ଜିର ବାନ୍ଧି ନେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

**ଚମ୍ପୁଆ,୧୫।୧(ଡି.ଏନ.ଏ):** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ମଥୁରାପୁର ଜାମୁଦଲକ ରାସ୍ତାରେ ଗୁରୁବାର ରାତିରେ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଝାଡ଼ଖଣ୍ଡ ଜୟନ୍ତି ଗଡ଼ ଘୁଟୁସାହିର ଟାରଜନ ସିଙ୍କୁ। ସୂଚନା ଅନୁସାରେ ଟାରଜନ ବାଇକ୍‌ରେ ଭିଣୋଇ ଘର ଜଡ଼ିପଦା ଗ୍ରାମକୁ ଯାଇ ରାତିରେ ଫେରୁଥିଲେ। ଏକ ଗଛରେ ପିଟି ହୋଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।


Your classified advertisement published in Dharitri will be listed free in Dharitri online edition : **www.dharitri.com**



**OFFICE OF THE REGULATED MARKET COMMITTEE**
At-GANDHINAGAR, P.O./Dist.- NABARANGPUR
Phone: (06858) 222105, E-mail:awmornab@gmail.com
Letter No.576/Nabarangpur, the 14th January 2021
**INVITATION FOR BIDS**
Bid Identification No.RMC/Nabarangpur-01/2020-21

| | | |
|---|---|---|
| 1 | Sub-Collector cum Chairman, RMC, Nabarangpur, Odisha invites percentage rate bids in double cover system in ONLINE MODE only for Construction of Agricultural Marketing Infrastructures Under RMC, Nabarangpur as detailed below: | |
| 2 | Nature of work | Agricultural Marketing Infrastructures |
| 3 | No. of work | 03 Nos. |
| 4 | Amount put to tender | Rs.600.00 lakhs to 1100.00 lakhs |
| 5 | Bid cost | 10,000 (Each) |
| 6 | Earnest Money Deposit (EMD) | Approximately 1% of the tender value |
| 7 | Class of contractor | Special and super |
| 8 | Availability of bid documents in the website | From dt.16.01.2021 to 17.00 hours of dt.01.02.2021. |
| 9 | Date of opening of technical bid | Dt.03.02.2021 at 11.30 A.M. |
| 10 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Sub-Collector-cum-Chairman, RMC, Nabarangpur



**NESCO UTILITY**
Head Office: Januganj, Balasore-756019
Email-purchase@nescoodisha.com
**NOTICE INVITING TENDER**
Tender Notice No. NESCO Utility / O&M of S/S/21/20-21/406 Dt: 15.01.2021

For and on behalf of NESCO Utility sealed tenders are invited in duplicate in two part bidding system from eligible bidders who comply with the terms & conditions and specification laid down in the tender documents for the works **"Operation & Maintenance (O&M) Contract of 33/11 KV Primary Sub-Station"** on rate contract basis under NESCO Utility. **Last date of submission of Tender :** Dt.02.02.2021 up to 3.00 P.M. **Date of opening of Tender:** Dt.02.02.2021 at 3.30 PM. For details please visit our website- **www.nescoodisha.com**. Corrigendum/ Addendum/ Information if any will be published in the website only.

Sd./- General Manager (C&MM)



**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
NAYAGARH (ODISHA), PIN-752069
E-Mail:nacnayagarh@yahoo.co.in
Tender Call Notice No.112/Dt.15.01.2021
E-Procurement Notice No. MUNLNGR-3/2020-21

| | | |
|---|---|---|
| 1 | Name of the work | Civil works |
| 2 | No. of works | 02 Nos. |
| 3 | Value of work | Rs.73,95,829/- to Rs.88,27,225/- |
| 4 | Class of contractor | B & A |
| 5 | Period of completion | 180 days |
| 6 | Date of publication | 19.01.2021 |
| 7 | Date and time of availability of document in the portal | From Dt.20.01.2021 at 10.00 A.M. to Dt.29.01.2021 upto 5.00 P.M. |
| 8 | Last date/time for receipt of bids in portal | Dt.29.01.2021 upto 5.00 P.M. |
| 9 | Last date of submission of original documents in this office | On or before 5.00 P.M. on 04.02.2021 by Registered Post/Speed Post/Drop Box available at Municipal Office |
| 10 | Date and time of opening technical bid | Dt.05.02.2021 at 11.00 A.M. at Municipality Office, Nayagarh |
| 11 | Date and time of opening financial bid | Dt.08.02.2021 at 11.00 A.M. at Municipality Office, Nayagarh |
| | Name and address of the officer inviting bid | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in**



**PANCHAYAT SAMITI OFFICE, KOIRA**
**DISTRICT- SUNDARGARH (ODISHA)**
**Procurement Notice**
**TENDER CALL NOTICE NO.49 DATE: 15.01.2021**

1. Name of the work:Civil construction works as mentioned in website.
2. Nos. of works: 37 (Thirty seven) only
3. Bid value: Rs.10.674 lakhs to Rs.49.31 lakhs.
4. Period of completion: 2 months to 5 months.
5. Period of availability of tender paper: Office of the Block Development Officer, Koira from Dt.16.01.2021 to Dt.30.01.2021 only on working days from 11.00 A.M. to 5.00 P.M.
6. Last date and time of receipt of tender paper: 01.02.2021 upto 3.00 P.M. through Registered Post/Speed Post/ Directly put to tender box at the Panchayat Samiti Office, Koira.
7. Date & time of opening of tender: On 02.02.2021 at 11.00 A.M. at Panchayat Samiti Office, Koira.
8. The undersigned reserves the right either to reject any all tenders or cancel the entire process without assigning the reason thereof.
9. Name & address of the officer inviting tender: Block Development Officer, Koira.

Further details can be seen in the website **www.sundargarh.nic.in**.

**Sd./- Block Development Officer, Koira**

## ଫ୍ୟାକ୍ଟ୍ରିରେ ଲାଗିଲା ନିଆଁ

ରାଉରକେଲା: ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଶ୍ରୀୟା ମେଟାଲିକ ଏଣ୍ଡ କେମିକାଲ ଫ୍ୟାକ୍ଟ୍ରିରେ ଶୁକ୍ରବାର ରାତିରେ ନିଆଁ ଲାଗିଛି। ରାତି ସାଢ଼େ ୮ଟା ସମୟରେ ଉକ୍ତ ଫ୍ୟାକ୍ଟ୍ରିର ଅଟୋ ମୋବାଇଲ ଅଞ୍ଚଳ ପାଖରେ ଖୁବ ଜୋରରେ ନିଆଁ ଉଠିଥିଲା। ଏହା ଦେଖି ସ୍ଥାନୀୟ କର୍ମଚାରୀ ସେଠାରୁ ଦୌଡ଼ି ପଳାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୌଣସି ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁ ଏପରି ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏଥିରେ ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସଂକ୍ଷେପରେ

## ପୁଅ ହତ୍ୟାକାରୀ ବାପାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

ରାଉରକେଲା,୧୫।୧: ପୁଅର ହତ୍ୟାକାରୀ ବାପାଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇଛି। ରାଉରକେଲା ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ହତ୍ୟାକାରୀ ହୁଣ୍ଡା ଓରାମଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଏକ ବସ୍ତିରେ ହୁଣ୍ଡା ଓରାମ ପରିବାର ସହ ବାସ କରନ୍ତି। ପରିବାର କହିଲେ ତାଙ୍କ ସ୍ତ୍ରୀ ଶୁକା ଓରାମ ଓ ୫ ବର୍ଷର ପୁଅ । ତେବେ ପୁଅକୁ କେନ୍ଦ୍ର କରି ଉକ୍ତ ଦମ୍ପତିଙ୍କ ମଧ୍ୟରେ କଳି ଝଗଡ଼ା ହୋଇ ଆସୁଥିଲା। ଗତ ୨୦୧୯ ଜୁନ ୨୪ ତାରିଖ ଭୋର ୫ଟାରେ ଶୁକା ଶୌଚ ହେବା ପାଇଁ ଘରୁ ବାହାରକୁ ଯାଇଥିଲା ବେଳେ ହୁଣ୍ଡା ଏକ ଧାରୁଆ ଛୁରୀରେ ପୁଅ ଶୋଇଥିବା ଅବସ୍ଥାରେ ଗଳା କାଟି ହତ୍ୟା କରିଥିଲେ। ପରେ ସେ ଘରୁ ଫେରାର ହୋଇ ଯାଇଥିଲେ। ଶୁକା ଏ ନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିବାରୁ ପୁଲିସ ହୁଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାରେ ୧୪ ଜଣ ସାକ୍ଷୀ ପ୍ରମାଣ ଓ ୨୧ଟି ଦସ୍ତାବିଜ ସହ ସରକାରୀ ଓକିଲଙ୍କ ଯୁକ୍ତି ପ୍ରମାଣ ଆଧାରରେ ହୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡାଦେଶ ଘୋଷଣା କରାଯାଇଛି। ଆଡିଶନ ସବୃକ ପ୍ରସିକ୍ୟୁଟର ସତ୍ୟନାରାୟଣ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ଏମ୍‌ସର ଦ୍ୱିତୀୟ ଶାଖା ଖୋଲିବା ଦାବି ତେଜିଲା

ରାଉରକେଲା ଅଫିସ,୧୫।୧: ସୁନ୍ଦରଗଡ଼ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡ଼ିକାଲ ସାଇନ୍ସ (ଏମ୍‌ସ)ର ଦ୍ୱିତୀୟ ଶାଖା ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ପ୍ରସ୍ତାବ ଦେଇଥିବାରୁ ରାଉରକେଲା ଓକିଲ ସଂଘ ଏହାକୁ ସ୍ୱାଗତ କରିଛି। ଏହାସହ ସଂଘ ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କ ଜରିଆରେ ସ୍ୱାରକପତ୍ର ପ୍ରଦାନ କରି ରାଉରକେଲାରେ ଦ୍ୱିତୀୟ ଏମ୍‌ସ ଶାଖା ଖୋଲିବା ଲାଗି ଅନୁରୋଧ କରିଛି। ଇସ୍ପାତ ଜେନେରାଲ ହସ୍ପିଟାଲରେ ଡାକ୍ତର ଅଭାବ ଓ ହାଇଟେକ ମେଡ଼ିକାଲ କଲେଜକୁ ମାଗଣାରେ ଜମି ଯୋଗାଇ ଦିଆଯାଇଥିଲେ ମଧ୍ୟ ଏହି ହସ୍ପିଟାଲ ରୋଗୀ ମାନଙ୍କ ଆଶାନୁରୂପ ସେବା ଯୋଗାଇ ଦେବାରେ ବିଫଳ ହୋଇଛି। ଏଣୁ ଏମ୍‌ସର ୨ୟ ଶାଖା ରାଉରକେଲା ଠାରେ ପ୍ରତିଷ୍ଠା ଯୁକ୍ତିଯୁକ୍ତ ହେବ ବୋଲି ଓକିଲସଂଘ ଦର୍ଶାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ଗଣେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ଉପସଭାପତି ରଙ୍ଗବାହାଦୁର ବାଗ, ବିଜୟ ଦାସ, ପ୍ରଦୀପ ଜେନା, ଗୋବିନ୍ଦ ଦତ୍ତା, ଧାରେନ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ଦାବି

ରାଉରକେଲା ଅଫିସ,୧୫।୧: ଆରଏସ୍‌ପି ଶ୍ରମିକ କର୍ମଚାରୀମାନଙ୍କୁ ପ୍ରୋତ୍ସାହନ ରାଶି ଓ ଉପହାର ପ୍ରଦାନ ପାଇଁ ରାଉରକେଲା ଶ୍ରମିକ ସଂଘ ଦାବି କରିଛି। ୨୦୨୦-୨୧ ଆର୍ଥିକ ବର୍ଷର ଶୁକ୍ରବାର ପର୍ଯ୍ୟନ୍ତ ସମସ୍ତ ବିଭାଗ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣା, ଶକ୍ତି ସଂରକ୍ଷଣ କ୍ଷେତ୍ରରେ ନୂତନ କୀର୍ତ୍ତିମାନ ସ୍ଥାପନ କରି ଏକ ନୂତନ ରେକର୍ଡ ସମଗ୍ର ସେଲରେ ହାସଲ କରିଛନ୍ତି। ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନରେ ମଧ୍ୟ ସନ୍ତୋଷଜନକ ରାଶି ସଂଗ୍ରହ କରାଯାଇପାରିଛି। ମହାମାରୀ କରୋନା ସମୟରେ କରୋନା ଯୋଦ୍ଧା ଭଳି ପ୍ରତ୍ୟେକ ଆରଏସ୍‌ପି କର୍ମଚାରୀ ନିଜ ନିଜର କାର୍ଯ୍ୟ କରି ଗୌରବ ଆଣିଛନ୍ତି। ଆରଏସ୍‌ପିର ଶ୍ରମିକ କର୍ମଚାରୀ ମାନଙ୍କ ପ୍ରଶଂସନୀୟ କର୍ମ କୌଶଳ ଓ କର୍ମଦକ୍ଷତା ପାଇଁ ଆରଏସ୍‌ପିର ସିଇଓ ଦୀପକ ଚଟ୍ଟରାଜଙ୍କୁ ସର୍ବଶ୍ରେଷ୍ଠ ସିଇଓ, ଇଡ଼ି ୱାର୍କସଙ୍କୁ ସର୍ବଶ୍ରେଷ୍ଠ ଇଡ଼ି ଓ ସିଜିଏମ୍ ଅରୁଣ କୁମାର ପୂଜାରୀଙ୍କୁ ସର୍ବଶ୍ରେଷ୍ଠ ପ୍ରେରଣା ଦାୟକ ଲିଡ଼ର ଭାବେ ପୁରସ୍କୃତ କରାଯାଇଛି। ତେଣୁ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ସମଗ୍ର ଇସ୍ପାତ ଶ୍ରମିକ କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଦାବି କରିଛନ୍ତି।

# ପ୍ୟାକ୍ସରେ ତାଲା ପକାଇଲେ ଚାଷୀ

ତରବୋଡ/ନୂଆପଡା ଅଫିସ, ୧୫।୧ (ଡି.ଏନ.ଏ.)



କୃଷି ସମବାୟ ସମିତିରେ ଚାଷୀ ତାଲା ପକାଉଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ତରବୋଡ ପ୍ୟାକ୍ସରେ ଗତ ଡିସେମ୍ବର ୧୬ ତାରିଖରୁ ଟୋକନ ପାଇଥିବା ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି। ଶନିବାର କେତେ ଚାଷୀଙ୍କ ଟୋକନ ଲାପ୍ସ ହେବାକୁ ଯାଉଛି। ଚାଷୀ ହତାଶ ହୋଇ ଆନ୍ଦୋଳନର ପନ୍ଥା ଆରମ୍ଭ କଲାଣି । ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀ ତରବୋଡ ମଣ୍ଡିଠାରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି କୃଷି ସମବାୟ ସମିତିକୁ ଯାଇ ତାଲା ପକାଇଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ୟାକ୍ସ ସମ୍ପାଦକ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଚାଷୀ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିବା ପାଇଁ ଯୋଜନା କରୁଥିବା ବେଳେ ତରବୋଡ ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ ୨୪ ଘଣ୍ଟା ମହଲତ ଦେଇଛନ୍ତି। ୨୪ ଘଣ୍ଟା ଭିତରେ ମଣ୍ଡିରୁ ଧାନ ଉଠା ନ ଗଲେ ତାହାର ଅନ୍ୟ ଉପାୟ କରିବ ବୋଲି ପ୍ରତିଶ୍ରୁତି ଦେବାରୁ ଚାଷୀ ରାସ୍ତା ଅବରୋଧ ନ କରି ମଣ୍ଡି ପାଖରେ ଧାରଣାରେ ବସିଛନ୍ତି। ଏଆରସିଏସ ଭିକାରୀ ଚରଣ ସେଠ ଆସି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ତରବୋଡ ପାଇଁ ୨୦୦୦ କୁଇଣ୍ଟାଲ ଧାନର ଟାର୍ଗେଟ ଅଛି ବୋଲି କହିଥିଲେ। ଚାଷୀମାନେ ଆମକୁ ୮ରୁ ୧୦ ହଜାର କୁଇଣ୍ଟାଲର ଟାର୍ଗେଟ ପାଇଁ ଦାବି କରିଥିଲେ। ଆଜକୁ ପ୍ରାୟ ୧୫ ଦିନ ହେବ ମଣ୍ଡିରେ ଧାନ ପଡି ଚାଷୀ ଶୀତ, କାକରରେ ଜଗି ରହିଛି । ୨୦,୦୦୦

### ତରବୋଡ଼ ମଣ୍ଡି
- ୧୫ ଦିନ ହେଲା ମଣ୍ଡିରେ ପଡ଼ିଛି ଧାନ

କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିଛି। ମଣ୍ଡିରେ ଧାନ ପଡି ରହି ନଷ୍ଟ ହେବାକୁ ଗଲାଣି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ଜିଲା ପ୍ରଶାସନକୁ ଚାଷୀ ଅନେକ ଥର ଲିଖିତ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ସବୁ ଦାୟୀ ଜିଲା ପ୍ରଶାସନ ବୋଲି ଶନିବାର ଚାଷୀମାନେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଚାଷୀ ନେତା ଯୋଗେନ୍ଦ୍ର ବାଗ, ଦୟାସାଗର ପ୍ରଧାନ, ଗଦାଧର ଗହିର, ଖଗେଶ୍ୱର ନାଗ, ରଥୀରାମ ଖର୍ସେଲ, ଯୋଗେନ୍ଦ୍ର ନାୟକ, ମୋହନ ମାଝି, ଗଣପତି ଶବର, ଜଳଧର କାଣ୍ଡ, ନରସିଂ ରଣା, ଗୋପି ମାଝି ପ୍ରମୁଖ ଶତାଧିକ ଚାଷୀ ଧାରଣାରେ ବସିଛନ୍ତି।

# ଏନ୍‌ଏସି ଅଫିସ ଘେରାଉକଲେ ଅସ୍ଥାୟୀ କର୍ମଚାରୀ

କଣ୍ଟାବାଞ୍ଜି, ୧୫।୧ (ଡି.ଏନ.ଏ.)


କଂଗ୍ରେସ କର୍ମୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ଏନଏସି ଅଫିସ ଘେରାଉ କରିଛନ୍ତି ।

ଶୁକ୍ରବାର କଣ୍ଟାବାଞ୍ଜି ଏନଏସିର ୬୧ଜଣ ଡିଏଲଆର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ନେଇ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ଏନଏସି ଅଫିସ ଘେରାଉ କରିଛନ୍ତି। କଂଗ୍ରେସ କର୍ମୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଏନଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଏନଏସି କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଏକ ଶୋଭା କରି କଣ୍ଟାବାଞ୍ଜି ଏନଏସି ଅଫିସରେ କାର୍ଯ୍ୟରତ ୫୨ଜଣ ଡିଏଲଆର ସଫେଇ କର୍ମଚାରୀ, ୯ଜଣ ଅଫିସ କର୍ମଚାରୀ ଦୀର୍ଘ ୧୦/୧୨ବର୍ଷ ହେଲା ଚାକିରି କରି ପୁଣ୍ଡା ନିୟମିତ ହୋଇ ନ ଥିବାରୁ ସ୍ଥାୟୀ କରିବା ଦାବି କରିଛନ୍ତି। ଅସ୍ଥାୟୀ ୬୧ଜଣ ଡିଏଲଆର କର୍ମଚାରୀଙ୍କୁ ଯଥାଶୀଘ୍ର ସ୍ଥାୟୀ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଚିଠି ଲେଖିବା ସହିତ ନିର୍ଦ୍ଦେଶ ନ ଆସିବା ଯାଏ ସେମାନଙ୍କୁ କାର୍ଯ୍ୟରେ ରଖାଯାଉ ବୋଲି ବିଧାୟକ ଦାବି କରିଛନ୍ତି। ଏକ ଦାବିପତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଇଲ୍ଲାଶ୍ରୀଙ୍କ ଜରିଆରେ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦେଇଛନ୍ତି। ଘେରାଉରେ ନଗର କଂଗ୍ରେସ ସଭାପତି ଡମ୍ବରୁଧର ବେହେରା, ସମ୍ପାଦକ ଘନଶ୍ୟାମ ଗୁପ୍ତାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଓ ଡିଏଲଆର କର୍ମଚାରୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ୬୧ ଡିଏଲଆର କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଦାବି

## ଶହେ ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯିବ କୋଭିଡ୍ ଟିକା

ରାଉରକେଲା ଅଫିସ,୧୫।୧

ସୁନ୍ଦରଗଡ଼ ଜିଲାରେ କରୋନା ଯୋଦ୍ଧାଭାବେ ପ୍ରଥମେ ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀଙ୍କୁ ଟିକା ଦେବା ପାଇଁ ୮ଟି କେନ୍ଦ୍ର କରାଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ଶହେ ଜଣଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି ଆର୍‌ଜିଏଚ୍‌ର ଅତିରିକ୍ତ ମେଡିକାଲ ଅଫିସର ଡାକ୍ତର ପଣ୍ଡିତ ସାହୁ ସୂଚନା ଦେଇଛନ୍ତି। ଆର୍‌ଜିଏଚ୍‌ରେ ପ୍ରଥମେ ସଫେଇ କର୍ମଚାରୀଙ୍କୁ ଏହି ଟିକା ଦିଆଯିବ। ସକାଳ ସାଢ଼େ ୧୦ଟାରେ ଟିକାକରଣ କରାଯିବ। ୫ଦିନ ଧରି ଏହି ପ୍ରକ୍ରିୟା ଜାରି ରହିବ। ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ଜିଲାକୁ ୧୧୦୫୦ ଟିକା ସ୍ୱତନ୍ତ୍ର ଗାଡ଼ିରେ ଆସିଥିବା ବେଳେ ରାଉରକେଲାରେ ଶୁକ୍ରବାର ରାତି ସାଢ଼େ ୧୦ଟାରେ ଟିକା ପହଞ୍ଚିଛି ।

## ଭଡ଼ାରାରେ ଫୁଟ୍‌ବଲ ଟୁର୍ନାମେଣ୍ଟ

କିର୍ମିରା,୧୫।୧(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଭୀମଭୋଇ ପଞ୍ଚାୟତ ଭଡ଼ାରାଠାରେ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ପୁନପଡ଼ାକୁ ୨-୦ରେ ହରାଇ ସମ୍ବଲପୁର ଦଳ ବିଜୟୀ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସ ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ଦୁତୀମଣି ସାହୁ, ହେଡ୍‌ ବିଜେଡି ସଭାପତି ସୁନୀଲ କୁଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ।

# ଯାଜପୁରରୁ ଧରାପଡ଼ିଲା, ଅଭିଯୁକ୍ତ କୋର୍ଟଚାଲାଣ

କୋକସରା, ୧୫।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ମୋଟେର ଗ୍ରାମର ଶିକ୍ଷକ ଯଯାତି ପାଢ଼ୀଯୋଶୀଙ୍କ ଘରେ ପଶି ଗତ ଡିସେମ୍ବର ୨୨ ତାରିଖ ବିଳମ୍ବିତ ରାତିରେ ବନ୍ଧୁକ ମୁନରେ ଡକାୟତି ଘଟଣାରେ ଜଣଙ୍କୁ ଗିରଫ କରି ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାପିନା ବେହେରା ଓରଫ ବାପି। ଅଭିଯୁକ୍ତଠାରୁ ବୁଲେଟ ସହ ୧୩ ତୋଳା ସୁନାଗହଣା ଜବତ କରାଯାଇଛି। ସୂଚନା ଅନୁସାରେ, ଡକାୟତରେ ୪୦ ଭରି ସୁନା ଗହଣା ସହ ଏକ ବୁଲେଟ ବାଇକ୍ ଓ ଏଲଇଡି ଟିଭି ଚୋରି ହୋଇଥିଲା। ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରଖାଯାଇଥିବାବେଳେ ଯାଜପୁର ଜିଲା ସୁକିନ୍ଦା ପୋଲିସ ଏକ ବୁଲେଟ ସହ ବାପିନାଙ୍କୁ ଗିରଫ କରି ସୁକିନ୍ଦା ଥାନା କେଶ ନମ୍ବର ୯/୨୧ ରୁଜୁ କରି କୋର୍ଟ ଚାଲାଣ କରିଥିଲା। ମୋଟରେରୁ ଚୋରି ବୁଲେଟରେ ଚେଚିସ ଓ ଇଞ୍ଜିନ ନମ୍ବର ସହ ସୁକିନ୍ଦା ପୋଲିସ ଜବତ କରିଥିବା ବୁଲେଟ ସହ ମେଳ ଖାଇଥିଲା। ଏଥିରୁ ଡକାୟତି ଘଟଣାରେ ବାପିନା ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ସହ ବୁଲେଟ ଯଯାତିଙ୍କ ବୋଲି ଜଣାପଡିଥିଲା । କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆଙ୍କ ନେତୃତ୍ୱରେ ଏକ ଟିମ ସୁକିନ୍ଦା ଯାଇ ଯାଜପୁର ଜେଏମଏଫସି କୋର୍ଟରୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ କୋକସରା ଆଣି କୋକସରା ଥାନା କେଶ ନମ୍ବର ୨୮୬/୨୦ରେ ପୁଣି ବାପିନ୍ଙ୍କୁ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସ୍ପଷ୍ଟ ହେବାରୁ କୋକସରା ଜେଏମଏଫସି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଧର୍ମଗଡ ଜେଲ କୁ ପଠାଯାଇଛି। ଏହି ଡକାୟତି ଘଟଣାରେ ଅନ୍ୟ କିଛି ଲୋକଙ୍କ ସମ୍ପୃକ୍ତି ଥିବାବେଳେ ତଦନ୍ତ ଜାରି ରହିଥିବା କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି।

### ଶିକ୍ଷକଙ୍କ ଘରୁ ଡକାୟତି ଘଟଣା

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ


ମନ୍ତ୍ରୀ ବୁଢ଼ାବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

ସଇଁତଲା, ୧୫।୧ (ଡି.ଏନ.ଏ.)

ବଲାଙ୍ଗିର ଜିଲା ସଇଁତଲା ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟ ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ସଇଁତଲାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୭ ଲକ୍ଷ ଟଙ୍କା ବ୍ୟୟରେ ୩୦ ଶଯ୍ୟା ପାଇଁ ୱାର୍ଡ ଗୃହର ଶିଳାନ୍ୟାସ କରିଛନ୍ତି। ଏହାସହ ଡେଙ୍ଗ ପଞ୍ଚାୟତ ବ୍ରାହ୍ମଣୀ ଯୋରରେ ୨୪ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚମ ଉଠାଜଳସେଚନ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ଉଠାଜଳସେଚନ ଦ୍ୱାରା ଅଂଚଳର ୩୬ଜଣ ଚାଷୀଙ୍କ ୫୦ ଏକରରୁ ଅଧିକ ଜମିରେ ଜଳସେଚିତ ହୋଇପାରିବ ବୋଲି ଉପସ୍ଥିତ ବଲାଙ୍ଗୀର ଉଠା ଜଳସେଚନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କାମ ଓ ସହକାରୀ ଯନ୍ତ୍ରୀ ଅମୃତ କୁମାର ବାଗଙ୍କ ସୂତ୍ରରୁ ପ୍ରକାଶ। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ସେଠୀ ସହଯୋଗ କରିଥିଲେ। ସେହିଭଳି ବୁଢ଼ାବାହାଲଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ଡିଡିପିଏଚ୍‌ଓ (ଟିବି)ର ଡା. ତୁଷାର ଠାକୁର, ଡା. ସମରେନ୍ଦ୍ର ମହାପାତ୍ର, ପିଏଚଓ ମୀନା ତ୍ରିପାଠୀ, ବିପିଓ ପରେଶ ସାହୁ, ଗୁଡ଼ଭେଲାର ଡା. ସୁମିତ ମେହେର, ସହକାରୀ ଯନ୍ତ୍ରୀ ଇଂ ଆଲୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର ସାହୁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଢାଙ୍ଗ, ଡେଙ୍ଗ ସରପଞ୍ଚ ଜେମାମଣୀ ମଲ୍ଲିକ, କୁମ୍ଭାରୀ ସରପଞ୍ଚ ମନୋଜ କଠାର, ବୁଢ଼ାବାହାଲ ସରପଞ୍ଚ କପିଳ ଭୋଇ, ଦ୍ରୋପଦୀ ପାତ୍ର, ଗୁରୁ ରାଜପାଲିଆ, ପରମେଶ୍ୱର କର୍ମୀ, ସଞ୍ଜୀବ ବାଗ, ଅଖିଳ ରଣାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ଶୁଲିଆ ଯାତ୍ରା ପାଇଁ ପ୍ରଶାସନ ସହ ଆଲୋଚନା


ଶୁଲିଆ ଯାତ୍ରା ପୂଜା କମିଟି ସହ ପ୍ରଶାସନର ଆଲୋଚନା ବୈଠକ।

ବଲାଙ୍ଗୀର ଅଫିସ, ୧୫।୧

- କୋଭିଡ୍ ନିୟମ ପାଳନ ଉପରେ ଗୁରୁତ୍ୱ
- ପାରମ୍ପରିକ ରୀତିନୀତିରେ ହିଁ ପୂଜା ହେବ: କମିଟି

ଆସନ୍ତା ୧୯ ତାରିଖରେ ପ୍ରସିଦ୍ଧ ଶୁଲିଆ ଯାତ୍ରା ଅନୁଷ୍ଠିତ ହେବ। ମିଳିତ ଶୁଲିଆ ଯାତ୍ରା କମିଟି ପକ୍ଷରୁ ଏ ନେଇ ପ୍ରସ୍ତୁତି ଆରମ୍ଭ କରାଯାଇଛି। କୋଭିଡ୍ ମହାମାରୀକୁ ଆଖିଆଗରେ ରଖି କିଭଳି ସୁରୁଖୁରୁରେ ପ୍ରାରମ୍ଭିକ ନୀତିନିତିରେ ପୂଜାର୍ଚ୍ଚନା ହେବ ସେ ନେଇ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ବସିଥିଲା। ଶୁକ୍ରବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଶୁଲିଆ ଯାତ୍ରା ପୂଜା କମିଟି ସହ ପ୍ରଶାସନର ଆଲୋଚନା ହୋଇଥିଲା। ଉପଜିଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା କମିଟି ପକ୍ଷରୁ ସଭାପତି ମଣ୍ଡ ପ୍ରଧାନୀ, ମୁଖ୍ୟ ପୂଜକ ସୋମନାଥ ଦେହେରିଆ, କପୁର୍ଜନ ଭୋଇ, କୈଳାସ ମିଶ୍ର, ଦୁଷରା ଥାନାଧିକାରୀ, ଦେଓଗାଁ ତହସିଲଦାର, ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ପାରମ୍ପରିକ ରୀତିନୀତିରେ ଯେଉଁଭଳି ସୁରୁଖୁରୁରେ ପୂଜା ହେବ ସେ ନେଇ ପ୍ରଶାସନ ସୁବ୍ୟବସ୍ଥା କରିବାକୁ କମିଟି ସଦସ୍ୟମାନେ କହିଥିଲେ। କୋଭିଡ ନିୟମ ପାଳନ, ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ପାଳନ କରିବାକୁ ପ୍ରଶାସନ ଗୁରୁତ୍ୱ ଦେଇଥିଲେ। ଶ୍ରଦ୍ଧାଳୁଙ୍କ ଆସ୍ଥା ବିଶ୍ୱାସ ସହ ସେମାନଙ୍କ ଜୀବନ ରକ୍ଷା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ବଳି ପକାଯିବାକୁ ନେଇ କମିଟି ସଦସ୍ୟମାନେ ସ୍ପଷ୍ଟ କରିଥିଲେ।

# ଥ୍ରୀଡି ପ୍ରିଣ୍ଟ ସ୍କଲ କ୍ରାନିଓପ୍ଲାଷ୍ଟି ସର୍ଜରି ସମ୍ପନ୍ନ

ରାଉରକେଲା ଅଫିସ,୧୫।୧

ରାଉରକେଲା ଇସ୍ପାତ କାରଖାନାର ଆଇଜିଏଚ୍‌ର ଡାକ୍ତରମାନେ ସଫଳତାର ସହ ଏକ ବିରଳ ସର୍ଜରୀ ଥ୍ରୀଡି ପ୍ରିଣ୍ଟ ବ୍ରେନ କ୍ରାନିଓପ୍ଲାଷ୍ଟି ସର୍ଜରି କରିଛନ୍ତି। ଏଥିରେ ୨୨ ବର୍ଷର ଗୁରୁତର ଅସୁସ୍ଥ ରୋଗୀଙ୍କ ଜୀବନ ରକ୍ଷା କରାଯାଇ ପାରିଛି। ଉକ୍ତ ଅତ୍ୟାଧୁନିକ ତଥା ସୂକ୍ଷ୍ମ ସର୍ଜିକାଲ ସର୍ଜରୀ ପ୍ରଥମ ଥର ପାଇଁ ଆଇଜିଏଚ୍‌ରେ କରାଯାଇଛି। ଏହି ଚିକିତ୍ସା କୌଶଳ ଉପଲବ୍ଧ କରାଇବା ଦ୍ୱାରା ଆଇଜିଏଚ୍ ରାଜ୍ୟର ପ୍ରଥମ ଡାକ୍ତରଖାନା ହେବାର ଗୌରବ ଅର୍ଜନ କରିଛି।

ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ମାସରେ ମଲ୍ଲକାନ୍ତ ରଣା(୨୨)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଅପରେଶନ କରାଯାଇ ସୁସ୍ଥ କରାଯାଇଥିଲା। ପରେ ତାଙ୍କ ଖପୁରୀ ହାଡ଼ ଫ୍ଲାସ ସଂକ୍ରମିତ ହୋଇଥିଲା। ଖପୁରୀ ହାଡ଼ର ଫାଟକୁ ବନ୍ଦ କରିବା ପାଇଁ ଏହାର ପ୍ରତିରୋପଣ କରାଯାଇଥିଲା। କିନ୍ତୁ ଏହା ପ୍ରତିରୋପଣ ହୋଇ ପାରି ନ ଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗତ ୩ ତାରିଖରେ ପୁଣି ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଜାନୁଆରୀ ୫ ତାରିଖରେ ପୁଣି ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଖପୁରୀ ଭାଲ୍ଟର ସର୍ଜିକାଲ ମରାମତି ପାଇଁ ଉପଯୋଗୀ ୩ଡି ପ୍ରିଣ୍ଟ ଟେକ୍ନୋଲୋଜି ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଖପୁରୀ ଅଂଶ ନିର୍ମାଣ ପାଇଁ ପ୍ରୟୋଗ କରାଯାଇଥିଲା। ଦିଲ୍ଲୀ ଓ ଚେନାଇ ଡାକ୍ତରଙ୍କ ମାର୍ଗ ଦର୍ଶନରେ ଆଇଜିଏଚ୍‌ରେ ନ୍ୟୁରୋସର୍ଜନ ମେଡିକାଲ ଅଫିସର ଡ. ଏସ୍ ହେମ୍‌ମ, ନିଶ୍ଚେତକ ବିଭାଗର ସିନିୟର କନସଲଟାଣ୍ଟ ମନୋରଞ୍ଜନ ସାମନ୍ତରାୟ, ଆସିଷ୍ଟାଣ୍ଟ କନସଲଟାଣ୍ଟ ଡ. ଆଇ. ବି ପଟ୍ଟନାୟକଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଆଇଜିଏଚ୍‌ରେ ଏହି ଅସ୍ତ୍ରୋପଚାରକୁ ସଫଳ କରିଥିଲେ।

# ଟ୍ରାକ୍ଟର ଧକ୍କାରେ ସ୍କୁଟି ଆରୋହୀ ମୃତ


ଧର୍ମଗଡ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଛି।

ଧର୍ମଗଡ, ୧୫।୧ (ଡି.ଏନ.ଏ.)

କଳାହାଣ୍ଡିଜିଲା ଧର୍ମଗଡ ସହର ମେରେଘରା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ସ୍କୁଟି ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ରୁଦ୍ର ନାରାୟଣ ନାୟକ ଓ ତାଙ୍କ ଘର ଭବାନୀପାଟଣାର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଧର୍ମଗଡ ବ୍ଲକ ଗୋଛିଆ ଗ୍ରାମରୁ ରୁଦ୍ର ଓ ତାଙ୍କ ଜଣେ ସାଙ୍ଗ ଉପରିସ କାମ ସାରି ଭବାନୀପାଟଣାକୁ ଏକ ସ୍କୁଟି (ନଂ. ଓଡି୦୮ଏମ୍-୩୨୨୬)ରେ ଆସୁଥିଲେ। ମେରେଘରା ଛକ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର (ନଂ. ଓଡି୦୮-୧୫୦୭) ସହିତ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଉଭୟ ଛିଟିକି ପଡ଼ିଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ଗୁରୁତର ରୁଦ୍ରଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସବାନନ୍ଦ ପାଣିଗ୍ରାହୀ ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ରୁଦ୍ରଙ୍କ ଦେହରେ କୌଣସି ଆଘାତ ନ ଥିବାରୁ ପରିବାର ଲୋକେ ପୂର୍ବବାର ତାଙ୍କ ଚିକିତ୍ସା କରିବା ପାଇଁ ଅଡିବସିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଡାକ୍ତରଖାନାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଧର୍ମଗଡ ଥାନାଧିକାରୀ ଗୁମା ସେଠି ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ଡାକ୍ତରଖାନାରେ ଚାପା ଉତ୍ତେଜନା

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ

ବଲାଙ୍ଗୀର ଅଫିସ, ୧୫।୧

ବଲାଙ୍ଗୀର ହାତୀଶାଳପଡାଠାରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦେଶୀ ବନ୍ଦୁକ ମାରଣାସ୍ତ୍ର ଆକ୍ରମଣରେ ୨ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆକ୍ରମଣରେ ନୀଳ କୁମାର ଓ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଜଣଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଛି। ହାତୀଶାଳପଡାଠାରେ ନୀଳ ଓ ଅନ୍ୟ ଜଣେ ଯୁବକ ବସିଥିବା ବେଳେ ବୃନ୍ଦା ନାମକ ଜଣେ ଯୁବକ ଓ ତାଙ୍କ ୭/୮ ଜଣ ସହଯୋଗୀ ଆସି ଲୁହାରଡ, ଖଣ୍ଡା, ସବଳ୍ ରଡ ଓ ଅନ୍ୟ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିଲେ। କିଛିଦିନ ପୂର୍ବରୁ ଆହତ ନୀଳ ଓ ଆକ୍ରମଣକାରୀ ବୃନ୍ଦା ଜେଲରୁ ଜାମିନରେ ବାହାରିଥିବା ଜଣାପଡିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ଟାଉନ ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଅଭିଯାନ ଆରମ୍ଭ କରିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ଜାନୁୟାରୀ, ୨୦୨୧

## ପୋଖରୀରୁ ମୃତ ବାର୍ହା ଉଦ୍ଧାର

ରେଢାଖୋଲ,(ଡି.ଏନ.ଏ.): ରେଢାଖୋଲ ସହର ଦେହୁରୀସାହି ନିକଟ ପୁରୁଣାପାଣି ବସ୍ତିର ଏକ ପୋଖରୀରୁ ଶୁକ୍ରବାର ଏକ ମୃତ ବାର୍ହାକୁ ବନ କର୍ମଚାରୀ ଉଦ୍ଧାର କରିଛନ୍ତି। ସକାଳେ ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ମୃତ ବାର୍ହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପୋତି ଦେଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବେରାମପୁର ରେଞ୍ଜ ଅଧିକାରୀ ମୈତ୍ରିରଞ୍ଜନ ବିଶ୍ୱାଳ କହିଛନ୍ତି।



## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ରାଉରକେଲା,୧୫।୧:** ରାଉରକେଲା ଛେଣ୍ଡ ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଶୁକ୍ରବାର ବଳାତ୍କାର କରାଯାଇଛି। ଯୁବତୀ ଜଣଙ୍କ ଘରେ ଏକୁଟିଆ ଥିବାବେଳେ ଏହାର ସୁଯୋଗ ନେଇ ଜଣେ ଦୁର୍ବୃତ୍ତ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରି ଫେରାର ହୋଇଯାଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଛେଣ୍ଡ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

### ଫକୀରମୋହନ ଜୟନ୍ତୀ ପାଳିତ

**ରାଉରକେଲା ଅଫିସ,୧୫।୧:** ରାଉରକେଲା ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଛି। ସଂସଦର ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଧୀର କୁମାର ମିଶ୍ର ମୁଖ୍ୟଅତିଥି, ପ୍ରାଧାପିକା ଡ. କିଶୋରୀ ଦାଶ ଓ ମହେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀର ମୋହନଙ୍କ ଜୀବନୀ ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ସେହିପରି କୁଞ୍ଜ ବିହାରୀ ରାଉତ ଓ ବିଜୟ କୁମାର ବରାଳ ଫକୀର ମୋହନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୋଜକ ନିରଞ୍ଜନ କରଣ ଧନ୍ୟବାଦ ଅର୍ପଣ କରିଥିଲେ।

### ସାମୂହିକ ଯୋଗ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୫।୧:** ଅଖିଳ ଭାରତୀୟ ଯୁବ ଶିକ୍ଷକ ମହାସଂଘ ପକ୍ଷରୁ ରାଉରକେଲା ଅର୍କିଡ ଗାର୍ଡେନ ପରିସରରେ ଶୁକ୍ରବାର ସାମୂହିକ ସୂର୍ଯ୍ୟ ନମସ୍କାର ଓ ଯୋଗ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହା ଅଖିଳ ଭାରତୀୟ ଯୁବ ଶିକ୍ଷକ ମହାସଂଘର ପ୍ରମୁଖ ମଙ୍ଗେଶ ତ୍ରିବେଦ୍ୱୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲା ପ୍ରଭାରୀ ଶୁଶାନ୍ତ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ ପଦ୍ମିନୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଯୋଗାଭ୍ୟାସୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଶାନ୍ତ ନାୟକ, ବିଶ୍ୱାମିତ୍ର ଶାସ୍ତ୍ରୀ, ଗୋପାଳ ଜେନା, ସୁବାଷ ଚନ୍ଦ୍ର ରାଉତ, ରମେଶ ଜେନ. ବିରଞ୍ଚି ଦାସ, ଉମେଶ ଯାଦବ ସହଯୋଗ କରିଥିଲେ।

### ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି

**ରାଉରକେଲା,୧୫।୧:** ସେକ୍ଟର-୨୧ ସ୍ଥିତ ଇସ୍ପାତ କାରଖାନା କର୍ମଚାରୀଙ୍କ ବାସଗୃହ ପାର୍ଶ୍ୱରେ ଥିବା ବିଦେଶୀମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ବିଦେଶୀ ମଦ ଦୋକାନର ଶହେ ମିଟର ଦୂରରେ ବ୍ୟାଙ୍କ କଲୋନୀ, ୨ଶହ ମିଟର ଦୂରରେ ଗୁରୁନାନକ ସ୍କୁଲ ଓ ଅନ୍ୟାନ୍ୟ ଶିକ୍ଷା ଅନୁଷ୍ଠାନ ରହିଛି। ଉକ୍ତ ରାସ୍ତା ଦେଇ ଛାତ୍ରୀଛାତ୍ର ଓ ମହିଳା ଯାତାୟାତ କରୁଥିବା ବେଳେ ମଦ ଦୋକାନ ସମ୍ମୁଖରେ ଅସାମାଜିକ ଯୁବକମାନେ ଖୁଲମଖୁଲା ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି। ଏହି ମଦ ଦୋକାନ ଚାରିପାଖେ ଜନବସତି ଗଢ଼ି ଉଠିଥିବାରୁ ଏଭଳି ଏକ ସ୍ଥାନରେ ବିଦେଶୀ ମଦ ଦୋକାନ ପାଇଁ ଅନୁମତି ଦିଆଯାଇଥିବା ବିଡ଼ମ୍ବନାର ବିଷୟ ବୋଲି ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ତେଣୁ ଉକ୍ତ ମଦ ଦୋକାନକୁ ତୁରନ୍ତ ହଟାଇବା ପାଇଁ କଂଗ୍ରେସ ଜିଲା ସଭାପତି ଜର୍ଜ ତିର୍କୀ ଦାବି କରିଛନ୍ତି ।

### ଫେବୃୟାରୀ ୨୪ରେ ରାଜଗାଙ୍ଗପୁର ସମିତି ସଭ୍ୟ ନିର୍ବାଚନ

**ରାଜଗାଙ୍ଗପୁର, ୧୫।୧ (ଡି.ଏନ.ଏ):** ରାଜଗାଙ୍ଗପୁର ପଞ୍ଚାୟତ ସମିତିର ସମିତି ସଭ୍ୟ ଉପନିର୍ବାଚନ ଆସନ୍ତା ଫେବୃୟାରୀ ୨୪ ତାରିଖରେ ଅନୁଷ୍ଠିତ ହେବ । ବ୍ଲକରେ ସମୁଦାୟ ୨୦ଟି ସମିତି ସଭ୍ୟ ରହିଥିଲା ବେଳେ ତନ୍ମଧ୍ୟରୁ ବୁଡ଼ୁକୁପଡା ସମିତି ସଭ୍ୟ କୁଶଲ ଲୁଗୁନଙ୍କ ବିୟୋଗ ହେବା ଓ କୁକୁଡାମୁଣ୍ଡା ସମିତି ସଭ୍ୟା ଆଭାଜ୍ୟୋତି ଟପ୍ପୋ ଇସ୍ତଫା ଦେବା ଦ୍ୱାରା ଦୁଇଟି ସମିତି ସଭ୍ୟ ପଦ ଖାଲି ପଡିଥିଲା । ଶୁକ୍ରବାର ରାଜ୍ୟ ନିର୍ବାଚନ ଆୟୋଗ ଖାଲି ପଡିଥିବା ସମିତି ସଭ୍ୟ ପଦକୁ ପୂରଣ ପାଇଁ ଉପନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ନିର୍ବାଚନ ପ୍ରକ୍ରିୟା ଆସନ୍ତା ୨୨ ତାରିଖରୁ ବ୍ଲକସ୍ତରରେ ଆରମ୍ଭ ହେବ ।

# ବିବାଦୀୟ ସଂସ୍ଥାକୁ ବାଦ୍ ଦିଆଯାଉ

**ସମ୍ବଲପୁର, ୧୫।୧ (ବ୍ୟୁରୋ)**




### ଭିମ୍‌ସାର ମେନ୍ ପାୱାର ପାଇଁ ଟେଣ୍ଡର
■ ବିଭିନ୍ନ ମହଲରୁ ଦାବି

ସମ୍ବଲପୁର ଜିଲାର ବୁର୍ଲାସ୍ଥିତ ଭିମ୍‌ସାରରେ ଏବେ ମେନ୍ ପାୱାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ଟେଣ୍ଡର ପ୍ରକ୍ରିୟାରେ କେତେକ ବିବାଦୀୟ ସଂସ୍ଥା ସାମିଲ ହୋଇଛନ୍ତି। ସେମାନଙ୍କୁ ବାଦ୍ ଦିଆଯାଉ ବୋଲି ଆଦିବାସୀ ଦଳିତ ସେନା ଭିମ୍‌ସାର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅଭିଯୋଗ କରିଛି। ବୁର୍ଲାର କେତେକ ସଂଗଠନ, ବୁଦ୍ଧିଜୀବୀ ଓ କାର୍ଯ୍ୟରତ କର୍ମଚାରୀମାନେ ସମାନ ଅଭିଯୋଗ ଆଣିଛନ୍ତି। ଏପରି କି ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମଧ ଶ୍ରମିକଙ୍କୁ ଶୋଷଣ କରୁଥିବା ବିବାଦୀୟ ସଂସ୍ଥାକୁ ବାଦ୍ ଦିଆଯାଉ ବୋଲି ଦାବି କରିଛନ୍ତି।

ପୂର୍ବରୁ ଭିମ୍‌ସାରରେ ଏଲ୍‌ଆଣ୍ଡ୍‌କେ ଓ ଏକ୍‌ଜିକ୍ୟୁଟିଭ ସିକ୍ୟୁରିଟି ସର୍ଭିସ ସଂସ୍ଥା କାମ କରିଆସିଛନ୍ତି। ହେଲେ ଏମାନଙ୍କ ନାମରେ ଜିଲା ଶ୍ରମ ଅଧିକାରୀ, ଜିଲାପାଳ, ଭିମ୍‌ସାର ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରେ ଅଭିଯୋଗ ହୋଇଛି। ମାସ ମାସ ଧରି କର୍ମଚାରୀଙ୍କ ଦରମା ନ ଦେବା ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ କରିଥିବାରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯଦି କୌଣସି କର୍ମଚାରୀ ସଂସ୍ଥା ବିରୋଧରେ ମୁହଁ ଖୋଲିଲେ ସେମାନଙ୍କୁ ଛଟେଇ ମଧ କରାଯାଇଛି। ଅନ୍ୟପଟେ କେତେକ ଖଳ ପ୍ରକୃତିର କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି। ସେମାନେ ରୋଗୀ ସମ୍ପର୍କୀୟ ଓ ରୋଗୀମାନଙ୍କୁ ଦୁର୍ବ୍ୟବହାର, ମାରପିଟ କରିଥିବା ଅଭିଯୋଗ ହୋଇସାରିଛି। ଗରିବ ଓ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଆଳରେ ଲକ୍ଷାଧିକ ଟଙ୍କା ସଂସ୍ଥାମାନେ ଆଦାୟ କରୁଛନ୍ତି। ପୂର୍ବରୁ ଶ୍ରମ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ନୋଟିସ କରାଯାଇଛି। ହେଲେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ ପୁଣି ଉକ୍ତ ସଂସ୍ଥାକୁ କାମ କରିବା ପାଇଁ ସୁଯୋଗ ଦିଆଯାଉଛି। କେବଳ ଏହି ଦୁଇଟି ସଂସ୍ଥା ନୁହେଁ, ବିବାଦୀୟ ହୋଇଥିବା ଅନ୍ୟ ସଂସ୍ଥାକୁ ଟେଣ୍ଡର ପ୍ରକ୍ରିୟାରୁ ବାଦ୍ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଭିମ୍‌ସାର ଅଧକ୍ଷ ଡା. ଜୟଶ୍ରୀ ଡୋରା କହିଛନ୍ତି, ବିବାଦୀୟ ସଂସ୍ଥା ସାମିଲ ହୋଇଥିଲେ ମଧ ଖାରଜ କରିବାର ନିୟମ ରହିଛି। ଯାହା ନାମରେ ପୂର୍ବରୁ ଅଭିଯୋଗ ଥିବ କିମ୍ବା ଲିଖିତ ଅଭିଯୋଗ ଆସିବ ତା'ର ତଦନ୍ତ କରାଯିବ। ଟେଣ୍ଡର ପ୍ରକ୍ରିୟା ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ବିବାଦୀୟ ସଂସ୍ଥାକୁ ବାଦ୍ ଦେବାର କ୍ଷମତା ରହିଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଭିମ୍‌ସାର ପକ୍ଷରୁ ଡିସେମ୍ବରରେ ମେନ୍ ପାୱାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଡାଟାଏଣ୍ଟ୍ରି ଅପରେଟର, ଡ୍ରାଇଭର, ଲିଫ୍ଟ ଅପରେଟର, ଡାଏଲିସିସ୍ ଟେକ୍ନିସିଆନ, ପ୍ଲମ୍ବର, ଆଟେଣ୍ଡାଣ୍ଟ, ଲାବରେଟୋରି ଟେକ୍ନିସିଆନ, ଫାର୍ମାସିଷ୍ଟ, ରେଡିଓଗ୍ରାଫର ଭଳି ପଦବୀଗୁଡିକ ରହିଛି।

# ବିବାହିତ ଯୁବକଙ୍କ ଆତ୍ମହତ୍ୟା

**ରେଢାଖୋଲ,୧୫।୧ (ଡି.ଏନ.ଏ.)**

ରେଢାଖୋଲ ଥାନା ବ୍ରାହ୍ମଣି ଗ୍ରାମର ଚନ୍ଦନ ସାହୁ (୨୭) ନାମକ ବିବାହିତ ଯୁବକ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ଚନ୍ଦନଙ୍କ ଘର ନାକଟିଦେଉଳ ଥାନା ସାଲେଭଟା ପଞ୍ଚାୟତର ଶାଳବଣିଆ ଗ୍ରାମରେ ହୋଇଥିବା ବେଳେ ୩ବର୍ଷ ତଳେ ବ୍ରାହ୍ମଣି ଗ୍ରାମର ରେବତୀ ସାହୁଙ୍କୁ ବିବାହ କରିଥିଲେ। ତେବେ ୨ମାସ ହେଲା ସେ ବ୍ରାହ୍ମଣି ଗ୍ରାମରେ ଏକ ଘର ତିଆରି କରି ରହୁଥିଲେ। ଶୁକ୍ରବାର ସକାଳେ ଚନ୍ଦନଙ୍କ ମା'ଙ୍କ ଦେହ ଖରାପ ଥିବାରୁ ତାଙ୍କ ଗାଁକୁ ଯିବା କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହେବାରୁ ରେବତୀ ଘର ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ଚନ୍ଦନ ଘର ଭିତରେ ବେକରେ ଦଉଡି ଦେଇଥିବା ସ୍ତ୍ରୀ ରେବତୀ କହିଛନ୍ତି। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ରେଢାଖୋଲ ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଶାଳବଣିଆ ଗ୍ରାମବାସୀ ଚନ୍ଦନଙ୍କ ମୃତ୍ୟୁକୁ ନେଇ ସନ୍ଦେହ କରି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ଭଲିବଲ ପ୍ରତିଯୋଗିତା: ବନ୍ଧବାହାଲ ଚାମ୍ପିୟନ




ଟ୍ରଫି ସହ ଖେଳାଳିମାନେ।

**ବ୍ରଜରାଜନଗର, ୧୫।୧ (ଡି.ଏନ.ଏ.)**

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ସ୍ଥାନୀୟ ଓପିଏମ୍ ଭଲିବଲ ଗ୍ରାଉଣ୍ଡରେ ବିଏଫ୍ଏ ତରଫରୁ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବନ୍ଧବାହାଲ ଓ ବ୍ରଜରାଜନଗର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧବାହାଲ ୨-୧ରେ ବ୍ରଜରାଜନଗରକୁ ହରାଇ ଚାମ୍ପିୟନ ହୋଇଥିଲା। ପୂର୍ବତନ ପୌରାଧକ୍ଷ ନନ୍ଦକିଶୋର ଅଗ୍ରୱାଲ ମୁଖ୍ୟଅତିଥି, ଝାରସୁଗୁଡା ଜିଲା ବିଜେଡି ପୂର୍ବତନ ଉପସଭାପତି ବିଶ୍ୱନାଥ ନାଏକ, ଟାଉନ ସଭାପତି ରାଧାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସୁଶାନ୍ତ ପଟେଲ ଓ ରଞ୍ଜନ ରାଉତ ଖେଳ ପରିଚାଳନା କରିଥିଲେ। ଅନିଲ ଦାଶ ଭାଷ୍ୟକାର ଭୂମିକା ନିର୍ବାହ କରିଥିଲେ। ଆୟୋଜକ କ୍ଲବର ସଭାପତି ଅନିଲ ଶର୍ମା, ସମ୍ପାଦକ ବୀରେନ୍ଦ୍ର ସିଂ, ହୁଲାସ ବେହେରା, ବାବୁମହାପାତ୍ର ପ୍ରମୁଖ ସହାୟତା କରିଥିଲେ।

# ସୁନ୍ଦରଗଡ଼: ୮ କେନ୍ଦ୍ରରେ ଦିଆଯିବ ଟିକା

**ସୁନ୍ଦରଗଡ଼,୧୫।୧(ଡି.ଏନ୍.ଏ)**

ସାରା ଦେଶରେ ଜାନୁୟାରୀ ୧୬ ତାରିଖରୁ ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଆରମ୍ଭ ହେଉଛି। ଏହି ପ୍ରକ୍ରିୟାରେ ସୁନ୍ଦରଗଡ଼ ଜିଲା ସାମିଲ ହୋଇଛି। ଆଗ ଧାଡ଼ିର କରୋନା ଯୋଦ୍ଧା ଭାବେ ପରିଚିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀଙ୍କୁ ଟିକା ଦେବା ପାଇଁ ଜିଲାରେ ୮ଟି କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୧୧ ହଜାର ୫୦ଟି ଟିକା ଆସିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଏହି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ଏମସିଏଚ ଏବଂ ରାଉରକେଲା ସରକାରୀ ଚିକିତ୍ସାଳୟ ସମେତ ୮ଟି କେନ୍ଦ୍ରରେ ଟିକା ଦିଆଯିବା ଲାଗି ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ରାଉରକେଲାର କୋଏଲନଗରସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜେପି ହସ୍ପିଟାଲରେ ମଧ ଟିକାକରଣ କେନ୍ଦ୍ର କରାଯାଇଛି। ସେହିପରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ, ରାଜଗାଙ୍ଗପୁର ଏବଂ ମଙ୍ଗସପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ କେନ୍ଦ୍ର ଖୋଲାଯାଇଛି। ଟିକାକରଣ ଶୁଭାରମ୍ଭ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିରେ ଜିଲାପାଳ ଓ ସିଡିଏମଓଙ୍କ ସହିତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହିବେ। ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ଡାକ୍ତରଙ୍କଠାରୁ ଆରମ୍ଭ କରି ସଫେଇ କର୍ମଚାରୀମାନେ ଅଛନ୍ତି। ପ୍ରତି କେନ୍ଦ୍ରରେ ପ୍ରଥମ ଦିନ ୧୦୦ଟି ଲେଖାଏଁ ଟିକା ଦେବା ଲାଗି ବ୍ୟବସ୍ଥା କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିଶ୍ର କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭ ଦିନ ପର୍ଯ୍ୟନ୍ତ ଟିକାଦାନ ପ୍ରକ୍ରିୟା ଜାରି ରହିବ। ଟିକା ନେବାକୁ ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମୀମାନେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲା ଟିକା ଭଣ୍ଡାରରେ କୋଭିଡ୍ ଟିକା ରହିଛି। ଏହାକୁ ସ୍ୱତନ୍ତ୍ର ଗାଡ଼ିରେ ବିଭିନ୍ନ କେନ୍ଦ୍ରରେ ପହଞ୍ଚାଇବା ଲାଗି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରତି କେନ୍ଦ୍ରରେ ଟିକାକରଣ ଲାଗି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟିକା ନେବା ପରେ ନିରୀକ୍ଷଣ କେନ୍ଦ୍ରରେ କିଛି ସମୟ ପାଇଁ ରଖାଯିବ। ସେହିପରି କାହାଠାରେ କୌଣସି ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ତୁରନ୍ତ ପ୍ରତିକାର ପାଇଁ ବ୍ୟବସ୍ଥା କରାଯାଇଛି। ଗତ ୧୨ ତାରିଖରେ କୋଭିଡ୍ ଟିକା ଓଡିଶାରେ ପହଞ୍ଚିଥିଲା। ୧୩ ତାରିଖରେ ଏହି ଟିକା ବିଭିନ୍ନ ଜିଲାକୁ ପଠା ଯାଇଥିଲା।

# ବାଇକ୍ ଡିକିଭାଙ୍ଗି ୨.୫ ଲକ୍ଷ ଲୁଟ୍

**ରେଙ୍ଗାଲି, ୧୫।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ୍ ଘଟଣାରେ ଦୁର୍ବୃତ୍ତମାନେ ବାଇକ୍ ଡିକିଭାଙ୍ଗି ୨.୫ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ସୂଚନା ଅନୁଯାୟୀ ଲଇଡା ପାହାଡପାଲି ଗ୍ରାମର ପ୍ରମୋଦ କୁମାର ପଟେଲ ରେଙ୍ଗାଲି ହରିହର ଧର୍ମଶାଳାଠାରେ ଥିବା କୋଅପରେଟିଭ ବ୍ୟାଙ୍କରୁ ୨ଲକ୍ଷ ଧାନ ବିକ୍ରି ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ସେଠାରୁ ସେ ବସ୍‌ଷ୍ଟାଣ୍ଡ ଆସି ଏକ ଛାପାଖାନାରୁ ଖାତା କିଣୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ବାଇକ୍ ଡିକି ଭାଙ୍ଗି ଟଙ୍କା ନେଉଥିବା ଦେଖି ସେ ତାଙ୍କ ପିଛା କରିଥିଲେ। ହେଲେ ସମ୍ପୃକ୍ତ ଯୁବକ ଅନ୍ୟ ଜଣଙ୍କ ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ୧୨/୨୧ରେ ମାମଲା ରୁଜୁ କରିଛି। ସେହିପରି ଅପରାହ୍ନରେ ବାସୁପାଲି ଗ୍ରାମର ରାଜେଶ ସାହୁ ରେଙ୍ଗାଲି ସମବାୟ ବ୍ୟାଙ୍କରୁ ୫୦ ହଜାର ଧାନବିକ୍ରି ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖିଥିଲେ। ସେଠାରୁ ବାହାରି ସେ ମହାବୀର ଛକଠାରେ ଥିବା ପାର୍ଲରରୁ ଓମ୍‌ଫେଡ କିଣୁଥିବା ବେଳେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ରାଜେଶଙ୍କ ଅଭିଯୋଗକ୍ରମେ ପୋଲିସ ୧୩/୨୧ରେ ମାମଲା ରୁଜୁ କରିଛି। ଅନ୍ୟଜଣେ ବାଇକ୍ ଷ୍ଟାର୍ଟ କରି ରଖିବା ଓ ଅଭିଯୁକ୍ତ ଟଙ୍କା ଲୁଟ୍ ପରେ ତାଙ୍କ ସହ ଫେରାର ହେବା ଘଟଣା ରେଙ୍ଗାଲି ଅଞ୍ଚଳରେ ପ୍ରଥମ ବୋଲି କୁହାଯାଉଛି।

# ହାତୀ ଉପଦ୍ରବରେ କ୍ଷତି

**କୁତ୍ରା/ରାଉରକେଲା ଅଫିସ୍, ୧୫।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରାଠାରେ ଗୁରୁବାର ରାତି ୨ଟାରେ ଏକ ୪ଟିକିଆ ହାତୀପଲ ପଞ୍ଚରା ପାନପଡା ଭିତରକୁ ପଶି ଉପଦ୍ରବ କରିଛନ୍ତି। ଏହି ହାତୀପଲ କୁନ୍ତି ନାଏକଙ୍କ ବାଡିରେ ବିଲାତି ଖାଇ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ପରେ ହାତୀପଲ ପଞ୍ଚରା ଆଖୁ ବାଡିରେ ପଶିଥିଲେ। ତେବେ ହାତୀ ଘଉଡେଇବା ବାହାନାରେ କିଛି ଅସାମାଜିକ ଲୋକ ଆଖୁ ବାଡିରେ ପଶି ଆଖୁ ଭାଙ୍ଗି ନେଇଥିବା ଦେଖିବାକୁ ମିଳିଛି। ସେଠାରୁ ଘଉଡେଇବାରୁ ହାତୀପଲ ତୁମେରମୁଡା ଆଡକୁ ଚାଲିଯାଇଥିବା ଜଣାପଡିଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ ବିଭାଗ କ୍ଷତିପୂରଣ ପ୍ରଦାନ ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ଦେଓଗାଁ ଅଞ୍ଚଳରେ ହାତୀ ଉପଦ୍ରବ କରିଛି। ଗୁରୁବାର ରାତିରେ ଦେଓଗାଁ ସ୍ଥିତ ଦେଉରି ବସ୍ତିକୁ ୩ଟି ହାତୀ ପଶି ଆସିଥିଲେ। ଏହା ଦେଖି ସ୍ଥାନୀୟ ବସ୍ତିବାସୀ ନିଆଁ ଜାଳି ହାତୀଙ୍କୁ ଘଉଡାଇଥିଲେ। ଏହି ସମୟରେ ହାତୀପଲ ସନ୍ତୋଷ ପାଢ଼ୀଙ୍କର ପାଚେରି ଭାଙ୍ଗି ଗର୍ଜନ ଅଭିମୁଖେ ପଳାଇଥିଲେ। ଖବର ପାଇ ବନ ବିଭାଗ ସଜାଗ ରହିଛି। ହାତୀପଲ ବସ୍ତି ଭିତରେ ବିଶେଷ କ୍ଷୟକ୍ଷତି କରି ନ ଥିବା ଜଣାପଡ଼ିଛି।



ହାତୀପଲ ନଷ୍ଟ କରିଥିବା ଫସଲ ।

# ୱାର୍ଡ ସଂଖ୍ୟା ବୃଦ୍ଧି ପାଇଁ ଦାବିପତ୍ର

**ଦେବଗଡ଼, ୧୫।୧ (ଡି.ଏନ.ଏ.)**

### ଦେବଗଡ଼ ପୌର ପରିଷଦ

ଦେବଗଡ଼ ପୌର ପରିଷଦର ୱାର୍ଡ଼ ସଂଖ୍ୟା ବୃଦ୍ଧି ନିମନ୍ତେ ଜିଲା କଂଗ୍ରସ କମିଟି ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପୌର ପରିଷଦ ଗଠନ ହେବାର ଦୀର୍ଘ ୧୧୭ ବର୍ଷ ବିତିଯାଇଥିଲେ ମଧ ୱାର୍ଡ଼ ସଂଖ୍ୟା ବୃଦ୍ଧି ନ ହେବା ତଥା ରାଜ୍ୟ ସରକାରଙ୍କ ବିବିନ୍ନ ଜନକଲ୍ୟାଣ ଯୋଜନାର ସୁବିଧା ନ ପାଇପାଇବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀଙ୍କ ଉପସ୍ଥିତରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ଅନୁପସ୍ଥିତ ଥିବାରୁ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇଙ୍କୁ ପ୍ରଦାନ କରିଥିଲେ।। ଦାବିପତ୍ରରେ ଦିନକୁ ଦିନ ଦେବଗଡ଼ ପୌପ ରିଷଦରେ ଲୋକ ସଂଖ୍ୟା ବୃଦ୍ଧି ପାଉଥିବା ଓ ନୂତନ ଘର ତିଆର ହେଉଥିବା ଫଳରେ ନୂତନ ଜନବସତି ବୃଦ୍ଧି ପାଉଛି। ୱାର୍ଡ଼ ସଂଖ୍ୟା ବୃଦ୍ଧି ନ ହେବାରୁ ନୂତନ ଜନବସତିରେ ବିଭିନ୍ନ ସରକାରୀ ସୁବିଧା ପାଇବାର ଅସୁବିଧା ଦେଖାଦେଇଛି। ଫଳରେ ପୌର ପରିଷଦର ୱାର୍ଡ଼ ସଂଖ୍ୟାକୁ ଦୃଷ୍ଟିରେ ରଖି ଆହୁରି ନୂତନ ଭାବେ ୭ଟି ୱାର୍ଡ଼ ଗଠନ କରାଯିବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛ। ସେହିପରି ପୌରପରିଷଦର ନୂତନ ୱାର୍ଡ଼ ଗଠନ ବେଳେ ତିଳେଇବଣି ବ୍ଲକର କୁରଡ଼, ବଣିଆଁକିଲିଣ୍ଡା ଓ ସାମନ୍ତରାପାଲିକୁ ଗ୍ରାମକୁ ମିଶାଇବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି । ଦାବିପତ୍ରର ଏକ ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ନଗର ଗୃହ ଉନ୍ନୟନ ମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ମହିଳା ସଭାନେତ୍ରୀ ମଲତା ନାୟକ, ତିଳେଇବଣି ବ୍ଲକ କଂଗ୍ରେସ ସଭାପତି ଗଣେଶ କୁମାର ପ୍ରଧାନ, ନଗର ସଭାପତି ପ୍ରକାଶ କୁମାର ଦେବତା, ସୁବାସ ଚନ୍ଦ୍ର ଭୋଇ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, ଶମ୍ଭୁଲାଲ ପ୍ରଧାନ, ସୁଶୀଳ କୁମାର ନାୟକ,ଦୀପକ କୁମାର ଦାସ, ଡ଼ିଲେଶ୍ୱର ପ୍ରଧାନ, କପିଳେଶ୍ୱର ସାହୁ ପ୍ରମୁଖ ବହୁ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଦେବଗଡ, ୧୫।୧ (ଡି.ଏନ.ଏ.)**

ତିଳେଇବଣି ବ୍ଲକ ଝାଟିକିପଶି ଗ୍ରାମରେ ୮ଟି ଟିମକୁ ନେଇ ଚାଲିଥିବା ଝାଟିକିପଶି କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଶୁକ୍ରବାର ଫାଇନାଲ ମ୍ୟାଚ ପଳସାକୁଦର ଟିମ୍ ଓ ସୁନାମୁଣ୍ଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଳସାକୁଦର ଟିମ୍ ଟିମ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬୦ ରନ୍ କରିଥିଲେ। ସୁନାମୁଣ୍ଡା ଟିମ ବ୍ୟାଟିଂ କରି ୭ ଓଭରରେ ୬୧ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସମ୍ବଲପୁର ଏମ୍‌ପି ପ୍ରତିନିଧି ଯୋଗେଶ୍ୱର ପ୍ରଧାନ ସମ୍ମାନିୟ ଅତିଥି, କ୍ଷେତ୍ରବାସୀ ଗଡନାୟକ, ମୁନିନ୍ଦ୍ରଗଡ ନାୟକ, ସେବକଚନ୍ଦ୍ର ଗଡନାୟକ ଯୋଗଦାନ କରିଥିଲେ। ଅମ୍ପାୟାର ଚନ୍ଦନ କୁମାର ପାତ୍ର ଓ ଦିବ୍ୟରଞ୍ଜନ ଭୋଜ ଖେଳ ପରିଚାଳନା କରିଥିଲେ। ତରୁଣ ଠାକୁର ଓ ଗୋଲେଖ ଚନ୍ଦନ ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଖେଳାଳି।

# ଏନ୍‌ଏଚ୍ ମରାମତି କାମ ନେଇ ଅସନ୍ତୋଷ

**ଜମନକିରା, ୧୫।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ବନ୍ଧାଭୂଇଁ ୫୩ନଂ. ଜାତୀୟ ରାଜପଥ (ଏନ୍‌ଏଚ୍)ଠାରୁ ଥାନା ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ରାସ୍ତା ଅତି ଶୋଚନୀୟ ହୋଇରହିଥିଲା। ଏଥିମଧ୍ୟରେ ଜମନକିରା ମୁଖ୍ୟଛକରୁ ଥାନା ପର୍ଯ୍ୟନ୍ତ ରାସ୍ତା ଅତି ବିପଦପୂର୍ଣ୍ଣ ରହିଛି। ଏ ନେଇ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା। ପରେ ଗତ ୮ ତାରିଖରେ ଏନ୍‌ଏଚ୍‌ଏଆଇ ପିଡିଙ୍କ ନିର୍ଦ୍ଦେଶ କ୍ରମେ ବିପଦପୂର୍ଣ୍ଣ ଥିବା ରାସ୍ତା ବଦଳରେ ବିଶେଷ ଖରାପ ନ ଥିବା ବନ୍ଧାଭୂଇଁଠାରୁ ମୁଖ୍ୟଛକ ପର୍ଯ୍ୟନ୍ତ ପ୍ରାୟ ୨କି.ମି. ରାସ୍ତାକୁ ଠିକାଦାରି ସଂସ୍ଥା ମରାମତି କରିଥିଲା। ଏ ନେଇ ସ୍ଥାନୀୟ ଲୋକେ ଅଧିକାରୀଙ୍କୁ ଜଣାଇବା ପରେ କାମ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏହା ପରେ ମଧ୍ୟ କାମ ନ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

୫୩ ନଂ. ଜାତୀୟ ରାଜପଥର ସମ୍ବଲପୁରଠାରୁ ଦେବଗଡ଼ ଜିଲା ଗୁଣେଇମୁରା ପର୍ଯ୍ୟନ୍ତ ୬୫କି.ମି. ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ପୁଞ୍ଜିଲୟଡ୍ ସଂସ୍ଥା ଠିକା ନେଇଥିଲା। ୨୦୧୭ଠାରୁ ୨୦୧୯ ଶେଷ ସୁଦ୍ଧା କାମ ସାରିବାର ଥିଲା। ମାତ୍ର ଉକ୍ତ ସଂସ୍ଥା ଅଳ୍ପ କାମ କରି ବାକି କାମକୁ ରାୟପୁରର ଡିବି ସଂସ୍ଥାକୁ ଦେଇଥିଲା।



ଶୋଚନୀୟ ହୋଇପଡିଥିବା ରାସ୍ତା।

### କମ୍ ଖରାପ ରାସ୍ତା ସଜାଡ଼ିଲେ, ବେଶିକୁ ପକାଇ ରଖିଲେ

ସେହି ସଂସ୍ଥା ମଧ୍ୟ ୬୦ ପ୍ରତିଶତ କାମ ସାରିଛି। ଜମନକିରା ମୁଖ୍ୟ ଟାଉନକୁ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ବାଇପାସ୍ କରିବା ପୂର୍ବରୁ ସଦର ମହକୁମା ଦେଇ ଯାଇଥିବା ଏନ୍‌ଏଚ୍ ମରାମତି କରାଯାଉ ନ ଥିବାରୁ ରାସ୍ତାରେ ଖାଲଖମା ଭର୍ତ୍ତି ହୋଇରହିଛି। ଫଳରେ ପ୍ରତ୍ୟହ ଛୋଟମୋଟ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ୭ ଦିନ ମଧ୍ୟରେ କାମ କରା ନ ଗଲେ ରାଜରାସ୍ତା ଅବରୋଧ ପାଇଁ ସ୍ଥାନୀୟ ଲୋକେ ସଜବାଜ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ମ୍ୟାନେଜର ନୀତିନ ଗୁପ୍ତାଙ୍କୁ ପଚାରିବାରୁ ସେ ପୁଞ୍ଜିଲୟଡ୍ ଠିକାସଂସ୍ଥାକୁ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ।

**ଚେନାଏ ପୃଥିବୀ ଉନ୍ମୋଚିତ**

କଟକ ଅଫିସ- କଥାଶିଳ୍ପୀ କ୍ଷୀରାବ୍ଧି ତନୟା ମହାନ୍ତିଙ୍କ ଗଳ୍ପ ପୁସ୍ତକ 'ଚେନାଏ ପୃଥିବୀ' କଟକ ସାରଳା ଭବନଠାରେ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଆୟୋଜିତ ଉତ୍ସବରେ ପ୍ରଫେସର ନଟବର ଶତପଥୀ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାହିତ୍ୟିକ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଥାକାର ପ୍ରତାପ କିଶୋର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ବୈଜୟନ୍ତୀ ମିଶ୍ର ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ, ଇଂ. କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଓ ଯତିକାନ୍ତ ମହାନ୍ତି ଆଲୋଚନାରେ ଭାଗ ନେଇଥିଲେ। ଶିକ୍ଷାବିତ୍ ଚୌଧୁରୀ ସତ୍ୟ ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣା: ବାଇକ ଚାଳକ ମୃତ

**ଚୌଦ୍ୱାର,୧୫ା୧(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ-ବ୍ରହ୍ମପୁର ରାସ୍ତାର ଏକ ଗଛରେ ବାଇକ୍ ପିଟି ହୋଇଯାଇଛି। ଏଥିରେ ବାଇକ ଚାଳକ ବ୍ରହ୍ମପୁର ନିକଟ ମହିସାଲଣ୍ଡା ଗ୍ରାମର କୃପାସିନ୍ଧୁ ତରାଇ(୩୫)ଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ ପଛରେ ବସିଥିବା ଶଙ୍କରପୁରର ଆଲୋକ ସାମଲ(୩୦) ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ କୃପାସିନ୍ଧୁ ଓ ଆଲୋକ ଏକ ବାଇକରେ ଚୌଦ୍ୱାରରୁ ମହିସାଲଣ୍ଡା ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ଏକ ଗଛରେ ପିଟି ହୋଇଯାଇଥିଲେ। ଚିକିତ୍ସାଲାଗି ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କୃପାସିନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ। ଆଲୋକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି।

### ଦାଦାବଟି ପାଇଁ ବିଲ୍ଡରଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୧୫ା୧(ବ୍ୟୁରୋ) :** ୫୦ଲକ୍ଷ ଟଙ୍କା ଦାଦାବଟି ନ ଦେବାରୁ ଜଣେ ବିଲ୍ଡରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଝାରପଡା ଅଞ୍ଚଳର ଶୁଭ୍ରଜିତ୍ ଜେନା(୩୫)। ଗୟାଧର ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କ ବିରୋଧରେ ନଂ.୨୮/୨୧ରେ ମାମଲା ରୁଜୁ କରିଛି। ଗୟାଧରଙ୍କ ଅଭିଯୋଗ ଅନୁଯାୟୀ, ସେ ଭୁବନେଶ୍ୱରରେ ଜମି କିଣାବିକା ବ୍ୟବସାୟ କରନ୍ତି। ଶହୀଦନଗର ଅଞ୍ଚଳରେ ଥିବା ଅଫିସରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ବସିଥିବାବେଳେ ଅଭିଯୁକ୍ତ ଶୁଭ୍ରଜିତ୍ ଜବରଦସ୍ତ ଭିତରକୁ ପଶି ତାଙ୍କୁ ଧମକ ଦେଇ ୫୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଗୟାଧର ମନା କରିବାରୁ ଶୁଭ୍ରଜିତ୍ ପାଖରେ ପଡିଥିବା ଏକ ଷ୍ଟିଲ୍ ଚେୟାରରେ ତାଙ୍କ ମୁଣ୍ଡକୁ ବାଡେଇ ଫଟେଇ ଦେଇଥିଲେ।

### ମହିଳାଙ୍କଠାରୁ ଟଙ୍କା, ମୋବାଇଲ ଲୁଟ୍: ୨ ଗିରଫ

**ବାଲିଅନ୍ତା,୧୫ା୧(ଡି.ଏନ୍.ଏ.):** ଜଣେ ମହିଳାଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ବାଲିଅନ୍ତା ପୋଲିସ ୨ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଧୀନନ ବରମୁଣ୍ଡା ଅଞ୍ଚଳର ଜିତେନ୍ଦ୍ର ସାହୁ, ଜାଗମରା ଗ୍ରାମର ବିକାଶ ରାୟ। ସେମାନଙ୍କଠାରୁ ଲୁଟ୍ ଭ୍ୟାନିଟ ବ୍ୟାଗ ସହ ନଗଦ ୯୫୦୦ ଟଙ୍କା, ୨ଟି ମୋବାଇଲ ଓ ଗୋଟିଏ ବାଇକ୍କୁ ଜବତ କରାଯାଇଛି। ଗୁରୁବାର ମଧ୍ୟାହ୍ନରେ ଭୁବନେଶ୍ୱରରୁ ସୌଦାମିନୀ ବରଦା ତାଙ୍କ ସ୍ୱାମୀଙ୍କ ସହ ଏକ ବାଇକ୍ରେ କଟକ ଅଭିମୁଖେ ଯାଉଥିଲେ। ତେବେ ରସୁଲଗଡ଼ରୁ ୨ ଅଭିଯୁକ୍ତ ତାଙ୍କୁ ପିଛା କରୁଥିବାବେଳେ ବାଲିଅନ୍ତା ଛକ ନିକଟରେ ସୌଦାମିନିଙ୍କୁ ଭ୍ୟାନିଟ ବ୍ୟାଗ ଛଡ଼ାଇ ନେଇ ଖସିଯିବାକୁ ବସିଥିଲେ। ଏହି ସମୟରେ ଦୁର୍ବୃତ୍ତଙ୍କ ବାଇକ୍ ଭାରସାମ୍ୟ ହରାଇ ପଡ଼ିଯିବାରୁ ସ୍ଥାନୀୟ ଲୋକେ ଓ ସୌଦାମିନୀଙ୍କ ସ୍ୱାମୀ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏ ନେଇ ପୋଲିସ ନଂ.୧୫/୨୧ରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ୨ ଅଭିଯୁକ୍ତଙ୍କୁ ପଚରାଉଚରା କରି ଗିରଫ କରିଥିଲା।

# ଅଭିନେତ୍ରୀ ଶୁଭ୍ରା କୁଣ୍ଡୁଙ୍କୁ ଗିରଫ କଲା ସିବିଆଇ

## ରୋଜ୍ଭ୍ୟାଲି ଚିଟ୍ଫଣ୍ଡ୍ ଠକେଇ ମାମଲା

**ଭୁବନେଶ୍ୱର,୧୫ା୧(ବ୍ୟୁରୋ)**


ଶୁଭ୍ରା କୁଣ୍ଡୁ

ଚିଟ୍ଫଣ୍ଡ ଠକେଇ ମାମଲାରେ ରୋଜ୍ଭ୍ୟାଲି ଗ୍ରୁପ୍ ମୁଖ୍ୟ ଗୌତମ କୁଣ୍ଡୁଙ୍କ ସ୍ତ୍ରୀ ଅଭିନେତ୍ରୀ ଶୁଭ୍ରା କୁଣ୍ଡୁଙ୍କୁ ଶୁକ୍ରବାର ସିବିଆଇ କୋଲକାତାସ୍ଥିତ ବାସଭବନରୁ ଗିରଫ କରିଛି। ତାଙ୍କ ନାମରେ ୧୭ ହଜାର ୫୦୦ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଥିବାବେଳେ ଶନିବାର ତାଙ୍କୁ ଭୁବନେଶ୍ୱର ଅଣାଯିବ। ପଚରାଉଚରା ପରେ ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସିବିଆଇ ସୂତ୍ରରୁ ସୂଚନା ମିଳିଛି। ଠକେଇର ମାଷ୍ଟରମାଇଣ୍ଡ ତଥା ରୋଜ୍ଭ୍ୟାଲି ଗ୍ରୁପର ଚେୟାରମ୍ୟାନ ଗୌତମ କୁଣ୍ଡୁଙ୍କୁ ୨୦୧୫ରେ ମନି ଲଣ୍ଡରିଂ ଆକ୍ଟ ୨୦୦୨ ଅନୁଯାୟୀ ସିବିଆଇର ଅର୍ଥନୈତିକ ଅପରାଧ ଶାଖା ଗିରଫ କରିଥିଲା। ସେବେଠୁ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସେହିଭଳି ଏହି ଠକେଇରେ ସମ୍ପୃକ୍ତ ଥିବା ଅଭିଯୋଗରେ ଚଳଚ୍ଚିତ୍ର ପ୍ରାଯୋଜକ ଶ୍ରୀକାନ୍ତ ମୋହତା ଓ ତୃଣମୂଳ କଂଗ୍ରେସ ଏମ୍ପି ସୁଦୀପ ବନ୍ଦୋପାଧ୍ୟାୟ ମଧ୍ୟ ଗିରଫ ହୋଇଥିଲେ। ଏହି ଚିଟ୍ଫଣ୍ଡ୍ ସଂସ୍ଥା ଜମାକାରୀଙ୍କୁ ଉଚ୍ଚ ହାରରେ ସୁଧ ଓ ବର୍ଷକରେ ଟଙ୍କା ୨ ଗୁଣ କରି ଫେରସ୍ତ କରିବାର ଲୋଭ ଦେଖାଇ ଓଡ଼ିଶା ସମେତ ରାଜ୍ୟ ବାହାରୁ ଜମାକାରୀଙ୍କଠାରୁ ୧୭ ହଜାର ୫୦୦ କୋଟି ଟଙ୍କା ଠକି ନେଇଥିଲା। ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍ବିଆଇ) ଓ ସିକ୍ୟୁରିଟି ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ(ଏସ୍ଇବିଆଇ) ଗାଇଡ୍ଲାଇନକୁ ଉଲ୍ଲଂଘନ କରି ଜମାକାରୀଙ୍କୁ ଠକେଇ କରାଯାଇଥିଲା। ଜମାକାରୀଙ୍କ ଅଭିଯୋଗକ୍ରମେ ସୁପ୍ରିମକୋର୍ଟ ସିବିଆଇକୁ ଠକେଇର ତଦନ୍ତ ଭାର ଦେଇଥିଲେ।



ଉଠା ଦୋକାନୀଙ୍କୁ ସ୍ଥାୟୀ ଦୋକାନଗୃହ ଯୋଗାଣ ଦାବିରେ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ବିଏମ୍ସି ଅଫିସ ଘେରାଉ କରାଯାଉଛି।

# ଦେଶର ୨୨% ସାମୁଦ୍ରିକ ଗୁଳ୍ମଭରା ଅଞ୍ଚଳ ଚିଲିକା

## ସର୍ବେକ୍ଷଣ ରିପୋର୍ଟ ପ୍ରକାଶିତ


**ବ୍ରହ୍ମଗିରି,୧୫ା୧(ଡି.ଏନ.ଏ)**

ଚଳିତବର୍ଷ ଚିଲିକାରେ ହୋଲଡୁଲେ ୟୁନିନେଭିସ, ହୋଲଡୁଲେ ପିନିଫଲିଆ, ହାଲୋଫିଲା ଓଭାଲିସ, ହାଲୋଫିଲା ଓଭାଟା ଏବଂ ହାଲୋଫିଲା ବିକାରି ଭଳି ୫ଟି ନୂଆ ପ୍ରଜାତିର ସାମୁଦ୍ରିକ ଗୁଳ୍ମ ଦେଖିବାକୁ ମିଳିଛି। ଏହା ଗତବର୍ଷ ତୁଳନାରେ ବୃଦ୍ଧିପାଇ ଚିଲିକାର ୧୫୫ ବର୍ଗ କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଛି। ଫଳରେ ଚିଲିକା ସମୁଦାୟ ଭାରତ ବର୍ଷର ୨୨ଶତକଡା ସାମୁଦ୍ରିକ ଗୁଳ୍ମ ଅଞ୍ଚଳ ଭାବେ ରହିଥିବା ଜୈବ ବିବିଧତା ସଂକ୍ରାନ୍ତ ବାର୍ଷିକ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡ଼ିଛି।

ଚିଲିକାର ଜୈବ ବିବିଧତା ଉପରେ ଜାଣିବା ପାଇଁ ଶୁକ୍ରବାର ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ଏହି ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣରେ ୧୮ଟି ଦଳରେ ୧୦୦ଜଣ କର୍ମଚାରୀ ସାମିଲ ଥିଲେ। ସକାଳ ୬ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସର୍ବେକ୍ଷଣ ଚାଲିଥିଲା। ଏ ନେଇ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଚିଲିକା ହେଉଛି ଆମଦେଶର ପୂର୍ବ ଉପକୂଳର ସର୍ବ ବୃହତ୍ତମ ହ୍ରଦ। ଏହା ଦ୍ରାଘିମାରେଖା ୧୯°୨୮' ଓ ୧୯°୫୪' ଉତ୍ତର ଏବଂ ଅକ୍ଷାଂଶ ରେଖା ୮୫°୦୫' ଏବଂ ୮୫°୩୮' ପୂର୍ବରେ ଅବସ୍ଥିତ। ଏହା ଲବଣାକ୍ତ, କ୍ଷାରୀୟ ଓ ମଧୁର ଜଳର ମିଶ୍ରଣରେ ଗଠିତ ଏକ ଜୈବିକ ପରିବେଶ। ଏହା ଆଇୟୁସିଏନର ରେଡ ଡାଟା ବୁକ୍ରେ ଉଲ୍ଲିଖିତ ଅନେକ ବିଲୁପ୍ତ ବିରଳ ପ୍ରଜାତିର ଜୀବମାନଙ୍କର ଆଶ୍ରୟସ୍ଥଳ ପାଲଟିଛି।


ସର୍ବେକ୍ଷଣ ପାଇଁ ଆସିଥିବା ପ୍ରତିନିଧି ଦଳ।

ପକ୍ଷୀମାନଙ୍କ ପାଇଁ ଚିଲିକା ଏକ ନିରାପଦ ଆଶ୍ରୟସ୍ଥଳୀ। ତେଣୁ ଶୀତଋତୁରେ ଏଠାରେ ଲକ୍ଷାଧିକ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥାଏ। ଚିଲିକାର ବିସ୍ତୀର୍ଣ୍ଣ ଜଳରାଶି ମତ୍ସ୍ୟସମ୍ପଦରେ ପରିପୂର୍ଣ୍ଣ ହୋଇ ୦.୨୦ ମିଲିୟନ ମତ୍ସ୍ୟଜୀବୀଙ୍କ ଜୀବନଜୀବିକାକୁ ସ୍ୱଚ୍ଛଳ କରିଛି। ଚିଲିକାର ଏହି ପରିସଂସ୍ଥାକୁ ବୁଝିବା ପାଇଁ ପ୍ରତିବର୍ଷ ଏଭଳି ବିଭିନ୍ନ ସର୍ବେକ୍ଷଣମାନ କରାଯାଉଛି। ଚିଲିକାର ମୁଖ୍ୟ ଆକର୍ଷଣ ହେଉଛି ଇରାୱାଡି ଡଲଫିନ। ଏହାର ସୁରକ୍ଷା ପାଇଁ ୨୦୦୩ରୁ ଅନେକ ପଦକ୍ଷେପମାନ ନିଆଯାଇଛି। ଶୁକ୍ରବାର ଏହି ସର୍ଭେକ୍ଷଣ ଦଳ ଟ୍ରାନ୍ସାକ୍ଟ ସର୍ଭେ ମେଥଡରେ ବାଇନାକୁଲର, ଜିପିଏସ ମେଶିନ, ରେଞ୍ଜ ଫାଇଣ୍ଡର ଓ ଡାଟାରେକର୍ଡିଂ ସିଟ୍ ମାଧ୍ୟମରେ ଡଲଫିନମାନଙ୍କର ଗତିବିଧି ଓ ସ୍ଥିତି ପରିଖିଥିଲେ। ଚିଲିକା ମଧ୍ୟରେ ୧୫୬ ଡଲଫିନ ଦେଖିବା ସହ ଅଧିକାଂଶ ଡଲଫିନ ଚିଲିକାର ଦକ୍ଷିଣ ପାର୍ଶ୍ୱରେ ରହିଥିବାର ଦେଖିବାକୁ ମିଳିଛି। କିନ୍ତୁ ଚୂଡ଼ାନ୍ତ ସଂଖ୍ୟା ଡଲଫିନ ଗଣନାରେ ପ୍ରକାଶ ପାଇବ ବୋଲି ଜଣାପଡିଛି। ସେହିପରି ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀମାନଙ୍କ ମଧ୍ୟରୁ ୧୦୫ପ୍ରଜାତିର ୧୨ଲକ୍ଷ୪୨ ହଜାର ଜଳଚର ପକ୍ଷୀ। ୭୬ ପ୍ରଜାତିର ୨୬ହଜାର ୪୦୫ଟି ପକ୍ଷୀ ଆର୍ଦ୍ରଭୂମି ଅଞ୍ଚଳର ବୋଲି ଗତ ୫ ତାରିଖ ପକ୍ଷୀ ଗଣନା ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଶୁକ୍ରବାର ସର୍ଭେ ଅନୁଯାୟୀ ୧୦ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀ ଚିଲିକାରେ ଥିବା ଆକଳନ କରାଯାଉଛି। ଚଳିତ ବର୍ଷ ଅଧିକାଂଶ ପକ୍ଷୀ ଚିଲିକାର ମଧ୍ୟ ଓ ଦକ୍ଷିଣ ପାର୍ଶ୍ୱରେ ଦେଖାଯାଇଛନ୍ତି। ବର୍ତ୍ତମାନ ଚିଲିକାରେ ଥିବା ଚିଙ୍ଗୁଡି ଘେରି ଉଚ୍ଛେଦ ହୋଇଥିବା ଅଞ୍ଚଳରେ ବତକ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡିଛି। ଏହି ପକ୍ଷୀମାନଙ୍କ ସୁରକ୍ଷିତ ବିଚରଣ ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫଳରେ ଚଳିତବର୍ଷ ପକ୍ଷୀ ଶିକାର ସଂଖ୍ୟା ହ୍ରାସ ପାଇଛି।



# ଟିକା ନେବେ ରାଜସ୍ୱ ବିଭାଗ କର୍ମଚାରୀ

## ୨୫ ସୁଦ୍ଧା ଡାଟାବେସ୍ ପ୍ରସ୍ତୁତ ପାଇଁ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୫ା୧(ବ୍ୟୁରୋ)**

କରୋନା ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରାଜସ୍ୱ ବିଭାଗ କର୍ମଚାରୀ ଟିକା ନେବେ। ସେମାନଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଏହି ଡାଟାବେସ୍ରେ ଜିଲା ସବ୍ରେଜିଷ୍ଟ୍ରାର ଓ ତାଙ୍କ କାର୍ଯ୍ୟାଳୟ କର୍ମଚାରୀ, ଆର୍ଟିଓ/ଏମ୍ଭିଆଇ ଓ ତାଙ୍କ କାର୍ଯ୍ୟାଳୟ କର୍ମଚାରୀ, ସିଏସ୍ଓ, ଏମ୍ଆଇ ଓ ତାଙ୍କ କାର୍ଯ୍ୟାଳୟ କର୍ମଚାରୀ, ଯୋଗାଣ ସହାୟକ, ଜିଲା ଅବକାରୀ ଅଧିକାରୀ ଓ ତାଙ୍କ କାର୍ଯ୍ୟାଳୟ କର୍ମଚାରୀ, ଜିଲା କଲ୍ୟାଣ ଅଧିକାରୀ, ଏଡିଡବ୍ଲ୍ୟୁଓ ଓ ତାଙ୍କ କାର୍ଯ୍ୟାଳୟ କର୍ମଚାରୀ, ଡିଆଇପିଆର୍ଓ ଓ ସେମାନଙ୍କ କର୍ଯ୍ୟାଳୟ କର୍ମଚାରୀ, ପ୍ରୋବେଶନର୍ସ ଓ ଟିଆର୍ଓ ଏବଂ ଉପରୋକ୍ତ ସମସ୍ତ ଅଧିକାରୀଙ୍କ ଗାଡ଼ି ଚାଳକଙ୍କ ତଥ୍ୟ ରହିବ। ଆସନ୍ତା ୨୫ ତାରିଖ ସୁଦ୍ଧା କୋ-ୱିନ୍ ପୋର୍ଟାଲରେ ତଥ୍ୟ ଅପ୍ଲୋଡ୍ କରିବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ୧୩ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋଭିଡ୍ ପରିଚାଳନା ସମ୍ପର୍କିତ ଦ୍ୱିତୀୟ ରାଜ୍ୟ ଷ୍ଟିଅରିଂ କମିଟିର ବୈଠକରେ ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଟିକା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

# ବନ୍ଧୁକ ଦେଖାଇ ନେଇଗଲେ ୫ ଲକ୍ଷ

**ବାଲୁଗାଁ,୧୫ା୧(ଡି.ଏନ୍.ଏ.)**

୧୬ନଂ. ଜାତୀୟ ରାଜପଥ ବାଲୁଗାଁ ବାଇପାସ ରାସ୍ତା ବେଲପଡ଼ା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଦୁଇ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ଉମାକାନ୍ତ ସିଂଙ୍କଠାରୁ ୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ବାଲୁଗାଁ ଓ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଟାଙ୍ଗୀ ଅଞ୍ଚଳର ଉମାକାନ୍ତ ଶୁକ୍ରବାର ବାଣପୁର ସବ୍ରେଜିଷ୍ଟ୍ରାର ଅଫିସରେ ଜମି ବିକ୍ରି ବାବଦକୁ ୫ଲକ୍ଷ ଧରି ଦୁଇଜଣ ସମ୍ପର୍କୀୟଙ୍କ ସହ ଏକ କାରରେ ଚିଲିକା ଢ଼ାବା ଅଭିମୁଖେ ଖାଇବାକୁ ଯାଉଥିଲେ। ବେଲପଡ଼ା ଛକ ନିକଟରେ ପଲସର ବାଇକରେ ଦୁଇଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ କାରକୁ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଉମାକାନ୍ତଙ୍କଠାରୁ ୫ଲକ୍ଷ ଟଙ୍କା ସହ ୩ଜଣଙ୍କ ମୋବାଇଲ ଫୋନ ଲୁଟିନେଇ ଫେରାର ହୋଇଯାଇଥିଲେ। ଖବରପାଇ ବାଲୁଗାଁ ଏସ୍ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଓ ବାଲୁଗାଁ ପୋଲିସ ପହଞ୍ଚି ରାଜପଥର ବିଭିନ୍ନ ପ୍ରବେଶ ପଥକୁ ସିଲ କରି ତଦନ୍ତ ଆରମ୍ଭ କରିଥିଲେ।

# ସିଏମ୍ସି ଅର୍ବାନ ସେଲ୍ଟର ହୋମ୍ରେ ରହିଲେ

## ଭିକ୍ଷାବୃତ୍ତି କରୁଥିଲେ ପୂର୍ବତନ ହୋମଗାର୍ଡ

**କଟକ ଅଫିସ,୧୫ା୧**

କଟକ ଚଣ୍ଡୀମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିବା ଜଣେ ପୂର୍ବତନ ହୋମଗାର୍ଡଙ୍କୁ ଶୁକ୍ରବାର ସେଲ୍ଟର ଛକସ୍ଥିତ ସିଏମ୍ସି ଅର୍ବାନ ସେଲ୍ଟର ହୋମ୍ରେ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ହୋମଗାର୍ଡ ବିନୋଦ ବିହାରୀ ପତି, ତାଙ୍କ ସ୍ତ୍ରୀ ଉର୍ମିଳାରାଣୀ ସପରିବାରେ କଟକ ଚଣ୍ଡୀମନ୍ଦିର ନିକଟରେ କିଛିଦିନ ହେବ ଭିକ୍ଷାବୃତ୍ତି କରୁଥିଲେ। ଏହି ଘଟଣା ଆଇନଜୀବୀ ଅଶୋକ କୁମାର ସ୍ୱାଇଁଙ୍କ ଦୃଷ୍ଟିଗୋଚର ହୋଇଥିଲା। ସେ ଜିଲା ଓ ପୋଲିସ ପ୍ରଶାସନର ସହାୟତାରେ ଅର୍ବାନ ସେଲ୍ଟର ହୋମ୍ରେ ସେମାନଙ୍କୁ ଥଇଥାନ କରାଇଛନ୍ତି। ଏହି ସେଲ୍ଟର ହୋମକୁ ଯିବାକୁ ବିନୋଦ ରାଜି ହୋଇଥିଲେ ମଧ୍ୟ ତାଙ୍କ ସ୍ତ୍ରୀ ରାଜି ହୋଇ ନ ଥିଲେ। ପରେ କ୍ୟାଣ୍ଟନମେଣ୍ଟ ଓ ମଙ୍ଗଳାବାଗ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ୪ଟି ପିସିଆର୍ ଭ୍ୟାନ୍ରେ ସେମାନଙ୍କୁ ସେଲ୍ଟର ହୋମକୁ ନିଆଯାଇଥିଲା। ସୂଚନାଯୋଗ୍ୟ, ବିନୋଦ ଦିଗପହଣ୍ଡି ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିବାବେଳେ କୌଣସି କାରଣବଶତଃ ତାଙ୍କୁ ଚାକିରି ହରାଇବାକୁ ପଡ଼ିଥିଲା। ପରେ ସେ କଟକ ଆସି ବିଭିନ୍ନ ସ୍ଥାନରେ ରହିଥିଲେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ କୌଣସି ଉପାୟ ନ ପାଇ ସେ ଭିକ୍ଷାବୃତ୍ତିକୁ ଆପଣାଇଥିଲେ। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ବଡ଼ ଝିଅ ୧୪ ବର୍ଷର ହୋଇଥିବାବେଳେ ପୁଅଟି ୩ ମାସର ବୋଲି ଜଣାପଡିଛି।

# ଆଦର୍ଶ ବିଦ୍ୟାଳୟରେ ଖୋଲିବ ବାଣିଜ୍ୟ ବିଭାଗ

**ଭୁବନେଶ୍ୱର,୧୫ା୧(ବ୍ୟୁରୋ)**

ଆଦର୍ଶ ବିଦ୍ୟାଳୟରେ ବାଣିଜ୍ୟ ବିଭାଗ ଖୋଲିବ। ରାଜ୍ୟରେ ଦ୍ୱାଦଶ ଶ୍ରେଣୀ ଥିବା ୩୦ ବିଦ୍ୟାଳୟରେ ଆସନ୍ତା ଶିକ୍ଷାବର୍ଷ ୨୦୨୧-୨୨ରେ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ରଘୁରାମ ଆର୍. ଆୟର ଶୁକ୍ରବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ସଙ୍ଗଠନ ପକ୍ଷରୁ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ତାହାକୁ ରାଜ୍ୟ ସରକାର ଗ୍ରହଣ କରିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏହି ବିଭାଗରେ ୬୦ଟିପଦବୀ ସୃଷ୍ଟିପାଇଁମଧ୍ୟ କୁହାଯାଇଛି।

# କଳାବ୍ୟାଜ ପରିଧାନ କରି ଟିକାକରଣ କରିବେ ସ୍ୱାସ୍ଥ୍ୟକର୍ମୀ

**ଜୁନାଗଡ, ୧୫ା୧ (ଡି.ଏନ.ଏ.)**



ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କୁ ଦାବିପତ୍ର ଦିଆଯାଉଛି।

ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ଉଦାସୀନ ମନୋଭାବ ପୋଷଣ କରାଯାଉଛି। ଏହାର ପ୍ରତିବାଦରେ ୪ଟି କ୍ଷେତ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ କୋଭିଡ୍ ଟିକା ନେବାକୁ ମନା କରିଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସ୍ୱାସ୍ଥ୍ୟ କର୍ମୀ ସଂଘ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରାଧିକାରୀଙ୍କ ଜରିଆରେ ଶୁକ୍ରବାର ମୁଖ୍ୟ ଚିକିତ୍ସାଧାରୀଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଏହା ଜଣାଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରାଧିକାରୀ ଉପସ୍ଥିତ ନ ଥିବାରୁ ତାଙ୍କ ସ୍ଥାନରେ ଏହାକୁ ଡାକ୍ତର ବିବେକାନନ୍ଦ ମହାନନ୍ଦ ଗ୍ରହଣ କରିଥିଲେ। ସେହିପରି ଟିକାକରଣକୁ ସହଯୋଗ କରାଯିବ ବୋଲି ଏହି ପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି। ଓଡିଶା ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶିକା ଓ ପରିଦର୍ଶକ ସରକାରୀ ସିକୃତି ପାଇ ୪ଟି କ୍ଷେତ୍ରରେ ୧୫ ହଜାର ସ୍ୱାସ୍ଥ୍ୟକର୍ମୀ ଦିନରାତି କାର୍ଯ୍ୟ କରୁଛନ୍ତି। କରୋନା ସମୟରେ ଯୋଦ୍ଧା ହୋଇ କାମ କରୁଛନ୍ତି। ହେଲେ ସ୍ୱାସ୍ଥ୍ୟକର୍ମୀ ସଂଘ ୪ଟି କ୍ଷେତ୍ର ପକ୍ଷରୁ ୧୦ ବର୍ଷ ହେଲା ପଦୋନ୍ନତି ଓ କ୍ୟାଡର ବ୍ୟବସ୍ଥା ଲାଗୁ ପାଇଁ ଦାବି କରି ସୁଫଳ ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଦାବିର ପୂର୍ନବିଚାର କରା ନ ଗଲେ ଟିକା ନେବୁ ନାହିଁ। କିନ୍ତୁ କଳାବ୍ୟାଜ ପରିଧାନ କରି ଟିକାକରଣ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବି ପ୍ରଦାନ ସମୟରେ ପୁରୁଷ/ମହିଳା ପରିଦର୍ଶକ ସଂଘ ସଭାପତି ଜଳନ୍ଧର ମେହେର, ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ସଭାପତି ଆଶାରାଣୀ ଦାସ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଂଘ ସଭାପତି ଚିତ୍ତ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

# 'ୟଙ୍ଗ୍ ଜିନିୟସ୍'ରେ ନଜରକୁ ଆସିବେ ମେଘାଳି

- ଶୁଭେଚ୍ଛା ଜଣାଇଲେ ଅଭିନେତା, କ୍ରୀଡ଼ାବିତ୍
- ଆଜି ସନ୍ଧ୍ୟା ୭ଟାରେ ନ୍ୟୁଜ୍୧୮ ଇଣ୍ଡିଆରେ ପ୍ରସାରିତ ହେବ

**ଭୁବନେଶ୍ୱର, ୧୫ା୧(ବ୍ୟୁରୋ)**



ମେଘାଳି ମାଳବିକା

ଗୁଗଲ୍ ଗର୍ଲ ଅଫ୍ ଇଣ୍ଡିଆ' ଭାବେ ପରିଚିତ ଭୁବନେଶ୍ୱରର ମେଘାଳି ମାଳବିକା ଓଡ଼ିଶା ପାଇଁ ପୁଣି ଏକ ଗୌରବ ଆଣିଛନ୍ତି। ଦେଶର ବିସ୍ମୟକର ପ୍ରତିଭାଙ୍କୁ ଗୋଟିଏ ପ୍ଲାଟ୍ଫର୍ମକୁ ଆଣୁଥିବା 'ୟଙ୍ଗ୍ ଜିନିୟସ୍' କାର୍ଯ୍ୟକ୍ରମରେ ସ୍ଥାନ ପାଇବାକୁ ଯାଉଛନ୍ତି ମେଘାଳି। ମାତ୍ର ୧୪ ବର୍ଷ ବୟସରେ ସେ ବିଶ୍ୱର ୧୯୭ ଦେଶର ଟିକିନିଖି ତଥ୍ୟ ପ୍ରାଞ୍ଜଳଭାବେ ମନେରଖିଛନ୍ତି। ତାଙ୍କର ଏହି ବିସ୍ମୟକର ଜ୍ଞାନ ପାଇଁ ସେ 'ୟଙ୍ଗ୍ ଜିନିୟସ୍' ରେ ନଜର ଆସିବା ସହ ଦେଶର କୋଟି କୋଟି ପିଲାଙ୍କୁ ନିଜ ପ୍ରତିଭା ଦ୍ୱାରା ଅନୁପ୍ରାଣିତ କରିବାକୁ ଯାଉଛନ୍ତି।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ୪ଟି ରେକର୍ଡ ସହ ମେଘାଳି ୯ ମିନିଟରେ ୧୦୦୦ ନଦୀର ନାମ, ୭.୩୯ ମିନିଟରେ ୧୦୦୦ ସହରର ନାମ, ୧୧.୨୮ ମିନିଟରେ ବିଶ୍ୱର ବିଭିନ୍ନ ନଦୀ, ସମୁଦ୍ର, ପାହାଡ଼, ପର୍ବତ ଆଦିର ନାମ କହିପାରନ୍ତି। ତେଣୁ ମେଘାଳିଙ୍କୁ ମଣିଷ ଆଟଲାସ୍ ବା ହ୍ୟୁମାନ ଆଟଲାସ୍ କୁହାଯାଏ। ଭବିଷ୍ୟତରେ ଜଣେ ମହାକାଶ ବିଜ୍ଞାନୀ ହେବାକୁ ମେଘାଳି ଲକ୍ଷ୍ୟ ରଖିଛନ୍ତି। ଆଗ୍ରହ ଓ ଅଭ୍ୟାସ ଯୋଗୁ ସେ ଆଜି ଏଭଳି ଭୌଗୋଳିକ ତଥ୍ୟର ଜ୍ଞାନ ହାସଲ କରିପାରିଥିବା କହିଛନ୍ତି। ଶ୍ରେଣୀ ପାଠପଢ଼ାରେ ଭୂଗୋଳ ହେଉଛି ତାଙ୍କର ପ୍ରିୟ ବିଷୟ। ଗୁଗଲ ଗର୍ଲ ଭାବେ ଲୋକେ ସମ୍ବୋଧିତ କଲେ ତାହା ତାଙ୍କୁ ଆଗକୁ ଯିବାପାଇଁ ଅନୁପ୍ରାଣିତ କରେ। ବାପା ଓ ମା'ଙ୍କୁ ନିଜ ଆଦର୍ଶ ଭାବେ ମାନିନେଇଥିବା ମେଘାଳି ନିଜ ସଫଳତାର ଶ୍ରେୟ ବାପାଙ୍କୁ ଦେଇଛନ୍ତି। ୪ ବର୍ଷ ବୟସରୁ ବାପା ବିଭିନ୍ନ ଦେଶ, ମହାଦେଶ, ମୁଦ୍ରା ଏବଂ ଭୌଗୋଳିକ ସ୍ଥିତି ସମ୍ପର୍କରେ ମନେରଖିବାକୁ ଉତ୍ସାହିତ କରିଆସୁଛନ୍ତି। 'ୟଙ୍ଗ୍ ଜିନିୟସ୍' ପରି ଏତେବଡ଼ ଶୋ' ନିମନ୍ତେ ଚୟନ ହୋଇଥିବାରୁ ମୁଁ ଉତ୍ସାହିତ। ଅନ୍ୟପକ୍ଷରେ ମେଘାଳିଙ୍କ ଏହି ସଫଳତା ପାଇଁ ଅଭିନେତା ସବ୍ୟସାଚୀ ମିଶ୍ର, ଆକାଶ ଦାସନାୟକ, ଅନୁ ଚୌଧୁରୀ, ଭୂମିକା ଦାଶ, କ୍ରୀଡ଼ାବିତ୍ ଅଂଶିକା ରାଉତରାୟ ଏବଂ ଅନ୍ତର୍ଜାତୀୟ ଚେସ୍ ଖେଳାଳି ପଦ୍ମିନୀ ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। 'ୟଙ୍ଗ ଜିନିୟସ' କାର୍ଯ୍ୟକ୍ରମରେ ମେଘାଳିଙ୍କ ପ୍ରେରଣାଦାୟୀ କାହାଣୀକୁ ଦର୍ଶକମାନେ ନ୍ୟୁଜ୍୧୮ ଇଣ୍ଡିଆରେ ଶନିବାର ସନ୍ଧ୍ୟା ୭ଟାରେ ଦେଖିପାରିବେ।

# ନିବେଶକଙ୍କ କ୍ଷତି ୨.୩୩ ଲକ୍ଷ କୋଟି

ମୁମ୍ବାଇ,୧୫।୧



ଶୁକ୍ରବାର ଭାରତୀୟ ଶେୟାର ବଜାରରେ ଏକ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ରେ କାରବାର ପ୍ରଭାବିତ ହୋଇଛି। ଗତ ୪ ସପ୍ତାହ ମଧ୍ୟରେ ପ୍ରଥମ ଥର ଲାଗି ସେନ୍ସେକ୍ସ ଏବଂ ନିଫ୍ଟି କାରବାରରେ ବଡ଼ ହ୍ରାସ ହୋଇଛି। ଫଳରେ ନିବେଶକ ୨.୩୩ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ବଜାର ପୁଞ୍ଜିକରଣ ୧୯୫.୪୩ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଏହା ପୂର୍ବ ସେସନରେ ୧୯୭.୬୬ ଲକ୍ଷ କୋଟି ଟଙ୍କା ରହିଥିଲା। ଚଳିତ ସପ୍ତାହର ପ୍ରଥମ ୪ ଟ୍ରେଡିଂ ଦିନରେ ସେନ୍ସେକ୍ସ ରେକର୍ଡ ଉଚ୍ଚ ସ୍ତରରେ ରହିଥିଲା। ମାତ୍ର ପ୍ରଫିଟ ବୁକିଂ ଏବଂ ବିଶ୍ୱ ବଜାରର ଧୀମା ରେସ୍ପନ୍ସ ଯୋଗୁ ଭାରତୀୟ ଶେୟାର ବଜାର ପ୍ରଭାବିତ ହୋଇଛି।

ଶୁକ୍ରବାର ସେନ୍ସେକ୍ସ ୫୪୯ ପଏଣ୍ଟ(୧.୧୧%) ଖସି ୪୯,୦୩୪ ସ୍ତରରେ ରହିଛି। ସେହିଭଳି ନିଫ୍ଟିରେ ୧୬୧ ପଏଣ୍ଟ (୧.୧୧%) ହ୍ରାସ ପାଇବା ଯୋଗୁ ଏହା ୧୪,୪୩୩ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏହା ପୂର୍ବରୁ ନିଫ୍ଟି ତୃତୀୟ ସପ୍ତାହ ଲାଗି ଏବଂ ସେନ୍ସେକ୍ସ ୧୧ ସପ୍ତାହ ଲାଗି ଉର୍ଦ୍ଧ୍ୱରେ ରହିଥିଲା। ସପ୍ତାହ ମଧ୍ୟରେ ସେନ୍ସେକ୍ସ ୨୫୨ ପଏଣ୍ଟ (୦.୫୧%) ନିଫ୍ଟି ୮୬ ପଏଣ୍ଟ (୦.୬୦%) ବଢ଼ିଥିବା ନଜରକୁ ଆସିଛି। ବିଏସ୍ଇରେ ଟେକ୍ ମହିନ୍ଦ୍ରା, ଏଚ୍ସିଏଲ୍ ଟେକ୍, ଓଏନ୍ଜିସି, ଏସିଆନ ପେଣ୍ଟସ, ଅଲ୍ଟ୍ରାଟେକ୍ ସିମେଣ୍ଟ ଏବଂ ଇନ୍ଫୋସିସ୍ ଭଳି କମ୍ପାନୀର ଶେୟାର ଶୁକ୍ରବାର ପ୍ରାୟ ୩.୯୨% ନିମ୍ନରେ ରହିଛି। ସେହିଭଳି ଏନ୍ଏସ୍ଇ ପ୍ଲାଟ୍ଫର୍ମରେ ନିଫ୍ଟି ଆଇଟି ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶେୟାର କାରବାର ୨.୨୪% ଖସିଛି।

**୫୪୯ ପଏଣ୍ଟ ଖସିଲା ସେନ୍ସେକ୍ସ**

ବ୍ୟାଙ୍କିଙ୍ଗ୍,ଆଇଟି ଏବଂ ଅଟୋମୋବାଇଲ ଷ୍ଟକ୍ କାରବାର ଚାପରେ ରହିଛି। ଆଗାମୀ ଦିନରେ ବଜାରରେ ସୁଧାର ଧାରା ଆସିପାରେ ବୋଲି ନିବେଶକ ଆଶା ରଖିଛନ୍ତି। ଭାରତୀୟ ଶେୟାର ବଜାରରେ ବିଦେଶୀ ନିବେଶକମାନେ ନେଟ୍ କ୍ରେତା ରହିଛନ୍ତି। ଗୁରୁବାର ଏହି ନିବେଶକମାନେ ୧୦୭୬ କୋଟି ଟଙ୍କା ଶେୟାର କ୍ରୟ କରିଛନ୍ତି।

## ୧୦ ବର୍ଷର ନିମ୍ନ ସ୍ତରରେ କାର୍ ବିକ୍ରି

**ମୁମ୍ବାଇ,୧୫।୧:** କରୋନା ମହାମାରୀ ଯୋଗୁ ଦେଶର ଅଟୋମୋବାଇଲ ବଜାର ପ୍ରଭାବିତ ହୋଇ ରହିଛି। ୨୦୨୦ ଏପ୍ରିଲରୁ ଡିସେମ୍ବର ସମୟରେ ଦେଶ ମଧ୍ୟରେ କାର୍ ବିକ୍ରି ୧୭.୮ ଲକ୍ଷ ୟୁନିଟ ରହିଛି। ଏହା ଏକ ଦଶନ୍ଧି ମଧ୍ୟରେ ସର୍ବନିମ୍ନ। ଶେଷଥର ଲାଗି ୨୦୧୦-୧୧ ଆର୍ଥିକ ବର୍ଷରେ ୧୮.୧ ଲକ୍ଷ ନିୟୁଟ ବିକ୍ରି ହୋଇଥିଲା। ଏପ୍ରିଲ-ଡିସେମ୍ବର ମଧ୍ୟରେ ୧.୦୭ କୋଟି ୨ ଚକିଆ ଯାନ ବିକ୍ରି ହୋଇଛି। ୨୦୧୩-୧୪ ପରଠାରୁ ଏହା ସର୍ବନିମ୍ନ ସ୍ତର। ସେହିଭଳି ୩ ଚକିଆ ବିକ୍ରି ୧.୩ ଲକ୍ଷ ୟୁନିଟ ରହିଛି ଯାହା ୨୦୦୧ ପରଠାରୁ ନିମ୍ନରେ ରହିଛି। ସେହିଭଳି ୩.୬ ଲକ୍ଷ ୟୁନିଟ ବାଣିଜ୍ୟିକ ଯାନ ବିକ୍ରି ହୋଇଥିବା ସୋସାଇଟି ଫର୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫ୍ୟାକ୍ଚରର୍ସ (ସିଆମ୍) ପକ୍ଷରୁ ସୂଚନା ଦିଆଯାଇଛି।

## ଆପୋଲୋରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୫।୧

ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଏକ ବିରଳ ପେଟ ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି। ପଶ୍ଚିମ ଓଡ଼ିଶାର ଜଣେ ୭୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ପେଟରୁ ୧୦ କିଲୋଗ୍ରାମ ଓଜନର ଏକ ବଡ ଟ୍ୟୁମରର ସଫଳ ଅପରେଶନ କରାଯାଇଛି। ଗତ ୧୦ ବର୍ଷ ପୂର୍ବେ ସେ ମୁମ୍ବାଇରେ ଏକ ଘରୋଇ ହସ୍ପିଟାଲରେ ଏକ ଛୋଟ ଟ୍ୟୁମରର ଅପରେଶନ କରିଥିଲେ। ଅପରେଶନର କିଛି ଦିନ ପରେ ତାଙ୍କର ଓଜନ ହ୍ରାସ ପାଇବା ସହିତ ପେଟ ଯନ୍ତ୍ରଣା ଆହୁରି ବଢିଯାଇଥିଲା। ଗତ କିଛି ଦିନ ତଳେ ସେ ଆପୋଲୋ ହସପିଟାଲକୁ ଚିକିତ୍ସା ହେବାକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କର ପିଇଟି ସ୍କାନ କରାଯାଇଥିଲା। ସ୍କାନ ଜରିଆରେ ତାଙ୍କର ଟ୍ୟୁମର ହୋଇଥିବା ଜଣାପଡିବା ପରେ ବରିଷ୍ଠ ଗ୍ୟାଷ୍ଟ୍ରୋ ଇଣ୍ଟେନ୍ଷ୍ଟାଇନ୍ କ୍ୟାନସର ସର୍ଜନ ଡଃ ମହମ୍ମଦ ଇବ୍ରାରୁଲ୍ଲାଙ୍କ ନେତୃତ୍ୱରେ ଏକ ଟିମ ୩ ଘଣ୍ଟା କାଳ ଏହି ଅସ୍ତ୍ରୋପ୍ରଚାର କରିଥିଲେ। ଶେଷରେ ତାଙ୍କ ଟ୍ୟୁମରଟିକୁ ସଫଳତାର ସହିତ ବାହାର କରାଯାଇଥିଲା। ଏହା ଏକ ବିରାଟ ଟ୍ୟୁମର ହୋଇଥିବାରୁ ରୋଗୀଙ୍କ ପେଟ ଯନ୍ତ୍ରଣା ହେଉଥିଲା। ରୋଗୀଙ୍କ ଏହି ସଫଳ ଅସ୍ତ୍ରୋପ୍ରଚାରରେ ସର୍ଜିକାଲ ଗ୍ୟାଷ୍ଟ୍ରୋ ଇଣ୍ଟେନ୍ଷ୍ଟାଇନ୍ ବିଭାଗର ଡଃ ଲକ୍ଷ୍ମୀନାରାୟଣ ମହାନ୍ତି, ଡଃ ସଦାନନ୍ଦ ମେହର ଏବଂ ଆନ୍ସାସ୍ଥେସିଆ ବିଭାଗର ଡଃ ସିଦ୍ଧାର୍ଥ ମହାନ୍ତି, ଡଃ ସୌମିତ୍ର ଶତପଥୀ ଏବଂ ଡଃ ରେବେକା ସିଂ ପ୍ରମୁଖ ସହାୟତା କରିଥିଲେ।


**CUTTACK MUNICIPAL CORPORATION**

"e" PROCUREMENT NOTICE

Tender ID : 2021_ORULB_65527

Tender Call Notice No. 253 (PW) Date. 15.01.2021

Name & No of Works : Electrical Works

No of Works : 01 No

Bid Value : Rs. 4.81 Lakh

Period of Completion : Fifteen Days

Date and Time schedule :

| Start | End | Opening |
|---|---|---|
| 11.00 AM on dt. 18.01.2021 | 05.00 PM on dt.27.01.2021 | 11.00 A.M. on dt. 30.01.2021 |

Tender Details : can be seen from the procurement portal : www.tendersorissa.gov.in

Executive Engineer, City Div-I


# ରେକର୍ଡ ଭାଙ୍ଗୁଛି ତେଲ, କମୁନି ଟିକସ

**ମୁମ୍ବାଇ,୧୫।୧:** ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ରେକର୍ଡ ଭାଙ୍ଗିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୮୪ ଟଙ୍କା ଟପିଥିବା ବେଳେ ମୁମ୍ବାଇରେ ୯୧ ଟଙ୍କାରୁ ଉର୍ଦ୍ଧ୍ୱରେ ରହିଛି। ଭୁବନେଶ୍ୱରରେ ତେଲ ଦର ନୂଆଦିଲ୍ଲୀଠାରୁ ଉର୍ଦ୍ଧ୍ୱରେ ରହିଛି। ଦିଲ୍ଲୀରେ ଡିଜେଲ ୭୪.୮୮ ଟଙ୍କା ରହିଥିବା ବେଳେ ମୁମ୍ବାଇରେ ୮୧.୬ ଟଙ୍କା ରହିଛି। କରୋନା କାଳରେ ଲଗାତର ତେଲ ଦର ବୃଦ୍ଧି ଖାଉଟିଙ୍କ ସମସ୍ୟାକୁ ବଢ଼ାଉଛି। ଏଭଳି ସ୍ଥିତିରେ ତେଲ ଉପରେ ଲାଗୁ ହେଉଥିବା ଟିକସ କମାଇବାକୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଲ ଉପରେ ଉଚ୍ଚ ପରିମାଣର ଟିକସ ଲାଗୁ ହେଉଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ସାମାନ୍ୟ ବଢିଲେ ମଧ୍ୟ ତେଲ କମ୍ପାନୀଗୁଡିକ ପେଟ୍ରୋଲ ଏବଂ ଡିଜେଲ ଦର ବଢାଉଛନ୍ତି। ଲଗାତର ୨ ଦିନ ବଢ଼ିବା ପରେ ଶୁକ୍ରବାର ଦରରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ବର୍ତ୍ତମାନ ଲୋକମାନେ ପେଟ୍ରୋଲ ପିଛା ୩୨.୯୮ ଟଙ୍କାର ଉତ୍ପାଦ ଟିକସ ପ୍ରଦାନ କରୁଛନ୍ତି। ଡିଜେଲ ଉପରେ ଏହା ୩୧.୮୩ ଟଙ୍କା ରହିଛି। ସେହିଭଳି ପେଟ୍ରୋଲରେ ୧୯.୩୨ ଟଙ୍କାର ଭାଟ୍ ଲାଗୁ ହେଉଥିବା ବେଳେ ଡିଜେଲରେ ଏହା ୧୦.୮୫ ଟଙ୍କା ରହିଛି। ରାଜ୍ୟଗୁଡିକ ସ୍ତରରେ ଏହା ଭିନ୍ନ ଭିନ୍ନ ରହୁଛି। ସରକାର ଟିକସ ହ୍ରାସ କରୁ ନ ଥିବା ବେଳେ ଖାଉଟିଙ୍କ ଏକ ମାତ୍ର ଭରସା ହେଲା ଅନ୍ତର୍ଜାତୀୟ ବଜାରରେ ତେଲ ଦର ହ୍ରାସ। ଗୋଟିଏ ଦିନ ତଳେ ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୫୭ ଡଲାର ରହିଥିଲା। ଏହା ଶୁକ୍ରବାର ୫୫.୬୪ ଡଲାରକୁ ଖସିଛି। କେତେକ ଦେଶରେ କରୋନାର ଦ୍ୱିତୀୟ ଲହର ଦେଖାଯାଇଥିବାରୁ ବଜାର ଏବେ ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଛି। ଭାରତ ବ୍ୟବହାର କରୁଥିବା ମୋଟ ଇନ୍ଧନର ୮୦% ଆମଦାନୀ କରୁଛି। ତେଲ ଉପରେ ଯଦି ସରକାର ଟିକସ ହ୍ରାସ କରନ୍ତେ ଏହା ଦ୍ୱାରା ଖାଉଟି ଲାଭବାନ ହୁଅନ୍ତେ।



## ତିନି ପ୍ରମୁଖ ସହରକୁ ଯୋଡ଼ିଲା ଏୟାର ଏସିଆ ଇଣ୍ଡିଆ

**ନୂଆଦିଲ୍ଲୀ,୧୫।୧:** ବର୍ଷ ଆରମ୍ଭରୁ ଦେଶର ପ୍ରମୁଖ ୩ ସହର କୋଲକାତା, ଭୁବନେଶ୍ୱର ଓ ପୁଣେ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ କରି ଏୟାର ଏସିଆ ଇଣ୍ଡିଆ ନୂଆ ବର୍ଷକୁ ଭିନ୍ନ ଢଙ୍ଗରେ ଆରମ୍ଭ କରିଛି। ପ୍ରଥମ ବିମାନ କମ୍ପାନୀ ଭାବରେ ଭୁବନେଶ୍ୱର ଓ ପୁଣେ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭକରି ସଫଳତାର ନୂଆ ଫର୍ଦ୍ଦ ଯୋଡିଛି। ଏହି ସବୁ ସହରକୁ ଗମନାଗମନ ପାଇଁ ବୁକିଂ ସେବା ଖୋଲା ରହିଛି। ଏହି ସେବା (ବିମାନ ଉଡ଼ାଣ) ୨୦୨୧ ଜାନୁୟାରୀ ୨୪ରୁ ଆରମ୍ଭ ହେବ। ପ୍ରତି ସପ୍ତାହର ଶନିବାରକୁ ବାଦ୍ ଦେଇ ଅନ୍ୟ ସବୁ ଦିନ ଏହି ବିମାନ ଉଡିବ। ଏ ସମ୍ପର୍କରେ ଏୟାର ଏସିଆ ଇଣ୍ଡିଆର ଚିଫ୍ କମର୍ସିଆଲ ଅଫିସର ଅଙ୍କୁର ଗର୍ଗ କହିଛନ୍ତି, କୋଲକାତା, ଭୁବନେଶ୍ୱର ଓ ପୁଣେ ମଧ୍ୟରେ ନୂଆ ବିମାନ ସଂଯୋଗ ଘୋଷଣା କରାଯାଇଥିବାରୁ ଆମେ ବେଶ୍ ଉଲ୍ଲସିତ ଅଛୁ।


**Bhubaneswar Municipal Corporation**

*Progress through Partnership for better Bhubaneswar*

RFP No.: 2480 Date: 15.01.2021

**NOTICE INVITING REQUEST FOR PROPOSAL**

**No. C-299:-** Sealed Proposals are invited for **"Selection of Buyer for disposal of Recyclable and Non-recyclable Waste in Bhubaneswar Municipal Corporation Material Recovery Facility"** in conformity with the Terms & Conditions of the Detailed RFP from intending bidders fulfilling the terms of eligibility laid down in the RFP document. Please refer to website **www.bmc.gov.in** for complete details and downloading the Document. The RFP document is available from 16.01.2021 with last date of submission being 15.02.2021 till 3.00 P.M.

For any queries please contact
dc-sanitation@bmc.gov.in

OIPR-13002/11/0074/2021



**ODISHA HYDRO POWER CORPORATION LTD.**

OHPC OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT

AT/P.O.- BARINIPUT, DIST.- KORAPUT - 764006, PHONE.: (06854) 242001, FAX: (06854) 242038, Email: sgmel_ukhep@ohpcltd.com
CIN: U40101OR1995SGC003963

**e-PROCUREMENT NOTICE No. UKHEP/ET-02/2020-21 Dated: 13.01.2021**

No. CAD-1076: The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid** in **Double Cover System in ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) | Cost of Bid Document | Class of Contractor | Availability of Bids Online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | M/R & Up keep Maintenance of Civil Works to Residential and Non-Residential Buildings at PH Colony, for a period of 12 months, UKHE Project, Bariniput | 11,95,318/- | 11,960/- | 7080/- (Rs.6000 + 18% GST) | "C" & "D" Class | From 10.00 A.M. of 21.01.2021 to 17.00 hrs. of 05.02.2021 | At 11.30 hrs. of 08.02.2021 |

1. The bidders have to participate in ONLINE bidding only through the Govt. e-Procurement portal **www.tendersorissa.gov.in** by using their Compatible Digital Signature Certificate (DSC).
2. Further details like tender specification (DTCN), BOQ and any Addendum/Corrigendum/Cancellation of tender can be seen in the same website.

OIPR-04002/11/0037/2021 **Unit Head, UKHEP, Bariniput**



**ଓଡ଼ିଶା ସରକାର**

**ଗ୍ରାମ୍ୟ ନିର୍ମାଣ ବିଭାଜନ, ସୋନପୁର**

**ସର୍ବସାଧାରଣ ନୋଟିସ୍**

**No. O-902:-** ଓଡ଼ିଶା ସରକାରଙ୍କ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କନ୍ଧାଗାଡ଼ ଠେଙ୍ଗାନାଳ ରାସ୍ତାର ଗୁରାଣ୍ଡି ନାଳ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ଉଭୟ ପାର୍ଶ୍ୱସ୍ଥିତ ଆବଶ୍ୟକୀୟ ଜମି ମୌଜା-କନ୍ଧାଗାଡ଼ ଏବଂ ପାଙ୍କେଲ, ତହସିଲ- ରାମପୁର, ଥାନା- ଡୁଙ୍ଗୁରିପାଲି, ଜିଲ୍ଲା- ସୁବର୍ଣ୍ଣପୁର ଯାହାର ସଂକ୍ଷିପ୍ତ ବର୍ଣ୍ଣନା ତଳଲିଖିତ ସୂଚୀରେ ଦିଆଯାଇଛି । ତୁରନ୍ତ ଜମି ଭୂ-ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ଏତଦ୍ୱାରା ଅଧିସୂଚିତ ହେଉଅଛି କି, ଉପରୋକ୍ତ ଉଦ୍ଦେଶ୍ୟରେ ନିମ୍ନସୂଚୀ ମତେ ଏ.୧.୪୩୫ଡି. ପରିମିତ ଭୂମି ଉପରୋକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୬ (RFCTLA R&R Act 2013) ବ୍ୟବସ୍ଥା ଅନୁଯାୟୀ ଏତଦ୍ୱାରା ନିମ୍ନ ସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ପୁନର୍ବାସ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଉକ୍ତ ଭୂମିର ଏକ ନକ୍ସା ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟର ରାଜସ୍ୱ ବିଭାଗରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ପୁଣି ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗରେ ସୋନପୁରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି ଏବଂ ତାହା ହିତାଧିକାରୀ ବ୍ୟକ୍ତିଙ୍କ ଦ୍ୱାରା ନିରୀକ୍ଷଣ କରାଯାଇପାରିବ ।

ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇଦିଆଯାଉଛି ଯେ, ସେମାନେ ଉକ୍ତ ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଉକ୍ତ କାର୍ଯ୍ୟାଳୟର କାର୍ଯ୍ୟଦିବସମାନଙ୍କରେ, ଆବଶ୍ୟକୀୟ ସମସ୍ତ କାଗଜାତ ଯଥା ଜମି ପଟ୍ଟା, ଜମି ବିକ୍ରି କବଲା, ଭାଗ ବଣ୍ଟଆରା, ଦାଖଲ ଖାରଜ, ଖଜଣା ପାଉତି, କିସମ ପରିବର୍ତ୍ତନ ଇତ୍ୟାଦିର ପ୍ରମାଣପତ୍ର ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଉପସ୍ଥାପନ କରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**କନ୍ଧାଗାଡ଼ ଠେଙ୍ଗାନାଳ ରାସ୍ତାର ଗୁରାଣ୍ଡି ନାଳ ଉପରେ ନିର୍ମାଣାଧୀନ ବ୍ରିଜ୍ ହେଉଥିବାରୁ ଲ୍ୟାଣ୍ଡ ସିଡ୍ୟୁଲ ମୌଜା- କନ୍ଧାଗାଡ଼, ତହସିଲ- ରାମପୁର, ଥାନା- ଡୁଙ୍ଗୁରିପାଲି, ଥା ନଂ.- ୬୫ ଏବଂ ମୌଜା- ପାଙ୍କେଲ, ତହସିଲ- ରାମପୁର, ଥାନା-ଡୁଙ୍ଗୁରିପାଲି, ଥା.ନଂ.- ୪୨, ଜିଲ୍ଲା- ସୁବର୍ଣ୍ଣପୁର**

| କ୍ର. ନଂ. | ପ୍ରଜାର ନାମ | ଖାତା ନଂ. | ପ୍ଲଟର ନାମ | କିସମ | ମୋଟ ରକବା | ମାର୍କ | ମାର୍କ ରକବା | ମନ୍ତବ୍ୟ |
|---|---|---|---|---|---|---|---|---|
| **ମୌଜା- କନ୍ଧାଗାଡ଼, ତହସିଲ- ରାମପୁର, ଥାନା- ଡୁଙ୍ଗୁରିପାଲି, ଥା ନଂ.- ୬୫, ଜିଲ୍ଲା- ସୁବର୍ଣ୍ଣପୁର** | | | | | | | | |
| ୧. | ରୁକ୍ମଣି ବଗର୍ତ୍ତୀ, ପିଃ ବେଣୁ ବନଛୋର, ଜାଃ ଗଉଡ଼, ବାଃ ନିଜଗାଁ । | ୨୦୧ | ୧୨୦୭ | ଜଳସେଚିତ-୧ | ୦.୪୩୫ | ଏ | ୦.୧୮୦ | |
| ୨. | ହୀରା ବନଛୋର, ସ୍ୱାଃ ଛିନୁ ବନଛୋର, ଜାଃ ଗଉଡ଼, ବାଃ ନିଜଗାଁ । | ୨୪୬ | ୧୨୦୮ | ଜଳସେଚିତ-୧ | ୦.୮୩୦ | ଏ | ୦.୦୮୫ | |
| **ମୌଜା- ପାଙ୍କେଲ, ତହସିଲ- ରାମପୁର, ଥାନା- ଡୁଙ୍ଗୁରିପାଲି, ଥା.ନଂ.-୪୨, ଜିଲ୍ଲା- ସୁବର୍ଣ୍ଣପୁର** | | | | | | | | |
| ୧. | ବିଶି ବନଛୋର, ବେଢ଼ା ବନଛୋର, ଛିନୁ ବନଛୋର, ପିଃ ପ୍ରତିମାନ ବନଛୋର, ଜାଃ ଗଉଡ଼, ବାଃ କନ୍ଧାଗଡ଼ । | ୮୪ | ୫୭ | ଜଳସେଚିତ-୧ | ୨.୧୬୪ | ଏ | ୦.୬୦୦ | |
| | | | ୧୫୨ | ଜଳସେଚିତ-୧ | ୧.୫୨୦ | ଏ | ୦.୫୩୦ | |
| | ବାଞ୍ଛା ଗଣ୍ଡା, ଡେବରିଆ ଗଣ୍ଡା, ପିଃ ଜଳଧର ଗଣ୍ଡା, କିବର୍ଦ୍ଧନ ଗଣ୍ଡା, ଗୋବର୍ଦ୍ଧନ ଗଣ୍ଡା, ଶେଷ ଗଣ୍ଡା, ମୁନୁ ଗଣ୍ଡା, ପିଃ ସୁରୁବାବୁ ଗଣ୍ଡା, ଜାଃ ଗଣ୍ଡା, ବାଃ ନିଜଗାଁ । | ୭୯ | ୧୫୦ | ଜଳସେଚିତ | ୦.୦୪ | ପୁରା | ୦.୦୪ | |
| | | | | | ମୋଟ | ଏ | ୧.୪୩୫ | |

OIPR-25054/11/0005/2021 ସ୍ୱା./- ସତ୍ୟବ୍ରତ ବେହେରା, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ସୋନପୁର


## ଭୁବନେଶ୍ୱରରେ ଟୋଟାଲ ଏଲ୍‌ପିଜି ସେବା

**ଭୁବନେଶ୍ୱର,୧୫।୧:** ଫ୍ରାନ୍ସ ଭିତ୍ତିକ ତୈଳ ଏବଂ ଗ୍ୟାସ୍ କମ୍ପାନୀ 'ଟୋଟାଲ' ଭୁବନେଶ୍ୱର ବଜାରରେ ଏଲପିଜି ବିତରଣ ବାଣିଜ୍ୟ କ୍ଷେତ୍ରରେ ପ୍ରବେଶ କରିଛି। ଖୋର୍ଦ୍ଧା ଜିଲା ପାଇଁ କମ୍ପାନୀ ପକ୍ଷରୁ 'ଆବ୍‌ସୋଲ୍ୟୁଟ ଟୋଟାଲ ଡିଷ୍ଟ୍ରିବ୍ୟୁଟର୍ସ'କୁ ଅଧିକୃତ ବିତରକ ଭାବେ ନିଯୁକ୍ତ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଡିଷ୍ଟ୍ରିକ୍ଟ ସେଣ୍ଟରଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଖିମରାଜ ଭଞ୍ଜ, ସହ ସ୍ୱତ୍ୱାଧିକାରୀ ଉଦିତ ରାଉତ ଏବଂ ଅଭିଷେକ ଜୋଶୀ ଏହାକୁ ଶୁଭାରମ୍ଭ କରିଥିଲେ। ଉଭୟ ବାଣିଜ୍ୟିକ ଏବଂ ଘରୋଇ ବ୍ୟବହାର ଲାଗି ବିଭିନ୍ନ ବର୍ଗର ଏଲପିଜି ସିଲିଣ୍ଡର ଯଥା- ୧୨ କେଜି, ୧୭ କେଜି ଏବଂ ୩୩ କେଜିର ଅଫର୍‌ରିଂ ଗ୍ରାହକ ପାଇପାରିବେ। ସ୍ୱଳ୍ପ ଡକ୍ୟୁମେଣ୍ଟ ଦ୍ୱାରା ଗ୍ରାହକଙ୍କୁ ତ୍ୱରିତ ଭାବେ ଗ୍ୟାସ୍ ସଂଯୋଗ ମିଳିପାରିବ। ଏହି ପରିପ୍ରେକ୍ଷୀରେ ଆବ୍‌ସୋଲ୍ୟୁଟ ଟୋଟାଲ ଡିଷ୍ଟ୍ରିବ୍ୟୁଟର୍ସର ସହ ସ୍ୱତ୍ୱାଧିକାରୀ କହିଛନ୍ତି, ଭୁବନେଶ୍ୱରରେ ଆକର୍ଷଣୀୟ ମୂଲ୍ୟଯୁକ୍ତ ସେବା ସହ ସୁଲଭ ମୂଲ୍ୟରେ ନୂଆ ଗ୍ୟାସ୍ ସଂଯୋଗ ଦିଆଯିବ।

## ବିମାନ ଜରିଆରେ ଆଇଆରସିଟିସିର ତୀର୍ଥଯାତ୍ରା

**ନୂଆଦିଲ୍ଲୀ,୧୫।୧:** ଚଳିତ ବର୍ଷ ଆରମ୍ଭରୁ ଭାରତୀୟ ରେଳବାଇ କ୍ୟାଟରିଂ ଓ ଟୁରିଜିମ କର୍ପୋରେସନ (ଆଇଆରସିଟିସି) ପକ୍ଷରୁ ଲୋକମାନଙ୍କ ଏକ ପ୍ୟାକେଜ ବ୍ୟବସ୍ଥା ଆରମ୍ଭ କରିଛି। ଏହି ପ୍ୟାକେଜ ଅନୁସାରେ ତୀର୍ଥଯାତ୍ରୀଙ୍କୁ ବିମାନ ଜରିଆରେ ବିଭିନ୍ନ ସ୍ଥାନ ନେବାର ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ରାମେଶ୍ୱରମ ଧାମ ସମେତ କେରଳ ମଧ୍ୟ ବୁଲାଇବାର ଯୋଜନା କରାଯାଇଛି। ଏହି ପ୍ୟାକେଜ ଅନୁସାରେ ତୀର୍ଥଯାତ୍ରୀମାନ ୭ ରାତି ଓ ୮ ଦିନର ପରିଭ୍ରମଣ ନିମନ୍ତେ ଆଇଆରସିଟିସି ପକ୍ଷରୁ ମାତ୍ର ୩୫ ହଜାର ୩୧୦ ଟଙ୍କାର ବୁକିଂ ବ୍ୟବସ୍ଥା ହୋଇଛି।


**O/o CHIEF DISTRICT MEDICAL & PUBLIC HEALTH OFFICER**

**DISTRICT PROGRAMME MANAGEMENT UNIT NATIONAL HEALTH MISSION, NABARANGPUR**

e-mail- dhionab@gmail.com

**Tender No. 420 Date: 15.01.2021**

**No. E-520:-** Sealed tenders are invited from registered, reputed and experienced Agencies / Firms/ Individuals for providing the following requirements under four (04) categories. **A.** Outsourcing of BMWM through Outsourcing Agency, **B.** Supply of Food. **C.** Supply of Office Stationeries. **D.** Engagement of Vehicles on hiring basis. Interestd bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Detailed tender requirements may be downloaded from the District website **www.nabarangpur.nic.in**. Last date for receipt of Tender Paper is **25.01.2021 latest by 5.30 PM** only through **Speed Post/Regd. Post/Courier and the bids so received will be opened on 27.01.2021 at 11.30 A.M. in the official chamber of the CDM&PHO, Nabarangpur.** Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

**Sd./- CDM & PHO, District Mission Director NHM, Nabarangpur**

OIPR-10081/11/0007/2021



Government of Odisha

**DEPARTMENT OF WATER RESOURCES OFFICE OF THE EXECUTIVE ENGINEER, JARAKA IRRIGATION DIVISION, JARAKA**

No. A-471 E-mail ID: eeidjaraka@yahoo.com

**"e" Procurement Notice**

**Bid Identification No. - JKID-03/2020-21**

1. Name of the Work : Irrigation Project Works as per DTCN
2. Total No. of Works : 5 (Five) Nos. work
3. Estiamted Cost : Varies of Rs.15.80 lakhs to Rs.78.19
4. Period of Completion : 4 Months
5. Date & time of availability of Bid document in the portal : 10.00 A.M. of Dt.18.01.2021 upto 05.00 P.M. of Dt.27.01.2021
6. Last date & time for receipt of Bids in the portal : Upto 05.00 P.M. of Dt.27.01.2021
7. Date of Opening of Bids : Dt.28.01.2021 at 11.00 A.M. onwards
8. Name and address of the Officer Inviting Tender : Executive Engineer, Jaraka Irrigation Division, Jaraka
9. Further details can be seen from the e-Procurement portal **"https://tendersodisha.gov.in"**.

**Sd./- Executive Engineer Jaraka Irrigation Division**

OIPR-32098/11/0003/2021



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ**

**PANCHAYAT SAMITI OFFICE, PAIKMAL**

At/P.O.- Paikmal, District: Bargarh, Odisha, PIN - 768039, E-mail: ori-paikmal@nic.in

Letter No. 100 Date: 15.01.2021

**INVITATION FOR BIDS (IFS)**

**BID IDENTIFICATION No. PS-01/2021 Dt.15.01.2021**

On behalf of Panchayat Samiti, Paikmal invites percentage rate bids in Double Cover System for the construction of works as detailed in the table, from the Class of Civil Contractors as mentioned in table. The proof of registration from the appropriate authority shall be enclosed along with the Bid.

| Sl. No. | Name of the Work | Approximate Value of Work (in Lakh) (Excluding of GST 12%) | Period of Completion | Class of Contractor | Bid Security | Cost of Document (in Rs.) | Last date of receipt of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Construction of CDPO Building at Block Office premises. | 1926841 | 240 Days | C & B | 1% of Estimate Cost | 6000/- | 03.02.2021 |
| 02 | Construction of Jatri Waiting Room near Lion Gate of Nrusinghnath Temple with provision of Drinking Water Supply | 1453467 | 180 Days | C & B | 1% of Estimate Cost | 6000/- | 03.02.2021 |
| 03 | Beautification and Lighting of Streams at Nrusinghnath Temple | 1256021 | 180 Days | C & B | 1% of Estimate Cost | 6000/- | 03.02.2021 |
| 04 | Construction of Toilet Complex near Nallah of Nrusingnath Temple | 826749 | 120 Days | C & B | 1% of Estimate Cost | 4000/- | 03.02.2021 |

1. The bid documents will be available in the Office of the Panchayat Samiti, Paikmal from 20.01.2021 to 03.02.2021 at 11.00 A.M. to 5.00 P.M. in the Official days.
2. All Corrigendum and Addendum will be published in the Notice Board of Panchayat Samiti, Paikmal
3. Other details can be seen in the bidding documents.

**Sd./- Block Development Officer, Paikmal**



**ODISHA STATE MEDICAL CORPORATION LIMITED (OSMCL)**

Infront of Ram Mandir, Convent Square, Unit - III, Bhubaneswar - 751 001
Tel.: (0674) 2380660/2380608, Website: www.osmcl.nic.in, E-mail: logistics.osmcl.od@nic.in
*Assuring Quality, Saving Lives*

**NOTICE INVITING E-TENDER FOR SUPPLY OF HOMEOPATHIC DRUGS, GLOBULES AND NEUTRAL PLASTIC PHIALS FOR THE YEAR (2021-22)**

**Bid Ref. No.: OSMCL/2021-22/DRUGS-AYUSH-HOMEO/05 Date: 18.01.2021**
**OSMCL/2021-22/DRUGS-AYUSH-HOMEO/06**

No. CAD-1082: Online Bids through e-Tender portal **(https://tendersodisha.gov.in)** are invited from eligible bidders for **supply of Homeopathic Drugs, Globules and Neutral Plastic Phials** as per the particiulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of Bid | **18.01.2021, 3 P.M.** | |
| 2 | Date & time for submission queries by E-mail id: **logistics.osmcl.od@nic.in** | **21.01.2021, upto 5.00 P.M.** | |
| 3. | Date & time of Online Bid Submission | Start Date & Time **25.01.2021, 3.00 P.M.** | Start Date & Time **12.02.2021, 6.00 P.M.** |
| 4. | Date & time for submission of Tender Documents, Tender Document Fee and EMD amount as per Section - IV of tender document | Start Date & Time **13.02.2021, 10.00 A.M.** | Start Date & Time **19.02.2021, 11.00 A.M.** |
| 5. | Date & time of Online Technical bid opening | **19.02.2021, 11.30 A.M. (Homeopathic Drugs and Globules) 19.02.2021, 12.30 P.M. (Neutral Plastic Phials)** | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- Managing Director, OSMCL**

OIPR-10112/11/0043/2021

## ଜଣା ଅଜଣା

### ଚିଙ୍ଗୁଡି



ପିଲାମାନେ ସମସ୍ତେ ଚିଙ୍ଗୁଡି ମାଛ ଦେଖିଥିବେ ଏବଂ ଖାଇଥିବେ ନିଶ୍ଚୟ। ତେବେ ଦେଖିବାବେଳେ ମନେ ହୋଇଥାଏ କି ଏହି ମାଛର ଦୁଇ ଭାଗ ଗୋଟିଏ ମୁଣ୍ଡ ପାଖ ଏବଂ ଅନ୍ୟଟି ଲାଞ୍ଜ ପାଖ। କିନ୍ତୁ ଏହାର ପେଟ, ବକ୍ଷସ୍ଥଳ ସେପରି ଦେଖିବାକୁ ମିଳି ନ ଥାଏ। କିନ୍ତୁ ପିଲାଏ ଏକଥା ଜାଣିରଖନ୍ତୁ କି ଚିଙ୍ଗୁଡିର ହାର୍ଟ ତା' ମୁଣ୍ଡରେ ରହିଥାଏ ବୋଲି କୁହାଯାଏ। କିନ୍ତୁ ଶରୀର ଗଠନ ବିଜ୍ଞାନ ଅନୁସାରେ ଆମେ ଯଦି ତର୍ଜମା କରିବା ତେବେ ଚିଙ୍ଗୁଡିର ହାର୍ଟ ତା ମୁଣ୍ଡର ଠିକ୍ ପଛପଟେ ତା'ର ବକ୍ଷସ୍ଥଳରେ ହିଁ ରହିଛି। ତେବେ ଭିନ୍ନ କଥା ହେଉଛି କି ଚିଙ୍ଗୁଡିର ବକ୍ଷସ୍ଥଳ ଏବଂ ତା'ର ମୁଣ୍ଡ ଦୁଇଟିଯାକ ଏକ ନିର୍ଦ୍ଦିଷ୍ଟ ଏକ୍ସୋସ୍କେଲିଟନରେ ଆବୃତ୍ତ ହୋଇଛି। ସେଥିପାଇଁ ଚିଙ୍ଗୁଡିର ହାର୍ଟ ତା' ମୁଣ୍ଡରେ ଥିବା କୁହାଯାଇଥାଏ।

# ହଂସ ଆଉ କାଉ

ଗପ



ଗୋଟିଏ ସହରରେ ଦୁଇ ଜଣ ବ୍ରାହ୍ମଣ ରହୁଥିଲେ। ଦି'ଜଣ ପଡୋଶୀ ମଧ୍ୟ ଥିଲେ। ସେଥିରୁ ଜଣେ ଗରିବ ଆଉ ଜଣେ ଧନୀ ଥିଲେ। ଗରିବ ବ୍ରାହ୍ମଣର ସ୍ତ୍ରୀ ସବୁଦିନ ତାଙ୍କର ଦରିଦ୍ରତା ପାଇଁ ସ୍ୱାମୀ ସହିତ ଝଗଡା କରୁଥିଲା।

ଦିନେ ବ୍ରାହ୍ମଣ ପୁତ୍ରମାନଙ୍କ ମଧ୍ୟରେ ଝଗଡା ହେଲା, ଆଉ ଗରିବ ବ୍ରାହ୍ମଣ ରାଗିକରି ଜଙ୍ଗଲକୁ ପଳେଇଲା। ସେ ମନେ ମନେ ଭାବୁଥିଲା କି ତାକୁ ସିଂହ କିମ୍ବା କୌଣସି ମାଂସାହାରୀ ଜୀବ ମାରି ଖାଇଦେଉ। ସେ ଜୀବର ପେଟ ଭରିଯିବ ଆଉ ମୋତେ ଏହି ଖଗଡାରୁ ସବୁଦିନ ପାଇଁ ମୁକ୍ତି ମିଳିବ।

ଜଙ୍ଗଲକୁ ଗଲାବେଳେ ତାକୁ ଗୋଟିଏ ଗୁମ୍ଫା ଦେଖାଗଲା। ସେ ଗୁମ୍ଫା ଆଡକୁ ଗଲା ଆଉ ଦେଖିଲା ଭିତରେ ଗୋଟିଏ ସିଂହ ଶୋଇଛି। ତା'ର ନିଦରେ ଯେମିତି ବ୍ୟାଘାତ ନ ଘଟିବ ସେଠି ଗୋଟିଏ ହଂସ ଗୁମ୍ଫା ବାହାରେ ପହରା ଦେଉଥିଲା।

ହଂସ ଦୂରରୁ ବ୍ରାହ୍ମଣ ପୁତ୍ରକୁ ଆସୁଥିବାର ଦେଖିଲା ଆଉ ଚିନ୍ତାରେ ପଡିଗଲା । ଆଜି ଏକାଦଶୀରେ ଆଉ ଏହି ବ୍ରାହ୍ମଣ ପୁତ୍ର ଏଠାକୁ ଆସିଛି। ମୋତେ ପାପ ଲାଗିବ। ମୋତେ ଏହାର ରକ୍ଷା ଯେମିତି ହେଲେ କରିବାକୁ ପଡିବ।

ତା' ମୁଣ୍ଡକୁ ଗୋଟିଏ ଉପାୟ ଆସିଲା ଆଉ ସେ ସିଂହର ଭାଗ୍ୟର ପ୍ରଶଂସା କରି କହିଲା, "ଆରେ! ଜଙ୍ଗଲର ରାଜା ଏବେ ଉଠ, ଆଜି ଆପଣଙ୍କର ଭାଗ୍ୟ ଖୋଲିଗଲା। ଏକାଦଶୀ ଦିନ ନିଜେ ବ୍ରାହ୍ମଣ ପୁତ୍ର ତୁମ ଦୁଆରକୁ ଆସିଛନ୍ତି। ଜଲଦି ଉଠ! ଆଉ ତାଙ୍କୁ ଦକ୍ଷିଣା ଦେଇ ବିଦା କର।" ଆପଣଙ୍କୁ ମୋକ୍ଷ ପ୍ରାପ୍ତ ହେବ। ଏହି ଦିନ ଦ୍ୱିତୀୟ ଥର ତୁମ ଜୀବନରେ ଆଉ ଆସିବନି। ଆପଣଙ୍କୁ ଆଉ ଆର ଜନ୍ମରେ ପଶୁ ହେବାରୁ ମୁକ୍ତି ମିଳିବ।

ସିଂହ ଏହା ଶୁଣି ଉଠି ଠିଆ ହେଲା। ସିଂହକୁ ହଂସର କଥା ଠିକ୍ ଲାଗିଲା। ସେ ପୂର୍ବରୁ ଶିକାର କରିଥିବା ମଣିଷମାନଙ୍କର ଗହଣା ସାଇତି ରଖିଥିଲା। ସେ ବ୍ରାହ୍ମଣ ପୁତ୍ରଙ୍କୁ ସବୁ ଗହଣା ଦେଇ ତାଙ୍କ ଗୋଡ ପାଖରେ ବସି ତାଙ୍କର ପାଦକୁ ଚାଟିବାକୁ ଲାଗିଲା।

ହଂସ ବ୍ରାହ୍ମଣ ପୁତ୍ରକୁ ଇଙ୍ଗିତ କରି କହିଲା, ତୁମେ ଏବେ ଗହଣା ସବୁ ନେଇ ଏଠାରୁ ଶୀଘ୍ର ପଳେଇ ଯାଅ। ସିଂହର ମନ କୌଣସି ସମୟରେ ବଦଳି ଯାଇ ପାରେ। ବ୍ରାହ୍ମଣ ପୁତ୍ର ସେଠାରୁ ପଳେଇ ଆସିଲା। ପଡୋଶୀ ବ୍ରାହ୍ମଣର ସ୍ତ୍ରୀ ସବୁ ଘଟଣା ଶୁଣି ତା' ସ୍ୱାମୀଙ୍କୁ କହିଲା, ଆଗାମୀ ଏକାଦଶୀରେ ତୁମେ ସେ ସିଂହର ଗୁମ୍ଫାକୁ ଯିବ ଆଉ ସୁନା ଗହଣା ନେଇ କରି ଫେରିବ। ସେଦିନ ସିଂହର ଜଗୁଆଳି ଗୋଟିଏ କୁଆ ଥିଲା।

ବ୍ରାହ୍ମଣ ପୁତ୍ର ସେ ଗୁମ୍ଫା ପାଖକୁ ଗଲା। କାଉ ବ୍ରାହ୍ମଣକୁ ଦେଖି ଚିନ୍ତା କରିବାକୁ ଲାଗିଲା, ସିଂହକୁ ଯଦି ସେ ନିଦରୁ ଉଠେଇ ଦେବ ତା'ହେଲେ ସିଂହ ଯାକୁ ମାରିଦେବ ଆଉ ମୋର ପେଟ ମଧ୍ୟ ପୂରି ଯିବ।

ଶେଷରେ ସେ କା..କା..କା କରି ରଡି କଲା। ସିଂହର ନିଦ ଭାଙ୍ଗିଗଲା..ଆଉ ସିଏ ରାଗିଗଲା। ଦ୍ୱିତୀୟ ବ୍ରାହ୍ମଣ ପୁତ୍ର ଉପରେ ତା'ର ଆଖି ପଡିଲା। ଆଉ ତା'ର ହଂସ କଥା ମନେ ପଡିଗଲା। ହଂସ ଯେଉଁ କଥା କହିଥିଲା ସିଂହ ଆଖି ଆଗରେ ସେଇ କଥା ନାଚୁଥିଲା। ସେ ବ୍ରାହ୍ମଣ ପୁତ୍ରକୁ କହିଲା ହଂସ ଏବେ ସରୋବରକୁ ଯାଇଛି ଏବେ କୁଆ ହେଲା ପ୍ରଧାନ ଜଗୁଆଳି। ସିଂହ କହିଲା..'ଥେ ତୋ ବିଦ୍ରା ଥାରେ ଘରେ ଜାଓ,ବିନାଇନୀ ଜଜ୍ମାନ!' ଅର୍ଥାତ୍ ହଂସ ଥିଲା ଭଲ ଚିନ୍ତାଧାରାର । ତା' ମନର ଗ୍ରନ୍ଥି ଭଲ ଥିଲା। ସେ ଏବେ ସରୋବର ଆଡେ ଚାଲି ଯାଇଛି। ଆଉ ଏହି କୁଆ ଏବେ ଦ୍ୱାରର ଜଗୁଆଳି। ଏହି କାଉ ମୋତେ ଉସକାଉଛି ତତେ ଖାଇବାକୁ। ମୋ ବୁଦ୍ଧି ହଜିବା ପୂର୍ବରୁ ହେ ବ୍ରାହ୍ମଣ!! ତୁମେ ଏଠାରୁ ପଳାଅ। ଏହା ଶୁଣି ଦ୍ୱିତୀୟ ବ୍ରାହ୍ମଣ ପୁତ୍ର ଦୌଡିକରି ସେଠାରୁ ପଳେଇ ଗଲା।

## ଆଇକା



ପ୍ରିୟାଂଶୀ
୭ ବର୍ଷ

## ଖିଲିଖିଲି ହସ

୧

ଡାକ୍ତର- ତମେ ସେ ଖୋଲା ମ୍ୟାନହୋଲରେ କେମିତି ପଡିଗଲ ?
ମଦୁଆ- ମତେ ସେଇଟା ସୋସିଆଲ୍ ଡିଷ୍ଟାନ୍ସିଂ ପାଇଁ ତିଆରି ହୋଇଥିବା ସର୍କଲ ଭଳି ଦେଖାଗଲା। ସେଥଇପାଇଁ ମୁଁ ତା ଉପରେ ଛିଡା ହେବାକୁ ଯାଇ ପଡ଼ିଗଲି।

୨

ମାମୁଁ- ପପୁ ତୁ ସ୍କୁଲ କଣ ପାଇଁ ଯାଉନୁ ?
ପପୁ- ବହୁତ ଥର ଯାଇଥିଲି, କିନ୍ତୁ ମୋତେ ସ୍କୁଲରୁ ମାଡ ମାରି ଫେରେଇ ଦେଉଛନ୍ତି।
ମାମୁଁ- କାହିଁକି ?
ପପୁ- କହନ୍ତି ପଳା ଏଇଠୁ, ଝିଅମାନଙ୍କ ସ୍କୁଲରେ ତୋର କାଣ କାମ....!

୩

ବାପା- ଶୁଣ ପୁଅ, ତୁ ଯଦି ଏଥର ପରୀକ୍ଷାରେ ଫେଲ ହବୁ ତାହେଲେ ମତେ ବାପା ଡାକିବୁ ନାହିଁ।
କିଛି ଦିନ ପରେ...
ବାପା- ପୁଅ ତୋର ରେଜଲ୍ଟ କଣ ହୋଇଛି ?
ପୁଅ- ମୋ ମୁଣ୍ଡ ଖରାପ କରନି କୈଳାଶ ବାବୁ, ତମେ ବାପା ହେବାର ହକ୍ ହରେଇ ଦେଇଛ।

୪

ଶିକ୍ଷକ- ରାମୁ ଆଜି ତୋର ସ୍କୁଲ ଆସିବା ପାଇଁ ଏତେ ଡେରୀ କାହିଁକି ହେଲା ?
ରାମୁ- ମୋ ବାପା ଆଉ ମୋ ମାଆ ଝଗଡ଼ା କରୁଥିଲେ।
ଶିକ୍ଷକ- ସେମାନେ ତ ଝଗ[ଡ଼ା କରୁଥିଲେ ତୋର କାହିଁକି ଡେରୀ ହେଲା ?
ରାମୁ- କାହିଁକିନା ମୋର ଗୋଟେ ଜୋତା ମୋ ପାଖରେ ଥିଲା ଆଉ ଗୋଟେ ଥିଲା ବାପାଙ୍କ ପାଖରେ।

## ମତାମତ

➔ଏଥର ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଇଥିବା ଗପଟି ଶିକ୍ଷଣୀୟ ହୋଇପାରିଛି। ଭଲକାମ କରିବା ପାଇଁ ପିଲାମାନେ ଏହି ଗପ ମାଧ୍ୟମରେ ଶିକ୍ଷା ପାଇପାରିବେ।
*-ରାଜୀବ ସ୍ୱାଇଁ, ପୁରୀ*

➔ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କବିତାଗୁଡ଼ିକ ଛୋଟ ଏବଂ ସୁନ୍ଦର ଲାଗିଲା। ବିଶେଷକରି କବିତାରେ ଥିବା ଗୁଡିର ଚିତ୍ର ବହୁତ ଭଲ ଲାଗିଲା। *-ରଶ୍ମିତା ସାହୁ, ନିଶ୍ଚିନ୍ତ କୋଇଲି, କଟକ*

➔ହସ କଥା ସ୍ତମ୍ଭରେ ଫଟୋ ଦେଲେ ଭଲ ଲାଗନ୍ତା। *-ମମତା ଦଳେଇ, କେନ୍ଦ୍ରାପଡା*

➔ପିଲାଙ୍କ ଧରିତ୍ରୀ ପୃଷ୍ଠାର ତୁମ ତୂଳୀ ସ୍ତମ୍ଭରେ ସ୍ଥାନ ପାଇଥିବା ଡ୍ରଇଁଗୁଡିକ ଏଥର ସେତେ ଆକର୍ଷଣୀୟ ହେଇପାରିନି। ଡ୍ରଇଁଗୁଡ଼ିକ ଆଉ ଟିକେ ରଙ୍ଗୀନ ହେଲେ ଭଲ ହୁଅନ୍ତା।
*-କ୍ଷେତ୍ରବାସୀ ରାଉତ ମହୁ, କେନ୍ଦ୍ରାପଡା*

## କହିଲ ଦେଖି

ପରିବା ଭିତରେ ରାଜା
ଖାଇଲେ ଲାଗଇ ମଜା
ରହେ ସେ ତାଜା
ନ ହେବା ଯାଏ ଭଜା
ମାଟି ତଳୁ ଖୋଳଇ ଅଜା
କିଏ କହିବ ତାଳିଟେ ବଜା।
ଉତ୍ତର- **ଆଳୁ**



ଧଳା ସବୁଜ ଦେହ ତା'ର
ଚାରିପଟେ ସବୁଜ ପତର
ମଝିଟି ଧଳା ଫୁଲ ପରି
ଖାଇବାକୁ ଇଚ୍ଛା ବାରମ୍ବାର
କିଏ କହିବ ନାମ ତାହାର।
ଉତ୍ତର- **ଫୁଲକୋବି**



ଲାଲ୍ ଟହ ଟହ
ତାହାର ଦେହ
ଖାଇଥାଉ ଭାତ ସହ
ଫଳିଥାଏ ଆମରି ଡିହେ
କିଏ ଖାଇଛି କୁହ।
ଉତ୍ତର- **ବିଲାତି**



**-ରୋହିତ କୁମାର ମଳିକ,**
ଅଣ୍ଡରାଇ, ବୋଡ଼କ, ଭଦ୍ରକ

## କବିତା



### ପଢ଼ିବୁ ଯେବେ ତୁ ଧନରେ

ଗଛର ପତର ସବୁଜ କାହିଁକି
କୁନା ପଚାରିଲା ମାଆଙ୍କୁ
କିଏ ସେ ଗଢିଛି ଗିରି, ବନ, ନଦୀ
ଦେଖିଛ କି ତମେ ତାହାଙ୍କୁ ?

କାହାରି ଦାନ ଏ ପଶୁ, ପକ୍ଷୀ, ନର
ଆକାଶ, ସାଗର, ପଡ଼ିଆ
କୋଇଲିକି କୁହୁ ତାନ କେ ଦେଇଛି
ଶୁଣିବାକୁ ଏତେ ବଢିଆ !

କାହାରି ଇଚ୍ଛାରେ ପୂରୁବେ ଉଦୟ
ପଶ୍ଚିମରେ ବୁଡେ ସୂରୁଜ
କିଏ ବୁଣିଦିଏ ଆକାଶ ଦେହରେ
ନାଲି, ହଳଦିଆ ମୁରୁଜ !

ସଂଜ ହଉ ହଉ ଆକାଶ କୋଳରେ
ତାରାଫୁଲ କେତେ ଫୁଟଇ
କିଏସେ ଭରିଛି ଫୁଲଦେହେ ବାସ
ଦିଗରୁ ଦିଗକୁ ଛୁଟଇ।

କୋଦାଳରେ କିଏ କୋଡ଼ିଅଛି କୁହ
ଆକାଶରେ ଏତେ କିଆରି
ଭାଗ ଭାଗ କରି ଟିକି ପଟାଳିରେ
କରିଦେଇଛି କେ ତିଆରି।

ଗୋଟିଏ ଉତ୍ତର ପାଉନାହିଁ ମାଆ
ପରଶନ କେତେ ମନରେ,
ମାଆ ହସିଦେଇ କହିଲେ ଜାଣିବୁ
ପଢ଼ିବୁ ଯେତେ ତୁ ଧନରେ।
***-କ୍ଷମାକର ବେହେରା***
*ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରିଚନ୍ଦନପୁର, କେନ୍ଦୁଝର*

### କୁକୁରର ଆତ୍ମ କଥା

ପେଟ ଚାଖଣ୍ଡକ ପୂରେ ନାହିଁ ବୋଲି
ଏଠି ସେଠି ବୁଲୁ ଥାଏ,
ଅଇଁଠା ପତର ଦେଖିଲେ ଯୋଉଠି
ମୁହଁ ଯାଇ ମାରିଦିଏ।
କିଏ ଦିଏ ମତେ ଗୋଇଠାର ମାଡ଼
କେ ଫିଙ୍ଗେ ଗରମ ପାଣି,
ନିଜ ଆଖି ଲୁହ ମନେ ମୋର ରଖି
ଖାଇବା ମୁଁ ଖୋଜେ ପୁଣି।
କିଏ ଯଦି ମତେ ଭଲ ପାଇ ଯାଇ
ଖାଇବାକୁ ଗଣ୍ଡେ ଦିଏ,
ଜୀବନ ଯାକ ମୁଁ ତା'ର ସେବା କରି
ଋଣ ତା' ଶୁଝେଇ ଥାଏ।
କିଏ ମତେ ବାନ୍ଧି ରଖିଥାଏ ଘରେ
ତା' ଘର ଜଗିବା ପାଇଁ,
ବାସି ହେଉ ଅବା ଅଇଁଠା ଭାତକୁ
ମୋ ପାଖରେ ଦିଏ ନେଇ।
ଯାହା ମତେ ମିଳେ ସୁଖରେ ତାହାକୁ
ଦେଉଥାଏ ସବୁ ଖାଇ,
କିଛି ବି ନ ଦେଲେ ମୁହଁ ଖୋଲେ ନାହିଁ
ପାରେନା ବି କିଛି କହି।
ଭାରି ଦୁଃଖ କଷ୍ଟ ମୋର ଏ ଜନମ
କାହିଁକି ଦେଇଛ ପ୍ରଭୁ,
ଯଦି ବା ଦେଇଛ ଆପଣାର ଭାବି
ଆଦରି ନେଉଛି ସବୁ।
***-ଝରଣା ବାରିକ,*** *ସମଲ, ତାଳଚେର*



### ତୁ ପରା ମୋର ବୋଉ

ତୁ ପରା ମୋର ବୋଉ
ସକାଳୁ ଶେଯରୁ ଉଠାଇ ଦେଉ
ଗାଧୁଆ ପାଧୁଆ ସବୁ ଶିଖାଉ
ଯତନ କରିଲେ ରତନ ପାଉ
ସୁସ୍ଥ ରହିବା ଶିଖାଇ ଥାଉ
ପରିଷ୍କାର କଥା କହୁ
ତୁ ପରା ମୋର ବୋଉ।

ତୁ ପରା ମୋର ବୋଉ
ମନରେ ଯେତେ ସଂଶୟ ଥାଉ
ଗପଶୁଣେଇ ବୁଝାଇ ଦେଉ
ବୀର ପୁରୁଷଙ୍କ କାହାଣୀ କହି
ପୁରାଣ କଥାରେ ମନକୁ ମୋହି
କୋଟି ଆୟୁଷ ଦେଉ
ତୁ ପରା ମୋର ବୋଉ।

ତୁ ପରା ମୋର ବୋଉ
ବେଳେ ବେଳେ ତୁ କଠୋର ହେଉ
ଛାଇ ପରି ସଦା ପାଖରେ ଥାଉ
ଭକ୍ତି କରାଇ ସତ କୁହାଇ
ସେବା ଧରମ କାମ କରାଇ
ସତ୍ ପଥେ ଚଳାଇ ନେଉ
ତୁ ପରା ମୋର ବୋଉ।
**-ବିଜୟଲକ୍ଷ୍ମୀ ପାଣିଗ୍ରାହୀ**
ଶିକ୍ଷୟିତ୍ରୀ,ଜୟପୁର, କୋରାପୁଟ

## ତୁମ ତୂଳୀରୁ



**ସ୍ୱୟମ୍ ପ୍ରଧାନ,** କ୍ଲାସ- ୨, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର



**ଦୀକ୍ଷା ଦେବାଂଶୀ ବରାଳ,** କ୍ଲାସ-୨, କେନ୍ଦ୍ରୀୟ ବିଦ୍ୟାଳୟ-୧, ୟୁନିଟ୍-୯, ଭୁବନେଶ୍ୱର



**ଦେବାଂଶୁ ଆଚାର୍ଯ୍ୟ,** କ୍ଲାସ-୧, ଏସ୍.ଆର୍. ଡିଗି ସ୍କୁଲ ସୁଚିତ୍ରା, ହାଇଦ୍ରାବାଦ

## ଟଗଲା ଭୀମୁ




## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ବୟସ୍କ ସ୍କୁବା ଡାଇଭର

ପିଲାମାନେ ତୁମେ ତ ଜାଣିଛ କି ସ୍କୁବା ଡାଇଭରମାନେ ପାଣି ଭିତରେ ବୁଡ଼ି ବିଭିନ୍ନ ପ୍ରକାରର ଅନୁସନ୍ଧାନ କରିଥାନ୍ତି। ତେବେ ଏଭଳି ଦୁଃସାହସିକ କାମ କରିବା ପାଇଁ ସାଧାରଣତଃ ଯୁବପିଢ଼ି ହିଁ ଚେଷ୍ଟା କରିଥାନ୍ତି। କିନ୍ତୁ ୯୮ ବର୍ଷ ବୟସରେ ବି ଜଣେ ସ୍କୁବା ଡାଇଭର କାମ କରିପାରେ ଏକଥାକୁ ସହଜରେ କେହି ବିଶ୍ୱାସ କରି ପାରିବେନି। ମାତ୍ର ଏତେ ବୟସରେ ବି ସ୍କୁବା ଡାଇଭିଂ କରି ଗିନିଜ୍ ରେକର୍ଡ କରିଛନ୍ତି ଆମେରିକାର ୱିଲିୟମ୍ ଲାମ୍ବର୍ଟ। ୯୮ ବର୍ଷ ବୟସରେ ବି ସେ ବେଶ୍ ଆରାମରେ ସମୁଦ୍ର ଭିତରେ ବୁଡ଼ି ଅନେକ ସମୟ ପର୍ଯ୍ୟନ୍ତ ବିଭିନ୍ନ ଜିନିଷ, ଶୈବାଳ ଆଦି ବିଭିନ୍ନ ପ୍ରକାରର ଅନୁସନ୍ଧାନ କରିଥାନ୍ତି। ଏହି ବୟସରେ ତାଙ୍କର ଏଭଳି କାମ ପାଇଁ ତାଙ୍କୁ ଗିନିଜ୍ ବୁକରେ ସ୍ଥାନ ମିଳିପାରିଛି ଏବଂ ଯୁବପିଢିଙ୍କ ପାଇଁ ସେ ଏବେ ପ୍ରେରଣା ପାଲଟିଛନ୍ତି।



**ଗହଳି ବିହୀନ ସାଧାରଣତନ୍ତ୍ର ଦିବସ**

ଭୁବନେଶ୍ୱର (ବ୍ୟୁରୋ) : ସାଧାରଣତନ୍ତ୍ର ଦିବସ ଗହଳିବିହୀନ ହେବ । ଉତ୍ସବରେ ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ କିମ୍ବା ଜନସାଧାରଣ ଯୋଗଦେଇ ପାରିବେନାହିଁ। କେବଳ କେତେକ ନିର୍ଦ୍ଧାରିତ ସଂଖ୍ୟାର ଅତିଥି ଓ ସୁରକ୍ଷାକର୍ମୀ ଯୋଗ ଦେବେ। ଏଥିସହିତ ନିର୍ଦ୍ଦିଷ୍ଟ କୋଭିଡ ଯୋଦ୍ଧା ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହିବେ। ସଭାସ୍ଥଳରେ ମୁହଁରେ ମାସ୍କ ଦେବା ସହ ସାମାଜିକ ଦୂରତା ରକ୍ଷା କରି କାର୍ଯ୍ୟ କରିବାକୁ ପଡିବ। ସଭାସ୍ଥଳ, ପ୍ରବେଶ ପଥରେ ସାନିଟାଇଜର ରଖିବାକୁ କୁହାଯାଇଛି। ସମସ୍ତ ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ ସେହି ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଗୃହ ବିଭାଗ ପକ୍ଷରୁ ଏ ନେଇ ଜିଲାପାଳ ଏବଂ ଏସପିଙ୍କୁ ଚିଠି ଲେଖାଯାଇଛି।

## ସଂକ୍ଷେପରେ

### 'ଛାତ୍ରୀଛାତ୍ରଙ୍କ ପରିଚୟ, ଉପସ୍ଥାନ ସହ ଆଧାର ସଂଯୋଗ କର'

**ଭୁବନେଶ୍ୱର,୧୫।୧(ବ୍ୟୁରୋ):** ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦର ୨୮ତମ ପରିଷଦ ବୈଠକ ଭର୍ଚୁଆଲ୍‌ରେ ଅନୁଷ୍ଠିତ ହୋଇଛି। କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଷଦ ପକ୍ଷରୁ ଆଗତ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଶିକ୍ଷା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ସବୁ ଛାତ୍ରୀଛାତ୍ରଙ୍କ ପରିଚୟ ଏବଂ ଉପସ୍ଥାନକୁ ଆଧାର ସଂଯୋଗୀକରଣ କରିବା ଉପରେ ଶାସନ ସଚିବ ସିଂ ଗୁରୁତ୍ୱାରୋପ କରିଛନ୍ତି। ଏସ୍‌ସିଟିଇଭିଟିରେ ଏକ ଉନ୍ନତମାନର ପାଠାଗାର ସହ ଡିଜିଟାଲ୍ ଲାଇବ୍ରେରି ସ୍ଥାପନ କରିବାକୁ ମଧ ସେ ପ୍ରସ୍ତାବ ଦେଇଛନ୍ତି। ଏନ୍‌ଆଇଟିଟିଆର୍, କୋଲକାତା ଏବଂ ଚଣ୍ଡିଗଡ଼ ଭଳି ସଂସ୍ଥାରେ ଆଇଟିଆଇ ଓ ପଲିଟେକ୍‌ନିକ୍‌ର ପ୍ରଶିକ୍ଷକଙ୍କୁ ଅନ୍‌ଲାଇନ୍ ପ୍ରଶିକ୍ଷଣ ବ୍ୟବସ୍ଥା ନିମନ୍ତେ ମଧ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଆଇଟିଆଇ ଛାତ୍ରୀଛାତ୍ରଙ୍କଠାରୁ କରାଯାଉଥିବା ପଞ୍ଜୀକରଣ ଫି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ସେହିପରି ପରିଷଦ ଅଧୀନ ଅନ୍‌ଲାଇନ୍ ପରୀକ୍ଷା ନିମନ୍ତେ ଭେଣ୍ଡର ଚୟନ ପାଇଁ ନିଷ୍ପତ୍ତି ହୋଇଛି। ଆପ୍ରେଣ୍ଟିସ୍ ପରୀକ୍ଷା ଫି ଆଦାୟ ଛାଡ଼, ପରୀକ୍ଷା ଏବଂ ସହବନ୍ଧନ ନିୟମ, ଏସ୍‌ସିଟିଇଭିଟି ଫେଲୋ ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ବିଷୟ ନେଇଥିବା ପ୍ରସ୍ତାବଗୁଡ଼ିକ ମଧ ବୈଠକରେ ଅନୁମୋଦିତ ହୋଇଛି।

### ୨୫ରେ ଜାତୀୟ ମତଦାତା ଦିବସ

**ଭୁବନେଶ୍ୱର,୧୫।୧(ବ୍ୟୁରୋ):** ଜାନୁୟାରୀ ୨୫ରେ ଏକାଦଶ ଜାତୀୟ ମତଦାତା ଦିବସ ପାଳନ ହେବ। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଆମ ଭୋଟର ସଶକ୍ତ, ସତର୍କ, ନିରାପଦ ଓ ଜାଗ୍ରତ ଅଟନ୍ତି'। ରାଜ୍ୟ, ଜିଲା ଏବଂ ବୁଥ୍‌ସ୍ତରରେ ଦିବସ ପାଳିତ ହେବ। କୋଭିଡ୍ କଟକଣା ଯୋଗୁ ଯଥାସମ୍ଭବ କମ୍ ଲୋକଙ୍କୁ ନେଇ ଭର୍ଚୁଆଲ ମାଧମରେ ଏହା ପାଳନ କରାଯିବ। ବୁଥ୍‌ସ୍ତରରେ ବିଏଲ୍‌ଓମାନେ ନୂତନ ଭୋଟରଙ୍କୁ ଫଟୋ ପରିଚୟପତ୍ର ବଣ୍ଟନ କରିବା ସହ ଶପଥ ପାଠ କରାଇବେ। ଏ ବାବଦରେ ବୁଥ୍ ପିଛା ୨୦୦ ଟଙ୍କା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି। ରାଜ୍ୟସ୍ତରରେ ଏକାଦଶ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରରେ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତିରେ ଉତ୍ତମ କାର୍ଯ୍ୟ କରିଥିବା ବିଏଲ୍‌ଓଙ୍କୁ ସମ୍ମାନିତ କରାଯିବ। ରାଜ୍ୟସ୍ତରରେ ମଧ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଏଲ୍‌ଓ, ଇଆର୍‌ଓ ସର୍ବୋପରି ଜିଲା ନିର୍ବାଚନ ଅଧିକାରୀଙ୍କୁ ସମ୍ମାନିତ କରାଯିବ। ଜିଲା ନିର୍ବାଚନ ଅଧିକାରୀ, ବାଲେଶ୍ୱର ଏବଂ ଜଗତ୍‌ସିଂହପୁରଙ୍କୁ କୋଭିଡ୍ ମହାମାରୀ ସମୟରେ ସୁଚାରୁ ରୂପେ ଉପନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବାରୁ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭବାନୀ ପ୍ରସାଦ ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ, ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଏଏସ୍‌ଇ ଇଦ୍ରିଶ୍ ଅଲ୍ଲି ଖାନ୍, ଏଏସ୍‌ଇ ରାମକୃଷ୍ଣା ଟୁଙ୍ଗା ଓ ଯୋଗେଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୩ ଗିରଫ

**ବଇଣ୍ଡା,୧୫।୧(ଡି.ଏନ.ଏ.)-** କିଶୋରନଗର ବ୍ଲକ ହଣ୍ଡପା ଥାନାର ବିଭିନ୍ନ ଅଞ୍ଚଳରେ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ବଇଣ୍ଡା ଗ୍ରାମର ଶ୍ରୀତମ ଦେହୁରୀ, ପାର୍ବତୀପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝି, ନୁନୁକାପଶି ଗ୍ରାମର ଅଜୟ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝା, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ରମାକାନ୍ତ ଚାନ୍ଦ, ଶମ୍ଭୁପ୍ରସାଦ ନାୟକ, ସଂଯୁକ୍ତା ସାହୁ ପ୍ରମୁଖ ଚଢ଼ାଉ କରିଥିଲେ।

# ଡ୍ୟାମ୍ ଆପ୍ରୋଚ୍ ରାସ୍ତା କାମ ଆରମ୍ଭ

**ବଲାଙ୍ଗୀର ଅଫିସ, ୧୫।୧**


ପ୍ରଶାସନ ପକ୍ଷରୁ ଲୋୟର ସୁକ୍‌ତେଲ ଡ୍ୟାମ ଆପ୍ରୋଚ୍ ରାସ୍ତା କାମ ଆରମ୍ଭ କରାଯାଇଛି।

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**
- ପୋଲିସ ଫୋର୍ସ ଉପସ୍ଥିତିରେ ଆରମ୍ଭ ରାସ୍ତା କାମ
- ବିରୋଧ ପାଇଁ ପ୍ରକଳ୍ପ ପ୍ରଭାବିତଙ୍କ ସଜବାଜ

ପ୍ରାୟ ଅଢ଼େଇ ବର୍ଷ ପରେ ଲୋୟର ସୁକ୍‌ତେଲ ଡ୍ୟାମ ସାଇଟ୍ ଅଞ୍ଚଳରେ ଶୁକ୍ରବାରଠାରୁ ଡ୍ୟାମ ଆପ୍ରୋଚ୍ ରାସ୍ତା କାମ ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ରାସ୍ତା କାମ ଆରମ୍ଭ କରାଯାଇଛି। ସୁକ୍‌ତେଲ ପ୍ରକଳ୍ପ ଟିମ୍ ଜେସିବି ମେଶିନ୍‌ରେ ଆପ୍ରୋଚ୍ ରାସ୍ତା କାମ ଆରମ୍ଭ କରିଥିବାରୁ ଦୀର୍ଘଦିନରୁ ବନ୍ଦ ପଡିଥିବା ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଅଗ୍ରଗତି ହେବା ଆଶା ସଞ୍ଚାର ହୋଇଛି । କିଛିଦିନ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ସୁକ୍‌ତେଲ ଡ୍ୟାମ ନିର୍ମାଣ କାମ ଆରମ୍ଭ କରିବା ପାଇଁ ଉଦ୍ୟମ କରାଯାଇଥିଲା । ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତୀନ କୁଶଲକର ଓ ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀ ପ୍ରକଳ୍ପ ପ୍ରଭାବିତ ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ । ବୁଡିଅଞ୍ଚଳବାସୀଙ୍କ ଉଚିତ୍ କ୍ଷତିପୂରଣ, ଥଇଥାନ ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପରେ ଯାଇ ଡ୍ୟାମ କାମ ଆରମ୍ଭ କରିବାକୁ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ। ଲୋକଙ୍କ ବିଭିନ୍ନ ନ୍ୟାଯ୍ୟ ଦାବିକୁ ସରକାର ଗୁରୁତ୍ୱର ସହ ବିଚାର କରୁଛନ୍ତି। ଖୁବ୍ ଶୀଘ୍ର ଏ ନେଇ ପଦକ୍ଷେପ ନିଆଯିବ । ଲୋକଙ୍କ ଦାବି ଓ ସମସ୍ୟା ପୂରଣ ନ ହେବା ପର୍ଯ୍ୟନ୍ତ ସୁକ୍‌ତେଲ ଡ୍ୟାମ ନିର୍ମାଣ କାମ କରାଯିବ ନାହିଁ। ମାତ୍ର ଡ୍ୟାମ ଆପ୍ରୋଚ୍ ରାସ୍ତା କାମ କରିବାକୁ ଦିଅନ୍ତୁ ବୋଲି ଜିଲାପାଳ ଗ୍ରାମବାସୀଙ୍କୁ କହିଥିଲେ। ଜିଲାପାଳଙ୍କ ଏଭଳି ପ୍ରସ୍ତାବକୁ କିଛି ଲୋକ ସମର୍ଥନ କରିଥିବାବେଳେ କିଛି ଲୋକ ବିରୋଧ କରିଥିଲେ। ଶୁକ୍ରବାର ସକାଳୁ ପୋଲିସ ଫୋର୍ସ ଉପସ୍ଥିତିରେ ସୁକ୍‌ତେଲ ଡ୍ୟାମ ସାଇଟ୍ ଆପ୍ରୋଚ୍ ରାସ୍ତା କାମ ଆରମ୍ଭ କରାଯାଇଛି। ପରଧିଆପାଲି ଗ୍ରାମବାସୀ ପ୍ରଶାସନର ଏଭଳି ଅତର୍କିତ କାର୍ଯ୍ୟାରମ୍ଭକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଗ୍ରାମବାସୀ ରାସ୍ତା ନିର୍ମାଣ ହେଉଥିବା ସ୍ଥଳକୁ ଯିବାକୁ ଚାହିଁଥିଲେ ମଧ ପୋଲିସ ଘେରି ରହିଥିବାରୁ ସେମାନେ ନିର୍ମାଣ ସ୍ଥଳକୁ ଯାଇପାରି ନ ଥିଲେ। ବିଭିନ୍ନ ଗାଁରେ ବୈଠକ କରାଯାଇ ବିରୋଧ ପାଇଁ ସଜବାଜ ହେଉଥିବା ଜଣାପଡିଛି । ଅନ୍ୟପଟେ ପ୍ରଶାସନିକ ଅଧିକାରୀମାନେ ଡ୍ୟାମ କାମ ଆରମ୍ଭ ହୋଇନାହିଁ କେବଳ ଡ୍ୟାମ୍ ଆପ୍ରୋଚ୍ ରାସ୍ତା କାମ ଆରମ୍ଭ ହୋଇଥିବା କହିଛନ୍ତି । ଉପଜିଲାପାଳ ସୁଧାକର ନାୟକ, ଏସଡିପିଓ ଶ୍ରୀମନ୍ତ ବାରିକ, ଲୋୟର ସୁକ୍‌ତେଲ ପ୍ରକଳ୍ପ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନିରଞ୍ଜନ ରାଉତ୍, ସଦର ଥାନା ଅଧିକାରୀ ତୋଫାନ ବାଗ, ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ସଂଯୋଜକଙ୍କୁ ପିଟିଲେ ଏସ୍‌ଏଚ୍‌ଜି ମହିଳା

**ବସ୍ତା, ୧୫।୧(ଡି.ଏନ.ଏ.)**

**ବ୍ଲକ ପରିସର ପାଲଟିଲା ରଣକ୍ଷେତ୍ର**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ପରିସରରେ ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ମଧାହ୍ନରେ ବିଡ଼ିଓଙ୍କୁ ଦେଖା କରିବାକୁ ଆସିଥିବା ଏସ୍‌ଏଚଜି ସଦସ୍ୟାଙ୍କୁ ବସ୍ତା ମହିଳା ଓ ଶିଶୁ ସମନ୍ୱିତ ଯୋଜନା କାର୍ଯ୍ୟାଳୟର ମିଶନ ଶକ୍ତି ସଂଯୋଜକ ଦୁର୍ବ୍ୟବହାର କରିଥିଲେ। ଏଥିରେ ମହିଳାମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ ମାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଏସଏଚଜି ମହିଳାମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

କୁଡ଼ିଆ ପଞ୍ଚାୟତର ଏକ ଏସ୍‌ଏଚ୍‌ଜି ସଭ୍ୟାମାନେ ବିଡ଼ିଓଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲେ। ବିଡ଼ିଓଙ୍କ ସହିତ କଥାବାର୍ତ୍ତା କରି ମହିଳାମାନେ ବାହାରକୁ ଆସିବା ପରେ ମିଶନ ଶକ୍ତି ସଂଯୋଜକ ଗଜେନ୍ଦ୍ର ମଲ୍ଲିକ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆଙ୍ଗୁଳି ଦେଖାଇ ଆକ୍ଷେପ କରିଥିବା ଅଭିଯୋଗ କରାଯାଇଥିଲା। ଗ୍ରୁପ ସଦସ୍ୟା ସସ୍ମିତା ବିଶ୍ୱାଳ ପ୍ରତିବାଦ କରିବାରୁ ଗଜେନ୍ଦ୍ର ଦୌଡି ଆସି ତାଙ୍କ ହାତକୁ ମୋଡି ଦେଇଥିବା ସସ୍ମିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ମହିଳା ସଦସ୍ୟାମାନେ ଗଜେନ୍ଦ୍ରଙ୍କୁ ମାଡ ମାରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ବିଡ଼ିଓ କୁକୁମୀନା ଦାସ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ବେଳକୁ ପରିସ୍ଥିତି ଶାନ୍ତ ପଡିଯାଇଥିଲା।

ଉଲ୍ଲେଖଯୋଗ୍ୟ, ଆଇସିଡିଏସ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଏକ ନିଯୁକ୍ତିଭିତ୍ତିକ ସମସ୍ୟାକୁ ନେଇ ଏଭଳି ଘଟଣା ଘଟିଥିବା କୁହାଯାଉଛି। ଏହି ପଦବୀ ପାଇଁ ଯୋଗ୍ୟ ଆବେଦନକାରୀଙ୍କୁ ଚଞ୍ଚକତା ପୂର୍ବକ ବାଦ୍ ଦେଇ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ମସୁଧା କରାଯାଉଥିବା ଏସଏଚ୍‌ଜିର ମହିଳାମାନେ ଜିଲାପାଳ, ଡିଏସଡବ୍ଲ୍ୟୁ, ବିଡ଼ିଓଙ୍କୁ ପୂର୍ବରୁ ଜଣାଇଥିଲେ। ମାତ୍ର ଏହାର ସମାଧାନ ନ ହେବାରୁ ସଦସ୍ୟାମାନେ ଶୁକ୍ରବାର ବିଡ଼ିଓଙ୍କୁ ଭେଟିବାକୁ ଆସିଥିଲେ। ସେଠାରେ ସଂଯୋଜକ ଗଜେନ୍ଦ୍ର ମହିଳାମାନଙ୍କୁ ଦୁର୍ବ୍ୟବହାର କରିବା ପରେ ମହିଳାମାନେ ମାଡ ମାରିଥିବା ଚର୍ଚ୍ଚା ହେଉଛି। ଏନେଇ ବିଡ଼ିଓ କହିଛନ୍ତି, ଏଭଳି ଘଟଣା ନିନ୍ଦନୀୟ। ସରକାରୀ କାର୍ଯ୍ୟାଳୟରେ ଆଇନ ହାତକୁ ନେବା ଅପରାଧ। ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯିବ। ଖବର ଲେଖା ପର୍ଯ୍ୟନ୍ତ ଆଇଆଇସି ଅଶୋକ କୁମାର ନାୟକଙ୍କୁ ପଚାରିବାରୁ ଥାନାରେ ବ୍ଲକ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଆଇଟିଆଇ ଛାତ୍ରୀଛାତ୍ର ତିଆରି କରିବେ ଡ୍ରୋନ୍


ଏମ୍‌ଓୟୁ ସ୍ୱାକ୍ଷର କରାଯାଉଛି।

**ବ୍ରହ୍ମପୁର ଅଫିସ,୧୫।୧**

**ଆଇ.ଜି. ଡ୍ରୋନ୍ ସହ ଏମ୍‌ଓୟୁ**

ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ସାରା ଭାରତରେ ଦକ୍ଷତା ବିକାଶ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଅନୁଷ୍ଠାନର ଛାତ୍ରୀଛାତ୍ର ଡ୍ରୋନ୍ ତିଆରି କରିବା ପାଇଁ ଶୁକ୍ରବାର ଡ୍ରୋନ୍ ଉତ୍ପାଦନ କମ୍ପାନି ଆଇ.ଜି. ଡ୍ରୋନ୍ ସହ ଭର୍ଚୁଆଲ ମାଧମରେ (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ରଜତ କୁମାର ପାଣିଗ୍ରାହୀ, ଆଇ.ଜି. ଡ୍ରୋନ୍‌ର ଭୁବନେଶ୍ୱର କାର୍ଯ୍ୟାଳୟର ତଥା ଦକ୍ଷତା ଓ ବିକାଶ ବୋର୍ଡର ସଭ୍ୟ ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ । ଅଧକ୍ଷ ପାଣିଗ୍ରାହୀ କହିଛନ୍ତି ଏହାଦ୍ୱାରା ଆଇଟିଆଇ ଛାତ୍ରୀଛାତ୍ରଙ୍କ ବହୁ ଦିନର ଆଶା ଓ ଆକାଂକ୍ଷା ପୂରଣ ହୋଇଛି । ଛାତ୍ରୀଛାତ୍ର ଏହା ଉପରେ ପ୍ରଶିକ୍ଷଣ ନେବେ । ପ୍ରାଥମିକ ପର୍ଯ୍ୟାୟରେ ୬୦ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଜିଆର୍‌ଏସ୍‌ଙ୍କୁ ମାଡ଼ ଅଭିଯୋଗ

**ହିନ୍ଦୋଳ,୧୫।୧(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତର ଜଣେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଗାଙ୍ଗୁଲି ଗଡ଼ନାୟକ (୪୩)ଙ୍କୁ ନୂଆକୋଟ ଗ୍ରାମର ଠିକାଦାର ପ୍ରତାପ ପ୍ରଧାନ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଜିଆରଏସ୍ ଶୁକ୍ରବାର ଅପରାହ୍ନରେ ନନ୍ଦିନିଆ ଜୋରକୁ କାମ ଦେଖିବାକୁ ଯାଇଥିଲେ। କାମ ଭଲ ଭାବେ କରିବାକୁ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ପ୍ରତାପ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାର୍‌ପିଟ୍ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ନୟାଗଡ଼ ଜିଲାର ପାନୀୟ ଜଳ ପ୍ରକଳ୍ପ ଶୀଘ୍ର କର

## ଯୋଜନା ବୋର୍ଡ ଉପାଧକ୍ଷ, କୃଷି ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲାରେ ନିର୍ମାଣାଧୀନ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ପାଇଁ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର କୃଷି ଭବନଠାରେ ଯୋଜନା ବୋର୍ଡ ଉପାଧକ୍ଷ ଦାସବର୍ମାଙ୍କ ଅଧକ୍ଷତାରେ ନୟାଗଡ଼ ଜିଲାରେ ନିର୍ମାଣାଧୀନ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନୟାଗଡ଼ ଜିଲାର ସମସ୍ତ ଗ୍ରାମକୁ କିଭଳି ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବ ତା'ଉପରେ ବର୍ମା ଗୁରୁତ୍ୱ ଦେଇଛନ୍ତି । ବୈଠକରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଛନ୍ତି। ଏହି ଅବସରରେ ବହୁ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

# ଶ୍ରମିକଙ୍କ ସହ ମାଟି ଖୋଳିଲେ ପିଡି

**ଭଦ୍ରକ ଅଫିସ,୧୫।୧**


ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ମାଟି ଖୋଳୁଛନ୍ତି।

ଗ୍ରାମାଞ୍ଚଳ ବିକାଶଧାରାକୁ ତ୍ୱରାନ୍ୱିତ କରିବା ସହିତ ଜନସାଧାରଣଙ୍କ ସମସ୍ୟା ପ୍ରତି ବିଶେଷ ଗୁରୁତ୍ୱ ଦେଇ ଗାଁ ମୁହାଁ ଏବେ ପ୍ରଶାସନ। ଶୁକ୍ରବାର ଭଦ୍ରକ ବ୍ଲକ ପରସିଙ୍ଗା ପଞ୍ଚାୟତ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ପଞ୍ଚାୟତର ବିଭିନ୍ନ ସରକାରୀ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ମଧୁସୂଦନ ଦାସ। ଏହି ସମୟରେ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) କାର୍ଯ୍ୟକ୍ରମରେ ଏକ କେନାଲ ଖୋଳା କାର୍ଯ୍ୟ ବୁଲି ଦେଖିଥିଲେ। ସେଠାରେ କାମ କରୁଥିବା ଶ୍ରମିକଙ୍କ ସହିତ ମିଶି ପ୍ରକଳ୍ପ ନିର୍ଦ୍ଦେଶକ ଦାସ ନିଜେ କୋଦାଳ ଧରି ମାଟି ଖୋଳୁଥିବା ଦେଖିବାକୁ ମିଳିଥିଲା। ଜଣେ ଜିଲାସ୍ତରୀୟ ଅଧିକାରୀଙ୍କ ଏଭଳି କାର୍ଯ୍ୟ ସେଠାରେ ଉପସ୍ଥିତ ସମସ୍ତଙ୍କୁ ଚକିତ କରିଥିବାବେଳେ ସାଧାରଣରେ ପ୍ରଶଂସା କରାଯାଇଛି।

# ପେଟ୍ରୋଲ ପମ୍ପରେ ବୋମାମାଡ଼

**ଖଣ୍ଡପଡା,୧୫।୧(ସ୍ୱ.ପ୍ର.)**

ନୟାଗଡ ଜିଲା ଖଣ୍ଡପଡ଼ା ଥାନା ସିଂଘାପଡା ଗ୍ରାମସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ଜଣେ ଯୁବକ ଗୁରୁବାର ରାତିରେ ଏକ ପେଟ୍ରୋଲ ବୋମାମାଡ କରିଛନ୍ତି। ଏଥିରେ ଅଗ୍ନିକାଣ୍ଡ ଘଟି ମେଶିନ ପୋଡି ଯାଇଛି। କର୍ମଚାରୀ ଅଗ୍ନିନିର୍ବାପକ ସାହାଯ୍ୟରେ ନିଆଁକୁ ଆୟତ୍ତ କରିବାରୁ ଏକ ବଡ ଦୁର୍ଘଟଣା ଟଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନିକଟସ୍ଥ ଗଡିଆସାହିର ବାନାମ୍ବର ମାଝି ଗୁରୁବାର ରାତି ୩ଟା୨୮ମିନିଟ୍‌ରେ ପେଟ୍ରୋଲ ନେବାକୁ ଏକ ବୋତଲ ଧରି ପମ୍ପକୁ ଆସିଥିଲେ। ପମ୍ପ କର୍ତ୍ତୃପକ୍ଷଙ୍କ ସହ ପାଟିତୁଣ୍ଡ କରି ସେଠାରୁ ଏକ ବୋତଲରେ ପେଟ୍ରୋଲ ଧରି ପଳାଇ ଥିଲେ। ପରେ ରାତିରେ ଏକ ବାଇକ୍ ଯୋଗେ ମାଝି ପେଟ୍ରୋଲ ଟାଙ୍କି ସମ୍ମୁଖକୁ ଆସି ବୋମାମାଡ କରୁଥିବାର ଦୃଶ୍ୟ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ପେଟ୍ରୋଲ ଟାଙ୍କିର ପରିଚାଳକ ଦେବାଶିଷ ପରମଗୁରୁ ଥାନାକୁ ସୂଚନା ଦେବା ପରେ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ପୋଲିସ ଟିମ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇ ଥିଲେ। ଖବରପାଇ ନୟାଗଡ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଏସ୍‌ଡିପିଓ ବିଶ୍ୱପ୍ରକାଶ ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତ ମାଝିଙ୍କୁ ଖୋଜାଖୋଜି କରୁଥିଲେ ମଧ ଗିରଫ କରାଯାଇ ପାରିନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତ ମାଝିଙ୍କୁ ଗିରଫ କରାଯିବ ବୋଲି ବୋଲି ଆଇଆଇସି ରାଉତରାୟଙ୍କଠାରୁ ପ୍ରକାଶ।


ବୋମାମାଡ ପରେ ମେଶିନ ଜଳିଯାଇଛି ।

# କେନ୍ଦ୍ର ବିରୋଧରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**


ରାଜଭବନ ଘେରାଉ ବେଳେ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ସହ ଧସ୍ତାଧସ୍ତି ।

- ରାଜଭବନ ଘେରାଉ
- ପୋଲିସ ସହ ଧସ୍ତାଧସ୍ତି
- ୨ଦଫା ଦାବିପତ୍ର ପ୍ରଦାନ

ନୂତନ କୃଷି ଆଇନ ପ୍ରତ୍ୟାହାର ଏବଂ ତୈଳଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ବିରୋଧରେ ଗର୍ଜିଛି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)। ଦଳୀୟ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ୨ଦଫା ଦାବିରେ ରାଜଭବନ ଘେରାଉ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ପାୱାର ହାଉସ୍ ଛକରୁ ବାହାରି ରାଜଭବନ ଅଭିମୁଖେ ଯାଇଥିଲା। ରାଜଭବନ ସମ୍ମୁଖରେ ଧାରଣା ସମୟରେ ପୋଲିସ ସହ କଂଗ୍ରେସ କର୍ମକର୍ତ୍ତାଙ୍କ ଧସ୍ତାଧସ୍ତି ହୋଇଥିଲା। କୃଷି ଆଇନ ପ୍ରତ୍ୟାହାର ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ପିସିସି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।


ନିରଞ୍ଜନ ନିଜ ପ୍ରତିକ୍ରିୟାରେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂଆ କୃଷି ଆଇନ ଯୋଗୁ ଦେଶର ୬୨ କୋଟି ଚାଷୀଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି। ଏହି କଳା ଆଇନର ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନକୁ ୫୦ଦିନ ପୂରିଲାଣି। ଏକଜିଦିଆ ମୋଦି ସରକାର ଅନ୍ନଦାତାଙ୍କ ଦୁର୍ଦ୍ଦଶା ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏପରି ସ୍ଥିତିରେ ଚାଷୀଙ୍କ ପଛରେ ଦୃଢ଼ ଭାବେ ଛିଡ଼ା ହେବାକୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ନିଷ୍ପତ୍ତି ନେଇଛନ୍ତି। ସେହିପରି ଦେଶରେ କ୍ରମାଗତ ଭାବେ ବଢୁଥିବା ତୈଳଦର ବୃଦ୍ଧି ୭୩ ବର୍ଷ ଇତିହାସରେ ପ୍ରଥମ। ଅଶୋଧିତ ତୈଳ ଦର ବ୍ୟାରେଲ ପଛା ୫୦ଡଲାରରେ ପହଞ୍ଚିଛି। ହେଲେ ଦରବୃଦ୍ଧିରେ ଅଙ୍କୁଶ ଲାଗୁନାହିଁ। ଏଥିରୁ ମୋଦି ସରକାର ୧୯ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଚାଷୀ ଓ ସାଧାରଣ ଜନତାଙ୍କ ଉପରେ ପଡୁଛି। ଦାବିପତ୍ର ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ନିରଞ୍ଜନ କହିଛନ୍ତି।



ଟେଲିଭିଜନ ଅଭିନେତ୍ରୀ ଡେଭୋଲିନା ଭଟ୍ଟାଚାର୍ଜୀ ବିବାଦୀୟ ରିଏଲିଟି ଶୋ' ବିଗ୍‌ବସ୍‌ର ଚତୁର୍ଦ୍ଦଶ ସେସନ୍‌ରେ ଭାଗନେବାକୁ ଯାଉଛନ୍ତି। ସେ ଏହି ଶୋ'ର ୧୩ତମ ଶୋ'ରେ ମଧ ପ୍ରତିଯୋଗୀ ଥିଲେ। ତେବେ ସ୍ୱାସ୍ଥ୍ୟଗତ କାରଣକୁ ନେଇ ସେ ସ୍ୱେଚ୍ଛାକୃତ ଭାବେ ଶୋ' ଛାଡ଼ି ଚାଲିଯାଇଥିଲେ ଓ ତାଙ୍କ ସ୍ଥାନରେ ବିକାଶ ଗୁପ୍ତା ସାମିଲ ହୋଇଥିଲେ।

# ରହସ୍ୟମୟ ନାଗାସାଧୁ

**ପବିତ୍ର ମକର ସଂକ୍ରାନ୍ତିଠାରୁ ହରିଦ୍ୱାରରେ ଆରମ୍ଭ ହୋଇଛି କୁମ୍ଭମେଳା। ଏହି ବିଶ୍ୱ ପ୍ରସିଦ୍ଧ ମେଳାରେ ନାଗାସାଧୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶୃଙ୍ଗାର ପାଇଁ ଜଣାଶୁଣା ଏହି ସାଧୁ ଗୋଷ୍ଠୀ ମହିଳାଙ୍କଠୁ ବି ପାଦେ ଆଗରେ, ଯାହା ସେମାନଙ୍କ ଜୀବନକୁ ଆହୁରି ଅଧିକ ରହସ୍ୟମୟ କରିଛି।**



ନୂଆଦିଲ୍ଲୀ: ବିବାହିତ ମହିଳାମାନେ ୧୬ ଶୃଙ୍ଗାର କରୁଥିବା ଆଲୋଚନା କରାଯାଏ। ମାନ୍ୟତା ରହିଛି, ଏହା କେବଳ ସୁନ୍ଦରତା ବଢ଼ାଇ ନ ଥାଏ ବରଂ ଭାଗ୍ୟ ସହିତ ମଧ ଏହାର ସମ୍ପର୍କ ରହିଛି। ହେଲେ ନାଗାସାଧୁମାନେ ମହିଳାଙ୍କଠାରୁ ଗୋଟିଏ ପାଦ ଆଗରେ। ସେମାନେ ୧୭ ଶୃଙ୍ଗାର କରିଥାନ୍ତି। ସ୍ୱତନ୍ତ୍ର ପର୍ବପର୍ବାଣି ଏବଂ କାର୍ଯ୍ୟକ୍ରମରେ ଏମାନେ ଏଭଳି ଶୃଙ୍ଗାର କରି ଲୋକଲୋଚନକୁ ଆସିଥାନ୍ତି।

୨୦୨୧ରେ କରୋନା ସହିତ ଆଗକୁ ବଢୁଛି ଜୀବନ। ଏହି ପରିପ୍ରେକ୍ଷୀରେ ଜାନୁୟାରୀ ୧୪ ପବିତ୍ର ମକର ସଂକ୍ରାନ୍ତି ତିଥିରୁ ହରିଦ୍ୱାରରେ ଆରମ୍ଭ ହୋଇଛି କୁମ୍ଭମେଳା। ସାଧାରଣତଃ ୧୨ ବର୍ଷରେ ଥରେ ଏହି ପ୍ରସିଦ୍ଧ ମେଳାର ଆୟୋଜନ କରାଯାଇଥାଏ। ହେଲେ ଗ୍ରହନକ୍ଷତ୍ର ଗଣନାରୁ ଚଳିତ ଥର ଏହା ୧୧ ବର୍ଷରେ ପଡ଼ିଛି। କୁମ୍ଭମେଳାରେ ପବିତ୍ର ସ୍ନାନ ବ୍ୟତୀତ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାନ୍ତି ନାଗାସାଧୁ। ନାଗାବାବାମାନେ ୧୭ ଶୃଙ୍ଗାର ସହିତ କୁମ୍ଭମେଳାର ମହାନ୍ ପର୍ବରେ ସାମିଲ ହୋଇଥାନ୍ତି। ଶରୀରରେ ବିଭୂତି, ଚନ୍ଦନ, ହାତ ଓ ପାଦରେ କଡ଼ା, ମୁଦି, କମରପଟି, କୁଣ୍ଡଳ, ଲଙ୍ଗୋଟ, କମଣ୍ଡଳୁ, ଡମ୍ବରୁ, ଜଟା ପ୍ରସାଧନ, ତିଳକ, କଜଳ, ରୁଦ୍ରାକ୍ଷମାଳା, ତ୍ରିଶୂଳ, ବାଜୁବନ୍ଧ, ନୋଥ ଆଦି ଧାରଣ କରିଥାନ୍ତି। ଦୀକ୍ଷା ଗ୍ରହଣ ପରେ ଏସବୁ ସାମଗ୍ରୀ ନାଗାବାବାଙ୍କ ଜୀବନର ଅଂଶବିଶେଷ ହୋଇଯାଏ। ପବିତ୍ର ସ୍ନାନ ପୂର୍ବରୁ ସେମାନେ ସଜ୍ଜିତ ହୋଇଥାନ୍ତି, ନଚେତ୍ ଏହି ସ୍ନାନପର୍ବ ଅଧୁରା ବୋଲି ବିବେଚନା କରାଯାଏ।

ବିଭୂତି ନାଗାସାଧୁଙ୍କ ଜୀବନର ଅଭିନ୍ନ ଅଙ୍ଗ। ନିବସ୍ତ୍ର ହୋଇ ସେମାନେ ସାରା ଶରୀରରେ ବିଭୂତି ବୋଲିହୋଇଥାନ୍ତି। ସାଧାରଣତଃ ବିଶ୍ୱାସ ରହିଛି ଯେ, ଏହି ବିଭୂତି ମୃତଦେହ ସଂସ୍କାର ପରେ ବଳିଯାଉଥିବା ପାଉଁଶ। ହେଲେ ଏହା ଶତ ପ୍ରତିଶତ ସତ୍ୟ ନୁହେଁ। ବିଭୂତି ପ୍ରସ୍ତୁତ କରିବା ଏକ ଜଟିଳ ପ୍ରକ୍ରିୟା। ଯଜ୍ଞକୁଣ୍ଡରେ ଅଶ୍ୱତ୍ଥ, ବେଲ, କଦଳୀ, ଗାଈ ଗୋବର ସହିତ ଅନ୍ୟ କେତେକ ଉପାଦାନ ମିଶାଇ ପାଉଁଶ ପ୍ରସ୍ତୁତ କରାଯାଇଥାଏ। ଏହାକୁ କପଡ଼ାରେ ଛଣାଯାଇଥାଏ। କଞ୍ଚା କ୍ଷୀର ମିଶାଇ ଏହାକୁ ଲଡୁ ଆକୃତିର କରାଯାଏ। ଏହାକୁ ଅଗ୍ନିରେ ଶୁଦ୍ଧୀକରଣ କରାଯାଏ। କଞ୍ଚାକ୍ଷୀରରେ ଅଗ୍ନି ନିର୍ବାପନ ପରେ ବିଭୂତି ପ୍ରସ୍ତୁତ ହୋଇଥାଏ। ନାଗାସାଧୁଙ୍କ ମତରେ ବିଭୂତି ହିଁ ବସ୍ତ୍ର। ତେଣୁ ସେମାନେ ସର୍ବାଙ୍ଗ ଶରୀରରେ ଏହାର ପ୍ରଲେପ ଲଗାଇଥାନ୍ତି।

## ଶୃଙ୍ଗାରରେ ମହିଳାଙ୍କଠୁ ଆଗରେ

ନାଗାସାଧୁଙ୍କ ମଣ୍ଡଳୀରେ ପ୍ରବେଶ କରିବା ମଧ ଏତେ ସହଜ ନୁହେଁ। ଏଥିଲାଗି ଜଣଙ୍କୁ କଠୋର ବ୍ରତ କରିବାକୁ ପଡ଼ିଥାଏ। ଦୀକ୍ଷାର ଶେଷ ପର୍ଯ୍ୟାୟରେ ସାଧୁ ନିଜର ପିଣ୍ଡଦାନ କରିଥାନ୍ତି। ଜୀବନ-ମରଣ, ମୋହ-ମାୟା ଭଳି ସାଂସାରିକ ବନ୍ଧନରୁ ମୁକ୍ତି ଲାଗି ଏହା ଏକ ପ୍ରତୀକ। ଇନ୍ଦ୍ରିୟ ନିୟନ୍ତ୍ରଣ ସେମାନଙ୍କ ଦୀକ୍ଷାର ପ୍ରମୁଖ ଅଙ୍ଗ। କାମନା ବାସନାରୁ ମୁକ୍ତ ହେବା ପରେ ହିଁ ଜଣେ ନାଗାସାଧୁ ଭାବେ ବିବେଚିତ ହୋଇଥାନ୍ତି। ପୂର୍ବରୁ ନାଗାମଣ୍ଡଳୀରେ କେବଳ ପୁରୁଷଙ୍କ ଲାଗି ଅନୁମତି ଥିଲା। ଏବେ ଏଥିରେ ମହିଳାମାନେ ମଧ ସାମିଲ ହେଲେଣି। ଉଭୟଙ୍କ ଦୀକ୍ଷା ସମାନ। କେବଳ ମହିଳାଙ୍କୁ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରିବାକୁ ଅନୁମତି ମିଳିଥାଏ। ବର୍ତ୍ତମାନ ବିଦେଶୀ ମହିଳାମାନେ ମଧ ନାଗାସାଧୁ ମଣ୍ଡଳୀରେ ନଜର ଆସୁଛନ୍ତି। ତେବେ କେଉଁ ପରିସ୍ଥିତିରେ ସେମାନେ ସାଧ୍ୱୀ ସାଜୁଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ନାହିଁ।

# ମହଙ୍ଗା ହେବ ଦୀପିକା- ହ୍ରିତିକଙ୍କ ଫିଲ୍ମ 'ଫାଇଟର'



ମୁମ୍ବାଇ: ବଲିଉଡ ନାୟିକା ଦୀପିକା ପାଦୁକୋନ ଓ ନାୟକ ହ୍ରିତିକ ରୋଶନଙ୍କ ଯୋଡିକୁ ଖୁବଶୀଘ୍ର ବଡ ପରଦାରେ ଦେଖିବାକୁ ମିଳିବ । ନିକଟରେ ହ୍ରିତିକଙ୍କ ଜନ୍ମଦିନ ଅବସରରେ ଅପକମିଂ ଫିଲ୍ମ 'ଫାଇଟର'ର ୩୦ ସେକେଣ୍ଡର ଟିଜର ରିଲିଜ କରି ପ୍ରଶଂସକଙ୍କୁ ଏକ ଭଲ ଉପହାର ଦେଇଛନ୍ତି ହ୍ରିତିକ । ଏହା ବଲିଉଡ୍ର ସବୁଠାରୁ ମହଙ୍ଗା ଫିଲ୍ମ ହେବ ବୋଲି କୁହାଯାଉଛି । ଏଥିରେ ଜବରଦସ୍ତ ଆକ୍ସନ ଥିବା ଜଣାପଡିଛି । ହ୍ରିତିକଙ୍କ ଜନ୍ମଦିନରେ ଫିଲ୍ମ ସମ୍ପର୍କରେ ସୂଚନା ଦିଆଗଲା ସତ ହେଲେ ଏବେ ଇନସାଇଡ ଡିଟେଲ୍ସ ସାମ୍ନାକୁ ଆସିଲାଣି । ପିଙ୍କଭିଲାର ସୂଚନା ଅନୁଯାୟୀ, ଏହି ଫିଲ୍ମର ବଜେଟ ୨୫୦ କୋଟି ରଖାଯାଇଛି । ଯଦି ଏହା ସତ ହୋଇଥାଏ ତେବେ ଏହା ହ୍ରିତିକଙ୍କ କ୍ୟାରିୟରର ସବୁଠାରୁ ବଡ ଫିଲ୍ମ ହେବ ବୋଲି କୁହାଯାଉଛି । ଏଥିରେ ହ୍ରିତିକ ବାୟୁସେନା ଅଧିକାରୀ ଭାବେ ନଜର ଆସିବେ । ସେ ପାଇଲଟ ଭାବେ ବାୟୁସେନା ଜେଟ ମଧ ଉଡାଇବା ଦେଖାଯିବ । ଫିଲ୍ମ ନିର୍ମାତାଙ୍କ କହିବା କଥା ହେଲା ବଲିଉଡ ଫିଲ୍ମରେ ନୌସେନା ଓ ସ୍ଥଳସେନାର ସବୁକିଛି ଏକ୍ସପ୍ଲୋର କରିଥିଲେ ବି ବାୟୁସେନାର କାହାଣୀ ଏପର୍ଯ୍ୟନ୍ତ ପରିବେଷଣ କରାଯାଇ ନାହିଁ । ତେଣୁ ଫାଇଟର ଜରିଆରେ ଏହା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରାଯାଇଛି । ଏହି ଫିଲ୍ମରେ ଦେଶଭକ୍ତି ସହ ରୋମାନ୍ସ ବି ଦେଖିବେ ଦର୍ଶକେ । ଏହାର ଶୁଟିଂ ୨୦୨୧ ସେପ୍ଟେମ୍ବରରେ ଆରମ୍ଭ କରାଯିବାକୁ ଥିବା ବେଳେ ଏହା ୨୦୨୨ରେ ରିଲିଜ ହେବାର ଯୋଜନା ରହିଛି ।

# ନିଆରା ଶିକ୍ଷାଦାନ ପାଇଁ ସମ୍ମାନିତ



**ନୂଆଦିଲ୍ଲୀ:** ଶିକ୍ଷକ ହେଉଛନ୍ତି ସମାଜ ଗଠନକାରୀ। ଉତ୍ତମ ଶିକ୍ଷାଦାନ ଏମାନଙ୍କ ପାଇଁ ପେସାଠାରୁ ଅଧିକ ନିଶା। କରୋନା କାଳରେ ପିଲାଙ୍କୁ ପାଖରେ ବସାଇ ପଢ଼ାଇବା ସମ୍ଭବ ନ ଥିଲା। ତେଣୁ ଅନେକ ଶିକ୍ଷକ ଅନ୍‌ଲାଇନରେ ଶିକ୍ଷାଦାନ କରୁଥିଲେ। ହେଲେ ମହାରାଷ୍ଟ୍ରର ଜଣେ ଶିକ୍ଷକଙ୍କ ନିଆରା ଏବଂ ଆଦର୍ଶ ଶିକ୍ଷାଦାନ ପ୍ରଣାଳୀ ଯୋଗୁ ସେ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ସେ ହେଲେ ସେଣ୍ଟ୍ରାଲ ମହାରାଷ୍ଟ୍ର ଲାଟୁର ଜିଲାର ସାଙ୍ଗାଭି ଗ୍ରାମର ବାଲାଜି ବାବୁରାଓ ଯାଦବ(୩୫)। ବୟସ କମ୍ ହେଲେ ମଧ ଶିକ୍ଷାଦାନ ପ୍ରତି ରହିଥିବା ନିଷ୍ଠା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ଦେଇଛି। ସେ ହନି ବି ନେଟ୍‌ୱର୍କ କ୍ରିଏଟିଭିଟି ଇନ୍‌କ୍ଲୁସିଭ୍ ଇନୋଭେଶନ ଆୱାର୍ଡ ପାଇଁ ଚୟନ ହୋଇଛନ୍ତି। ଯାଦବ ସତାରା ଜିଲା ମାନ୍ ତହସିଲ ଅଧୀନ ବିଜୟନଗରରେ ଜଣେ ଜିଲା ପରିଷଦ ଶିକ୍ଷକଭାବେ କାର୍ଯ୍ୟ କରନ୍ତି। ନିଆରା 'କନ୍‌ଫରେନ୍ସ କଲ୍' ପ୍ରଣାଳୀରେ ଶିକ୍ଷାଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ମିଳିଛି। ଦେଶରେ ଲକ୍‌ଡାଉନ ଜାରି ହେବାପରେ ସମସ୍ତ ସ୍କୁଲ ବନ୍ଦ ହୋଇଥିଲା ଏବଂ ଅନ୍‌ଲାଇନ କ୍ଲାସ୍ ଆରମ୍ଭ ହୋଇଥିଲା। ହେଲେ ଏହା ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ସହଜ ହୋଇପାରି ନ ଥିଲା। ଏହି ସମସ୍ୟା ଦୂର କରିବା ପାଇଁ ଯାଦବ ଅଭିନବ ଶିକ୍ଷାଦାନ ପ୍ରଣାଳୀ ଆପଣାଇଥିଲେ। ଏପ୍ରିଲରୁ ସେ ପିଲାଙ୍କୁ କନ୍‌ଫରେନ୍ସ କଲ୍ ମାଧ୍ୟମରେ ଶିକ୍ଷାଦାନ ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ସେ ସକାଳେ ୧୦ଜଣଙ୍କୁ ଏବଂ ସନ୍ଧ୍ୟାରେ ୧୦ଜଣଙ୍କୁ ପାଠ ପଢ଼ାଉଥିଲେ। ଗ୍ରାମାଞ୍ଚଳରେ ରହୁଥିବା ଏହି ପିଲାଙ୍କ ଅଭିଭାବକ ଶ୍ରମିକ ଶ୍ରେଣୀର । ତେଣୁ ସେମାନଙ୍କୁ ଲକ୍‌ଡାଉନରେ ସାହାଯ୍ୟ କରିବାକୁ ଯାଦବ ମୁଖ୍ୟତଃ ଶୁଣିବା, କହିବା, ପଢ଼ିବା ଏବଂ ଲେଖିବା ଆଦି ଭାଷାଗତ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରୟାସ କରିଥିଲେ। ଆରମ୍ଭରେ ସେ କାହାଣୀ ଶୁଣାଇଥିଲେ। ପରେ ସେମାନଙ୍କୁ କାହାଣୀ ପଢ଼ିବା ଏବଂ ଲେଖିବା ପାଇଁ କହିଥିଲେ। ବିଭିନ୍ନ ଷ୍ଟୋରିକୁ ରେକର୍ଡ କରି ରଖିବା ପାଇଁ ସେ କହୁଥିଲେ। ଏହା ମଧ୍ୟରେ ପିଲାଙ୍କ ନିକଟରେ ୫ଶହରୁ ଊର୍ଦ୍ଧ୍ୱ ରେକର୍ଡ ହୋଇଥିବା ଷ୍ଟୋରି ରହିଛି। ଏବେ ସେମାନେ ଶୁଣିବା, ପଢ଼ିବା ଏବଂ ଲେଖିବାରେ ମାହିର ବୋଲି ଯାଦବ କୁହନ୍ତି। ସେହିପରି ଯାଦବ ଏ ପର୍ଯ୍ୟନ୍ତ ୭୦ଟି ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ଏମିତିକି ତାଙ୍କ ପ୍ରୋଜେକ୍ଟକୁ ମହାରାଷ୍ଟ୍ରର ୨୦ ଜିଲା, ଦେଶର ୨୪ ରାଜ୍ୟ ସମେତ ବିଶ୍ୱର ୧୪ ଦେଶ ଅନୁକରଣ କରୁଥିବା ଜଣାପଡ଼ିଛି।

# କମ୍ ବୟସ୍କା ଟ୍ରାକ୍ଟର ଡ୍ରାଇଭର



ଚଣ୍ଡିଗଡ଼: ମହିଳାମାନେ ଏବେ ପୁରୁଷଙ୍କ ଭଳି ସବୁ ପ୍ରକାରର କାମ କରି ପାରୁଛନ୍ତି। ନିଜେ ସ୍ୱାବଲମ୍ବି ହେବା ପାଇଁ ସ୍ୱାଭିମାନର ସହିତ ଯେକୌଣସି କାମ କରିପାରିବେ ବୋଲି ପ୍ରମାଣ ଦେଇ ପାରୁଛନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି ଟ୍ରାକ୍ଟର ଡ୍ରାଇଭର ପିଙ୍କି। ମାତ୍ର ୧୯ ବର୍ଷ ବୟସରେ ଟ୍ରାକ୍ଟର ଡ୍ରାଇଭିଂ କୋର୍ସ ପୁରା କରି ଏବେ ସେ ଦେଶର ସର୍ବ କନିଷ୍ଠ ମହିଳା ଟ୍ରାକ୍ଟର ଡ୍ରାଇଭର ପାଲଟିଛନ୍ତି। ହରିୟାଣାର ହିସାର ଅଞ୍ଚଳର ପିଙ୍କି ଏବେ ଟ୍ରାକ୍ଟର ଡ୍ରାଇଭରଭାବେ ସ୍ୱତନ୍ତ୍ର ମାନ୍ୟତା ହାସଲ କରିଛନ୍ତି। ହିସାରର ନର୍ଦନ ସିଜନ୍ ଫାର୍ମ ମେସିନାରୀ ଟ୍ରେନିଂ ଆଣ୍ଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଡ୍ରାଇଭିଂ ଟ୍ରେନିଂ ନେଇଛନ୍ତି। ଚାରି ଭାଇଭଉଣୀଙ୍କ ମଧ୍ୟରୁ ପିଙ୍କି ହେଉଛନ୍ତି ସବୁଠୁ ସାନ। ତାଙ୍କ ମାଆ କୌଶଲ୍ୟା ଦେବୀ ପଶୁ ପାଳନ ବିଭାଗରେ କାମ କରନ୍ତି। ଏକ ଚାଷୀ ପରିବାରରେ ବଢିଥିବା ପିଙ୍କିଙ୍କର ଟ୍ରାକ୍ଟର ଚଲାଇବାକୁ ଚୋଟବେଳରୁ ଆଗ୍ରହ ଥିଲା। ସେଥିପାଇଁ ସେ ଟ୍ରାକ୍ଟର ଡ୍ରାଇଭିଂ ଟ୍ରେନିଂ ନେଇଥିଲେ। ଏତେ କମ୍ ବୟସରୁ ପିଙ୍କି ଏବେ ଡ୍ରାଇଭିଂ ପୁରା କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ନେଇ ଚର୍ଚ୍ଚା ହେଉଛି। ଗାଁ ପଞ୍ଚାୟତରେ ।ତଙ୍କୁ ସମ୍ମାନୀତ କରାଯାଇଛି। ଏହା ସହିତ ବିଭିନ୍ନ ସାମାଜିକ ସଂସ୍ଥାରୁ ମଧ ତାଙ୍କୁ ସମ୍ମାନୀତ କରାଯାଇ ସେ ମହିଳାମାନଙ୍କ ପାଇଁ ପ୍ରେରଣା ବୋଲି କୁହାଯାଇଛି।

# ନିଆଁ ପୁଇଁଲେ ବିଲେଇ, କୁକୁର



ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ଏବଂ ଫଟୋ ମଧ୍ୟରୁ କେତେକ ହସର ଖୋରାକ ଯୋଗାଉଥିବା ବେଳେ କେତେକ ଭାବପ୍ରବଣ କରିଦିଏ। ଟୁଇଟରରେ ଏବେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଶୀତରୁ ରକ୍ଷା ପାଇବା ପାଇଁ କୁକୁର ବିଲେଇ ଏକାଠି ନିଆଁ ପୋଉଁଥିବା ଦେଖିବାକୁ ମିଳିଛି। ଭିଡିଓକୁ ବନସେବା ଅଧିକାରୀ ସୁଶାନ୍ତ ନନ୍ଦ ଶେୟାର କରିଛନ୍ତି।


ଜନ୍ମଦିନର ଶୁଭ କାମନା



(ଟିମ୍‌ଟିମ୍)
ଶ୍ରେୟାଂଶୁ ମଲ୍ଲିକ
ଆରଡ଼ିଛକ, ଭଦ୍ରକ
ଜନ୍ମ ୧୬।୦୧।୨୦୧୯
ଆଜି ତୁମର ଦ୍ୱିତୀୟ ବାର୍ଷିକୀ ଜନ୍ମୋତ୍ସବରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଶ୍ରୀଶ୍ରୀ ସାଇବାବା ତୁମକୁ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଅଜା, ଆଈ, ମାମୁ, ଆଇମାଆ, ଜେଜେ, ବଡ଼ବାପା, ମଝିଆ ବାପା, ଗେଲୁ ।
ଧ-୧୯୫୯୦

ଜନ୍ମଦିନର ଶୁଭେଚ୍ଛା



ଆୟୁଷ ଅଂଶୁମାନ ପାଢ଼ୀ (ପ୍ରିନ୍ସ)
ଲୋଧାତୁଆ, ରଣପୁର, ନୟାଗଡ
ଆଜି ତୋର ଅଷ୍ଟମ ଜନ୍ମଦିନ ଶୁଭ ଅବସରରେ ଆମ୍ଭେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଜୀବନ ସୁଖମୟ, ଦୀର୍ଘାୟୁ ଓ ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମାଆ, ବାବା, ମାମା, ବଡ଼ବାବା, ବଡ଼ମାମା, ମାମୁ, ମାଇଁ, ଅଜା, ଆଈ ଓ ପରିବାରବର୍ଗ।
ଧ-୭୦୪୧୩


# ଆମେରିକା ପାରା ଅଷ୍ଟ୍ରେଲିଆରେ ଅଟକ



**ମେଲ୍‌ବର୍ନ:** ଆମେରିକାରୁ ଉଡ଼ିଆସିଥିବା ଏକ ପାରାକୁ ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷ ଅଟକ ରଖିଛନ୍ତି। ପାରା ଗୋଡ଼ରେ ଲାଗିଥିବା ଟ୍ୟାଗ୍‌ରେ 'ଆମେରିକା ରେସିଂ ବାର୍ଡ' ଲେଖାଥିବାରୁ ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଉକ୍ତ ପାରା ଯୋଗୁ ରୋଗ ସଂକ୍ରମଣ ହେବା ଆଶଙ୍କା କରି ଅଷ୍ଟ୍ରେଲିଆର କ୍ୱାରାଣ୍ଟାଇନ ଅଫିସରମାନେ ଏହାକୁ ମାରିଦେବା ପାଇଁ ପରାମର୍ଶ ଦେଇଥିଲେ। ତେବେ ଏହା ଜାଲ୍ ଲେଗ୍ ଟ୍ୟାଗ୍ ହୋଇଥାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି। ଆଲାବାବାରୁ ୧୪,୫୦୦ କିଲୋମିଟର ଅତିକ୍ରମ କରି ମେଲ୍‌ବର୍ନରେ ପହଞ୍ଚିଥିବାବେଳେ 'ଜୋ' ନାମକ ଏହି ପାରା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ସେଠାର କେଭିନ୍ ଚେଲି-ବାର୍ଡ ଆମେରିକା ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନାମ ଅନୁସାରେ ପାରାର ନାମକରଣ କରିଥିଲେ। ଜୋ ଗୋଡ଼ରେ ଲାଗିଥିବା ଆମେରିକା ଷ୍ଟାଇଲ୍ ବ୍ୟାଣ୍ଡ ନକଲି ବୋଲି ପାରାପ୍ରେମୀ କହିଛନ୍ତି।

# ୬ ବିଷୟରେ କ୍ୱାଲିଫାଏ କରି ରେକର୍ଡ



**କାନପୁର:** ଗୋଟିଏ କିମ୍ବା ଦୁଇଟି ବିଷୟ ନୁହେଁ, ବରଂ ଛଅଟି ବିଷୟରେ ଜାତୀୟ ଯୋଗ୍ୟତା ପରୀକ୍ଷା(ନେଟ) ପରୀକ୍ଷା ପାସ କରି ଇଣ୍ଡିଆ ବୁକ ଅଫ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ଜଣେ ଯୁବକ। ସେ ହେଲେ କାନପୁରର ଅମିତ କୁମାର ନିରଞ୍ଜନ। ଦେଶରେ ଅନ୍ୟକେହି ଏହା କରି ନ ଥିବା କୁହାଯାଉଛି। ସେ ଜୁନ ୨୦୧୦ରୁ ନଭେମ୍ବର ୨୦୨୦ ମଧ୍ୟରେ ୬ ବିଷୟରେ ୟୁଜିସି ନେଟ ପାସ କରିଛନ୍ତି। ବାଣିଜ୍ୟ, ଇକୋନୋମିକ୍ସ, ମ୍ୟାନେଜମେଣ୍ଟ, ଶିକ୍ଷା, ରାଜନୀତି, ବିଜ୍ଞାନ ଏବଂ ସମାଜବିଜ୍ଞାନରେ ସେ ଏହି ଯୋଗ୍ୟତା ହାସଲ କରିଛନ୍ତି। ଅମିତ ବିଭିନ୍ନ ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆହ୍ଲାବାଦ ବ୍ୟାଙ୍କ ପିଓ ଭାବରେ କାର୍ଯ୍ୟ କରିଥିଲେ। ଏହାଛଡ଼ା ସିବିଏସଇ ଏବଂ ଆଇଏସ୍ସି ବୋର୍ଡରେ ୧୭ ବର୍ଷ ଶିକ୍ଷାଦାନର ଅଭିଜ୍ଞତା ତାଙ୍କର ରହିଛି। ୨୫ହଜାରରୁ ଅଧିକ ଛାତ୍ର ଏବଂ ୫ହଜାର ଶିକ୍ଷକଙ୍କୁ ସେ ତାଲିମ ମଧ ଦେଇଛନ୍ତି। କାନପୁରର ଏସ୍ୱିଏମ୍ କଲେଜରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରିଛନ୍ତି। ତେବେ ଗତ କିଛି ବର୍ଷ ଧରି ସେ ସିବିଏସଇରେ ସହାୟକ ମୁଖ୍ୟ ପରୀକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ବୋର୍ଡ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଅଭ୍ୟାସ ମଡେଲ ସେ ପ୍ରସ୍ତୁତ କରୁଛନ୍ତି। ଏହା ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି କୁହାଯାଉଛି। ଏହାଛଡ଼ା ସେ ପୁସ୍ତକ ଲେଖୁଛନ୍ତି। ମୋଟାମୋଟି ଭାବେ ଦେଖିଲେ ସେ ଅନ୍ତର୍ଜାତୀୟ ବିଷୟ ବିଶେଷଜ୍ଞ, ଲୋକପ୍ରିୟ ପ୍ରଶିକ୍ଷକ, ପ୍ରେରଣାଦାୟକ ବକ୍ତା ଏବଂ ପରାମର୍ଶଦାତା ମଧ। ଅମିତଙ୍କ ପିତା ଆର୍.ଏନ. ନିରଞ୍ଜନ ୟୁପି ହ୍ୟାଣ୍ଡଲୁମ୍ର ଅବସରପ୍ରାପ୍ତ ପରିଚାଳକ ଥିବା ବେଳେ ମାତା ଉର୍ମିଳା ନିରଞ୍ଜନ ଜଣେ ଗୃହିଣୀ। ତେବେ ନିଜର ସଫଳତା ପରେ ମାତାପିତାଙ୍କ ଆଶୀର୍ବାଦ ସହ ପ୍ରେରଣା ଥିବା ସେ କୁହନ୍ତି। ଦକ୍ଷତା ମାପିବା ପାଇଁ କୌଣସି ମାନଦଣ୍ଡ ନାହିଁ। ବିଷୟର ଆଭିମୁଖ୍ୟ ଉପରେ ଜଣଙ୍କର ଆଗ୍ରହ ଗୁରୁତ୍ୱପୂର୍ଣ୍ଣ। ଯୋଜନା ଏବଂ ସମୟକୁ ଠିକ ଭାବେ ପରିଚାଳନା କରିପାରିଲେ ନିଜର ପ୍ରଗତିକୁ ତ୍ୱରାନ୍ୱିତ କରିହେବ ବୋଲି ସେ ଅନ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।


CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NAB (REGD.)
NAB (Regd.) ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ସମସ୍ତ ସମସ୍ୟାର ଉପାୟ
ମାର୍କସିଟ | ଆଧାରକାର୍ଡ
କୃଷି | ପଶୁପାଳନ
ସମ୍ପତି | ଲଘୁ ଉଦ୍ୟୋଗ
ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396011863

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
DIGITAL DEVICES
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
5G ମୋବାଇଲ୍ ଟାୱାର୍ ଲଗାନ୍ତୁ
ଅଗ୍ରିମ : 85 ଲକ୍ଷ
ଭଡା : 1,10,000/-
Contact :
Swati-9990677851

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପଦାର୍ପଣରେ ସୁନ୍ଦର, ନଟରାଜନ ସଫଳ

- ମାର୍ନସ ଲାବୁସେନଙ୍କ ଶତକ: ଅଷ୍ଟ୍ରେଲିଆ ୨୭୪/୫
- ନବଦୀପ ସଇନୀ ଆହତ
- ୧୦୦ତମ ଟେଷ୍ଟ ଖେଳିଲେ ଲିୟନ

**ବ୍ରିସ୍‌ବେନ୍, ୧୫।୧**

ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ର୍ଥ ତଥା ସିରିଜର ଅନ୍ତିମ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତି ଏବଂ ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ଭାରତ ଏକ ଦ୍ୱିତୀୟ ଶ୍ରେଣୀୟ ଦଳନେଇ ପଡ଼ିଆକୁ ଓହ୍ଲାଇଥିବାବେଳେ ପଦାର୍ପଣ ମ୍ୟାଚରେ ସଫଳ ହୋଇଛନ୍ତି ଦୁଇ ପ୍ରତିଭାସମ୍ପନ୍ନ ବୋଲର ୱାଶିଂଟନ ସୁନ୍ଦର ଓ ଥଙ୍ଗାରାସୁ ନଟରାଜନ। ଅନ୍ୟପକ୍ଷରେ ମାର୍ନସ ଲାବୁସେନଙ୍କ ଶତକ ସହାୟତାରେ ଘରୋଇ ଦଳ ପ୍ରଥମ ଦିବସ ଶେଷସୁଦ୍ଧା ୫ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରିଛି। ସ୍ପିନର ନାଥାନ ଲିୟନ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ମହମ୍ମଦ ସିରାଜଙ୍କ ନେତୃତ୍ୱାଧୀନ ଭାରତୀୟ ପେସ୍ ବାହିନୀ କିନ୍ତୁ ଆରମ୍ଭରେ ଚମତ୍କାର ବୋଲିଂ କରିଥିଲା। ଦଳୀୟ ସ୍କୋର ମାତ୍ର ୪ ଥିବାବେଳେ ଡେଭିଡ ୱାର୍ନର(୧)ଙ୍କୁ ରୋହିତ ଶର୍ମାଙ୍କ ହାତରେ କ୍ୟାଚ କରାଇ ପ୍ୟାଭିଲିୟନ ଫେରାଇଥିଲେ ନିଜେ ସିରାଜ। ଏହାପରେ ଯୁବ ଓପନର ମାର୍କସ ହାରିସ(୫)ଙ୍କୁ ଶିକାର ବନାଇଥିଲେ ଶାର୍ଦ୍ଦୁଳ ଠାକୁର। ଫଳରେ ୧୭ ରନ ମଧ୍ୟରେ ଅଷ୍ଟ୍ରେଲିଆ ଦୁଇ ଓପନରଙ୍କୁ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେ ଥିବା ଲାବୁସେନ ଓ ଷ୍ଟିଭ୍ ସ୍ମିଥ ସତର୍କତାର ସହ ଖେଳି ଇନିଂସକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ୭୦ ରନ ଯୋଗହେବାପରେ ସ୍ମିଥଙ୍କୁ ଆଉଟ କରିଥିଲେ ଯୁବ ସ୍ପିନର ସୁନ୍ଦର। ସ୍ମିଥଙ୍କଭଳି ଜଣେ ବଡ଼ ଖେଳାଳିଙ୍କୁ ଜୀବନର ପ୍ରଥମ ଟେଷ୍ଟ ଉଇକେଟଭାବେ ପାଇଥିବାରୁ ସ୍ୱାଭାବିକ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ ସୁନ୍ଦର। ୭୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ମିଥ ୫ ଚୌକା ସହାୟତାରେ ୩୬ ରନ କରିଥିବାବେଳେ ସୁନ୍ଦରଙ୍କ ବଲ୍‌କୁ ଫ୍ଲିକ୍ କରିବାକୁ ଯାଇ ଶର୍ଟ ମିଡ୍ ଉଇକେଟରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ଲାବୁସେନଙ୍କୁ ଭାଗ୍ୟ କିଛିପରିମାଣରେ ସାଥ୍ ଦେଇଥିଲା। ସେ ୩୮ ରନ କରିଥିବାବେଳେ ନବଦୀପ ସଇନୀଙ୍କ ବଲ୍‌ରେ ଗଲି ଅଞ୍ଚଳରେ ଏକ ସିଧା କ୍ୟାଚ ହାତଛଡ଼ା କରିଥିଲେ କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାନେ। ବୋଲିଂ ରନ୍‌ଅପ୍ ବେଳେ ଯନ୍ତ୍ରଣା ଅନୁଭବ କରି ପଡ଼ିଆ ଛାଡ଼ିଥିଲେ ସଇନୀ। ଫଳରେ ଭାରତର ଆହତ ସମସ୍ୟା ବଢ଼ିଥିଲା। ତାଙ୍କ ଓଭର ପୂରଣ କରିବାକୁ ଯାଇ ରୋହିତ ଗୋଟିଏ ବଲ୍ ବୋଲିଂ କରିଥିଲେ। କ୍ୟାଚ ଡ୍ରପ୍ ସାଙ୍ଗକୁ ସଇନୀ ଆହତ ହେବାରୁ ଭାରତକୁ ଶକ୍ତ ଝଟକା ଲାଗିଥିଲା। ଏହି ସୁଯୋଗର ସଦ୍‌ବ୍ୟବହାର କରି କ୍ୟାରିୟରର ୫ମ ଶତକ ହାସଲ କରିଥିଲେ ଲାବୁସେନ। ୬୪ତମ ଓଭରର ୪ର୍ଥ ବଲ୍‌ରେ ମାଥ୍ୟୁ ୱାଡେଙ୍କୁ ଶାର୍ଦ୍ଦୁଳ ଠାକୁରଙ୍କ ହାତରେ କ୍ୟାଚ୍ କରାଇ କ୍ୟାରିୟରର ପ୍ରଥମ ଟେଷ୍ଟ ଉଇକେଟ ହାସଲ କରିଥିଲେ ନଟରାଜନ। ତେବେ ଏତିକିରେ ସନ୍ତୁଷ୍ଟ ହୋଇ ନ ଥିଲେ ଏହି ୟର୍କର ସ୍ପେଶାଲିଷ୍ଟ। ଶତକ ହାସଲକାରୀ ଲାବୁସେନଙ୍କୁ ଆଉଟ୍ କରି ସେ ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଦିବସକୁ ସ୍ମରଣୀୟ କରିଥିଲେ। ୨୦୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଲାବୁସେନ ୯ ଚୌକା ସହାୟତାରେ ୧୦୮ ରନ କରିଥିବାବେଳେ ନଟରାଜନଙ୍କ ଏକ ଶର୍ଟ ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ରିଷଭ ପନ୍ତଙ୍କୁ ଉଇକେଟ ଦେଇଥିଲେ। ୱାଡେ ଓ ଲାବୁସେନ ୪ର୍ଥ ଉଇକେଟରେ ୧୧୩ ରନ ଭାଗୀଦାରି ଗଢ଼ିଥିଲେ। ୨୧୩ ରନରେ ଅଷ୍ଟ୍ରେଲିଆ ୫ମ ଉଇକେଟ ହରାଇଥିବାବେଳେ କାମେରନ ଗ୍ରୀନ୍ ୨୮ ଓ ଅଧିନାୟକ ଟିମ୍ ପେନ୍ ୩୮ ରନରେ ଅପରାଜିତ ରହି ଅସମାପ୍ତ ୬ଷ୍ଠ ଉଇକେଟରେ ୬୧ ରନ ଯୋଗକରି ଦଳପାଇଁ ବଡ଼ ସ୍କୋର ଆଶା ଉଜ୍ଜୀବିତ ରଖିଛନ୍ତି।

୧୦୦ତମ ମ୍ୟାଚ ଖେଳିଥିବାରୁ ଅଷ୍ଟ୍ରେଲିଆ ସ୍ପିନର ନାଥାନ ଲିୟନଙ୍କୁ ଖେଳ ଆରମ୍ଭ ପୂର୍ବରୁ ଗାର୍ଡଅଫ୍ ଅନର ଦିଆଯାଇଥିଲା। ଭାରତ ପକ୍ଷରୁ ଟେଷ୍ଟ କ୍ୟାରିୟର ଆରମ୍ଭ କରିବାରେ ନଟରାଜନ ୩୦୦ତମ ଖେଳାଳି ହୋଇଥିଲେ। ତାଙ୍କୁ ବୋଲିଂ କୋଚ୍ ଭରତ ଅରୁଣ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ। ଏହାପରେ ସୁନ୍ଦରଙ୍କୁ ତାରକା ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଟିମ୍ ଇଣ୍ଡିଆ କ୍ୟାପ୍ ହସ୍ତାନ୍ତର କରିଥିଲେ। ଅଭିଜ୍ଞ ବୋଲରଙ୍କ ଅନୁପସ୍ଥିତିରେ ଭାରତ ଅଣ୍ଡରଡଗ୍‌ଭାବେ ପଡ଼ିଆକୁ ଓହ୍ଲାଇଥିଲା। ଭାରତୀୟ ଦଳର ବୋଲିଂ ଆକ୍ରମଣ ପାଇଁ ଚୟନ ହୋଇଥିବା ଖେଳାଳିଙ୍କର ମୋଟ ଅଭିଜ୍ଞତା ଥିଲା ୩ ଟେଷ୍ଟ ୧୦ ବଲ୍ ଏବଂ ୧୧ ଉଇକେଟ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍‌ଅପ୍ ମୋଟ ୫୯ ଶତକକୁ ନେଇ ବେଶ୍ ସମୃଦ୍ଧ ଥିଲା। ଏପରି ସ୍ଥିତିରେ ଲାବୁସେନଙ୍କ ଶତକ ସତ୍ତ୍ୱେ ଯୁବ ବୋଲରମାନେ ଯେପରି ବୋଲିଂ କଲେ ତାହାକୁ ସବୁ ମହଲରୁ ପ୍ରଶଂସା କରାଯାଉଛି।




ଶୁକ୍ରବାର ବୋଲିଂ ଅବସରରେ ୱାଶିଂଟନ ସୁନ୍ଦର ଓ ଟି. ନଟରାଜନ।

### ସ୍ମରଣୀୟ ଟେଷ୍ଟ କ୍ୟାପ୍ (ଭାରତ)

- ୧୦୦: ବାଲୁ ଗୁପ୍ତେ (୧୯୬୦-୬୧)
- ୨୦୦: ନୟନ ମୋଙ୍ଗିଆ (୧୯୯୩-୯୪)
- ୩୦୦: ଟି. ନଟରାଜନ (୨୦୨୦-୨୧)।

### ପାଲାୟାମପଟ୍ଟିରୁ ବ୍ରିସ୍‌ବେନ୍

ତାମିଲନାଡୁ ସାଲେମର ବିଶେଷ ଜଣାଶୁଣା ନ ଥିବା ଗ୍ରାମ ପାଲାୟାମପଟ୍ଟିରୁ ଅଷ୍ଟ୍ରେଲିଆର ଆଧୁନିକ ସହର ବ୍ରିସ୍‌ବେନ୍‌ର ଦୂରତା ୯୦୩୫ କିଲୋମିଟର (ଗୁଗଲ ମ୍ୟାପ୍ ଅନୁସାରେ)। ମାତ୍ର ଜଣେ ଦିନମଜୁରିଆ ମା'ର ପରିଶ୍ରମ ବ୍ୟର୍ଥ ହୋଇନି। କ୍ୟାରିୟର ଆରମ୍ଭରେ ଅବୈଧ ବୋଲିଂ ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିବା ନଟରାଜନ୍ ନିଷ୍ଠା ଓ ପରିଶ୍ରମ ବଳରେ ବ୍ରିସ୍‌ବେନ୍‌ରେ ପହଞ୍ଚିବାସହ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ଜଣେ ନେଟ୍ ବୋଲରଭାବେ ସେ ଅଷ୍ଟ୍ରେଲିଆ ଗସ୍ତ କରି କ୍ରିକେଟର ତିନୋଟି ଯାକ ଫର୍ମାଟରେ ଖେଳିବାର ସୌଭାଗ୍ୟ ପାଇଛନ୍ତି। ହାସଲ କରିଛନ୍ତି ଟିମ୍ ଇଣ୍ଡିଆର ୩୦୦ତମ ଟେଷ୍ଟ କ୍ୟାପ୍। କେବଳ ସେତିକି ନୁହେଁ ପିତୃତ୍ୱ ଛୁଟି ମିଳି ନ ଥିବାରୁ ଝିଅ ୩ ମାସର ହୋଇ ସାରିଥିଲେ ହେଁ ତାକୁ ଦେଖିପାରି ନାହାନ୍ତି। ଟିମ୍ ଇଣ୍ଡିଆରେ ସମ୍ପ୍ରତି 'ନାଟ୍ଟୁ'ଭାବେ ପରିଚିତ ଏହି ବାମହାତୀ ପେସ୍ ବୋଲର ଆଗକୁ ବହୁ ବାଟ ଯିବାର ପ୍ରତିଶ୍ରୁତି ରଖିଛନ୍ତି।



ଶତକ ହାସଲକାରୀ ମାର୍ନସ ଲାବୁସେନ।

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**

ୱାର୍ନର-କ-ରୋହିତ-ବୋ-ସିରାଜ-୧
ହାରିସ-କ-ସୁନ୍ଦର-ବୋ-ଠାକୁର-୫
ଲାବୁସେନ-କ-ପନ୍ତ-ବୋ-ନଟରାଜନ-୧୦୮
ସ୍ମିଥ-କ-ରୋହିତ-ବୋ-ସୁନ୍ଦର-୩୬
ୱାଡେ-କ-ଠାକୁର-ବୋ-ନଟରାଜନ-୪୫
ଗ୍ରୀନ-ନଟଆଉଟ-୨୮
ପେନ୍-ନଟଆଉଟ-୩୮
ଅତିରିକ୍ତ-୧୩
ମୋଟ(୫ ଉଇକେଟ, ୮୭ ଓଭର) ୨୭୪
ଉଇକେଟ ପତନ:୧/୪, ୨/୧୭, ୩/୮୭, ୪/୨୦୦, ୫/୨୧୩।

ବୋଲିଂ(ଭାରତ)
ସିରାଜ ୧୯-୮-୫୧-୧
ନଟରାଜନ ୨୦-୨-୬୩-୨
ଠାକୁର ୧୮-୫-୬୭-୧
ସଇନୀ ୭.୫-୨-୨୧-୦
ସୁନ୍ଦର ୨୨-୪-୬୩-୧
ରୋହିତ ୦.୧-୦-୧-୦।

## ସୁଧୁରୁନାହାନ୍ତି ଅଷ୍ଟ୍ରେଲିଆ ଦର୍ଶକ

**ବ୍ରିସ୍‌ବେନ୍, ୧୫।୧(ପି.ଟି.):** ଅଷ୍ଟ୍ରେଲୀୟ ଦର୍ଶକ ନିଜ ପ୍ରକୃତି ଛାଡ଼ିପାରି ନାହାନ୍ତି। ପୁଣି ଥରେ ସେମାନେ ଭାରତୀୟ କ୍ରିକେଟରଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରିଛନ୍ତି। ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଷ୍ଟାଡିୟମର କିଛି ଦର୍ଶକ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ ଓ ପଦାର୍ପଣ କରିଥିବା ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ କୀଡ଼ା ବା କୀଡ଼ାର ପିଲା ବୋଲିସମ୍ବୋଧନ କରିଥିଲେ। ଏ ନେଇ 'ସିଡ୍‌ନୀ ମର୍ନିଂ ହେରାଲ୍ଡ' ଖବର କାଗଜ ରିପୋର୍ଟ ପ୍ରକାଶ କରିଛି। ମୋ ପଛରେ ବସିଥିବା କିଛି ଲୋକ ସୁନ୍ଦର ଓ ସିରାଜଙ୍କୁ କୀଡ଼ା ବୋଲି କହୁଥିବାରୁ

### ଗାବାରେ ସିରାଜ, ସୁନ୍ଦରଙ୍କୁ ଗାଳି

ଶୁଣିଛି ବୋଲି ଜଣେ ଦର୍ଶକ ଏହି ଖବର କାଗଜକୁ କହିଛନ୍ତି। ଏହାପୂର୍ବରୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଅନୁଷ୍ଠିତ ତୃତୀୟ ଟେଷ୍ଟର ତୃତୀୟ ଓ ଚତୁର୍ଥ ଦିବସରେ ମଧ୍ୟ ସିରାଜଙ୍କୁ ଦର୍ଶକମାନେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ଫଳରେ ସୁରକ୍ଷାକର୍ମୀମାନେ ୬ ଜଣ ଦର୍ଶକଙ୍କୁ ଷ୍ଟାଡିୟମରୁ ବାହାର କରି ଦେଇଥିଲେ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଏ ନେଇ କ୍ଷମା ମାଗିଥିଲା। ସିରାଜ ଏ ନେଇ ଅଭିଯୋଗ କରିବା ପରେ ୧୦ ମିନିଟ୍ ଖେଳ ବନ୍ଦ ରହିଥିଲା। ଏ ନେଇ ବିସିସିଆଇ ମଧ୍ୟ ମ୍ୟାଚ ରେଫରିଙ୍କ ନିକଟରେ ଆନୁଷ୍ଠାନିକ ଭାବେ ଅଭିଯୋଗ କରିଥିଲା। ଆଇସିସି ମଧ୍ୟ ଏହି ମାମଲାରେ ପ୍ରବଳ ଅସନ୍ତୋଷ ଜାହିର କରିଥିଲା। ପୂର୍ବତନ କ୍ରିକେଟର ଓ ଭାରତୀୟ ଅଧିନାୟକ ବିରାଟ କୋହଲି, ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍ ଓ କୋଚ୍ ଜଷ୍ଟିନ ଲାଙ୍ଗର ଦର୍ଶକଙ୍କ ଏଭଳି ଆଚରଣକୁ ଦୃଢ଼ ଭାବେ ନିନ୍ଦା କରିଥିଲେ।



ମହମଦ ସିରାଜ

## ନେଟ୍ ବୋଲରରୁ ୩ ଫର୍ମାଟ

**ବ୍ରିସ୍‌ବେନ୍, ୧୫।୧(ପି.ଟି.)**

ୟର୍କର ସ୍ପେଶାଲିଷ୍ଟ ଥଙ୍ଗାରାସୁ ନଟରାଜନ ଚତୁର୍ଥ ତଥା ଅନ୍ତିମ ଟେଷ୍ଟରେ ପଦାର୍ପଣ କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ନେଟ୍ ବୋଲର ହିସାବରେ କୌଣସି ଗସ୍ତରେ ଯାଇ ସବୁ ୩ଟି ଯାକ ଫର୍ମାଟରେ ପଦାର୍ପଣ କରିବାର ସୁଯୋଗ ହାସଲ କରିଛନ୍ତି।

ଭାରତୀୟ ଦଳର ଅଧିକାଂଶ ଖେଳାଳି ଆହତ ହୋଇ ସିରିଜରୁ ବାଦ୍‌ପଡିବା ପରେ ତାମିଲନାଡୁର ୨୯ ବର୍ଷୀୟ ନଟରାଜନଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିଥିଲା। ଗତ ଡିସେମ୍ବର ୨ରେ ସେ କାନ୍‌ବେରାରେ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆରେ ପଦାର୍ପଣ କରିଥିଲେ। ଭାରତ ଏହି ମ୍ୟାଚରେ ୧୩ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ୧୦ ଓଭର ବୋଲିଂ କରି ନଟରାଜନ ୭୦ ରନ ବ୍ୟୟ କରିଥିଲେ ମଧ୍ୟ ଦୁଇ ମୂଲ୍ୟବାନ ଉଇକେଟ ହାସଲ କରିଥିଲେ। ଏହାପରେ ଟି୨୦ ସିରିଜରେ ସେ ୩ଟି ମ୍ୟାଚ ଖେଳି ୬ ଉଇକେଟ ଅକ୍ତିଆର କରିଥିଲେ। ଭାରତ ଟି୨୦ ସିରିଜରେ ୨-୧ରେ ବିଜୟୀ ହୋଇଥିଲା। ନଟରାଜନଙ୍କୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟୁଇଟ୍ କରି ଅଭିନନ୍ଦନ ଜଣାଇଛି। ପ୍ରଥମ ଭାରତୀୟ ଖେଳାଳିଭାବେ ଗୋଟିଏ ଗସ୍ତରେ ୩ଟି ଯାକ ଫର୍ମାଟ୍‌ରେ ଡେବ୍ୟୁ କରିଥିବାରୁ ନଟରାଜନଙ୍କୁ ସ୍ୱାଗତ କରୁଛୁ ବୋଲି ଆଇସିସି ଟୁଇଟ୍ କରି ଉଲ୍ଲେଖ କରିଛି।

ନଟରାଜନଙ୍କ ମା' ଜଣେ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ସେ ଚଳିତ ଚତୁର୍ଥ ଟେଷ୍ଟର ପ୍ରଥମ ଦିବସରେ ୨୦ ଓଭର ବୋଲିଂ କରି ୬୩ ରନ ବ୍ୟୟ କରିବା ସହ ୨ ମୂଲ୍ୟବାନ ଉଇକେଟ ଅକ୍ତିଆର କରିଛନ୍ତି। ସେ ଶତକ ହାସଲ କରିଥିବା ମାର୍ନସ ଲାବୁସେନ ଓ ମାଥ୍ୟୁ ୱାଡେଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛି। ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ମଧ୍ୟ ଏହି ମ୍ୟାଚରେ ପଦାର୍ପଣ କରିଛନ୍ତି। ସେ ଷ୍ଟିଭ୍ ସ୍ମିଥ୍‌ଙ୍କ ଉଇକେଟ ଅକ୍ତିଆର କରିଛନ୍ତି।

## ହୋଣ୍ଡାର ବେନାଭିଡ୍ସ ଡାକାର ବିଜେତା

**ଜେଦାହ (ସୌଦି ଆରବ), ୧୫।୧ (ପି.ଟି.):** କଷ୍ଟସାଧ୍ୟ ୧୨ ଷ୍ଟେଜ ସହ ଡାକାର ରାଲି ଶୁକ୍ରବାର ଶେଷ ହୋଇଛି। ଏଥିରେ ମନଷ୍ଟର ଏନର୍ଜି ହୋଣ୍ଡା ଟିମ୍ ଓଭର ଅଲ ବିଜୟ ହାସଲ କରିଛି। ମୋଟରବାଇକ୍ ବିଭାଗରେ କେଭିନ୍ ବର୍ନାଭିଡ୍ସ ପ୍ରଥମ ସ୍ଥାନ ସହ ଡାକାର ବିଜେତା ହୋଇଛନ୍ତି। ଅଧିକାର କରିଥିବାବେଳେ ତାଙ୍କ ଟିମ୍‌ମେଟ ରିକି ବ୍ରାବେକ୍ ଦ୍ୱିତୀୟ ହୋଇଛନ୍ତି। ଲୋହିତ ସାଗର ଉପକୂଳରେ ୨୦୨ କିଲୋମିଟର ଦୂରତା ବିଶିଷ୍ଟ ସ୍ପେଶାଲ ଷ୍ଟେଜ୍ ବେଳ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆର୍ଜେଣ୍ଟିନିଆନ୍ ମନଷ୍ଟର ଏନର୍ଜି ହୋଣ୍ଡା ଟିମ୍ ରାଇଡରଙ୍କ ଏହା ହେଉଛି ପ୍ରଥମ ଟାଇଟଲ। ଅନ୍ୟପକ୍ଷରେ ୨୦୨୧ ଡାକାର ରାଲିରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ହୋଣ୍ଡା ପୁଣିଥରେ ଐତିହାସିକ ସଫଳତା ହାସଲ କରିଛି। ୧୨ ଦିନ ବ୍ୟାପୀ ମନଷ୍ଟର ହୋଣ୍ଡା ଟିମ୍ ରାଲିରେ ସବୁଠାରୁ ଆଗରେ ରହିଥିଲା। କ୍ରମାଗତ ଦ୍ୱିତୀୟ ବର୍ଷ ଏହି ଟିମ୍ ଓଭରଅଲ୍ ବିଜୟ ହାସଲ କରିପାରିଛି। ଡାକାର ରାଲିର କାର୍ ବିଭାଗରେ ଏକ୍ସ-ରେଡ୍ ମିନି ଜେସିଡବ୍ଲ୍ୟୁ ଟିମ୍‌ର ଷ୍ଟିଫାନ ପିଟରହାନ୍‌ସେଲ ଓ ଏଡୁଆର୍ଡ ବୌଲାଙ୍ଗର ପ୍ରଥମସ୍ଥାନ ଅଧିକାର କରିଛନ୍ତି।



ହୋଣ୍ଡା ରେସର କେଭିନ୍ ବର୍ନାଭିଡ୍ସ।

## ଡାକାର ରାଲି ରେସରଙ୍କ ମୃତ୍ୟୁ

**ଜେଦାହ (ସୌଦି ଆରବ), ୧୫।୧ (ଏପି):** ଡାକାର ରାଲିର ଜଣେ ରେସର ପିଏରେ ଚେର୍ପିନଙ୍କର ମୃତ୍ୟୁ ଘଟିଛି। ୪ଦିନ ପୂର୍ବେ ହା'ଇଲ୍‌ଠାରୁ ସାକାକା ମଧ୍ୟରେ ୭ମ ଷ୍ଟଜ୍ ରେସ୍ ବେଳେ ଚେର୍ପିନଙ୍କ ମୋଟରସାଇକେଲ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ୫୨ ବର୍ଷୀୟ ଏହି ରାଇଡର ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜେଦାହସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାକାକାଠାରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା।



ପିଏରେ ଚେର୍ପିନ

## ଚୟନ ଟ୍ରାଏଲ ଆଜିଠାରୁ

**ଭୁବନେଶ୍ୱର, ୧୫।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଆହାଟୀଠାରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଆସନ୍ତା ଫେବୃୟାରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ କଳିଙ୍ଗଷ୍ଟାଡିୟମଠାରେ ଶନିବାରଠାରୁ ଦୁଇ ଦିନିଆ ରାଜ୍ୟସ୍ତରୀୟ ଜୁନିୟର ଆଥଲେଟିକ୍ସ ସିଲେକ୍ସନ ଟ୍ରାଏଲ ଆରମ୍ଭ ହେବ। ଏଥିରେ ଆରଏସ୍‌ପି ଓ କିଟ୍ ୟୁନିଭର୍ସିଟି ସମେତ ୩୧ଟି ୟୁନିଟ୍‌ରୁ ମୋଟ ୨୩୯ ଜଣ ଆଥଲେଟ (୧୨୭ ବାଳକ ଓ ୧୧୧ ବାଳିକା) ଅଂଶଗ୍ରହଣ କରିବେ। ରାଜ୍ୟ ଯୁବସେବା ଓ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଛି। ଏଥିରେ ୧୪ବର୍ଷରୁ କମ୍, ୧୬ ବର୍ଷରୁ କମ୍, ୧୮ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ବୟସବର୍ଗର ଆଥଲେଟମାନେ ଟ୍ରାକ୍ ଆଣ୍ଡ୍ ଫିଲ୍ଡ, ଜମ୍ପ୍ ଏବଂ ଥ୍ରୋ ଇଭେଣ୍ଟ ଟ୍ରାଏଲରେ ଭାଗ ନେବେ। ଚଳିତ ବର୍ଷ କେତୋଟି ନୂଆ ଇଭେଣ୍ଟ ସାମିଲ କରାଯାଇଛି। ଯଥା ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ବଲ୍ ଥ୍ରୋ ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ୮୦ ମିଟର ହର୍ଡଲ୍ସ ଏବଂ ୩୦୦ ମିଟର ଦୌଡ଼। ସିଲେକ୍ସନ ଟ୍ରାଏଲ ବେଳେ କୋଭିଡ୍ ପ୍ରୋଟୋକଲ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଏହି ଜାତୀୟସ୍ତରୀୟ ସିଲେକ୍ସନ ଟ୍ରାଏଲରେ ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶା ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର(ଏଚ୍‌ପିସି) ଏବଂ ମନିଟରିଂ କୋହର୍ଟ (ଏମ୍‌ସି) ଅଫ୍ ଦି ହାଇପର୍‌ଫର୍ମାନ୍ସ ସେଣ୍ଟରର ୬ଜଣ ସମେତ ଓଡ଼ିଶାର କେତେଜଣ ଫିଲ୍ଡ ଆଥଲେଟ୍ ଅଂଶଗ୍ରହଣ କରିବେ।

### ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍

## ପଏଣ୍ଟ ଭାଗକଲେ ଇଷ୍ଟ ବେଙ୍ଗଲ-କେରଳ

**ଭାସ୍କୋ, ୧୫।୧:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଶୁକ୍ରବାର ଇଷ୍ଟ ବେଙ୍ଗଲ୍ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ଫରୱାର୍ଡ ଜୋର୍ଡାନ ମୁରେ ୬୪ତମ ମିନିଟ୍‌ରେ ଏକ ଫିଲ୍ଡ ଗୋଲ ଦେଇ କେରଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ମ୍ୟାଚ୍ ଶେଷ ହେବାର ଠିକ୍ ପୂର୍ବରୁ ଅର୍ଥାତ ଇଞ୍ଜୁରି ଟାଇମ୍‌ର ପଞ୍ଚମ ମିନିଟ୍‌ରେ ଅଷ୍ଟ୍ରେଲିଆର ଅନ୍ୟତମ ଫୁଟବଲର ସ୍କଟ ନେଭିଲେ ଇଷ୍ଟ ବେଙ୍ଗଲ ତରଫରୁ ଗୋଲ ଦେଇଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା। ଇଷ୍ଟବେଙ୍ଗଲ ୧୧ ପଏଣ୍ଟ ସହ ନବମ ଓ କେରଳ ୧୦ ପଏଣ୍ଟ ପାଇ ଦଶମ ସ୍ଥାନରେ ରହିଛି।

## ରୁଟ୍‌ଙ୍କ ଶତକ: ଇଂଲଣ୍ଡ ପ୍ରଭାବୀ



ଶତକ ହାସଲ ପରେ ଜୋ ରୁଟ୍।

**ଗାଲେ, ୧୫।୧(ପି.ଟି.)**

ଅଧିନାୟକ ଜୋ ରୁଟ୍‌ଙ୍କ ଅପରାଜିତ ଶତକ (୧୬୮*, ୨୫୪ ବଲ, ୧୨ ଚୌକା) ବଳରେ ଇଂଲଣ୍ଡ ଘରୋଇ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ବୃହତ୍ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି। ଟସ୍ ଜିତ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪୬.୧ ଓଭରରେ ୧୩୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ଶୁକ୍ରବାର ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୪ ଓଭରରେ ୪ ଉଇକେଟ ହରାଇ ୩୨୦ ରନ ସଂଗ୍ରହ କରିଛି। ଫଳରେ ୬ ଉଇକେଟ ହାତରେ ରଖି ଇଂଲଣ୍ଡ ଏବେ ୧୮୫ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଟ୍ ୧୬୮ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର ୭ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୭/୨ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ରୁଟ ୬୬ରୁ ଖେଳ ଆରମ୍ଭ କରି କ୍ୟାରିୟରର ୧୮ତମ ଟେଷ୍ଟ ଶତକ ହାସଲ କରିଥିଲେ। ସେହିପରି ଜନି ବେୟାରଷ୍ଟୋ ଓଭରନାଇଟ ସ୍କୋର ୪୭ରେ ଅଧିକ ରନ୍ ସଂଗ୍ରହ କରି ନ ପାରି ଲାସିଥ ଏମ୍ବୁଲଡେନିଆଙ୍କ ବଲ୍‌ରେ କୁଶଲ ମେଣ୍ଡିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପଦାର୍ପଣ କରିଥିବା ଏସେକ୍ସ ବ୍ୟାଟ୍ସମ୍ୟାନ ଡାନ ଲରେନ୍ସ ୧୫୦ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୧ ଛକା ସହ ୭୩ ରନର ଇନିଂସ ଖେଳି ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। ଚତୁର୍ଥ ଉଇକେଟରେ ରୁଟ୍ ଓ ଲରେନ୍ସ ୧୭୩ ରନ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୩୫ ଅଲଆଉଟ। ଇଂଲଣ୍ଡ ପ୍ରଥମ ଇନିଂସ: ୩୨୦/୪ (ରୁଟ୍- ୧୬୮*, ଲରେନ୍ସ- ୭୩, ବେୟାରଷ୍ଟୋ- ୪୭, ଏମ୍ବୁଲଡେନିଆ- ୩/୧୩୧, ପେରେରା- ୧/୮୨)।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଓସିଏ ମହିଳା କ୍ରିକେଟ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଭିଜନ-୨୦୨୪ ଅନ୍ତର୍ଗତ ଦିନିକିଆ ମହିଳା କ୍ରିକେଟ ଲିଗ୍ ଶୁକ୍ରବାରଠାରୁ ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୩ ମ୍ୟାଚରେ ଓଡ଼ିଶା ଗ୍ରୀନ୍, ଓଡ଼ିଶା ୟେଲୋ ଓ ଓଡ଼ିଶା ଅରେଞ୍ଜ ବିଜୟ ହାସଲ କରିଛି। ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଗ୍ରୀନ୍ ୬ ଉଇକେଟରେ ଓଡ଼ିଶା ରେଡ୍‌କୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ୍ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ମାଧୁରୀ ମେହେଟା ସର୍ବାଧିକ ୫୧, ଅଦ୍ୱିତି ଦେଓ ୪୩ ଓ ଶିଳ୍ପା ସ୍ୱାଇଁ ୨୭ ରନ କରିଥିଲେ। ବିପକ୍ଷ ଦଳର କଳ୍ପନା ନାୟକ ୧୦ ଓଭରରେ ୨ ମେଡେନ ନେବାସହ ମାତ୍ର ୧୬ ରନ ଦେଇ ୪ଟି ଏବଂ ଡି.ରେଣ୍ଡୀ ୨ଟି ଉଇକେଟ ନେଇଥିଲେ। ୧୭୩ ରନ ବିଜୟ ଲକ୍ଷ୍ୟକୁ ଓଡ଼ିଶା ଗ୍ରୀନ୍ ୪୩.୧ ଓଭରରେ ୪ ଉଇକେଟ ହରାଇ ହାସଲ କରିନେଇଥିଲା। ଅଧିନାୟିକା ପ୍ରଜ୍ଞା ପାରମିତା ମହାନ୍ତି ୬୧ ରନ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ପରାଜିତ ଦଳର ସୁଶ୍ରୀ ସିଂ ଓ ବନଲତା ମଲିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୂଳାପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ୟେଲୋ ୧୩ ରନରେ ଓଡ଼ିଶା ଭାଓଲେଟ୍‌କୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ୟେଲୋ ୫୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ କରିଥିଲା। ଅର୍ଦ୍ଧଶତକ ହାସଲକାରୀ ଅଞ୍ଜଳି ସିଂ ସର୍ବାଧିକ ୫୧ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ସୁଶ୍ରୀ ଦିବ୍ୟଦର୍ଶିନୀ ଓ ପ୍ରୀତି ପ୍ରିୟଦର୍ଶିନୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାଓଲେଟ ୫୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ କରି ପାରିଥିଲା। ସଙ୍ଗୀତା ଖାଡିଆ ସର୍ବାଧିକ ୫୫ ରନ କରିଥିଲେ। ବିଜୟୀ ଦଳର ପ୍ରିୟଙ୍କା ସାହୁ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ବିକାଶ କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଅରେଞ୍ଜ୍ ୬ ଉଇକେଟରେ ପର୍ପଲକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପର୍ପଲ ୫୦ ଓଭରରେ ୫ ଉଇକେଟ ହରାଇ ୨୧୫ ରନ କରିଥିଲା। ଅଧିନାୟିକା ମଧୁସ୍ମିତା ବେହେରା (୧୨୫) ଶତକ ହାସଲ କରିଥିଲେ। ବିପକ୍ଷ ବୋଲର ଭବାନୀ ଧଡ଼ା ଓ ରାମେଶ୍ୱରୀ ନାଏକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅରେଞ୍ଜ୍ ୫୦ ଓଭରରେ ୪ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରି ନେଇଥିଲା। ସରିତା ମେହେର ୯୨ ଓ କୁସୁମ ତିରିୟା ୪୯ ରନକରି ଦଳକୁ ଜିତାଇଥିଲେ। ବିପକ୍ଷ ଦଳର ଲକ୍ଷ୍ମୀପ୍ରିୟା ନାଏକ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।










# ଦ୍ୱନ୍ଦ୍ୱରେ ଏସ୍ଆଇଟି ସମ୍ପର୍କିତ ଚିଠି

## ପରୀ ହତ୍ୟା ମାମଲା

- ସୂଚନା ଅଧିକାର ଆଇନରେ ମିଳିଲା ତଥ୍ୟ
- କଂଗ୍ରେସର ବଡ଼ ବିଫଳତା: ହେମନ୍ତ ପଣ୍ଡା

**ବଲାଙ୍ଗୀର ଅଫିସ, ୧୫।୧**

ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡର ତଦନ୍ତ ଓଡ଼ିଶା ହାଇକୋର୍ଟଙ୍କ ପର୍ଯ୍ୟବେକ୍ଷଣ (ମନିଟରିଂ)ରେ ହେଉ ବୋଲି ରାଜ୍ୟ ସରକାର ଅନୁରୋଧ କରି ଗତ ୨୮ ନଭେମ୍ବରରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ। ଏପରି କି ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍ଆଇଟି)ରେ କେଉଁମାନେ ରହିବେ ସେମାନଙ୍କ ନାମ ଏଥିରେ ଉଲ୍ଲେଖ କରାଯାଇଥିଲା। ହାଇକୋର୍ଟରେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ କରିବ ବୋଲି କୁହାଯାଇଥିଲା। ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ହାଇକୋର୍ଟଙ୍କୁ ଏହି ପତ୍ର ଲେଖିଥିବା ବିଷୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ପରୀ ହତ୍ୟାକାଣ୍ଡର ତଦନ୍ତକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଲେଖାଯାଇଥିବା ପତ୍ର ହାଇକୋର୍ଟରେ ପହଞ୍ଚି ନ ଥିବା ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଦାବି କରିଛନ୍ତି। ପଣ୍ଡାଙ୍କ ଏହି ଦାବି ପରେ ଏସ୍ଆଇଟି ସମ୍ପର୍କିତ ଚିଠିକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

ନୟାଗଡ ଜିଲାର ପରୀ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣା ସଂକ୍ରାନ୍ତରେ ବଲାଙ୍ଗୀର ଜିଲାର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ହାଇକୋର୍ଟଙ୍କ ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର ତଥା ଜନସୂଚନା ଅଧିକାରୀ ବି. ଦାଶଙ୍କ କାର୍ଯ୍ୟାଳୟରୁ ଚିଠି ନଂ. ଆର୍ଟିଆଇ-୧୩/୨୦୨୦/୧୦୬ ତା- ୬।୦୧।୨୧ ଯୋଗେ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଯାଦବ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଅଧିକାର କର୍ମୀ ପଣ୍ଡା ହାଇକୋର୍ଟଙ୍କ କାର୍ଯ୍ୟାଳୟରୁ ମିଳିଥିବା ଆରଟିଆଇ ତଥ୍ୟ ସମ୍ପର୍କରେ ଜଣାଇଛନ୍ତି। ପରୀ ହତ୍ୟାକାଣ୍ଡର ଏସ୍ଆଇଟି ତଦନ୍ତ ଜଣେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରୁ କୌଣସି ଅନୁରୋଧ ପତ୍ର ହାଇକୋର୍ଟଙ୍କ ହସ୍ତଗତ ହୋଇନାହିଁ। ଯେହେତୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଚିଠି ମିଳିନାହିଁ, ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରଶ୍ନ ଉଠୁନାହିଁ ବୋଲି ହାଇକୋର୍ଟଙ୍କ ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର ତଥ୍ୟ ପ୍ରଦାନ କରିଥିବା ପଣ୍ଡା ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ପରୀ ହତ୍ୟାକାଣ୍ଡର ତଦନ୍ତ ଜାରି ରଖିଥିବା ଏସ୍ଆଇଟି ହାଇକୋର୍ଟଙ୍କ ମନିଟରିଂରେ ଚାଲିନାହିଁ। ନ୍ୟାୟ ଆଶାରେ ପରୀର ମାତାପିତା ବିଧାନସଭା ଅଧିବେଶନ ଚାଲିଥିବାବେଳେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଥିଲା। ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ରଖି ସରକାର ହାଇକୋର୍ଟରେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ କରିବ ବୋଲି ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ରାଜ୍ୟ ଭାଜପା ଗ୍ରହଣ ନ କରି ସିବିଆଇ ତଦନ୍ତ ଦାବିରେ ଅଟଳ ରହିଥିବାବେଳେ କଂଗ୍ରେସ ନେତାମାନେ ଏସ୍ଆଇଟି ତଦନ୍ତ ଦାବି କରିଥିବାରୁ ଏହାକୁ ଦଳର ବଡ଼ ସଫଳତା ବୋଲି ବର୍ଣ୍ଣନା କରିଥିଲେ। କିନ୍ତୁ ହାଇକୋର୍ଟଙ୍କ ପ୍ରଦତ୍ତ ତଥ୍ୟ ସାର୍ବଜନୀନ ହେବା ପରେ କଂଗ୍ରେସ ନେତାମାନଙ୍କ ଉକ୍ତ ସଫଳତା ଦାବି ବଡ଼ ବିଫଳତାରେ ପରିଣତ ହୋଇଛି ବୋଲି ପଣ୍ଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ପରୀ ହତ୍ୟା ଘଟଣାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଣ୍ଡା ଦାବି କରିଛନ୍ତି।



ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ଇସ୍ପାତ ଶିଳ୍ପକୁ ରପ୍ତାନି କେନ୍ଦ୍ରିକ କର: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୫।୧(ବ୍ୟୁରୋ):** ଏକବିଂଶ ଶତାବ୍ଦୀରେ ଭାରତର ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ପାଇଁ ନରେନ୍ଦ୍ର ମୋଦି ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଶୁକ୍ରବାର ଇଣ୍ଡିଆନ ଷ୍ଟିଲ ଆସୋସିଏଶନ(ଆଇଏସ୍ଏ) ପକ୍ଷରୁ ଆୟୋଜିତ ୱେବିନାରରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। 'ଇସ୍ପାତ ନିର୍ମାଣ ଏବଂ ଭିତ୍ତିଭୂମି ପାଇଁ ନୂଆ ସୁଯୋଗ' ଶୀର୍ଷକ ଆଲୋଚନାଚକ୍ରରେ ଧର୍ମେନ୍ଦ୍ର ଏହା କହିଛନ୍ତି। ଇସ୍ପାତ୍ ଶିଳ୍ପକୁ ରପ୍ତାନି କେନ୍ଦ୍ରିକ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍-୧୯ ଆମ ପାଇଁ ଚ୍ୟାଲେଞ୍ଜ୍ ଆଣିଥିବା ବେଳେ ଭାରତ ଏହାକୁ ସୁଯୋଗରେ ପରିଣତ କରିଛି। ରାସ୍ତା, ରେଳ, ଘର ନିର୍ମାଣ ହେଉ କିମ୍ବା ତୈଳ ଓ ଗ୍ୟାସ ଭିତ୍ତିଭୂମିକୁ ଅଧିକ ମଜଭୁତ୍ କରାଯାଇଛି। ଆତ୍ମନିର୍ଭର ଭାରତରେ ୨୦ ଲକ୍ଷ କୋଟିର ପ୍ୟାକେଜ୍ ଦେଶର ସାମଗ୍ରିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଇସ୍ପାତ୍ କ୍ଷେତ୍ର ପାଇଁ ନୂଆ ସୁଯୋଗ ଆଣିଦେଇଛି। ଦେଶରେ କରୋନା ଟିକା ପ୍ରସ୍ତୁତି ହେବା ଭାରତର ଆଉ ଏକ ପ୍ରତିଭାର ଉଦାହରଣ। ଏହାସହ ଦେଶରେ ଅଧିକ ଇସ୍ପାତର ବ୍ୟବହାର ଦ୍ୱାରା ସମାଜକୁ ବୃହତ୍ ଭାବରେ ଶକ୍ତି ପ୍ରଦାନ କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।






# ରାଜ୍ୟ ସରକାର ଭ୍ରମିତ କରୁଛନ୍ତି: ଭାଜପା

## ପରୀ ହତ୍ୟାକାଣ୍ଡର ତଦନ୍ତ ପ୍ରସଙ୍ଗ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ପରୀ ହତ୍ୟାକାଣ୍ଡକୁ ନେଇ ଚାଲିଥିବା ଏସ୍ଆଇଟି ତଦନ୍ତ ପ୍ରସଙ୍ଗରେ ଜନ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ହାଇକୋର୍ଟରୁ ତଥ୍ୟ ମାଗିଥିଲେ। ହେମନ୍ତଙ୍କ ଆବେଦନର ଉତ୍ତର ଗତ ୬ ତାରିଖରେ ହାଇକୋର୍ଟରୁ ଆସିଛି, ଯେଉଁଥିରେ ହାଇକୋର୍ଟ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ସିଟିଂ ଜଜ୍‌ଙ୍କ ମନିଟରିଂରେ ଏସ୍ଆଇଟି ତଦନ୍ତ ପାଇଁ କୌଣସି ଚିଠି ଲେଖିନାହାନ୍ତି। ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ତଦନ୍ତକୁ ନେଇ ରାଜ୍ୟ ସରକାର ହୀନ ରାଜନୀତି କରିଚାଲିଛନ୍ତି। ତଦନ୍ତ କରୁଥିବା ଏସଆଇଟି କୋର୍ଟ ଦ୍ୱାରା ମନିଟରିଂ ହେଉଥିବା ନେଇ ରାଜ୍ୟ ସରକାର କହି ରାଜ୍ୟବାସୀଙ୍କୁ ବାରମ୍ବାର ଭ୍ରମିତ କରୁଛନ୍ତି। ଶାସକ ଦଳର ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ସାଢେ ୪ କୋଟି ଲୋକଙ୍କୁ ମିଛ କହିବା ଏବଂ ଧୋକା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶାସକ ଦଳ, ଏସଆଇଟି ଓ ଉଚ୍ଚପଦସ୍ଥ ସରକାରୀ ଅଫିସରମାନେ ଉଚ୍ଚନ୍ୟାୟାଳୟଙ୍କ ନାଁ ନେଇ ଏହି ପ୍ରସଙ୍ଗରେ ମିଛ କହିଛନ୍ତି। ବିଧାନସଭାରେ ମିଥ୍ୟା କହିଥିବାରୁ ବିଜେଡି ବିଧାୟକଙ୍କ ନାଁରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣାଯାଉ। ମିଛ କହିଥିବାରୁ କୋର୍ଟ ଅବମାନନା ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଲେଖାଶ୍ରୀ ଦାବି କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ବିଧାନସଭାରେ ଏବଂ ବାହାରେ ରାଜ୍ୟ ସରକାର ମିଛ କହିଥିବା ନେଇ ଅଭିଯୋଗ ଆସୁଛି। ଏହା ଅତ୍ୟନ୍ତ ଦୁଃଖଦାୟକ। ଏହି ପ୍ରସଙ୍ଗ ନିଶ୍ଚିତଭାବେ ଆସନ୍ତା ବିଧାନସଭା ଅଧିବେଶନରେ ଉଠାଯିବ। ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ହାଇକୋର୍ଟ ତା ତଦନ୍ତ କରି ସାର୍ଟିଫିକେଟ ଦେଉଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି, ଭାଜପା ପାଖରେ ତଥ୍ୟ ଏବଂ ସତ୍ୟତା ନାହିଁ, କେବଳ ହୀନ ରାଜନୀତି ଲାଗି ଏଭଳି ମନଗଢ଼ା କଥା କହୁଛନ୍ତି।






# ବ୍ରାଉନସୁଗାର ଜବତ: ୨ ଗିରଫ

**ଭଦ୍ରକ ଅଫିସ, ୧୫।୧:** ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳରୁ ଶୁକ୍ରବାର ୨୭ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଛି ପୁରୁଣାବଜାର ପୋଲିସ। ସେମାନେ ହେଲେ ଗ୍ରାମାଞ୍ଚଳ ଥାନା ଅଧୀନ କୋଡ଼ଗମ୍ଭୀର ଗାଁର ବିଜୟ କୁମାର ମିଶ୍ର ଓ ବାସୁଦେବପୁର ଅଞ୍ଚଳର ପ୍ରଦୀପ ମଲ୍ଲିକ। ଏହି ଥାନା ଅଧୀନ ଆର୍ଏମ୍ସି ମାର୍କେଟ ନିକଟରେ ବ୍ରାଉନସୁଗାର ବେପାର ହେଉଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ସମ୍ପୃକ୍ତ ବିଜୟଙ୍କୁ ଧରିଥିବା ବେଳେ ତାଙ୍କ ନିକଟରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ପରେ ପ୍ରଦୀପ ଏଥିରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇ ତାଙ୍କ ନିକଟରୁ ୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ପୁରୁଣାବଜାର ଥାନାରେ ମାମଲା (ନଂ.୨୧/୨୧) ରୁଜୁ ହୋଇଛି। ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା ସୂଚନା ଦେଇଛନ୍ତି।

# ମହିଳାଙ୍କ ନାଁରେ ସାଢ଼େ ୧୩ ଲକ୍ଷ ଜିଏସ୍‌ଟି ଠକେଇ

**ରାଉରକେଲା ଅଫିସ,୧୫।୧:** ରାଉରକେଲା ସହରରେ ପୁଣି ଏକ ଜିଏସ୍‌ଟି ଠକେଇ ହୋଇଛି। ଏକ ଠକ ଦଳ ବାଲୁଘାଟ ନୂଆ ବସ୍ତିର ଜଣେ ଗରିବ ମହିଳା ଝୁନୁ ପ୍ରଧାନଙ୍କ ନାମରେ ୧୩ ଲକ୍ଷ ୩୮ ହଜାର ୧୦୮ ଟଙ୍କା ଠକି ନେଇଛନ୍ତି। ସେମାନେ ଝୁନୁଙ୍କ ନାମରେ ତ୍ରିନେତ୍ର ଟ୍ରେଡ଼ର୍ସ ନାମକ ଏକ ଜାଲ୍ କମ୍ପାନୀ ଖୋଲି ୭୫ ଲକ୍ଷ ଟଙ୍କାର ବ୍ୟବସାୟ କରିଛନ୍ତି। ଏହି ଠକ ଦଳ ନିଜ ବ୍ୟବସାୟର ଠିକଣା କଳିଙ୍ଗ ଷ୍ଟିଲ କମ୍ପାନୀ, ବାସନ୍ତୀ କଲୋନୀ, ଘର ନଂ.ଏଫଏଲ/୨୮୦ ରଖିଥିବା ସୂଚନା ମିଳିଛି। ଉକ୍ତ କମ୍ପାନୀର ମାଲିକଙ୍କ ନାମ ଅଶୋକ କପାଟ ବୋଲି ଦର୍ଶାଯାଇଛି। ଏ ନେଇ ଜିଏସ୍‌ଟି କର୍ତ୍ତୃପକ୍ଷ ଅବଗତ ହେଲା ପରେ ଘଟଣାର ତଦନ୍ତ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଏହି ବସ୍ତିରେ ପୂର୍ବରୁ ୩ ଜଣ ବ୍ୟକ୍ତି ଏଭଳି ଠକେଇର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ଜଣେ ଚା' ଦୋକାନୀ ହୋଇଥିବା ବେଳେ ଅନ୍ୟ ଦୁଇଜଣ ମୁଢ଼ି ଓ ପାମ୍ପଡ଼ ବ୍ୟବସାୟୀ ବୋଲି ଜଣାପଡ଼ିଛି।


ଠକେଇର ଶିକାର ହୋଇଥିବା ମହିଳା।





FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: SAMBALPUR**: Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628; **ROURKELA:** Unique TVS, Ph : 8114372182, 8114372181, Guru Gobind TVS, Ph: 9776280601, 9437203299 ; **JHARSUGUDA:** Gunnu TVS, Ph: 8586977624; **SONEPUR:** Minerva TVS, Ph : 6370700730, 6370700732; **BHAWANIPATNA** : Raj Rajeswari TVS, Ph : 7682809880. **Authorised Dealers:** Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; Khariar Road, Ph.: 9938098888; Sohela, Ph.: 9938739550; Bhatli, Ph : 9090140103; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996; Diptipur, Ph : 7894726957, 9937219913; Dhama, Ph : 7735079641; Birmaharajpur, Ph : 8018860710.

dentsuindia/dha sam/01/21

**ଜଡାମୁଣ୍ଡା ଫୁଟବଲ: ସୁଜିଆ, ଅମାମୁଣ୍ଡା ବିଜୟୀ**

ଲୋଇସିଂହା (ଡି.ଏନ.ଏ): ଲୋଇସିଂହା ସ୍ଥିତ ଜଡାମୁଣ୍ଡା ଆଦିବାସୀ ଫୁଟବଲ କ୍ଲବ ଆନୁକୂଲ୍ୟରେ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସୁଜିଆ ଓ ବଡଟିକା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ସୁଜିଆ ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି କଅଗାଁ ଓ ଅମାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଅମାମୁଣ୍ଡା ବିଜୟୀ ହୋଇଥିଲା। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅଦିବାସୀ ନେତା କାହ୍ନୁ ପଧାନ, ଯୁବ ସଭାପତି ପ୍ରକାଶ ମହାରଣା, ଛାତ୍ର ସଭାପତି ଟିବୁଲୁ କଦମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବାଘ ଭୟରେ ତାଟି କବାଟ ବନ୍ଦ, ବାହାରକୁ ଯିବାକୁ ଲୋକଙ୍କୁ ଭୟ

ତରବୋଡ/ନୂଆପଡା ଅଫିସ, ୧୫।୧ (ଡି.ଏନ.ଏ.): ନୂଆପଡା ଜିଲା କୋମନା ବନାଞ୍ଚଳରେ ବାଘର ଆତଙ୍କ ଦିନକୁ ଦିନ ବଢି ଚାଲିଛି। ଗୋଟିଏ ସପ୍ତାହ ପୂର୍ବେ ଭରୁଆମୁଣ୍ଡା ଗାଁରେ ବାଘ ଆତଙ୍କ ଲାଗି ରହିଥିବା ବେଳେ ଗୁରୁବାର ବାଗମୁଣ୍ଡାରେ ବାଘ ବୁଲୁଥିବା ଜଣାପଡ଼ିଥିଲା । ଶୁକ୍ରବାର ତମାମ କୋମନା ବନାଞ୍ଚଳ କାସିପଲା ଓ ଦିଆମୁଣ୍ଡା ଗାଁ ମଝିରେ କାଜୁ ବଗିଚାରେ ବାଘ ରହିଥିବା ପ୍ରତକ୍ଷ୍ୟଦର୍ଶୀ ଚନ୍ଦ୍ର ମାଝି ପ୍ରକାଶ କରିଛନ୍ତି। କସିପଲା ଗାଁର ଜଣେ ଲୋକ ଛେଳି ଚରାଇ ଆଣିଥିବା ବେଳେ ଗୋଟିଏ ଛେଳି ଛୁଆକୁ ନେଉଥିବା ବେଳେ ପାଖରେ ଥିବା ଲୋକେ ଚିତ୍କାର କରିବାରୁ ବାଘ ଛୁଆକୁ ଛାଡି ଚାଲି ଯାଇଥିଲା। କୋମନା ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରୁଥିବା ରେଞ୍ଜର ଜଗଦୀଶ ଦୂରିଆ ସୂଚନା ଦେଇଛନ୍ତି ।

### ନାବାଳିକା ଉଦ୍ଧାର ପରେ ବାପାଙ୍କୁ ହସ୍ତାନ୍ତର

ତରବୋଡ/ନୂଆପଡା ଅଫିସ, ୧୫।୧ (ଡି.ଏନ1.ଏ.): ନୂଆପଡା ଜିଲା ବୋଡେନ ଥାନା ବରଗାଁକୁ ଚାଲି ଆସିଥିବା ଜଣେ ଅଚିହ୍ନା ଆଦିବାସୀ ନାବାଳିକାଙ୍କୁ ସ୍ଥାନୀୟ ଲୋକ ତଥା ବୋଡେନ ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣକ ସିନାପାଲି ଥାନା ଗୋଜିଆ ଡଙ୍ଗରୀ (କେନ୍ଦୁମୁଣ୍ଡା)ଗାଁର ତପିରାମ ମାଝିଙ୍କ ଝିଅ ପ୍ରେମଣୀ ବୋଲି ଜଣାପଡିଛି। ଗୁରୁବାର ସକାଳୁ ତାଙ୍କ ପରିବାରକୁ ନ ଜଣାଇ ସେ ବରଗାଁକୁ ଚାଲି ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କର ଠିକଣା ଜାଣି ନ ଥିବାରୁ ବୋଡେନ ପୋଲିସରେ ଖବର ଦେଇଥିଲେ। ବୋଡେନ ପୋଲିସ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ତାଙ୍କ ବାପାକୁ ଖବର ଦେଇଥିଲେ। ଝିଅର ବାପା ବରଗାଁକୁ ଆସି ଝିଅଙ୍କୁ ଦେଖି ଖୁସି ହୋଇଛନ୍ତି। ଆଦିବାସୀ ନାବାଳିକା ଝିଅଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ବୋଡେନ ଥାନା ଆଇଆଇସି ସୋଭାକର ସେଠ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

### ରାସ୍ତାରେ ଓଭର ଲୋଡିଂ ଟ୍ରକ୍

ରିଷିଡା, ୧୫।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା-କେସିଙ୍ଗା ରାସ୍ତାରେ ନିୟମିତ ଭାବେ ଓଭର ଲୋଡିଂ ଟ୍ରକ ଯାତାୟାତ କରୁଛି। ଟ୍ରକର ଉପରେ ୩ ଥାକ ଧାନ ବସ୍ତା ବୋଝେଇ କରି ରାସ୍ତାରେ ଯିବା ବେଳେ ରାସ୍ତା ଉପରେ ଥିବା ବିଦ୍ୟୁତ ତାର, ସର୍ଭିସ ତାରଗୁଡିକ ଛିଣ୍ଡି ପଡୁଛି। ରାସ୍ତାର ମଝିରେ ଟ୍ରକ ଯାଉଥିବା ବେଳେ ଟ୍ରାଫିକ ଜାମ ହେଉଛି। ଓଭର ଲୋଡିଂ ଟ୍ରକକୁ ଧରପକଡ କରିବା ପାଇଁ ସାଧାରଣରେ ଦାବି ହେଉଛି ।

### ୩ ଯୁବ ଓକିଲ ସମ୍ମାନିତ

ଲୋଇସିଂହା,୧୫।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ରାମ ମନ୍ଦିର ପରିସରରେ ମକର ସଂକ୍ରାନ୍ତି ଉପଲକ୍ଷେ ମକର ମିଳନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଜନ ସଂକୀର୍ତ୍ତନ ହୋଇଥିଲା। ଲୋଇସିଂହା ଓକିଲ ସଂଘ ସଭାପତି ରାଜେଶ ବାବୁ, ସମ୍ପାଦକ ରାଜେନ୍ଦ୍ର ନାଏକ, ଯୁଗ୍ମ ସମ୍ପାଦକ ଗୌରୀଶଙ୍କର ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ଗଜାନାନ ଅଗ୍ରୱାଲ, ବିଭୂତି ଭୂଷଣ ସାହାଣୀ, ଧର୍ମସିଂ ମିଶ୍ର, ସମାରୁ ପ୍ରଧାନ, ରାମଚନ୍ଦ୍ର ପଟେଲ, ଗୌର ଚରଣ ନାଏକ, ବିଶ୍ୱନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ । ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ମାନସ ବିହାର ରାମମନ୍ଦିରରେ ମକର ଉତ୍ସବ ପାଳିତ ହୋଇଥିଲା ।

### ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଗଠିତ

ଲୋଇସିଂହା,୧୫।୧(ଡି.ଏନ.ଏ): ଲୋଇସିଂହା ଆଦିବାସୀ ଭବନରେ ଲୋଇସିଂହା ବ୍ଲକର ପ୍ରାଥମିକ ଶିକ୍ଷକମାନଙ୍କ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଗଠିତ ହୋଇଥିଲା। ବୈଠକରେ ତରଣୀସେନ ସାହୁ ଅଧ୍ୟକ୍ଷତା କରିଥିଲେ। ସର୍ବସମ୍ମତିକ୍ରମେ କରୁଣାକର ପଟେଲ ସଭାପତି, ଲଳିତ ପୁଟା ଓ ସୁଖୀରାମ ମୁଦୁଲି ଉପସଭାପତି, ପର୍ଶୁରାମ ସୁନା ସମ୍ପାଦକ, ସତ୍ୟନାରାୟଣ ପଧାନ ଓ ସୁରେନ୍ଦ୍ର ପୁଟା ଯୁଗ୍ମ ସମ୍ପାଦକ, ଚିନ୍ତାମଣି ବାରିକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଶେଷରେ ବିଜୟ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ୟାକ୍ସରେ ତାଲା ପକାଇଲେ ଚାଷୀ

ତରବୋଡ/ନୂଆପଡା ଅଫିସ, ୧୫।୧ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ତରବୋଡ ପ୍ୟାକ୍ସରେ ଗତ ଡିସେମ୍ବର ୧୬ ତାରିଖରୁ ଟୋକନ ପାଇଥିବା ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି। ଶନିବାର କେତେ ଚାଷୀଙ୍କ ଟୋକନ ଲାପ୍ସ ହେବାକୁ ଯାଉଛି। ଚାଷୀ ହତାଶ ହୋଇ ଆନ୍ଦୋଳନର ପନ୍ଥା ଆରମ୍ଭ କଲାଣି । ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀ ତରବୋଡ ମଣ୍ଡିଠାରୁ ଏକ ସୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି କୃଷି ସମବାୟ ସମିତିକୁ ଯାଇ ତାଲା ପକାଇଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ୟାକ୍ସ ସମ୍ପାଦକ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଚାଷୀ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିବା ପାଇଁ ଯୋଜନା କରୁଥିବା ବେଳେ ତରବୋଡ ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ ୨୪ ଘଣ୍ଟା ମହଲତ ଦେଇଛନ୍ତ। ୨୪ ଘଣ୍ଟା ଭିତରେ ମଣ୍ଡିରୁ ଧାନ ଉଠା ନ ଗଲେ ତାହାର ଅନ୍ୟ ଉପାୟ କରିବ ବୋଲି ପ୍ରତିଶ୍ରୁତି ଦେବାରୁ ଚାଷୀ ରାସ୍ତା ଅବରୋଧ ନ କରି ମଣ୍ଡି ପାଖରେ ଧାରଣାରେ ବସିଛନ୍ତି। ଏଆରସିଏସ ଭିକାରୀ ଚରଣ ସେଠ ଆସି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ତରବୋଡ ପାଇଁ ୨୦୦୦ କୁଇଣ୍ଟାଲ ଧାନର ଟାର୍ଗେଟ ଅଛି ବୋଲି କହିଥିଲେ। ଚାଷୀମାନେ ଆମକୁ ୮ରୁ ୧୦ ହଜାର କୁଇଣ୍ଟାଲର ଟାର୍ଗେଟ ପାଇଁ ଦାବି କରିଥିଲେ। ଆଜକୁ ପ୍ରାୟ ୧୫ ଦିନ ହେବ ମଣ୍ଡିରେ ଧାନ ପଡି ଚାଷୀ ଶୀତ, କାକରରେ ଜଗି ରହିଛି । ୨୦,୦୦୦ କୁଇଣ୍ଟାଲ ଧାନ ମଣ୍ଡିରେ ପଡିଛି। ମଣ୍ଡିରେ ଧାନ ପଡି ରହି ନଷ୍ଟ ହେବାକୁ ଗଲାଣି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ଜିଲା ପ୍ରଶାସନକୁ ଚାଷୀ ଅନେକ ଥର ଲିଖିତ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ସବୁ ଦାୟୀ ଜିଲା ପ୍ରଶାସନ ବୋଲି ଶନିବାର ଚାଷୀମାନେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଚାଷୀ ନେତା ଯୋଗେନ୍ଦ୍ର ବାଗ, ଦୟାସାଗର ପ୍ରଧାନ, ଗଦାଧର ଗହିର, ଖଗେଶ୍ୱର ନାଗ, ରଥିରାମ ଖର୍ସେଲ, ଯୋଗେନ୍ଦ୍ର ନାୟକ, ମୋହନ ମାଝି, ଗଣପତି ଶବର, ଜଳଧର କାଣ୍ଡ, ନରସିଂ ରଣା, ଗୋପି ମାଝି ପ୍ରମୁଖ ଶତାଧିକ ଚାଷୀ ଧାରଣାରେ ବସିଛନ୍ତି।



କୃଷି ସମବାୟ ସମିତିରେ ଚାଷୀ ତାଲା ପକାଉଛନ୍ତି ।

**ତରବୋଡ଼ ମଣ୍ଡି**
- ୧୫ ଦିନ ହେଲା ମଣ୍ଡିରେ ପଡ଼ିଛି ଧାନ

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ମନ୍ତ୍ରୀ ବୁଢ଼ାବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

ସଇଁତଲା, ୧୫।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟ ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ସଇଁତଲାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୭ ଲକ୍ଷ ଟଙ୍କା ବ୍ୟୟରେ ୩୦ ଶଯ୍ୟା ପାଇଁ ୱାର୍ଡ଼ ଗୃହର ଶିଳାନ୍ୟାସ କରିଛନ୍ତି। ଏହାସହ ଡେଙ୍ଗ ପଞ୍ଚାୟତ ବ୍ରାହ୍ମଣୀ ଯୋରରେ ୨୪ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚମ ଉଠାଜଳସେଚନ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ଉଠାଜଳସେଚନ ଦ୍ୱାରା ଅଂଚଳର ୩୬ଜଣ ଚାଷୀଙ୍କ ୫୦ ଏକରରୁ ଅଧିକ ଜମିରେ ଜଳସେଚିତ ହୋଇପାରିବ ବୋଲି ଉପସ୍ଥିତ ବଲାଙ୍ଗୀର ଉଠା ଜଳସେଚନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାଣଜିତ କାମ ଓ ସହାକାରୀ ଯନ୍ତ୍ରୀ ଅମୃତ କୁମାର ବାଗଙ୍କ ସୂତ୍ରରୁ ପ୍ରକାଶ। ଆୟୋଜିତି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ସେଠୀ ସହଯୋଗ କରିଥିଲେ। ସେହିଭଳି ବୁଢ଼ାବାହାଲଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ଟିଡ଼ିପିଏଚଯୁ (ଟିବି)ର ଡ଼ା. ତୁଷାର ଠାକୁର, ଡ଼ା. ସମରେନ୍ଦ୍ର ମହାପାତ୍ର, ପିଏଚୟୁ ମୀନା ତ୍ରୀପାଠୀ, ବିପିଓ ପରେଶ ସାହୁ, ଗୁଡ଼ଭେଲାର ଡ଼ା. ସୁମିତ ମେହେର, ସହକାରୀ ଯନ୍ତ୍ରୀ ଇଂ ଆଲୋକ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର ସାହୁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡ଼ାଙ୍ଗ, ଡେଙ୍ଗ ସରପଞ୍ଚ ଜେମାମଣୀ ମଲ୍ଲିକ, କୁମ୍ଭାରୀ ସରପଞ୍ଚ ମନୋଜ କଠାର, ବୁଢ଼ାବାହାଲ ସରପଞ୍ଚ କପିଲ ଭୋଇ, ଦ୍ରୋପଦୀ ପାତ୍ର, ଟୁନୁ ରାଜପାଲିଆ, ପରମେଶ୍ୱର କର୍ମୀ, ସଞ୍ଜୀବ ବାଗ, ଅଖିଳ ରଣାଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ ।

# ଏନ୍‌ଏସି ଅଫିସ ଘେରାଉ କଲେ ଅସ୍ଥାୟୀ କର୍ମଚାରୀ

କଣ୍ଟାବାଞ୍ଜି, ୧୫।୧ (ଡି.ଏନ.ଏ.)

ଶୁକ୍ରବାର କଣ୍ଟାବାଞ୍ଜି ଏନଏସିର ୬୧ଜଣ ଡିଏଲଆର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ନେଇ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ଏନଏସି ଅଫିସ ଘେରାଉ କରିଛନ୍ତି। କଂଗ୍ରେସ କର୍ମୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଏନଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଏନଏସି କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଏକ ଶୋଭା କରି କଣ୍ଟାବାଞ୍ଜି ଏନଏସି ଅଫିସରେ କାର୍ଯ୍ୟରତ ୫୨ଜଣ ଡିଏଲଆର ସଫେଇ କର୍ମଚାରୀ, ୯ଜଣ ଅଫିସ କର୍ମଚାରୀ ଦୀର୍ଘ ୧୦/୧୨ବର୍ଷ ହେଲା ଚାକିରି କରି ସୁଦ୍ଧା ନିୟମିତ ହୋଇ ନ ଥିବାରୁ ସ୍ଥାୟୀ କରିବା ଦାବି କରିଛନ୍ତି। ଅସ୍ଥାୟୀ ୬୧ଜଣ ଡିଏଲଆର କର୍ମଚାରୀଙ୍କୁ ଯଥାଶୀଘ୍ର ସ୍ଥାୟୀ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଚିଠି ଲେଖିବା ସହିତ ନିର୍ଦ୍ଦେଶ ନ ଆସିବା ଯାଏ ସେମାନଙ୍କୁ କାର୍ଯ୍ୟରେ ରଖାଯାଉ ବୋଲି ବିଧାୟକ ଦାବି କରିଛନ୍ତି। ଏକ ଦାବିପତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଜୟଶ୍ରୀଙ୍କ ଜରିଆରେ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦେଇଛନ୍ତି। ଘେରାଉରେ ନଗର କଂଗ୍ରେସ ସଭାପତି ଡମ୍ବରୁଧର ବେହେରା, ସମ୍ପାଦକ ଘନଶ୍ୟାମ ଗୁପ୍ତାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଓ ଡିଏଲଆର କର୍ମଚାରୀ ସାମିଲ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟାବସ୍ଥା କରାଯାଇଥିଲା।



କଂଗ୍ରେସ କର୍ମୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ଏନଏସି ଅଫିସ ଘେରାଉ କରିଛନ୍ତି ।

**୬୧ ଡିଏଲଆର କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଦାବି**

### ସ୍କୁଟିକୁ ପିଟିଲା ଟ୍ରକ୍: ଝିଅ ମୃତ, ମା' ଗୁରୁତର

ଭବାନୀପାଟଣା, ୧୫।୧ (ଡି.ଏନ.ଏ.)

ଭବାନୀପାଟଣା ସହର ନିକଟ ଏକ ହୋଟେଲ ନିକଟରେ ସ୍କୁଟିକୁ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ଝିଅର ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ଆହତ ହୋଇଛନ୍ତି। ଭବାନୀପାଟଣା ସହରର ପୁରୁଣାପଡାରୁ ବାନ୍ଦୋପଲା ଶିବ ମନ୍ଦିରକୁ ମା' ସୁପ୍ରଭା ପଟ୍ଟନାୟକ(୪୦) ସ୍କୁଟି (ନଂ.ଓଡି୦୮ଜି-୩୭୮୧) ଚଳାଉଥିଲେ। ଝିଅ ଶ୍ରୀୟାନ୍‌ସି ମହାନ୍ତି (୧୩) ପଛରେ ବସିଥିଲେ। ସେହି ସମୟରେ ଭବାନୀପାଟଣାରୁ ଜୁନାଗଡ ଅଭିମୁଖେ ଯାଉଥିବା ଟ୍ରକ (ନଂ.ସିଜି୦୪ଜି-୩୫୫୪) ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ମା' ଓ ଝିଅ ଛିଟିକି ତଳେ ପଡ଼ି ଗୁରୁତର ହୋଇଥିଲେ। ଘଟଣାସ୍ଥଳରୁ ଲୋକେ ତାଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀୟାନ୍‌ସିଙ୍କ ମୃତ୍ୟୁ ହୋଇଥିଲା। ରିପୋର୍ଟ ଲେଖା ହେବା ବେଳକୁ ମା'ଙ୍କ ଚେତା ଫେରି ନ ଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକ ନେଇ ଫେରାର ହେଉଥିବା ବେଳେ ରିଷିଗାଁ ନିକଟରେ ପିସିଆର ଭ୍ୟାନ୍ ଅଟକାଇଥିଲା। ଟ୍ରକ ଡ୍ରାଇଭର ଜଣକ ହେଲେ ଜୁନାଗଡ ଥାନା କୋଟନ ଗ୍ରାମର ବସନ୍ତ ଭାଟି। ଟ୍ରକ ଓ ଡ୍ରାଇଭରଙ୍କୁ ଆଣି ଥାନାରେ ଅଟକ ରଖାଯାଇଛି। ଶ୍ରୀୟାନ୍‌ସି ଭବାନୀପାଟଣା ହାଇଟେକ ପବ୍ଲିକ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ଥିଲେ। ଗୁରୁତର ସୁପ୍ରଭା ପଟ୍ଟନାୟକ ଘଣ୍ଟବାହାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି।

# ଶୁଳିଆ ଯାତ୍ରା ପାଇଁ ପ୍ରଶାସନ ସହ ଆଲୋଚନା



ଶୁଳିଆ ଯାତ୍ରା ପୂଜା କମିଟି ସହ ପ୍ରଶାସନର ଆଲୋଚନା ବୈଠକ।

ବଲାଙ୍ଗୀର ଅଫିସ, ୧୫।୧

ଆସନ୍ତା ୧୯ ତାରିଖରେ ପ୍ରସିଦ୍ଧ ଶୁଳିଆ ଯାତ୍ରା ଅନୁଷ୍ଠିତ ହେବ। ମିଳିତ ଶୁଳିଆ ଯାତ୍ରା କମିଟି ପକ୍ଷରୁ ଏ ନେଇ ପ୍ରସ୍ତୁତି ଆରମ୍ଭ କରାଯାଇଛି। କୋଭିଡ୍ ମହାମାରୀକୁ ଆଖିଆଗରେ ରଖି କିଭଳି ସୁରୁଖୁରୁରେ ପ୍ରାରମ୍ପରିକ ନୀତିନୀତିରେ ପୂଜାର୍ଚ୍ଚନା ହେବ ସେ ନେଇ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ସରିଥିଲା। ଶୁକ୍ରବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଶୁଳିଆ ଯାତ୍ରା ପୂଜା କମିଟି ସହ ପ୍ରଶାସନର ଆଲୋଚନା ହୋଇଥିଲା। ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା କମିଟି ପକ୍ଷରୁ ସଭାପତି ମୟ ପ୍ରଧାନୀ, ମୁଖ୍ୟ ପୂଜକ ସୋମନାଥ ଦେହେରିଆ, କପୁର୍ଚ୍ଚନ ଭୋଇ, କୈଳାସ ମିଶ୍ର, ତୁଷରା ଥାନାଧିକାରୀ, ଦେଓଗାଁ ତହସିଲଦାର, ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ପାରମ୍ପରିକ ରୀତିନୀତିରେ ଯେଭଳି ସୁରୁଖୁରୁରେ ପୂଜା ହେବେ ସେ ନେଇ ପ୍ରଶାସନ ସୁବ୍ୟବସ୍ଥା କରିବାକୁ କମିଟି ସଦସ୍ୟମାନେ କହିଥିଲେ। କୋଭିଡ ନିୟମ ପାଳନ, ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ପାଳନ କରିବାକୁ ପ୍ରଶାସନ ଗୁରୁତ୍ୱ ଦେଇଥିଲେ। ଶ୍ରଦ୍ଧାଳୁଙ୍କ ଆସ୍ଥା ବିଶ୍ୱାସ ସହ ସେମାନଙ୍କ ଜୀବନ ରକ୍ଷା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ବଳି ପକାଯିବାକୁ ନେଇ କମିଟି ସଦସ୍ୟମାନେ ସ୍ପଷ୍ଟ କରିଥିଲେ।

- କୋଭିଡ୍ ନିୟମ ପାଳନ ଉପରେ ଗୁରୁତ୍ୱ
- ପାରମ୍ପରିକ ରୀତିନୀତିରେ ହିଁ ପୂଜା ହେବ: କମିଟି

# ଯାଜପୁରରୁ ଧରାପଡ଼ିଲା, ଅଭିଯୁକ୍ତ କୋର୍ଟଚାଲାଣ

କୋକସରା, ୧୫।୧ (ଡି.ଏନ.ଏ.)

**ଶିକ୍ଷକଙ୍କ ଘରୁ ଡକାୟତି ଘଟଣା**

କଳାହାଣ୍ଡି ଜିଲା କୋକସରା ଥାନା ମୋଟେର ଗ୍ରାମର ଶିକ୍ଷକ ଯଯାତି ପାଟଯୋଶୀଙ୍କ ଘରେ ପଶି ଗତ ଡିସେମ୍ବର ୨୬ ତାରିଖ ବିଳମ୍ବିତ ରାତିରେ ବନ୍ଧୁକ ମୁନରେ ଡକାୟତି ଘଟଣାରେ ଜଣଙ୍କୁ ଗିରଫ କରି ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାପିନା ବେହେରା ଓରଫ ବାପି। ଅଭିଯୁକ୍ତଠାରୁ ବୁଲେଟ ସହ ୧୩ ତୋଳା ସୁନାଗହଣା ଜବତ କରାଯାଇଛି। ସୂଚନା ଅନୁସାରେ, ଡକାୟତିରେ ୪୦ ଭରି ସୁନା ଗହଣା ସହ ଏକ ବୁଲେଟ ବାଇକ୍ ଓ ଏଲଇଡି ଟିଭି ଚୋରି ହୋଇଥିଲା। ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଯାଜପୁର ଜିଲା ସୁକିନ୍ଦା ପୋଲିସ ଏକ ବୁଲେଟ ସହ ବାପିନାଙ୍କୁ ଗିରଫ କରି ସୁକିନ୍ଦା ଥାନା କେଶ ନମ୍ବର ୯/୨୧ ରୁଜୁ କରି କୋର୍ଟ ଚାଲାଣ କରିଥିଲା। ମୋଟେରରୁ ଚୋରି ବୁଲେଟର ଚେଚିସ ଓ ଇଞ୍ଜିନ ନମ୍ବର ସହ ସୁକିନ୍ଦା ପୋଲିସ ଜବତ କରିଥିବା ବୁଲେଟ ସହ ମେଳ ଖାଇଥିଲା। ଏଥିରୁ ଡକାୟତି ଘଟଣାରେ ବାପିନା ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ସହ ବୁଲେଟ ଯଯାତିଙ୍କ ବୋଲି ଜଣାପଡିଥିଲା । କୋକସରା ଥାନା ଅଧିକାରୀ ବାସୁଦେବ ଛାତ୍ରିଆଙ୍କ ନେତୃତ୍ୱରେ ଏକ ଟିମ ସୁକିନ୍ଦା ଯାଇ ଯାଜପୁର ଜେଏମଏଫସି କୋର୍ଟରୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ କୋକସରା ଆଣି କୋକସରା ଥାନା କେଶ ନମ୍ବର ୨୮୬/୨୦ରେ ପୁଣି ବାପିଙ୍କୁ ଡକାୟତି ଘଟଣାରେ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବାରୁ କୋକସରା ଜେଏମଏଫସି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଧର୍ମଗଡ ଜେଲ କୁ ପଠାଯାଇଛି। ଏହି ଡକାୟତି ଘଟଣାରେ ଅନ୍ୟ କିଛି ଲୋକଙ୍କ ସମ୍ପୃକ୍ତି ଥିବାବେଳେ ତଦନ୍ତ ଜାରି ରହିଥିବା କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି।

# ଡିପ୍ ବୋର୍‌ୱେଲ ଗାଡ଼ି, ଜେଇ ଅଟକ

ପଦ୍ମପୁର, ୧୫।୧ (ଡି.ଏନ.ଏ)

ରାଜ୍ୟ ସରକାର ବିଜୁ କୃଷକ ବିକାଶ ଯୋଜନାରେ ଚାଷୀମାନେ ୪ ବର୍ଷ ଧରି ଡିପ୍ ବୋର୍‌ୱେଲ ପାଇଁ ଟଙ୍କା ଜମା କରିଥିଲେ ମଧ ସେମାନଙ୍କ କ୍ଷେତରେ ଏହା ଖୋଲା ଯାଇନାହିଁ। ଗତ ୨ ମାସ ହେଲା ଚାଷୀଙ୍କ କ୍ଷେତରେ ଡିପ୍ ବୋରୱେଲ ଖୋଳାଯିବାକୁ ଗାଡି ଆସିଥିଲା ଏବଂ ବୋରୱେଲ ନ ଖୋଳି ଶୁକ୍ରବାର ଫେରିଯାଉଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀମାନେ ଉକ୍ତ ଗାଡି ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅଟକ ରଖିଥିଲେ। ତେବେ ବୋର୍‌ୱେଲ ଖୋଳାଯିବା ପରେ ସେମାନେ କନିଷ୍ଠ ଯନ୍ତ୍ରୀଙ୍କୁ ଛାଡିଥିବା ଜଣାପଡିଛି।

ସୂଚନା ଅନୁସାରେ, ଏହି ଯୋଜନାରେ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଛୋଟ ଅନକି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ ଅନକି ଗ୍ରାମର ଆବେଦନ କରିଥିବା ୨୪ ଜଣ ଚାଷୀଙ୍କ କ୍ଷେତରେ ଡିପ୍ ବୋରୱେଲ ଖୋଳିବା ପାଇଁ ୪ଟି ଗାଡି ଆସିଥିଲା। ପ୍ରଥମେ ଚାଷୀ ଖଗେଶ୍ୱର ସିଦ୍ଧାରଙ୍କ କ୍ଷେତରେ ବୋରୱେଲ ଖୋଳାଯାଇଥିଲା। ଏହି ସମୟରେ ଅନ୍ୟ ଚାଷୀମାନଙ୍କ ଜମିରେ ବୋରୱେଲ ଖୋଳାଯିବ ନାହିଁ ବୋଲି ଉଠାଜଳସେଚନ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ ଭୂମିସୁତା କୁଅଁର ଫୋନ କରି କହିବାରୁ ଗାଡି ଗୁଡିକ ବଡଅନକି ଗାଁରୁ ଯାଉଥିବା ବେଳେ ଗ୍ରାମବାସୀ ଏହାର ପ୍ରତିବାଦ କରି ସମସ୍ତ ବୋରୱେଲ ନ ଖୋଳିବା ପର୍ଯ୍ୟନ୍ତ ଗାଡି ଛଡାଯିବ ନାହିଁ କହି ଚାଷୀମାନେ ଗାଡି ଅଟକାଇଥିଲେ। ବୋରୱେଲ ଗାଡି ନେବା ପାଇଁ କନିଷ୍ଠ ଯନ୍ତ୍ରୀ କୁଅଁର ସେଠାରେ ପହଞ୍ଚିବାରୁ ଚାଷୀମାନେ ତାଙ୍କୁ ମଧ ଅଟକ ରଖିଥିଲେ। ଖବର ପାଇ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ବଡଅନକି ଗ୍ରାମକୁ ପହଞ୍ଚି ଯେପର୍ଯ୍ୟନ୍ତ ବୋରୱେଲ ଖୋଳାଯିବ ନାହିଁ ଗାଡି ସବୁ ଅଟକ ରଖାଯିବ ବୋଲି ବରଗଡ ଉଠାଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ନିର୍ବାହୀ ଇଞ୍ଜିନିୟରଙ୍କୁ ସୂଚନା ଦେଇଥିଲେ। ପରିସ୍ଥିତି ଦେଖି ପୁଣି ବୋରୱେଲ ଖୋଳା ଆରମ୍ଭ ହେବା ପରେ କନିଷ୍ଠ ଯନ୍ତ୍ରୀଙ୍କୁ ଛଡାଯାଇଥିଲା। ଏହି ଆନ୍ଦୋଳନରେ ଚାଷୀ ଧନୀରାମ ସାହୁ, ଗୋରା ବରିହା, ପୂର୍ଣ୍ଣାନନ୍ଦ ସାହୁ, ଉଦ୍ଧବ ନାଗ, ଚିନ୍ତାମଣି ରାଉତ, କୃଷ୍ଣ ଚନ୍ଦ୍ର ସାହୁ, ସନ୍ତୋଷ ପ୍ରଧାନ, ଧନେଶ୍ୱର ବରିହା ପ୍ରମୁଖ ସାମିଲ ହୋଇଥିଲେ ।

# ଟ୍ରାକ୍ଟର ଧକ୍କାରେ ସ୍କୁଟି ଆରୋହୀ ମୃତ



ଧର୍ମଗଡ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଛି।

ଧର୍ମଗଡ, ୧୫।୧ (ଡି.ଏନ.ଏ.)

**ଡାକ୍ତରଖାନାରେ ଚାପା ଉତ୍ତେଜନା**

କଳାହାଣ୍ଡିଜିଲା ଧର୍ମଗଡ ସହର ମେରଘରା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ସ୍କୁଟି ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ରୁଦ୍ର ନାରାୟଣ ନାଏକ ଓ ତାଙ୍କ ଘର ଭବାନୀପାଟଣାର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଧର୍ମଗଡ ବ୍ଲକ ସୋଶିଆ ଗ୍ରାମରୁ ରୁଦ୍ର ଓ ତାଙ୍କ ଜଣେ ସାଙ୍ଗ ରଫିସ କାମ ସାରି ଭବାନୀପାଟଣାକୁ ଏକ ସ୍କୁଟି (ନଂ. ଓଡି୦୮ଏମ୍-୩୨୨୬)ରେ ଆସୁଥିଲେ। ମେରଘରା ଛକ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର (ନଂ. ଓଡି୦୮-୧୫୦୭) ସହିତ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଉଭୟ ଛିଟିକି ପଡିଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ଗୁରୁତର ରୁଦ୍ରଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ରୁଦ୍ରଙ୍କ ଦେହରେ କୌଣସି ଆଘାତ ନ ଥିବାରୁ ପରିବାର ଲୋକେ ପୁର୍ନବାର ତାଙ୍କ ଚିକିତ୍ସା କରିବା ପାଇଁ ଅଡିବସିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଡାକ୍ତରଖାନାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଧର୍ମଗଡ ଥାନାଧିକାରୀ ରୁନା ସେଠି ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ

ବଲାଙ୍ଗୀର ଅଫିସ, ୧୫।୧

ବଲାଙ୍ଗୀର ହାତୀଶାଳପଡାଠାରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେକ ଦୁର୍ବୃତ୍ତଙ୍କ ମାରଣାସ୍ତ୍ର ଆକ୍ରମଣରେ ୨ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆକ୍ରମଣରେ ନୀଳ କୁମ୍ଭାର ଓ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଜଣକ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଛି। ହାତୀଶାଳପଡାଠାରେ ନୀଳ ଓ ଅନ୍ୟ ଜଣେ ଯୁବକ ବସିଥିବା ବେଳେ ବ୍ରହ୍ମା ନାମକ ଜଣେ ଯୁବକ ଓ ତାଙ୍କ ୭/୮ ଜଣ ସହଯୋଗୀ ଆସି ଲୁହାରଡ୍, ଖଣ୍ଡା, ସକବ୍ ରଡ ଓ ଅନ୍ୟ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଟାଉନ୍ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଛନ୍ତି। କିଛିଦିନ ପୂର୍ବରୁ ଆହତ ନୀଳ ଓ ଆକ୍ରମଣକାରୀ ବ୍ରହ୍ମା ଜେଲରୁ ଜାମିନ୍‌ରେ ବାହାରିଥିବା ଜଣାପଡିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଗଣ୍ଡଗୋଳ ଘଟିଥିବା ଟାଉନ୍ ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି । ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଅଭିଯାନ ଆରମ୍ଭ କରିଛି।

## ଶିଶୁ ଉଦ୍ୟାନ ପାଇଁ ଭୂମିପୂଜନ

ବିନିକା (ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ରାମପୁର ଅଗ୍ନିଶମ ଅଫିସ ନିକଟ ପଡିଆରେ ଏକ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ଶୁକ୍ରବାର ଭୂମିପୂଜା ହୋଇଯାଇଛି । ରାମପୁର ଆଞ୍ଚଳିକ ଧନୁଯାତ୍ରା କମିଟି ସଭାପତି ତଥା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ପୂଜାରୀ ଭୂମିପୂଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାମପୁରର ସାମାଜିକ କର୍ମୀ ଉମେଶ ପୂଜାରୀ , ରାମପୁର ସରପଞ୍ଚ ସରୋଜ ମେହେର ,ସମିତି ସଭ୍ୟ ମନୋଜ ପୁରୋହିତ , ରାମପୁର ଗ୍ରାପର ନିର୍ବାହୀ ଅଧିକାରୀ ଆର. ବେହେରା , କେ. ଭରାସାଗର , ଗାନ୍ଧୀ ସାହୁ , ନିଧି ନନ୍ଦ , ଅବଧୂତ ପାଢ଼ୀ , କମ୍ବୁ ଲୋଚନ ସାହୁ ,ଉମା ପଧାନ , ଚିନ୍ତାମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କ୍ରିକେଟ: ବରତୁଣ୍ଡା ବିଜୟୀ

**ପାଇକମାଳ, ୧୫।୧ (ଡି.ଏନ.ଏ):** ପାଇକମାଳ ବ୍ଲକ ଜାମସେଠ ଗ୍ରାମରେ ଚାଲିଥିବା ୯ତମ ଜାମସେଠ ପ୍ରିମିୟର ଲିଗ୍ ଟି-୧୦ ତୃତୀୟ ଦିନରେ ତିନୋଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ପୁରେନ ଓ ଜାମସେଠ ମଧ୍ୟରେ ଅନୁଷ୍ଠିତ ହୋଇ ଜାମସେଠ ବିଜୟୀ ହୋଇଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍ ଭେରୁଆମୁଣ୍ଡା ଓ ବରତୁଣ୍ଡା ମଧ୍ୟରେ ହୋଇ ବରତୁଣ୍ଡା ବିଜୟୀ ହୋଇଥିଲା। ଜାମସେଠ-ଏ ଓ ବରତୁଣ୍ଡା ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବରତୁଣ୍ଡା ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଥିଲା। ଜାମସେଠ-ଏ ୧୦ ଓଭରରେ ୬ ଉଇକେଟ ହରାଇ ୬୩ ରନ କରି ପରାଜିତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗୀନ୍ଦ୍ର ଭୋଇ, ଗିରିଶ ଚନ୍ଦ୍ର ମାଝୀ, ଜିତୁନ ପଟ୍ଟନାୟକ ଓ ମଦନ ଭୋଇ ଯୋଗ ଦେଇଥିଲେ । ବରତୁଣ୍ଡା ଦଳର ଟଙ୍କଧରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଥମେ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ଗଙ୍ଗାଧର ରଣା, ଖରାମାଲ ସ୍କୁଲର ପ୍ରଧାନ ଶିକ୍ଷକ ଭାଗିରଥି ମାଝି, ଶିକ୍ଷୟିତ୍ରୀ ଲିଙ୍ଗେଶ୍ୱରୀ ମାଝୀ ଅତିଥି ଭାବେ ଯୋଗଦେଇ ଖେଳ ଉଦଘାଟନ କରିଥିଲେ ।

### ଯୋଗୀସର୍ଡାରେ ଗୀତା ଜୟନ୍ତୀ

**ଲୋଇସିଂହା,୧୫।୧(ଡି.ଏନ.ଏ):** ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଜଗନ୍ନାଥ ମନ୍ଦିରରେ ଗୀତା ଜୟନ୍ତୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରମଣି ତ୍ରିପାଠୀ ସସ୍ତ୍ରୀକ ଯଜ୍ଞରେ ଆହୂତି ପ୍ରଦାନ କରିଥିଲେ। ଶ୍ୟାମପ୍ରସାଦ ତ୍ରିପାଠୀଙ୍କ ସମେତ ବହୁ ବ୍ରାହ୍ମଣ ଗୀତାପାଠ କରିଥିଲେ। ନିମାଇଁ ପଧାନ, ଯବଦୁ ପଧାନ, ଦୁର୍ବାଦଳ ବାଗ, ବୀର ବାରିକ, ଗଦାଧର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବୟୋଜେଷ୍ଠ ନନ୍ଦୁଲାଲ ତ୍ରିପାଠୀ ଗୀତା ଜୟନ୍ତୀ ସମ୍ପାଦନ କରିଥିଲେ ।

### ଏବିଭିପି ପକ୍ଷରୁ ବ୍ୟାଡମିଣ୍ଟନ ପ୍ରତିଯୋଗିତା

**ଭବାନୀପାଟଣା, ୧୫।୧ (ଡି.ଏନ.ଏ.):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଏବିଭିପି କଳାହାଣ୍ଡି ଶାଖା ପକ୍ଷରୁ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଉଭୟ ୧୬ ବର୍ଷରୁ କମ୍ ଓ ୧୬ ବର୍ଷ ବୟସରୁ ଅଧିକ ଶ୍ରେଣୀର ଉଭୟ ସିଙ୍ଗଲ ଏବଂ ଡବଲସରେ ଅନେକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭାଗ ସଂଘଚାଳକ ଜୟ ନାରାୟଣ ବାବୁ, ଜିଲା କ୍ରୀଡା ଅଧିକାରୀ, ଶୁଭାଶିଷ ନାୟକ, ବୌଦ୍ଧିକ ପ୍ରମୁଖ ଅରୁଣ ନାଏକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଅଧାପକ ଜୟଦେବ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଏବିଭିପିର ପ୍ରାନ୍ତ ସହସମ୍ପାଦକ ବୁଦ୍ଧଦେବ ବାଗ, ଜିଲା ସଂଯୋଜକ ପୁରୁଷୋତ୍ତମ ବିଶି, କଳାହାଣ୍ଡି ବିଭାଗ ସୋସିଆଲ ମିଡିଆ ପ୍ରମୁଖ ସହଯୋଗ କରିଥିଲେ।

### ନାଟ୍ୟକାର ମର୍ଦ୍ଦରାଜ ବାଣୁଆଙ୍କ ପରଲୋକ



**ଜୁନାଗଡ, ୧୫।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରୀଗୁଡା ଗ୍ରାମର ବିଶିଷ୍ଟ ନାଟ୍ୟକାର ମର୍ଦ୍ଦରାଜ ବାଣୁଆ(୮୫)ଙ୍କ ନିଜ ବାସ ଭବନରେ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବାଣୁଆ ନାଟ୍ୟକାର ହେବା ସହ ଜଣେ କବି, କୀର୍ତ୍ତନ, ଘୁମୁରା ଓ ନାଟକ ଗୁରୁ, ମଞ୍ଚ ଅଭିନେତା ରହିଥିଲେ। କଳାହାଣ୍ଡି ଜିଲା ସମେତ ପଡୋଶୀ ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର ପାଖାପାଖି ଶହେଟି ଗ୍ରାମକୁ ଯାଇ ସେଠାକାର କଳାକାରଙ୍କୁ ସେ ନାଟକ ଶିଖାଇଥିଲେ। ତାଙ୍କ ଶେଷ ଦର୍ଶନ ସମୟରେ ବଡପୁଅ ପଦ୍ମନାଭ, ବୋହୂ ନିର୍ମଳା, ସାନ ପୁଅ ଲକ୍ଷ୍ମୀ, ବୋହୂ ରୀନା, ୨ ଝିଅ ଓ ୯ ନାତିନାତୁଣୀ ଉପସ୍ଥିତ ଥିଲେ।

# ତଳମୁଣ୍ଡ ଚାଷୀଙ୍କୁ ମିଳୁନି ପାଣି

**ତରବୋଡ/ନୂଆପଡା ଅଫିସ, ୧୫।୧ (ଡି.ଏନ.ଏ.)**



୩୫୩ ନମ୍ବର ଜାତୀୟ ରାଜପଥ ଉଡାଜାହାଜ ପଡିଆ ଗୋତମା ଛକଠାରେ ଅବରୋଧ ।

ନୂଆପଡା ଜିଲା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଡ୍ୟାମରୁ ୨୦ଟି ପାଣି ପଞ୍ଚାୟତ ଗଠିତ ହୋଇଛି। ତଳମୁଣ୍ଡ ଚାଷୀ ପାଣି ନ ପାଇବାରୁ ଶୁକ୍ରବାର ପୂର୍ବାହ୍ନ ୧ଟାରୁ ରାସ୍ତା ଅବରୋଧ କରିଥିଲେ। ପ୍ରକାଶ ଯେ, ନୂଆପଡା ଜିଲା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଡ୍ୟାମରେ ଦୀର୍ଘ ୧୪ ବର୍ଷ ହେବ ଏଭଳି ସମସ୍ୟା ଲାଗି ରହିଛି। ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ସୁରୁଖୁରୁରେ ଜଳସେଚନ ପାଇଁ ୨୦ଟି ପାଣି ପଞ୍ଚାୟତ ଗଠିତ ହୋଇଛ। ଉପରମୁଣ୍ଡ ୯ଟି ପାଣି ପଞ୍ଚାୟତକୁ ଗୋଟିଏ ଫସଲରେ ପାଣି ଦେବା ବ୍ୟାବସ୍ଥା ରହିଥିବା ବେଳେ ୧୧ଟି ତଳମୁଣ୍ଡ ପାଣି ପଞ୍ଚାୟତ ଚାଷୀମାନଙ୍କୁ ଅନ୍ୟ ଫସଲରେ ଜଳସେଚନ ବ୍ୟାବସ୍ଥା ରହିଛି। କିଛି ବର୍ଷ ହେଲା ତଳମୁଣ୍ଡ-ଉପରମୁଣ୍ଡ ଚାଷକୁ ନେଇ ବାଦବିବାଦ ଦେଖାଦେଇଛି। ଗତ ଫସଲରେ ଉପରମୁଣ୍ଡର ୯ଟି ପାଣି ପଞ୍ଚାୟତ ଶତାଧିକ ଚାଷୀ ଫସଲ ଅମଳ କରିଥିବା ବେଳେ ଚଳିତ ରବି ଋତୁରେ

**ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ**

ତଳମୁଣ୍ଡ ଚାଷୀ ଜଳସେଚନର ସୁବିଧା ପାଇବା କଥା। ହେଲେ ଉପରମୁଣ୍ଡ ଚାଷୀ ମାନିବାକୁ ନାରାଜ। ଚଳିତ ରବି ଫସଲ ପାଇଁ ଗତ ୨୫ ତାରିଖରେ ପ୍ରଥମ ପାଣି ଛାଡାଯିବା କଥା। ବାଦବିବାଦ ଭିତରେ ପେସି ହେଉଛନ୍ତି ଚାଷୀ। ଗତ ୨୦ ଦିନ ମଧ୍ୟ କୌଣସି ସୁବିଧା ନ ହେବାରୁ ଏହାର ପ୍ରତିବାଦରେ ତଳମୁଣ୍ଡ ୧୧ଟି ପାଣି ପଞ୍ଚାୟତ ଶତାଧିକ ଚାଷୀ ୩୫୩ ନମ୍ବର ଜାତୀୟ ରାଜପଥ ଉଡାଜାହାଜ ପଡିଆ ଗୋତମା ଛକଠାରେ ଅବରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ତରୁଣୀ ସେନ ନାଏକ, ତହସିଲଦାର ଦେବେନ୍ଦ୍ର ରାଉତ, ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ଆଚାର୍ଯ୍ୟ ପ୍ରମୁଖ ଚାଷୀଙ୍କ ସହିତ ସିଧା ଆଲୋଚନା କରି ସୋମବାର ସୁଦ୍ଧା ପାଣି ପହଞ୍ଚିବ, ଜଳ ଛାଡିବା ପାଇଁ ଆଜିଠାରୁ ପଦେକ୍ଷପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଦୀର୍ଘ ୩ ଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ଜଳସେଚନ ପ୍ରକଳ୍ପ କମିଟି ସଭାପତି ରାଜେଶ ନିଗମ, ସମ୍ପାଦକ ଧୋନୀରାମ ସାହୁ, ମନୋଜ ସାହୁ, ପ୍ରମୋଦ ସାହୁ, ଆନନ୍ଦ ସାହୁ, ଜୟ କୁମାର ସାହୁ, ବୋଗସିଂ ମାଝି, ସଦାନନ୍ଦ ସାହୁ, କାଳି ଚରଣ ସାହୁ, ମହେଶ ନିଆଲ, ଆପ ଚରଣ ସାହୁ, କମଲ ଲୋଚନ ସାହୁ ପ୍ରମୁଖ ସାମିଲ ଥିଲେ।

# ସୁବର୍ଣ୍ଣପୁର ଜିଲାକୁ ଆସିଛି ୩୬୫୦ କୋଭିଡ୍ ଟିକା

**ସୋନପୁର,୧୫।୧(ନି.ପ୍ର)**

**ଆଜି ଟିକାକରଣ ଶୁଭାରମ୍ଭ**

ସୁବର୍ଣ୍ଣପୁର ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬୫୦ ଡୋଜ୍ କୋଭିଡ୍ ଟିକା ଆସିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ଜିଲା ଟିକାଭଣ୍ଡାରରେ ଟିକାଗୁଡିକୁ ସୁରକ୍ଷିତ ଭାବେ ରଖାଯାଇଛି। ୧୬ ତାରିଖ ଶନିବାର ଦିନ ଜିଲାର ୬ଟି ବ୍ଲକର ୧୫ଟି ସ୍ଥାନରେ ଏହି ଟିକା ଦେବାର ବ୍ୟବସ୍ଥା ହୋଇଛି। ସକାଳ ୯ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ) ଓ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର(ଏସଡିଏଚ୍)ରେ ଏକକାଳୀନ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ଡିଏଚ୍‌ଏଚ୍‌ରେ ଜିଲାପାଳ ମୋନିଷା ବାନାର୍ଜୀ ଓ ଏସ୍‌ଡିଏଚ୍‌ରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଉପସ୍ଥିତ ରହିବେ। ପ୍ରଥମ ପର୍ଯ୍ୟାୟରେ ଜିଲାର ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କୁ ଏହି ଟିକା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ୧୫ଟି ସ୍ଥାନରେ ସେସନ୍ସ ସାଇଟ୍ ଚିହ୍ନଟ କରାଯାଇଛି। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହାଦେବପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ସୁବଳୟା ଓ ମୁର୍ଷୁଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାମପୁର ଓ ଶୁଖା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସୋନପୁର ବ୍ଲକର ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମେଣ୍ଡା, କମସରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଯାଲୋଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସେସନ୍ସ ସାଇଟ୍ ଭାବେ ଚିହ୍ନଟ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡା କହିଛନ୍ତି।

# ୩ ଲୁଟେରା ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି ।

**ବରଗଡ଼ ଅଫିସ,୧୫।୧**

- ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ୍ ଘଟଣା
- ୧୮.୨୪ ଲକ୍ଷ ଟଙ୍କା ଓ ଅଳଙ୍କାର ଜବତ

ବରଗ ସହର ସ୍ଥିତ ୱାର୍ଡ ନଂ-୫ ସହରାପଡାରେ ଗତ ୧୨ ତାରିଖ ଦିନ ଦ୍ୱିପ୍ରହରରେ ହୋଇଥିବା ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ବରଗଡ଼ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ୱାଡ ନଂ-୫ର ବିକାଶ ଓରଫ ବିଟୁ ମଟାରୀ (୨୭), ୱାଡ ନଂ-୨ ବେହେରାଟିକ୍ରାର ଅଶୋକ ରଣା(୩୪) ଏବଂ ସୁଶାନ୍ତ ଭୁଏ ଓରଫ ଗିଡିଲି ଛୁଆ ଓରଫ ଛେଲ(୨୮)। ସେମାନଙ୍କ ପାଖରୁ ନଗଦ ୧୮ଲକ୍ଷ ୨୪ହଜାର ଟଙ୍କା, ଗହଣା, ଗୋଟିଏ ବାଇକ (ନଂ.ଓଡି୧୭ଜି/୩୮୩୭), ଛୁରୀ ଆଦି ଜବତ ହୋଇଛି । ଶୁକ୍ରବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ଏ ନେଇ ସୂଚନା ଦେଇଛନ୍ତି।

ଏସ୍‌ପି ସାହୁ କହିଥିଲେ, ଅଭିଯୁକ୍ତମାନେ ସହରାପଡା ନିବାସୀ ବ୍ୟବସାୟୀ ଅଙ୍କିତ ଅଗ୍ରୱାଲଙ୍କ ଘରକୁ ପଶି ଗତ ୧୨ ତାରିଖ ଦିନ ପ୍ରାୟ ୧୦ଟା ୪୦ ମିନିଟରେ ଲୁଟପାଟ କରିଥିଲେ। ଲୁଟେରାମାନେ ନଗଦ ୧୯ ଲକ୍ଷ ୭୦ହଜାର ଟଙ୍କା, ସୁନା, ରୂପା ଓ ହୀରା ଅଳଙ୍କାର ଲୁଟି ନେଇଥିବା ନେଇ ଅଙ୍କିତ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୨୨/୨୧) ରୁଜୁ କର ତନାଘନା ଚଳାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ସ୍କ୍ୱାଡ୍ ଗଠନ କରାଯାଇଥିଲା ଏବଂ ଘଟଣାର ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନେ ଧରାପଡିଥିଲେ। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ଥିବା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ ବୋଲି ଏସ୍‌ପି ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ଏସ୍‌ଡିପିଓ ଦୀପକ ଗୋଛାୟତ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ ପୋଲିସକୁ ମିଳିଲା ୧୬ ପ୍ଲେଜର ପ୍ଲସ୍

**ବରଗଡ ଅଫିସ୍, ୧୫।୧**




ବରଗଡ଼ ଏସ୍‌ପିଙ୍କୁ ଗାଡି ହସ୍ତାନ୍ତର କରାଯାଉଛି।

ମହିଳାଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ବେଳେ ଏଥିଲାଗି ବିଭିନ୍ନ ଯୋଜନା ପ୍ରଣୟନ କରିଆସୁଛନ୍ତି। ଏଥିମଧ୍ୟରେ ନିର୍ଭୟା ଯୋଜନା ଅନ୍ୟତମ। ଏହି ଯୋଜନା ମାଧ୍ୟମରେ ଶୁକ୍ରବାର ବରଗଡ଼ ଜିଲା ପୋଲିସକୁ ମିଳିଛି ୧୬ଟି ହିରୋ ପ୍ଲେଜର ପ୍ଲସ୍ ସ୍କୁଟର । ରାସ୍ତାରେ ଯାତାୟାତ କରୁଥିବା କୌଣସି ମହିଳା, ଯୁବତୀ ଯଦି ନିଜକୁ ଅସୁରକ୍ଷିତ ମଣନ୍ତି, ତେବେ ସହାୟତା ପାଇଁ ୧୧୨ରେ ଫୋନ୍ କଲେ ନିକଟସ୍ଥ ଥାନାରୁ ତୁରନ୍ତ ଜଣେ ମହିଳା ପୋଲିସ୍ ଏହି ହିରୋ ସ୍କୁଟରରେ ସେଠାରେ ପହଞ୍ଚି ସୁରକ୍ଷା ବା ସହାୟତା ଯୋଗାଇବେ ବୋଲି ବରଗଡ଼ ପୋଲିସ ଆରକ୍ଷୀ ଅଧୀକ୍ଷିକା ପଦ୍ମିନୀ ସାହୁ ସୂଚନା ଦେଇଛନ୍ତି। ଏହି ନିର୍ଭୟା ଯୋଜନାରେ ସରକାରଙ୍କ ପକ୍ଷରୁ ରାଜ୍ୟ ପୋଲିସକୁ ୫୦୦ଟି ହିରୋ ପ୍ଲେଜର ଯୋଗାଇ ଦିଆଯାଇଥିବା ବେଳେ ବରଗଡ଼ ଜିଲାକୁ ୧୬ଟି ଗାଡ଼ି ମିଳିଛି। ଏହି ଗାଡ଼ି ସବୁକୁ ଆକାଶ ମୋଟର୍ସ ପକ୍ଷରୁ ବରଗଡ଼ ଗୋବିନ୍ଦପୁର ସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କୁ ହସ୍ତାନ୍ତର କରାଯାଇଛି। ବିଶ୍ୱର ନଂ.୧ ମୋଟର ସାଇକେଲ୍ ନିର୍ମାତା କମ୍ପାନୀ ହିରୋ ମୋଟୋକର୍ପ ଉପରେ ରାଜ୍ୟ ସରକାର ଭରସା କରି ମହିଳାଙ୍କ ସୁରକ୍ଷା ପାଇଁ ପ୍ଲେଜର ପ୍ଲସ୍‌କୁ ବାଛିଥିବାରୁ ଆକାଶ ହିରୋର ମ୍ୟାନେଜର ବସନ୍ତ କୁମାର ସାହୁ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ପଦ୍ମପୁର,୧୫।୧(ଡି.ଏନ.ଏ)**

ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ସାଧାରଣତନ୍ତ୍ର ଦିବସ-୨୦୨୧ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦରୱାନ କୋଭିଡ-୧୯ ନିୟମାବଳୀ ପାଳନ ସହିତ ସରକାରଙ୍କ ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ୯ଟା ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତହସିଲଦାର ସଞ୍ଜନ ସେଠ, ସହକାରୀ ଜିଲାପାଳ ଦିପ୍ତୀମୟୀ ଭୁଏ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କିଷାନ, ପୋଲିସ ବିଭାଗ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଣ୍ଡାଗର୍ଦ୍ଦି ବନ୍ଦ ବିରୋଧରେ ଥାନା ଘେରାଉ

**ବଲାଙ୍ଗୀର ଅଫିସ, ୧୫।୧**



ବଲାଙ୍ଗୀର ଟାଉନ୍ ଥାନା ଘେରାଉ ବେଳେ ଥାନାଧିକାରୀଙ୍କୁ ମହିଳାମାନେ ଅଭିଯୋଗପତ୍ର ଦେଉଛନ୍ତି ।

ବଲାଙ୍ଗୀର ସହରରେ ବୃଦ୍ଧି ପାଉଥିବା ଗୁଣ୍ଡାଗର୍ଦ୍ଦି, ଲୁଟ୍‌ପାଟ ବିରୋଧରେ ପୋଲିସ ନିଷ୍କ୍ରିୟତା ଏବଂ ଡେଲିମାର୍କେଟ ପରିବା ବେପାରୀଙ୍କୁ ଆକ୍ରମଣ ଘଟଣାରେ ଆକ୍ରମଣକାରୀଙ୍କୁ କୋହଳ ମନୋଭାବ ପ୍ରତିବାଦରେ ବହୁ ମହିଳା ଓ ପୁରୁଷ ଶୁକ୍ରବାର ଆଦର୍ଶ ଟାଉନ୍ ଥାନା ଘେରାଉ କରିଥିଲେ। କୋଶଳ କଳାମଣ୍ଡଳ ପଡିଆରୁ ଏକ ଶୋଭାଯାତ୍ରାରେ ଟାଉନ୍ ଥାନାକୁ ଆସି ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ଦେଇଥିଲେ। କିଛିଦିନ ତଳେ ଡେଲିମାର୍କେଟ ଠାରେ ସ୍ଥାନୀୟ ପ୍ରଭାବଶାଳୀ ରାଜନେତାଙ୍କ ଜଣେ ସମ୍ପର୍କୀୟ ମାରଣାସ୍ତ୍ର ଧରି ସାଧାରଣ ବେପାରୀଙ୍କୁ ଆକ୍ରମଣ ଘଟଣା ସହରରେ ଆତଙ୍କ ଖେଳାଇ ଦେଇଛି ବୋଲି ମହିଳାମାନେ ଅଭିଯୋଗ କରିଥିଲେ। ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଥାନାଧିକାରୀ ପଟ୍ଟନାୟକ ମହିଳାମାନଙ୍କୁ ସେହି ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରିଥିଲା, ମାତ୍ର ପରେ ଉଭୟ ପକ୍ଷ ଆପୋଶ ମିଳିମିଶା ହୋଇଥିଲେ ବୋଲି କହିଥିଲେ। ସେମାନଙ୍କ ଅଭିଯୋଗ ପତ୍ରକୁ ଉପରିସ୍ଥ ଅଧିକାରୀଙ୍କ ନଜରକୁ ଆଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଲିରେ ପୂର୍ବତନ ନଗରପାଳ ସନ୍ତୋଷିନୀ ବେହେରା, ଦମୟନ୍ତୀ ବାଗ୍, ପୂର୍ବତନ ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ପୂର୍ବତନ କାଉନସିଲର ସରିତା ଦାଶ, ମମତା ଜେନା, ମୁନ୍ନା ଖାନ୍, ପ୍ରଦୀପ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୧୫।୧ (ଡି.ଏନ.ଏ.)**

ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସଭାପତି ତଥା ସମ୍ବଲପୁର ଜିଲା ରେଢାଖୋଲ ବିଧାୟକ ରୋହିତ ପୂଜାରୀ କଳାହାଣ୍ଡି ଗସ୍ତ କରିଥିଲେ। ଏହି ଅବସରରେ ଜିଲା ବ୍ୟାଡମିଣ୍ଟନ ସଂଘ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘ ସଭାପତି ପ୍ରଦୀପ କୁମାର ଦାସ, ସମ୍ପାଦକ ସନ୍ଦୀପ ମିଶ୍ର, ରଞ୍ଜିତ ସାହୁ, ସରୋଜ ମହାରଣା ଉପସ୍ଥିତ ରହିଥିଲେ।

## ସପ୍ତଦୀପା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

**ଅମରପାଲି, ୧୫।୧ (ଡି.ଏନ.ଏ)**

ବୀରମହାରାଜପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସପ୍ତଦୀପା ସାହିତ୍ୟ ସଂସଦର ୧୦୨ତମ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଅନୁଷ୍ଠାନର ସଭାପତି ଦ୍ୱିତୀକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଭଗବାନ ମିଶ୍ର ମୁଖ୍ୟଅତିଥି ଓ ରାଧେଶ୍ୟାମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀହନୁମାନ ଚାଳିଶା ପଠନ ପରେ ଯୁଗଳ କିଶୋର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ଲକ୍ଷ୍ମୀନାରାୟଣ ସାହୁଙ୍କ ସଂଯୋଜନାରେ କବି ରାଧେଶ୍ୟାମ ମିଶ୍ର, ଅକ୍ରୁର ହୋତା, ଗୌରଚରଣ ପଣ୍ଡା, କୃଷ୍ଣମୋହନ ମହାପାତ୍ର, ଅଚ୍ୟୁତାନନ୍ଦ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶେଷରେ କବି ଅନ୍ତର୍ଯ୍ୟାମୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଆଶା ସାଥୀ ସଂଘ ପକ୍ଷରୁ ଦାବିପତ୍ର

**ସୋନପୁର,୧୫।୧(ନି.ପ୍ର.)**

ଓଡିଶା ରାଜ୍ୟ ଆଶା ସାଥୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ଆଶା ସାଥୀମାନେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିଲା ବେଳେ ସେମାନଙ୍କ ପ୍ରତି ଅବହେଳା କରା ଯାଉଥିବା ସଂଘ ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରା ଯାଇଥିବା ଦାବିପତ୍ରରେ ଆଶା ସାଥୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁସାରେ ମାସିକ ୬ ହଜାର ଟଙ୍କା ପ୍ରଦାନ କରିବା, ୟୁନିଫର୍ମ ପ୍ରଦାନ ସହ ଦକ୍ଷତା ବୃଦ୍ଧି ପାଇଁ ତାଲିମ, ପ୍ରୋତ୍ସାହନ ରାଶି ଓ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ଭାରତୀୟ ମଜଦୁର ସଂଘର ସୁବର୍ଣ୍ଣପୁର ଜିଲା ସମ୍ପାଦକ ସୂର୍ଯ୍ୟକାନ୍ତ ରାଉଳ, ସହ ସମ୍ପାଦକ ସୁଶାନ୍ତ ପଣ୍ଡା, ଅର୍ଜୁନ ବାଦି, ବିନୋଦିନୀ ମେହେର, ଗୀତାଞ୍ଜଳୀ ଲୁହା ପ୍ରମୁଖ ସାମିଲ ଥିଲେ ।




ଆଶା ସଂଘ ପକ୍ଷରୁ ସୋନପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ

**ଟିଟିଲାଗଡ଼, ୧୫।୧ (ଡି.ଏନ.ଏ.)**



ସ୍ଥାନୀୟ ଲୋକେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି ।

ଟିଟିଲାଗଡ ତହସିଲଦାର ଅନ୍ୟାୟୋଚିତ ଭାବେ ଜମି ଆବଣ୍ଟନ କରୁଥିବା ଅଭିଯୋଗ କରି ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଅଭିଯୋଗରୁ ପ୍ରକାଶ ଯେ, ସହରର ୧୨ ନମ୍ବର ୱାର୍ଡ ଝାଙ୍କରପଡାରେ ବର୍ଷ ବର୍ଷ ଧରି ପ୍ରାୟ ୫୦ ଡେସିମିଲ ଜମି ଖାଲି ପଡିଛି। ସ୍ଥାନୀୟ ଲୋକେ ଏହା ସାମୁହିକ କାର୍ଯ୍ୟରେ ବ୍ୟବହାର କରିବା ସହ ପୌର ପରିଷଦ ପକ୍ଷରୁ ଅନ୍ୟ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଦାବି କରି ଆସୁଛନ୍ତି। ଗତ କିଛି ଦିନ ହେଲା ଜଣେ ବ୍ୟକ୍ତି ଏହା ତାଙ୍କର ଜମି ବୋଲି ଆରଆଇ, ତହସିଲଦାରଙ୍କୁ ହାତ କରି ନିଜ ଦଖଲକୁ ନେବାକୁ ଉଦ୍ୟମ କରୁଥିବା ସ୍ଥାନୀୟ ପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ଅପରାହ୍ନରେ ଆରଆଇ ଉକ୍ତ ଜମିକୁ

**ସରକାରୀ ଜମି ହଡ଼ପ ଉଦ୍ୟମ**

ଯାଇ ତହସିଲଦାରଙ୍କ ଆଦେଶ ସଂଖ୍ୟା ୯୩ ତାରିଖ ୧୨।୧।୨୧ ଦେଖାଇ ଜମି ଆଉ ଜଣଙ୍କ ହୋଇଥିବା କହିଥିଲେ। ଏ ନେଇ ଲୋକେ ପ୍ରମାଣ ମାଗିବାରୁ ଆରଆଇ ସେଠାରୁ ଚାଲିଯାଇଥିଲେ। ଏହାକୁ ନେଇ ପଡାର ପୁରୁଷମହିଳାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଭାଜପା ଯୁବ ନେତା ନରସିଂ ସିଂଙ୍କ ସମେତ ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ, ପବିତ୍ର ସାହୁ, ସୋହେଲ ଖାନ, ସୁଧିର ଘଡେଇ, ତପନ ବେହେରା, ଫୈଜ ଖାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ତୁରନ୍ତ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସୂଚନାକ୍ରମେ ବହୁ ବର୍ଷ ପୂର୍ବରୁ ଏହି ଜାଗରି ଜମି ଜଣକୁ ଦିଆଯାଇଥିଲା। ତେବେ ସେ ଲୋକ କୁଆଡେ ଗଲା ତାହାର ପତ୍ତା ମିଳୁନାହିଁ। ଏବେ ଅନ୍ୟ ଜଣେ ଲୋକ ଷ୍ଟାମ୍ପ ପେପର ଲେଖାଟିଏ ଦେଖାଇ ମୁଁ ଜମି ପୂର୍ବ ଜାଗରିଦାରଙ୍କଠାରୁ କିଣିଛି ବୋଲି ଦାବି କରୁଥିବା ଜଣାଯାଇଛି। ସନ୍ଧ୍ୟାରେ ଅତିରିକ୍ତ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ଆସନ୍ତା ସୋମବାର ମଧ୍ୟରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା।